


ଭାରତ ଲମ୍ବା ଯୁଦ୍ଧ ପାଇଁ ପ୍ରସ୍ତୁତ ଥିଲା

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17




ଶ୍ରମିକ ଦିବସ ଉପଲକ୍ଷେ ସଂଚାର ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ


Vol. 34 | ISSUE 40 ଭାଗ ୩୪ | ସଂଖ୍ୟା ୪୦

Friday 1 May 2026 | Page 8 Rs. 5.00

ଭୁବନେଶ୍ୱର ଶୁକ୍ରବାର ୧ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ: ବର୍ଷିଲେ ମୁଖ୍ୟମନ୍ତ୍ରୀ

# ମହିଳାଙ୍କ ସଶକ୍ତିକରଣ ଚାହୁଁନାହାଁନ୍ତି ବିରୋଧୀ



- ସଂସଦ, ବିଧାନସଭାରେ ସଂରକ୍ଷଣ ନେତାଙ୍କ ସ୍ୱାର୍ଥରେ ବାଧକ
- ସୀମା ପୁନଃନିର୍ଦ୍ଧାରଣରେ ଓଡ଼ିଶାର ସ୍ୱାର୍ଥ ବାଧାପ୍ରାପ୍ତ ହେବନି
- ଏସଏଚଜି ଜରିଆରେ ଟଙ୍କା ଦେବା ମହିଳା ସଶକ୍ତିକରଣ ନୁହେଁ
- ଦେଶ ବିକାଶର ୫୦ ଭାଗ ଦାୟିତ୍ୱ ଏବେ ମହିଳାଙ୍କ କାନ୍ଧରେ
- ନାରୀ ଶକ୍ତି ବନ୍ଦନ ଅଧିନିୟମ ମହିଳା ପ୍ରତିନିଧିତ୍ୱକୁ ଗତି ଦେବ

ଭୁବନେଶ୍ୱର,୩୦।୪(ସଂଚାର ବ୍ୟୁରୋ): ସଂସଦରେ ମହିଳା ସଂରକ୍ଷଣ ବିଲ୍ କାଟ ଖାଇବା ପରେ ଓଡ଼ିଶା ବିଧାନସଭାରେ ଆଜି ଦିନିକିଆ ଅଧିବେଶନରେ ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ସମ୍ପର୍କରେ ସ୍ୱତନ୍ତ୍ର ଆଲୋଚନା ହୋଇଛି। ମହିଳା ସଶକ୍ତିକରଣ, ବିଶେଷଭାବେ ମହିଳାଙ୍କ ରାଜନୈତିକ ସଶକ୍ତିକରଣ ନେଇ ଘମାଘୋଟ ଆଲୋଚନା ହୋଇଥିଲା। ସରକାରୀ ଓ ବିରୋଧୀ ଉଭୟ ମହିଳା ସଶକ୍ତିକରଣରେ ନିଜ ନିଜର ସଫଳତା ବଖାଣିବା ସହ ସଂସଦରେ ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ବିରୋଧ ପାଇଁ ପରସ୍ପର ଉପରେ ଆକ୍ଷେପ କରିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଆଲୋଚନା ଆଗତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଂସଦରେ ମହିଳା ବିଲକୁ ବିରୋଧ କରିଥିବା ବିରୋଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପଞ୍ଚାୟତରେ ମହିଳାଙ୍କ ପାଇଁ ଶତପ୍ରତିଶତ ସଂରକ୍ଷଣ ହେଲେ ବି କେହି ବିରୋଧ କରିବେ ନାହିଁ। କିନ୍ତୁ ସଂସଦ ଓ ବିଧାନସଭା ପାଇଁ ସଂରକ୍ଷଣ ହେଲେ ବିରୋଧୀ ଦଳ ନେତାମାନଙ୍କୁ ବାଧୁଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମ୍ବିଧାନ ପ୍ରଣୀତ ହେବାର ୭୫ ବର୍ଷ ପୂରିଛି, ଦେଶରେ ଅନେକ ପ୍ରଗତି ହୋଇଛି। କିନ୍ତୁ ଦେଶର ଅଧା ଜନସଂଖ୍ୟା ଆଜି ନିଜକୁ ଠକି ହେଲା ପରି ମନେ କରୁଛନ୍ତି। ସବୁ ରାଜନୈତିକ ଦଳ ମହିଳା

## କୋକେଇ ବେଳେ ଏକ, କଙ୍କାଳ ବେଳେ ଭିନ୍ନେ



ରାଜ୍ୟସଭା ନିର୍ବାଚନ ପରଠାରୁ ବିଜେଡି ଓ କଂଗ୍ରେସ କିଛି ଦିନ ପାଇଁ ସମାନ ଆଭିମୁଖ୍ୟ ରଖୁଥିବାର ଦେଖାଯାଉଥିଲା। ଲାଗୁଥିଲା ଯେମିତି ଉଭୟ ଦଳ ପାଖେଇ ପାଖେଇ ଯାଉଛନ୍ତି। ସେମିତି କିଛି ସଙ୍କେତ ମଧ୍ୟ ଉଭୟ ଦଳର ନେତାଙ୍କଠାରୁ ଆସୁଥିଲା। ହେଲେ ଆଜି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ଦୁଇ ପ୍ରମୁଖ ବିରୋଧୀ ଦଳ ମଧ୍ୟରେ ଛାଡ଼ପତ୍ର ହୋଇଯାଇଥିବା ଦେଖିବାକୁ ମିଳିଛି। ଗତ ରାଜ୍ୟସଭା ପୃଷ୍ଠା-୬

### କଙ୍କାଳ ଧରି ଜିତୁ ମୁଣ୍ଡା ବ୍ୟାଙ୍କରେ ପହଞ୍ଚିବା ଘଟଣା

## ବ୍ୟାଙ୍କ୍‌କୁ ଦୋଷ ଦେଲେ ଆର୍‌ଡିସି



ପାଟଣା,୩୦।୪(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଏରେଣ୍ଡେଇ ପଞ୍ଚାୟତ ଡିଆନାଳି ଗ୍ରାମ ଚଟୁରୀ ସାହିର ଜିତୁ ମୁଣ୍ଡା ଗତ ସୋମବାର ମୃତ ଭଉଣୀ କାଲରା ମୁଣ୍ଡାଙ୍କ କଙ୍କାଳ ଖୋଳି ବ୍ୟାଙ୍କରେ ପହଞ୍ଚିବା ଘଟଣା ରାଜ୍ୟ ସହ ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମଲ୍ଲୀପଶି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ୍ ଗ୍ରୀଲ ସମ୍ମୁଖରେ ଜିତୁ ତାଙ୍କ ଭଉଣୀଙ୍କ କଙ୍କାଳ ରଖିଥିବା ବେଳେ ଏହି ଘଟଣା ମିଡିଆକୁ ଆସିବା ପରେ ଗତ ମଙ୍ଗଳବାର ତାଙ୍କୁ ଜମା ଟଙ୍କା ସହ ରେଡକ୍ରସରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଏହି ଘଟଣାର ତଦନ୍ତ ଦାୟିତ୍ୱ ଆର୍‌ଡିସିଙ୍କୁ ଦିଆଯାଇଥିବା ବେଳେ ଆଜି ଉତ୍ତରାଞ୍ଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ର ଜିଲ୍ଲାପାଳ ବିଶାଳ ସିଂଙ୍କ ସହ ସେଠାରେ ପହଞ୍ଚି ଜିତୁ ମୁଣ୍ଡାଙ୍କ ସହ ଆଲୋଚନା କରିଛନ୍ତି। ଏହାପରେ ଟିମ୍ ମଲ୍ଲିପଶି ଓଡ଼ିଶା ପୃଷ୍ଠା-୬

## ଆକାଉଣ୍ଟକୁ ଆସିଲା ୧୦ ଲକ୍ଷ

ନୂଆଦିଲ୍ଲୀ: ମୃତ ଭଉଣୀଙ୍କ ସଞ୍ଚୟ ଟଙ୍କା ଉଠାଇବା ପାଇଁ ଶ୍ମଶାନରୁ ମୃତଦେହ ବାହାର କରିବା ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣା ଏବେ ସବୁଠି ଆଲୋଚନାର ବିଷୟ ହୋଇଛି। ଏହି ସମୟରେ ଫିଜିକ୍ସ ୱାଲା (ପିଡବ୍ଲୁ) ଓ ବିଶ୍ୱବିଦ୍ୟାଳୟର ସିଇଓ ଅଲଖ ପାଣ୍ଡେ ଜିତୁ ମୁଣ୍ଡାଙ୍କୁ ସାହାଯ୍ୟ କରିବା ସକାଶେ ଆଗେଇ ଆସିଛନ୍ତି। ସେ ଜିତୁଙ୍କୁ ପୃଷ୍ଠା-୬

### ଛୁଟି ଘୋଷଣା

ଶ୍ରମିକ ଦିବସ ଉପଲକ୍ଷେ ୧ ତାରିଖ (ଶୁକ୍ରବାର ) 'ସଂଚାର' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୩ ତାରିଖ (ରବିବାର) ପ୍ରକାଶ ପାଇବ।

ପ୍ରକାଶକ



### କାନ ଡେରିଥା

ଦାନ ମାଝୀ ଠାରୁ କଙ୍କାଳ ମିଷ୍ଟ୍ରି<br>
ଭୟଙ୍କର ଲଜ୍ଜା ଦେଲା<br>
ଓଡିଶା ମାଟିକୁ ବଦନାମ ପାଇଁ<br>
ବ୍ୟାଙ୍କ ଚାଲ ଖେଳିଲା<br>
ଏବେ ତଦନ୍ତରେ ମଲା...<br>
ନାରୀ କଙ୍କାଳର ଅଭିଶାପ ଏଇ<br>
ଚାଲିବ ସସ୍ପେଣ୍ଡ ପାଲା ।।

ଦେବାଶିଷ

## ୨ରେ ପ୍ରକାଶ ପାଇବ ମାଟ୍ରିକ ଫଳ



ଭୁବନେଶ୍ୱର,୩୦।୪ (ସଂଚାର ବ୍ୟୁରୋ): ଆସନ୍ତା ୨ ତାରିଖରେ ପ୍ରକାଶ ପାଇବ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଫଳ। ମଧ୍ୟମା, ଓପନ ସ୍କୁଲ୍ ପରୀକ୍ଷା ଫଳ ବି ଉକ୍ତଦିନ ପ୍ରକାଶ ପାଇବ ବୋଲି ଆଜି ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ଆସନ୍ତା ୨ ତାରିଖ ଅପରାହ୍ନରେ ପରିଷଦର କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଫଳ ପୁସ୍ତିକା ଉନ୍ମୋଚିତ ହେବ। ପରେ ସନ୍ଧ୍ୟା ୬ଟା ପରେ ପରୀକ୍ଷାର୍ଥୀମାନେ ସେମାନଙ୍କ ପରୀକ୍ଷାଫଳ Bseodisha.nic.inରୁ ପାଇପାରିବେ। ସେହିପରି ଚଳିତ ପୃଷ୍ଠା-୬

## ଚାଷୀଙ୍କୁ ୧ ଟଙ୍କା ଅଧିକ ଦେବ ଓମ୍‌ଫେଡ୍

- ଆଜିଠୁ ଲାଗୁ, ଉପକୃତ ହେବେ ୩ ଲକ୍ଷ

ଭୁବନେଶ୍ୱର,୩୦।୪(ସଂଚାର ବ୍ୟୁରୋ): ଓମ୍‌ଫେଡ୍ ସହ ଜଡ଼ିତ ଦୁଗ୍ଧ ଚାଷୀମାନଙ୍କ ପାଇଁ ଖୁସିର ଖବର। ଏଣିକି ଓମ୍‌ଫେଡ୍ ପକ୍ଷରୁ ଦୁଗ୍ଧ ଚାଷୀମାନଙ୍କୁ ଅତିରିକ୍ତ ୧ ଟଙ୍କା ମିଳିବ ବୋଲି ଆଜି ଘୋଷଣା କରାଯାଇଛି। ଆସନ୍ତାକାଲିଠାରୁ ଏହା ଲାଗୁ ହେବ। ଫଳତଃ ଚାଷୀମାନେ ଲିଟର୍ ପ୍ରତି ୩୮ ଟଙ୍କା ୫ ପଇସା ବଦଳରେ ୩୯ ଟଙ୍କା ୫ ପଇସା ପାଇବେ। ଦୁଗ୍ଧ ଚାଷୀଙ୍କ ଆୟ ବୃଦ୍ଧି କରିବା ସକାଶେ ଓମ୍‌ଫେଡ୍ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଫଳରେ ରାଜ୍ୟର ପ୍ରାୟ ୩ ଲକ୍ଷ ଦୁଗ୍ଧ ଚାଷୀ ଉପକୃତ ହେବେ ବୋଲି ଜଣାପଡ଼ିଛି।

## ଦୁର୍ଘଟଣାର ଦିନ: ଲିଭିଗଲା ୨୫ ଜୀବନ ଦୀପ

- ଓଲଟିଲା ଡଙ୍ଗା, ୧୮ ନିଖୋଜ
- ଭ୍ୟାନ୍ ଦୁର୍ଘଟଣାରେ ୩୦ ଆହତ
- ଜଳିଗଲା ଚଳନ୍ତା କାର୍, ଜଣେ ଗୁରୁତର




ଭୋପାଳ/ଜୟପୁର,୩୦।୪: ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଗୁରୁବାର ଥିଲା ଦୁର୍ଘଟଣାର ଦିନ। ଦୁଇ ରାଜ୍ୟରେ ୩ଟି ପୃଥକ୍ ଦୁର୍ଘଟଣାରେ ଚାଲିଯାଇଛି ୨୫ଟି ଅମୂଲ୍ୟ ଜୀବନ। ସେହିପରି ୩୧ ଜଣ ଗୁରୁତର ଭାବେ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ମଧ୍ୟପ୍ରଦେଶର ଜବଲପୁରର ବର୍ଗୀ ନଦୀରେ ଏକ କ୍ରୁଜ ଡଙ୍ଗା ବୁଡ଼ିଯିବା ଫଳରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ସଡ଼କ ଦୁର୍ଘଟଣାରେ ୨୧ ଜଣ ପ୍ରାଣ ହରାଇଛନ୍ତି। ମଧ୍ୟପ୍ରଦେଶର ଜବଲପୁରରେ ବର୍ଗୀ ନଦୀରେ ଯାଉଥିବା ସମୟରେ ଅଚାନକ ଝଡ଼ ଆସିବାରୁ ଏକ ଡଙ୍ଗା ଓଲଟି ପଡ଼ିଥିଲା। ସେଥିରେ ସେତେବେଳେ ୩୫ରୁ ୪୦ ଜଣ ଯାତ୍ରୀ ଥିଲେ। ଏଥିରେ ୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୮ ଜଣ ନିଖୋଜ ଅଛନ୍ତି। ସେହିପରି ୧୫ ଜଣ ଯାତ୍ରୀଙ୍କୁ ଉଦ୍ଧାର କରାଯାଇପାରିଛି। ତେବେ ଏହି ଅଘଟଣରେ ମୃତକଙ୍କ ସଂଖ୍ୟା ବଢ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ଉଦ୍ଧାରକାରୀ ପୃଷ୍ଠା-୬

## ମୁଁ ଥିଲା ଯାଏଁ କେହି ଛଡ଼ାଇପାରିବେନି ଓଡ଼ିଶା ହକ୍

- କୁମ୍ଭୀର କାନ୍ଦଣା ବନ୍ଦ କରନ୍ତୁ ବିଜେପି ବିଧାୟକ: ନବୀନ
- ସଂରକ୍ଷଣ ନାଁରେ ସୀମା ପୁନଃନିର୍ଦ୍ଧାରଣ ହୀନ ଚକ୍ରାନ୍ତ



ଭୁବନେଶ୍ୱର,୩୦।୪ (ସଂଚାର ବ୍ୟୁରୋ): ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ରେ ଆଜି ଶାସକ ବିଜେପି ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ମହିଳାଙ୍କ ଗଣତାନ୍ତ୍ରିକ ଅଧିକାର ସମ୍ପର୍କରେ ଆଲୋଚନା ପାଇଁ ସରକାର ସ୍ୱତନ୍ତ୍ର ଅଧିବେଶନ ଡାକିଥିବା ବେଳେ ରାଜ୍ୟରେ ମହିଳାଙ୍କ ସ୍ଥିତି ଓ ପ୍ରସ୍ତାବିତ ସୀମା ନିର୍ଦ୍ଧାରଣ ବିଲ୍‌କୁ ନେଇ ଗୃହରେ ହଙ୍ଗାମା ଦେଖିବାକୁ ମିଳିଛି। ଗୃହକୁ ସମ୍ବୋଧନ କରି ବିରୋଧୀ ଦଳ ନେତା କହିଛନ୍ତି ଯେ ରାଜ୍ୟରେ ମହିଳାଙ୍କ ସମ୍ମାନ ଆଜି ଭୂଲୁଣ୍ଠିତ। ଜଣେ ମହିଳାଙ୍କ ମୃତ୍ୟୁ ପ୍ରମାଣ ପାଇଁ ତାଙ୍କ ପରିବାରକୁ ପୃଷ୍ଠା-୬

## ସତ କହିଲେ ସତୀକୁ ବାଧୁଛି › ଏଲିନାଙ୍କ ଘର ଭାଙ୍ଗିବାକୁ କ୍ରୀତଦାସର ଚକ୍ରାନ୍ତ




ଭୁବନେଶ୍ୱର,୩୦।୪(ସଂଚାର ବ୍ୟୁରୋ): ଗତ ସାଧାରଣ ନିର୍ବାଚନରେ ବିଜେଡିର ବିପର୍ଯ୍ୟୟ ପାଇଁ କ୍ରୀତଦାସଙ୍କ ଏକଚାଟିଆ ଓ ମନମୁଖୀ କାରବାର ସହ ହମବଡ଼ା ନୀତିକୁ ଦଳର ବହୁ ନେତା ଦାୟୀ କରୁଛନ୍ତି। ତଥାପି କ୍ରୀତଦାସର ଗଉଁ ଭାଙ୍ଗୁନି। ଦଳରେ ଯିଏ ବି ତାଙ୍କ ବିରୋଧରେ ସ୍ୱର ଉଠାଉଛନ୍ତି, ସେ ବିଭିନ୍ନ ଉପାୟରେ ତାଙ୍କ ସ୍ୱରକୁ ଦବାଇ ଦେବାକୁ ଚେଷ୍ଟା କରୁଛନ୍ତି। ଏହି କ୍ରମରେ ଏବେ କ୍ରୀତଦାସ ଓ ତାଙ୍କ ବୋଲକରାଙ୍କ ଟାର୍ଗେଟରେ ପଡ଼ିଛନ୍ତି ବିଜେଡି ନେତ୍ରୀ ଏଲିନା ଦାଶ।

ସୋସିଆଲ ମିଡିଆରେ କ୍ରୀତଦାସକୁ ସମାଲୋଚନା କରିବା ଓ ସତ ଲେଖିବା ଏଲିନାଙ୍କୁ ବେଶ୍ ଭାରୀ ପଡ଼ିଛି। କିଛିଦିନ ତଳେ ଏଲିନା ଯାଜପୁରରେ ତିଆରି ହେଉଥିବା 'କ୍ରୀତଦାସ ମହଲ' କଥା ସୋସିଆଲ ମିଡିଆରେ ଲେଖିଥିଲେ। ଗତ ୨୫ ବର୍ଷ ଭିତରେ ନବୀନ ନିବାସରେ ଇଟା ଖଣ୍ଡେ ଲାଗି ନ ଥିବା ବେଳେ କ୍ରୀତଦାସ ନିଜ ପାଇଁ ମହଲ ତିଆରି କରୁଛନ୍ତି। ଏହାକୁ ସେ ସୋସିଆଲ ମିଡିଆରେ ସମାଲୋଚନା କରିଥିଲେ। ଏଥିରେ ପରିକ୍ରମା ପ୍ରକଳ୍ପ ପଥର ଲାଗିଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଏଲିନା ଲଗାଇଥିବା 'କ୍ରୀତଦାସ ମହଲ' ନିଆଁ ପାଇଁ ପରିବାର ପକ୍ଷରୁ ସ୍ପଷ୍ଟୀକରଣ ଦିଆଗଲା। ଅବଶ୍ୟ ନିଜେ କ୍ରୀତଦାସ ମୁହଁ ଖୋଲି ନ ଥିଲା। ସେଇ ରାଗ ଶୁଝାଇବାକୁ କ୍ରୀତଦାସ ଏଲିନାଙ୍କ ଘରକୁ ନେଇ ବିବାଦ ସୃଷ୍ଟି କରିବାକୁ ଉଦ୍ୟମ କରୁଛି। ଏଲିନା ସରକାରୀ ଜାଗା ଜବରଦଖଲ କରିଥିବା ବିଏମସିରେ ଅଭିଯୋଗ କରାଯାଇଛି। କିଛି ସ୍ଥାନୀୟ ବସ୍ତିବାସିନ୍ଦାଙ୍କୁ ହାତ କରି ଜଣେ ବିଜେଡି କର୍ପୋରେଟର ଏଭଳି ଅଭିଯୋଗ କରାଇଥିବା ଚର୍ଚ୍ଚା ହେଉଛି। ବିଏମସି ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କ ନିକଟରେ ଏହି ଅଭିଯୋଗ ପୃଷ୍ଠା-୬




सत्यमेव जयते

## ମଇ ଦିବସ-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



"ମଇ ଦିବସ" ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ "ବିକଶିତ ଓଡ଼ିଶା–ବିକଶିତ ଭାରତ" ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

## ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି । ରାଜ୍ୟର ବିକାଶ କ୍ଷେତ୍ରରେ ଆପଣମାନଙ୍କ ଅମୂଲ୍ୟ ଯୋଗଦାନ ପ୍ରତି ମୁଁ ସମ୍ମାନ ଜଣାଉଛି । ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ।

ଆସନ୍ତୁ, ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ସମସ୍ତେ ସମ୍ମିଳିତ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL/320920-1001/31/2627

### ଭାପୁର ଫାଣ୍ଡି ଅଞ୍ଚଳରେ ଲଜ୍ଜା

## ମହିଳାଙ୍କୁ ଦୁଷ୍କର୍ମ ପରେ ବୀଭତ୍ସ ହତ୍ୟା ଉଦ୍ୟମ, ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର



**ଢେଙ୍କାନାଳ, ୩୦।୪ (ସଂଚାର ବ୍ୟୁରୋ):** ଏକଦା ଛବିରାଣୀ ହତ୍ୟାକାଣ୍ଡକୁ ନେଇ ସାରା ଦେଶରେ ଚହଳ ସୃଷ୍ଟି କରିଥିଲା । ଏବେ ତାର ପୁନରାବୃତ୍ତି ଘଟିଛି ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଭାପୁର ଫାଣ୍ଡି ଆଂଚଳରେ। ଆଉ କିଛୁଆ ଖାଈ ନଈ ପରେ ଢେଙ୍କାନାଳର ସାପୁଆ ନଈ ଚର୍ଚ୍ଚାକୁ ଆସିଛି। ଏହି ସାପୁଆ ନଈ କୂଳରେ ଜଣେ ୨୮ବର୍ଷୀୟା ମହିଳାଙ୍କୁ ଦୁଷ୍କର୍ମ କରିବା ପରେ ଧରାପଡିବା ଭୟରେ ତାଙ୍କୁ ଅତି ବିଭତ୍ସ ଭାବେ ହାଣି ହତ୍ୟା ଉଦ୍ୟମ କରାଯାଇଛି । ମହିଳାଙ୍କ ମୁହଁ ଆଖି ଓ ମୁଣ୍ଡକୁ ପଥରେ ଛେଚି ଦେଇଥିବା ବେଳେ ମୁମୂର୍ଷୁ ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ପ୍ରଥମେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଯୋଗୁଁ ପିଡିତାଙ୍କୁ କଟକ ଏସ ସିବି କୁ ସ୍ଥାନାନ୍ତରିତ କରାଯାଇଛି। ଏବେ ପିଡିତା କଟକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗତ ୨୭ତାରିଖ ଦି ପ୍ରହରରେ ତାଙ୍କ ଘର ପାଖ ସାପୁଆ ନଈ କୁ ଗାଧୋଇବାକୁ ଯାଇଥିଲେ। ଏକୁଟିଆ ପାଇଁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ତାଙ୍କୁ ଘୋଷାରି ନେଇ ନଈ କୂଳରେ ଦୁଷ୍କର୍ମ କରିଥିଲା । ପରେ ଧାରା ପଡିଯିବା ଭୟରେ ତାଙ୍କୁ ଅତି ବିଭତ୍ସ ଭାବେ ପଥରେ ଛେଚି ହତ୍ୟା ଉଦ୍ୟମ କରିଥିବା ତାଙ୍କ ସମ୍ପର୍କୀୟ ପ୍ରକାଶ କରିଛନ୍ତି। ତେବେ ଘର ଲୋକେ ସ୍ଥାନୀୟ ଭାପୁର ଫାଣ୍ଡିରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ସଠିକ କାର୍ଯ୍ୟାନୁଷ୍ଠାନ ନେଇ ନଥିବା ଅଭିଯୋଗ କରିଛନ୍ତି। ଏପଟେ ଏପରି ଜଘନ୍ୟ କାଣ୍ଡରେ ଗ୍ରାମର ମହିଳା ମାନେ ଭୟଭୀତ ହୋଇପଡିଥିବାବେଳେ ଅଭିଯୁକ୍ତ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ଯାଉ ବୋଲି ଦାବି କରିଛନ୍ତି।

## ଘଟଣାର ଅନୁଧ୍ୟାନ କଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍



**ଢେଙ୍କାନାଳ, ୩୦।୪ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ୍ ଭାପୁର ଫାଣ୍ଡି ଅନ୍ତର୍ଗତ ଭାପୁର ଗ୍ରାମର ଜନୈକ ମହିଳା ସାପୁଆ ନଦୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ତାଙ୍କୁ ବଳାତ୍କାର ଓ ଜଘନ୍ୟ ହତ୍ୟା ଉଦ୍ୟମ କରାଯାଇଥିଲା । ତାଙ୍କ ମୁହଁ ଓ ବେକକୁ ଧାରୁଆ ଅସ୍ତ୍ରରେ କ୍ଷତାକ୍ତ କରି ଜୀବନରେ ମାରିଦେବାକୁ ଉଦ୍ୟମ କରାଯାଇଥିଲା। ଗୁରୁତର ମହିଳାଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଉଥିଲେ ମଧ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ଏସ୍.ସି.ବି. ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କଟକରେ ଗୁରୁତର ମହିଳା ମୃତ୍ୟୁ ସହ ସଂଗ୍ରାମ କରୁଥିବାବେଳେ ଆଜକୁ ୩ଦିନ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ପୋଲିସ୍ ଘଟଣା ପ୍ରତି ସମ୍ବେଦନଶୀଳ ନ ହୋଇ ଅପରାଧକୁ ଧରିବା ପାଇଁ ତତ୍ପରତା ନ ଦେଖାଇ ନୀରବଦ୍ରଷ୍ଟା ସାଜିଥିବାରୁ ବିଜେଡିର ଫାକ୍ଟ ଫାଇଣ୍ଡିଙ୍ଗ୍ ଟିମ୍ ଗୁରୁବାର ଦିନ ପିଡୀତାଙ୍କୁ ଏସ୍.ସି.ବି. ମେଡିକାଲକୁ ଯାଇ ସଂସଦୀୟ କ୍ଷେତ୍ରର ସାଂସଦ ପ୍ରାର୍ଥୀ ଅବିନାଶ ସାମଲ ଓ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡଙ୍ଗୀ ଭେଟିଥିଲେ । ଘରକୁ ଯାଇ ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ପରେ ପରେ ଗ୍ରାମବାସୀଙ୍କ ସହ ଭାପୁର ଫାଣ୍ଡି ଠାରେ ପହଁଚି ୪୮ ଘଂଟା ମଧ୍ଯରେ ଅପରାଧୁକୁ ଗିରଫ କରିବା ଦାବୀ କରାଯାଇ ସମୟ ସୀମା ପୋଲିସ୍‌କୁ ପ୍ରଦାନ କରାଯାଇଥିଲା ଏବଂ ପିଡୀତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ଓ ଫ୍ୟାକ୍ଟ ଫାଇଣ୍ଡିଙ୍ଗ୍ ଟିମ୍ ତରଫରୁ ଦାବୀ କରାଯାଇଥିଲା ।

## ଜିଲ୍ଲା ସହ ଶିକ୍ଷାଧିକାରୀଙ୍କ ତଦନ୍ତ



**ମାର୍ଶାଘାଇ, ୩୦।୪(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ପିକରାଳିସ୍ଥିତ କପିଳମୁନି ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀଙ୍କ ୨ ଜଣିଆ ତଦନ୍ତକାରୀ ଟିମ ପହଞ୍ଚି ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ କରିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରିଣୀ ଶୁଭସ୍ମିତା ତ୍ରିପାଠୀ ଏବଂ ମାର୍ଶାଘାଇ ବ୍ଲକ ଏବିଇଓ ସୁଶାନ୍ତ କୁମାର ବେଉରା ଏହି ଟିମରେ ସାମିଲ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ମନମାନୀ ଏବଂ ଆର୍ଥିକ ଅନିୟମିତତା କରାଯାଇଥିବା ନେଇ ପୁରାତନ ଛାତ୍ର, ଅଭିଭାବକ ମାନଙ୍କ ପକ୍ଷରୁ ଏକାଧିକ ଥର ଅଭିଯୋଗ ହୋଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ଧାରଣା ସହିତ ବିଦ୍ୟାଳୟ ଫାଟକ ନିକଟରେ ଅନଶନ କରାଯାଇଥିଲା। ସେହି ସବୁ ଅଭିଯୋଗକୁ ଭିତ୍ତିକରି ବିଦ୍ୟାଳୟର ସମସ୍ତ ରେକର୍ଡପତ୍ର ତନଖି କରିବା ସହିତ ବିଦ୍ୟାଳୟର ବିଭିନ୍ନ ଅର୍ଥରୁ ଖର୍ଚ୍ଚ କରାଯାଇଥିବା ପ୍ରକଳ୍ପକୁ ଦେଖିଥିଲେ।

# ପୁଣି ଲୋକେ ଭୋଗିବେ ନଦୀବନ୍ଧ ଦୁର୍ଦ୍ଦଶା

### ସଚିବଙ୍କ ନିର୍ଦ୍ଦେଶ କାମ ଦେଲାନି

### ପ୍ରଶାସନର ନିଦ ଭାଙ୍ଗିବ କେବେ ?



**ମହାକାଳପଡ଼ା, ୩୦।୪ (ସଂଚାର ବ୍ୟୁରୋ):** ମରଣଯନ୍ତା ପାଲଟିଥିବା ନଦୀବନ୍ଧ ରାସ୍ତା ସମସ୍ୟାର ସମାଧାନ ପାଇଁ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସଚିବ। ହେଲେ ନିର୍ଦ୍ଦେଶ ହେବାର ଚାରିମାସ ପରେ ମଧ୍ୟ ପ୍ରଶାସନ ତରଫରୁ କୌଣସି ତତ୍ପରତା ଦେଖିବାକୁ ମିଳିନି। ଆଗକୁ ବର୍ଷାଦିନ ଆସୁଥିବାରୁ ପୁଣି ନଦୀବନ୍ଧକୁ ନେଇ ଲୋକଙ୍କ ମନରେ ଛନକା ପଶିଛି। ହେଲେ ପ୍ରଶାସନ କିମ୍ବା ବିଭାଗୀୟ ଅଧିକାରୀଙ୍କର ଯେମିତି ଏନେଇ କିଛି ଜଳାପୋଡ଼ା ନାହିଁ।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ତେର ଗାଁ ପଞ୍ଚାୟତର ତେର ଗାଁ ଘାଟ ଖୋଳା ଠାରୁ ଘୋଡ଼ା ବନ୍ଧ ପର୍ଯ୍ୟନ୍ତ ପାଖାପାଖି ୨ କିଲୋମିଟର ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପଞ୍ଚାୟତର ପଟଣା, ବାଲିସାହି, ସାନ ତେର ଗାଁ, ବଡ଼ ତେର ଗାଁ, ଘୋଡ଼ା ବନ୍ଧ ଆଦି ୫ ଗ୍ରାମର ପାଖାପାଖି ୨୫୦୦ ଲୋକ ଏହି ରାସ୍ତା ପାଇଁ ପ୍ରତିବର୍ଷ ହନ୍ତସନ୍ତ ହେଉଛନ୍ତି। ପଟଣା ପ୍ରାଥମିକ ସ୍କୁଲ, ତେର ଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଘୋଡ଼ା ବନ୍ଧ ପ୍ରାଥମିକ ବିଦ୍ୟାଳୟ ଭଳି ୩ ବିଦ୍ୟାଳୟର ପାଖାପାଖି ୧୦୦୦ ଛାତ୍ରଛାତ୍ରୀ ବର୍ଷା ଦିନେ ଏହି ରାସ୍ତା ପାଇଁ ସମସ୍ୟା ଭୋଗୁଛନ୍ତି। ରାସ୍ତାର ଅବସ୍ଥା ଏମିତି ହେଉଛି ଯେ ଯାନବାହାନ ଚାଲିବା ତ ଦୂରର କଥା ରାସ୍ତାରେ ପାଦ ଥୋଇବାକୁ ବି ଡର ଲାଗୁଛି।

ଏମିତି ପରିସ୍ଥିତିରେ ପ୍ରତିବର୍ଷ ଲୋକେ ହନ୍ତସନ୍ତ ହେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଉପରେ କିନ୍ତୁ କିଛି ପ୍ରଭାବ ପଡୁନି। ଘଟଣା ସମ୍ପର୍କରେ ଅନେକ ସଚେତନ ନାଗରିକ ସ୍ୱର ଉଠାଇଥିଲେ। ଏ ସମ୍ପର୍କୀତ ଏକ ଖବର ୨୮ ଜୁଲାଇ ୨୦୨୫ ରେ "ସଂଚାର" ରେ ପ୍ରକାଶ ପାଇବା ପରେ ପ୍ରଶାସନ ଚିହିଁକି ଉଠିଥିଲା। ତରବରିଆ ଭାବେ ବଜୁରି ଗୁଣ୍ଡ ଛିଞ୍ଚି କାମ ସାରି ଦେଇଥିଲା।

ପ୍ରକାଶିତ ଖବରକୁ ପଞ୍ଚାୟତର ସୁବ୍ରତ ସେଠୀ ୪ ଡିସେମ୍ବରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମେଲ୍ ଯୋଗେ ଅଭିଯୋଗ କରିବା ପରେ ୧୮ ଡିସେମ୍ବର ରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ସହ ସଚିବ ରାସ୍ତା ସମସ୍ୟାର ସମାଧାନ ପାଇଁ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନକୁ (୫୧୭/ସିଏମ-୩) ନିର୍ଦ୍ଦେଶ ଦେଇଥିଲେ। ହେଲେ ୪ ମାସ ପରେ ବି ଫଳ ଶୂନ। ସଚିବଙ୍କ ନିର୍ଦ୍ଦେଶ ବି ପ୍ରଶାସନକୁ ପ୍ରଭାବ ପକାଇଲା ନାହିଁ। ଏହାରି ଭିତରେ ଏହି ନଦୀବନ୍ଧକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି।

## ପ୍ରକଳ୍ପରେ ଦୁର୍ନୀତି ହୋଇଥିବାରୁ ସାଂସଦଙ୍କ କାର୍ଯ୍ୟକ୍ରମରେ ଯୋଗଦେଲେନି ଦଳୀୟ ବିଧାୟକ

**କେନ୍ଦ୍ରାପଡ଼ା, ୩୦।୪ (ସଂଚାର ବ୍ୟୁରୋ):** ସଂସଦୀୟ ପାଣ୍ଠିରେ ନିର୍ମିତ ହୋଇଥିବା ଆଲୋକୀକରଣ ପ୍ରକଳ୍ପରେ ଦୁର୍ନୀତି ହୋଇଥିବାରୁ ରାଜ୍ୟସଭା ସାଂସଦ ସୁଲତା ଦେଓଙ୍କ କେନ୍ଦ୍ରାପଡ଼ା ଗସ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ସମେତ କୌଣସି ଦଳୀୟ ବିଧାୟକ ବା ଜନପ୍ରତିନିଧିମାନେ ଯୋଗଦେଇନାହାନ୍ତି ବୋଲି ଜିଲ୍ଲା ଯୁବ କଂଗ୍ରେସ ସାମାଜିକ ଗଣମାଧ୍ୟମ ସଂଯୋଜକ ହିମାଂଶୁ ଭୂଷଣ ନନ୍ଦ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି।

ଯୁବ କଂଗ୍ରେସର ଜିଲ୍ଲା ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଶ୍ରୀ ନନ୍ଦ କହିଛନ୍ତି ଯେ କେନ୍ଦ୍ରାପଡ଼ା ବ୍ଲକର ଚକ୍ରୋଡା ଗ୍ରାମ ପାୟତରେ ରାଜ୍ୟସଭା ସାଂସଦ ସୁଲତା ଦେଓ ତାଙ୍କ ସାଂସଦ ପାଣ୍ଠିରୁ ଏକ କୋଟି ଟଙ୍କା ଆଲୋକୀକରଣ ପାଇଁ ମଞ୍ଜୁର କରିଥିଲେ । ହେଲେ ସେହି ଅର୍ଥ ବିନିଯୋଗରେ ବ୍ୟାପକ ଦୁର୍ନୀତି ହୋଇଛି । ସେହି ପ୍ରକଳ୍ପରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇ ଅର୍ଥ ହରିଲୁଟ୍ କରାଯାଇଥିବା ଯୁବ କଂଗ୍ରେସ ଅଭିଯୋଗ କରିଆସୁଛି । ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରିବା ପାଇଁ ସାଂସଦ ସୁଲତା ଦେଓଙ୍କ କେନ୍ଦ୍ରାପଡା ଗସ୍ତ କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି ହୋଇଥିବା ସମ୍ପର୍କରେ ବାରମ୍ବାର ଅଭିଯୋଗ ହେବା ଯୋଗୁଁ ସାଂସଦ ଶ୍ରୀମତୀ ଦେଓଙ୍କ କାର୍ଯ୍ୟକ୍ରମରେ ଜିଲ୍ଲାର ଜଣେ ବି ବିଧାୟକ ବା ଜନପ୍ରତିନିଧିଙ୍କ ସମେତ କୌଣସି ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ନାହାନ୍ତି ବୋଲି ଯୁବ କଂଗ୍ରେସର ଜିଲ୍ଲା ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଶ୍ରୀ ନନ୍ଦ ଦାବି କରିଛନ୍ତି ।

# ଦୁଇ ମାସରେ ଫାଟିଲା ଢଳାଇ ରାସ୍ତା

### ଗ୍ରାମବାସୀଙ୍କ ଅସନ୍ତୋଷ



**କେନ୍ଦ୍ରାପଡ଼ା, ୩୦।୪ (ସଂଚାର ବ୍ୟୁରୋ):** ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନାନକାରରୁ ଡିଅଓ୍ୱଲରାମପୁର ପର୍ଯ୍ୟନ୍ତ ୪.୨୦୦ କିଲୋମିଟର ଦୈର୍ଘ୍ୟର ରାସ୍ତା ନିର୍ମାଣ କାମ ଆରମ୍ଭ କରାଯାଇଥିଲା। ପ୍ରକଳ୍ପର ଅନୁମାନିତ ବ୍ୟୟ ୫୧୫.୬୨ ଲକ୍ଷ ଟଙ୍କା ରହିଥିବା ବେଳେ, କାମ ଆରମ୍ଭ ତାରିଖ ୪ ଅକ୍ଟୋବର ୨୦୨୪ ଓ ଶେଷ ତାରିଖ ୩ ଏପ୍ରିଲ ୨୦୨୫ ନିର୍ଦ୍ଧାରିତ ହୋଇଥିଲା। କିନ୍ତୁ ୨୦୨୬ ଶେଷ ପର୍ଯ୍ୟନ୍ତ ମଧ୍ୟ କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ତା ସହିତ, ନିର୍ମିତ ଢଳାଇ ରାସ୍ତା ମାତ୍ର ଦୁଇ ମାସ ମଧ୍ୟରେ ଫାଟିଯାଇଥିବା ଘଟଣା ସ୍ଥାନୀୟ ଲୋକମାନଙ୍କ ଅସନ୍ତୋଷକୁ ବଢ଼ାଇଦେଇଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ନିର୍ମାଣ କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଥିବା ସହ ଢଳାଇ ସମୟରେ ଭାଇବ୍ରେଟର ବ୍ୟବହାର କରାଯାଇନଥିଲା। ଫଳରେ ଢଳାଇ ଭଲ ଭାବରେ ବସିପାରିନଥିଲା। ଏହାସହ ଧସା ବାଲି ପକାଇବା ଓ ରାସ୍ତା କଡ଼ରୁ ଜେସିବି ମେସିନ୍ ଦ୍ୱାରା ମାଟି ତାଡି ଲଗାଇବାରୁ ବନ୍ଧ ଦୁର୍ବଳ ହୋଇଥିବା କୁହାଯାଇଛି। ଏହାର ପରିଣାମ ସ୍ୱରୂପ, ଆୟତପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ରାସ୍ତା ଫାଟି ଭାଙ୍ଗିଯାଇଥିବା ଦେଖାଯାଇଛି। ସେହିପରି ରାସ୍ତା ପାର୍ଶ୍ୱରେ ହୋଇଥିବା ୱାଲ୍ ଢଳାଇ କାମ ମଧ୍ୟ ନିମ୍ନମାନରେ ହୋଇଥିବା ଅଭିଯୋଗ ଉଠିଛି।

ଉଲ୍ଲେଖ୍ୟ ଯେ, ଏହି ରାସ୍ତା ଆୟତପୁର, ବାଲିସିଂହ ଓ ଡିଅବଲରାମପୁର ଗ୍ରାମମାନଙ୍କ ପାଇଁ ମୁଖ୍ୟ ସଂଯୋଗ ସଡ଼କ ଭାବେ କାର୍ଯ୍ୟ କରୁଛି। ଲୁଣା ଓ କରାଣ୍ଡିଆ ନଦୀ ଦୀପାଞ୍ଚଳରେ ଅବସ୍ଥିତ ଏହି ଅଞ୍ଚଳର ଛାତ୍ରଛାତ୍ରୀ, ରୋଗୀ ଓ ଚାଷୀମାନେ ପ୍ରତିଦିନ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ, ବର୍ତ୍ତମାନ ଏହାର ଦୁରବସ୍ଥା ଯାତାୟାତକୁ ବିପଦଜନକ କରିଦେଇଛି। ଅନ୍ୟପଟେ, ଢଳାଇ ସମୟରେ ଯଥାପ୍ରାପ୍ତ ମାତ୍ରାରେ ସିମେଣ୍ଟ ବ୍ୟବହାର ହୋଇନଥିବା, ପାଣି ନଦେଇ କାମ କରାଯାଇଥିବା ଓ ରାତିରେ ତ୍ୱରାନ୍ୱିତ ଭାବେ କାମ ସମ୍ପନ୍ନ କରାଯାଇଥିବା ନେଇ ମଧ୍ୟ ଗଭୀର ଅଭିଯୋଗ ଉଠିଛି।

# ମହିଳା ସମବାୟ ସମିତିର ବାର୍ଷିକ ସାଧାରଣ ସଭା




**କେନ୍ଦ୍ରାପଡ଼ା, ୩୦।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବ ପ୍ରଥମ ପ୍ରତିଷ୍ଠା ଲାଭ କରିଥିବା ଚିତ୍ରୋତ୍ପଳା ମହିଳା ବହୁମୁଖି ସେବା ସମବାୟ ସମିତିର ପ୍ରଥମ ବାର୍ଷିକ ସାଧାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ ତହସିଲ ରୋଡ଼ରେ ଥିବା କାର୍ଯ୍ୟାଳୟରେ ଆୟୋଜିତ ସଭାରେ ସଭାନେତ୍ରୀ ଉଷାରାଣୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମାର୍ଶାଘାଇ ବ୍ଲକର ଶତାଧିକ ମହିଳା ଯୋଗଦେଇଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମବାୟ ଯୋଜନାରେ ମହିଳା ମାନଙ୍କ ଉନ୍ନତି ପାଇଁ ଯୋଜନା ସମ୍ପର୍କରେ ଆଲୋଚନା ସାମିଲ ହୋଇଥିଲେ ମହିଳା ମାନେ ।

ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମବାୟବିତ ପ୍ରମୋଦ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ମହିଳା ସଶକ୍ତିକରଣ ଯୋଜନା ଓ ସମବାୟ ସମିତିରେ ଖୁଦ୍ର ସଂଚୟ କରିବା ଓ ଋଣ ନେଇ ଛୋଟ ବଡ଼ ଶିଳ୍ପ ପ୍ରତିଷ୍ଠା କରି ସବସିଡରେ ଋଣ ପୈଠ କରିବା ସମ୍ପର୍କରେ ମହିଳା ମାନଙ୍କୁ ପରାମର୍ଶ ଦେଇଥିଲେ। ମହିଳା ସମିତିର ସମ୍ପାଦିକା ଦୀପ୍ତିମୟୀ ଶତପଥି, ଉପସଭାନେତ୍ରୀ ମନୀଷା ପରିଡା, ଡାଇରେକ୍ଟର ଗୋଲାପ ସେନାପତି ବରିଷ୍ଠ କାର୍ଯ୍ୟକର୍ତ୍ତା ଜ୍ୟୋସ୍ନାରାଣୀ ବେହେରାଙ୍କ ସମେତ ଶତାଧିକ ମହିଳା ଯୋଗଦେଇଥିଲେ ।

# ନୀରବ ସାଧକ ନିରଞ୍ଜନ ମେକାପଙ୍କ ବିୟୋଗରେ ଶୋକସଭା




**କେନ୍ଦ୍ରାପଡ଼ା, ୩୦।୪ (ସଂଚାର ବ୍ୟୁରୋ):** ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ କୋରୋର ସତୀର୍ଥ ଏବଂ ୱାରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନର ମିଳିତ ଆନୁକୂଲ୍ୟରେ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ଦିବଂଗତ ବଳଦେବ ସଂସ୍କୃତି ଗବେଷକ ତଥା ସୁସାହିତ୍ୱିକ ନିରଞ୍ଜନ ମେକାପଙ୍କ ଅକାଳ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସତୀର୍ଥର ସଭାପତି ଅମର ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ବରାଳ, ମୁଖ୍ୟ ବକ୍ତା ଭାବେ ପଣ୍ଡିତ ପଦ୍ମନାଭ ଦାଶ ଯୋଗଦେଇ ସ୍ମୃତି ଚାରଣ ପୂର୍ବକ ଭକ୍ତିପୂତ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଥମେ କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡା ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସତୀର୍ଥର ସମ୍ପାଦକ କବି ମନ୍ମଥ ବରାଳ ମଞ୍ଚ ପରିଚାଳନା କରିଥିଲେ।

ଆରମ୍ଭରେ ସ୍ୱର୍ଗତ ମେକାପଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ଶୈଳଜା ଶଙ୍କର ସାମଲ, କବି ଅଶୋକ ସାହୁ, ଶ୍ରୀଧର ମହାନ୍ତି, ଗଗନ ଜେନା, ପ୍ରମୋଦ ରାଉତ, ଅଧର ଜେନା, ଶଙ୍କର୍ଷଣ ସାହୁ, ବିକ୍ରମ କେଶରୀ ପରିଡା, ବିଷ୍ଣୁପ୍ରିୟା ସାମଲ, ପ୍ରାକ୍ତନ ସରପଞ୍ଚ ଭାଗୀରଥି ଜେନା, ମନୋରଞ୍ଜନ ତ୍ରିପାଠୀ, ଅଙ୍କିତା ପରିଡା, ରତ୍ନ ମଞ୍ଜରୀ ପରିଡା, ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଶୋକ ପ୍ରକାଶ କରିବା ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସରକାରୀ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟରେ ବିଦାୟକାଳୀନ ସଭା



**ପଟ୍ଟାମୁଣ୍ଡାଇ, ୩୦।୪ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୧ ୱାର୍ଡ଼ରେ ଥିବା ପଟ୍ଟାମୁଣ୍ଡାଇ ସରକାରୀ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ସୁମିତ୍ରା ରାଣୀ ଦାସ ଓ ସହକାରୀ ଶିକ୍ଷୟତ୍ରୀ ସୁଚିତ୍ରା ଗୁପ୍ତା ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯୋଇଛି ।

ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସିଆରସିସି ମଳୟ କୁମାର ଜେନାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷୟତ୍ରୀ ଉର୍ମିଳା ଜେନା ମୁଖ୍ୟଅତିଥି, ବିଆରସିସି ପ୍ରେମ ବାଳା ମହାପାତ୍ର ମୁଖ୍ୟବକ୍ତା, ସି ଆର ସି ସି ସଂଘମିତ୍ରା ନାୟକ, ବିଭୁ ରଞ୍ଜନ ସାହୁ, ଲକ୍ଷ୍ମଣ ସେଠୀ ଅଜୟ ଦାସ, କାଉନସିଲର ସାନିଆ ପରମିନ, ପୂର୍ବତନ କାଉନସିଲର ସେକ ଅମରୁଲ, ବିଇଓ ଅଫିସ ମୁଖ୍ୟ କିରାଣୀ ହିମାଂଶୁ ବେହୁରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷୟତ୍ରୀଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହିତ ମାନପତ୍ର ଓ ଉପଢୌକନ ଦେଇ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

ଏହି ସଭାରେ ବରିଷ୍ଠ ଶିକ୍ଷାବିତ ଶେଖ ସାରାତୁଲ୍ଲା, ମୋ ସ୍କୁଲ ସଭାପତି ଶେଖ ହାଫିଜୁଲ୍ଲା, ଶେଖ ଜାକିର ହୁସେନ, ଶେଖ ଚମନ ଅଲ୍ଲୀ, ଶେଖ ଅନୁଆର ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲ କମିଟି ସଭାପତି ସଞ୍ଜିଦା ପରମିନ, ପ୍ରଧାନ ଶିକ୍ଷୟତ୍ରୀ ବିଦୁଲତା ନାୟକ, ସହକାରୀ ଶିକ୍ଷୟତ୍ରୀ ଆଫ୍ରିନ ପରମିନ ପ୍ରମୁଖ ପରିଚାଳନା କରିଥିଲେ ।

## କରଣ ସମାଜ ପକ୍ଷରୁ ଦହିପାଣି ବଣ୍ଟନ




**କେନ୍ଦ୍ରାପଡ଼ା,୩୦।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କରଣ ସମାଜ ପକ୍ଷରୁ ପୁରୁଣା ଜିଲ୍ଲା କୋର୍ଟ ସନ୍ନିକଟ ରାସ୍ତା ପାଶ୍ୱର୍ରେ ଦହିପାଣି ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଡାକ୍ତର ବିଶ୍ୱପ୍ରକାଶ କାନୁନ୍‌ଗୋ ଉଦଘାଟନ କରିଥିଲେ । କରଣ ସମାଜ ସଭାପତି ସୁଧାଂଶୁ ଶେଖର ରାୟ ଓ ସମ୍ପାଦକ ଲୋହିତ କୁମାର ମହାନ୍ତିଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହି ରାସ୍ତାଦେଇ ଯାଉଥିବା ଶହ ଶହ ଲୋକ ପ୍ରବଳ ଖରାରେ ଦହିପାଣି ପିଇଥିଲେ ।

### ଯାଜପୁରରେ ନୂଆ ସମୀକରଣର ଆରମ୍ଭ

## ଗୌତମଙ୍କ ପାଖରେ ଅନୁଭବ, ସଂଗ୍ରାମଙ୍କ ପାଖରେ ଯୁବ ଶକ୍ତି

**ଯାଜପୁର ଟାଉନ, ୩୦।୪ (ସଂଚାର ବ୍ୟୁରୋ):** ଯାଜପୁର ନିର୍ବାଚନ ମଣ୍ଡଳୀରେ ଏବେ ବିଜେପି ରାଜନୀତି ଏକ ନୂଆ ମୋଡ଼ ନେଇଛି। ଦଳୀୟ ସୀମାରେ ଅଟକି ନଯାଇ, ଏହା ଆସି ପହଞ୍ଚିଛି ପରିବାର ଭିତରେ। ଗୋଟିଏ ପରିବାରରେ ଭିନ୍ନ ଭିନ୍ନ ରାଜନୈତିକ ଶିବିର ପ୍ରତି ଆସ୍ଥା— ଏହି ଚିତ୍ର ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଉଠିଛି। ବିଶେଷ କରି ଭାରତୀୟ ଜନତା ପାର୍ଟି (ବିଜେପି) ମଧ୍ୟରେ ଏହି ଭିନ୍ନମତ ସ୍ପଷ୍ଟ ଭାବରେ ଦେଖାଯାଉଛି।

ଗୋଟିଏ ପଟେ ବରିଷ୍ଠ ନେତା ଗୌତମ ରାୟଙ୍କ ପ୍ରତି ପୁରୁଣା ପିଢ଼ୀର ଅତୁଟ ଆସ୍ଥା ଦେଖାଯାଉଥିବାବେଳେ, ଅନ୍ୟ ପଟେ ଯୁବ ପିଢ଼ୀ— ପୁଅ ଓ ଝିଅମାନେ ଯୁବ ନେତା ସଂଗ୍ରାମ ପାତ୍ରଙ୍କ ନେତୃତ୍ୱ ପ୍ରତି ଆକର୍ଷିତ ହେଉଛନ୍ତି। ଗାଁ ହେଉ କି ସହର ସବୁଠାରେ ଏହି ଭିନ୍ନମତ ଏବେ ଦେଖାଯାଉଛି। ବିବାହ, ବ୍ରତ, କୀର୍ତ୍ତନ ଉତ୍ସବ, ସାମାଜିକ ସଭା କିମ୍ବା ଅନ୍ୟାନ୍ୟ ଅବସରରେ— ପ୍ରତ୍ୟେକ ମଞ୍ଚରେ ଉଭୟ ନେତାଙ୍କର ସକ୍ରିୟ ଉପସ୍ଥିତି ଲୋକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହେଉଛି। ଅନେକ ସ୍ଥାନରେ ଦୁହିଁଜଣଙ୍କୁ ଗୋଟିଏ କାର୍ଯ୍ୟକ୍ରମରେ ନିମନ୍ତ୍ରଣ ମିଳୁଥିବା ଦୃଶ୍ୟ, ସ୍ଥାନୀୟ ରାଜନୀତିକୁ ଆହୁରି ରୋଚକ ଓ ଚଞ୍ଚଳ କରିଦେଇଛି। ରାଜନୈତିକ ବିଶ୍ଳେଷକମାନଙ୍କ ମତରେ, ଏହା କେବଳ ସାଧାରଣ ଭିନ୍ନମତ ନୁହେଁ ଏହା ଏକ ପିଢ଼ୀ ପରିବର୍ତ୍ତନର ସଂକେତ। ପୁରୁଣା ପିଢ଼ୀ ଯେଉଁଠାରେ ଅନୁଭବ ଓ ସ୍ଥିରତାକୁ ଗୁରୁତ୍ୱ ଦେଉଛି, ସେଠାରେ ନୂତନ ପିଢ଼ୀ ପରିବର୍ତ୍ତନ, ଗତି ଓ ନୂଆ ଚେତନାକୁ ଆଗରେ ରଖୁଛି। ଏହି ଦୁଇ ଧାରା ଏବେ ଗୋଟିଏ ପରିବାର ମଧ୍ୟରେ ମୁହାଁମୁହିଁ ହେଉଛି— ଯାହା ଯାଜପୁରର ବିଜେପି ରାଜନୀତିକୁ ନୂଆ ଦିଗ ଦେଉଛି।

ଏହି ପରିସ୍ଥିତି ବିଜେପି ଦଳୀୟ ସଂଗଠନ ପାଇଁ ଏକ ପକ୍ଷରେ ଚ୍ୟାଲେଞ୍ଜ ହେଉଥିବା ବେଳେ ଅନ୍ୟ ପକ୍ଷରେ ଏହା ନୂତନ ନେତୃତ୍ୱକୁ ଉଦୟ କରିବାର ସୁଯୋଗ ମଧ୍ୟ ସୃଷ୍ଟି କରୁଛି। ଯଦି ଏହି ଭିନ୍ନମତ ଆହୁରି ଗଭୀର ହୁଏ, ତେବେ ଆଗାମୀ ନିର୍ବାଚନରେ ଏହାର ପ୍ରଭାବ ସ୍ପଷ୍ଟ ଭାବରେ ଦେଖାଯିବ ବୋଲି ମନେ କରାଯାଉଛି। ଯାଜପୁରରେ ଏବେ ରାଜନୀତିର ଚିତ୍ର ପରିବର୍ତ୍ତିତ ଏଠାରେ କେବଳ ଦଳୀୟ ଶିବିର ନୁହେଁ, ପରିବାର ମଧ୍ୟରେ ମଧ୍ୟ ଶିବିର ବିଭାଜନ ସ୍ପଷ୍ଟ। ଏହି ନୂଆ ପରିସ୍ଥିତି କେବଳ ଚର୍ଚ୍ଚାର ବିଷୟ ନୁହେଁ, ଆଗାମୀ ଦିନରେ ଯାଜପୁରର ରାଜନୀତିକ ଦିଗକୁ ନିର୍ଦ୍ଦେଶ କରିପାରେ।

### ଯାଜପୁରରେ ବାଲି ମାଫିଆଙ୍କ ଆତଙ୍କ

# ରାଜନୈତିକ ସୁରକ୍ଷାରେ ବେଆଇନ୍ ବ୍ୟବସାୟ, ସରକାରୀ ଛବି କଳୁଷିତ

**ଯାଜପୁର ଟାଉନ, ୩୦।୪ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଅବୈଧ ବାଲି ଉଠାଣ ଏବେ ଗୁରୁତର ସମସ୍ୟାର ରୂପ ନେଇଛି। ନଦୀଘାଟ ଠାରୁ ଖୋଲାମେଲା ଭାବରେ ବାଲି ଉଠାଯାଉଥିବା ବେଳେ, ଏହାକୁ ରୋକିବା ପାଇଁ ପ୍ରଶାସନୀୟ ବ୍ୟବସ୍ଥା ପ୍ରାୟ ନିଷ୍କ୍ରିୟ ହୋଇପଡ଼ିଛି। ଚମତ୍କାର କଥା ହେଉଛି— ଏହି ବାଲି ମାଫିଆମାନେ କେବଳ ପ୍ରଶାସନକୁ ନୁହେଁ, ବରଂ ଦୁଇ ପ୍ରମୁଖ ରାଜନୈତିକ ଦଳ ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ ବିଜୁ ଜନତା ଦଳ (ବିଜେଡି) କୁ ମଧ୍ୟ ଅସହାୟ ଅବସ୍ଥାରେ ପହଞ୍ଚାଇଦେଇଛନ୍ତି।ସ୍ଥାନୀୟ ସୂତ୍ର ଅନୁଯାୟୀ, ଜିଲ୍ଲାର ବୈତରଣୀ,ଖରସ୍ରୋତା, ବୁଢ଼ା, ବ୍ରାହ୍ମଣୀ ନଦୀର ବିଭିନ୍ନ ଘାଟରେ ଦିନରାତି ଅବୈଧ ଭାବରେ ବାଲି ଖୋଳାଯାଉଛି। ଟ୍ରକ୍ ପରେ ଟ୍ରକ୍ ବାଲି ଯାଜପୁରରୁ ପଡ଼ୋଶୀ ଜିଲ୍ଲା ଓ ରାଜ୍ୟ ବାହାରକୁ ଚାଲାଣ ହେଉଛି। ଏହା ସମ୍ପୂର୍ଣ୍ଣ ଭାବରେ ଏକ ସୁସଂଗଠିତ ସିଣ୍ଡିକେଟ ମାଧ୍ୟମରେ ଚାଲିଥିବା ବୋଲି ଅଭିଯୋଗ ହେଉଛି।ଏହି ସିଣ୍ଡିକେଟରେ କେତେକ ଅସାଧୁ ସରକାରୀ ଅଧିକାରୀ, ପ୍ରଭାବଶାଳୀ ନେତା ଏବଂ ସ୍ଥାନୀୟ ଦଲାଲମାନେ ଜଡିତ ଥିବା କଥା ମଧ୍ୟ ଚର୍ଚ୍ଚାରେ ରହିଛି। ଖଣି ବିଭାଗ,ଥାନା ଓ ତହସିଲ ମାନଙ୍କୁ ମାସିକିଆ ଭିତ୍ତିରେ ଟଙ୍କା ଦେଇ ଏହି ଅବୈଧ କାରବାରକୁ ନିର୍ବିଘ୍ନରେ ଚାଲାଯାଉଥିବା ଅଭିଯୋଗ ଆସୁଛି। ଫଳସ୍ୱରୂପ, ଆଇନ ଶୃଙ୍ଖଳା ବ୍ୟବସ୍ଥା ପ୍ରତି ଲୋକମାନଙ୍କର ଆସ୍ଥା କ୍ଷୀଣ ହେଉଛି।

ପୂର୍ବତନ ବିଜେଡି ସରକାର ସମୟରେ ଯେପରି ଅବୈଧ ବାଲି ଉଠାଣ ନେଇ ଅଭିଯୋଗ ଉଠୁଥିଲା, ବର୍ତ୍ତମାନର ପରିସ୍ଥିତି ତାହାଠାରୁ କିଛି ଅଲଗା ନୁହେଁ ବୋଲି ସ୍ଥାନୀୟ ଲୋକମାନେ କହୁଛନ୍ତି। ବଦଳିଛି କେବଳ ସରକାର, କିନ୍ତୁ ପ୍ରଣାଳୀ ନୁହେଁ— ଏମିତି ମତ ମଧ୍ୟ ଉଠୁଛି। ସବୁଠାରୁ ଗୁରୁତର ଅଭିଯୋଗ ହେଉଛି, କେତେକ ସରକାରୀ ଦଳର ନେତା ମୋଟା ଆଙ୍କର ଟଙ୍କା ନେଇ ଏହି ଅବୈଧ ବାଲି ବ୍ୟବସାୟକୁ ପ୍ରୋତ୍ସାହନ ଦେଉଛନ୍ତି। ଯଦି ଏହି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ଏହା କେବଳ ପ୍ରଶାସନୀୟ ବିଫଳତା ନୁହେଁ, ବରଂ ଶାସନ ବ୍ୟବସ୍ଥାର ଗଭୀର ଦୁର୍ନୀତିକୁ ପ୍ରକାଶ କରିବ।

ଏହି ଅବୈଧ ବାଲି ଉଠାଣର ପରିଣାମ ମଧ୍ୟ ଗମ୍ଭୀର। ନଦୀ ପରିବେଶର ସନ୍ତୁଳନ ଭଙ୍ଗ ହେଉଛି, ଭୂଗର୍ଭ ଜଳସ୍ତର କମୁଛି, ଏବଂ ବନ୍ୟା ସମସ୍ୟା ବୃଦ୍ଧି ପାଉଛି। ଏହା ସହ ଗ୍ରାମୀଣ ଅଞ୍ଚଳରେ ରାସ୍ତା ନଷ୍ଟ, ଧୂଳି ପ୍ରଦୂଷଣ ଓ ଦୁର୍ଘଟଣାର ସଂଖ୍ୟା ବଢ଼ୁଛି।

ଏପରି ପରିସ୍ଥିତିରେ ପ୍ରଶ୍ନ ଉଠୁଛି— କେବେ ଜାଗିବ ପ୍ରଶାସନ? କେବେ ବନ୍ଦ ହେବ ଏହି ବାଲି ମାଫିଆଙ୍କ ଆତଙ୍କ? ଯଦି ଶୀଘ୍ର କଡ଼ା ପଦକ୍ଷେପ ନ ନିଆଯାଏ, ତେବେ ଏହା ଆଗାମୀ ଦିନରେ ବଡ଼ ପରିବେଶୀୟ ଓ ସାମାଜିକ ସଙ୍କଟରେ ପରିଣତ ହେବାର ଆଶଙ୍କା ରହିଛି।ସରକାର ଓ ପ୍ରଶାସନଙ୍କ ପାଇଁ ଏହା ଏକ କଠିନ ପରୀକ୍ଷା ଏବେ ଦେଖିବାକୁ ବାକି ରହିଗଲା, ସେମାନେ ଏହି ଚ୍ୟାଲେଞ୍ଜକୁ କେମିତି ସମ୍ଭାଳନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶୁକ୍ରବାର ୧ ମେ ୨୦୨୬, ଭୁବନେଶ୍ୱର
Friday 1 May 2026, Bhubaneswar

# ପଶ୍ଚିମବଙ୍ଗ ଇତିହାସ ବଦଳାଇବାକୁ ପ୍ରସ୍ତୁତ

ପଶ୍ଚିମବଙ୍ଗ ଆଜି ଏକ ଐତିହାସିକ ମୋଡ଼ରେ ଠିଆ ହୋଇଛି। ୨୦୨୬ ମସିହାର ବିଧାନସଭା ନିର୍ବାଚନ କେବଳ ଏକ ସରକାର ବଦଳାଇବାର ଲଢ଼େଇ ନୁହେଁ, ବରଂ ରାଜ୍ୟର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଭବିଷ୍ୟତ ନିର୍ଦ୍ଧାରଣ କରିବାର ଏକ ଗୁରୁତ୍ୱପୂର୍ଣ୍ଣଅଧ୍ୟାୟ।ଦୀର୍ଘଦିନଧରିତୃଣମୂଳକଂଗ୍ରେସ(ଟିଏମସି)ରଶାସନ,ମମତା ବନ୍ଦ୍ୟୋପାଧ୍ୟାୟଙ୍କ ନେତୃତ୍ୱରେ ଚାଲିଥିବା 'ପରିବର୍ତ୍ତନ' ପରେ ଏବେ ଆଉ ଏକ ବଡ଼ ପରିବର୍ତ୍ତନର ସମ୍ଭାବନା ଦେଖାଦେଉଛି। ଭୋଟର ତାଲିକା ସଂଶୋଧନ (ଏସଆଇଆର), ଭୂତ ଭୋଟର ଅପସାରଣ, ସୀମାନ୍ତ ସୁରକ୍ଷା, ଶିଳ୍ପାୟନ, ବେକାରୀ ଓ ସାଂସ୍କୃତିକ ପରିଚୟର ପ୍ରଶ୍ନଗୁଡ଼ିକ ଏହି ନିର୍ବାଚନକୁ ସାଧାରଣରୁ ଅନେକ ଉପରକୁ ଉଠାଇ ଦେଇଛି।

ପଶ୍ଚିମବଙ୍ଗର ଇତିହାସ ସର୍ବଦା ଗୌରବମୟ କିନ୍ତୁ ବେଦନାଦାୟକ ମଧ୍ୟ। ବ୍ରିଟିଶ ଶାସନ ସମୟରେ ବଙ୍ଗଭଙ୍ଗ, ସ୍ୱାଧୀନତା ସଂଗ୍ରାମର ରକ୍ତାକ୍ତ ସ୍ମୃତି, ବାମଫ୍ରଣ୍ଟର ଦୀର୍ଘ ଶାସନ ଏବଂ ୨୦୧୧ ମସିହାରେ ତୃଣମୂଳର ଉତ୍ଥାନ, ପ୍ରତ୍ୟେକ ଅଧ୍ୟାୟ ରାଜ୍ୟକୁ ନୂଆ ଆକାର ଦେଇଛି। ବାମଫ୍ରଣ୍ଟ ଶାସନରେ ଶିଳ୍ପର ପତନ, ସିଙ୍ଗୁର-ନନ୍ଦିଗ୍ରାମର ଆନ୍ଦୋଳନ ପରେ ମମତା ବନ୍ଦ୍ୟୋପାଧ୍ୟାୟ 'ମା, ମାଟି, ମାନୁଷ' ସ୍ଲୋଗାନରେ କ୍ଷମତାକୁ ଆସିଥିଲେ। ପ୍ରଥମ ଦିନରେ କିଛି କଲ୍ୟାଣମୂଳକ ଯୋଜନା, ମହିଳା ସଶକ୍ତିକରଣ ଓ ସାମାଜିକ ସୁରକ୍ଷାର ଉଦ୍ୟୋଗ ପ୍ରଶଂସିତ ହୋଇଥିଲା। କିନ୍ତୁ ତୃତୀୟ ମିଆଦରେ ଦୁର୍ନୀତି, ସିଣ୍ଡିକେଟ ରାଜ, ଶିକ୍ଷା ବ୍ୟବସ୍ଥାର ଅବନତି, ଶିଳ୍ପର ଅଭାବ ଓ ଆଇନଶୃଙ୍ଖଳା ଅବନତିର ଅଭିଯୋଗ ବଢ଼ିଛି। ବଙ୍ଗର ଯୁବକମାନେ ଚାକିରି ସନ୍ଧାନରେ ଅନ୍ୟ ରାଜ୍ୟକୁ ପଳାୟନ କରୁଛନ୍ତି, ଯାହା ଏକକାଳୀନ ଶିଳ୍ପ ଓ ସଂସ୍କୃତିର ରାଜଧାନୀକୁ ପଛକୁ ଠେଲି ଦେଇଛି।



ଏହି ନିର୍ବାଚନରେ ସବୁଠାରୁ ବିତର୍କିତ ବିଷୟ ହେଉଛି ଭୋଟର ତାଲିକାର ସଂଶୋଧନ। ପ୍ରାୟ ୫୧ ଲକ୍ଷରୁ ଅଧିକ ଭୋଟରଙ୍କ ନାମ କଟିଛି, ଯାହା ମଧ୍ୟରୁ ଅନେକଙ୍କୁ ଅନୁପସ୍ଥିତ, ମୃତ କିମ୍ବା ଅବୈଧ ବୋଲି ଚିହ୍ନଟ କରାଯାଇଛି। ଟିଏମସି ଏହାକୁ 'ଭୋଟର ଦମନ' ବୋଲି କହୁଛି। ଅନ୍ୟପକ୍ଷରେ ବିଜେପି କହୁଛି, ଏହା 'ଭୂତ ଭୋଟର' ହଟାଇ ନିର୍ବାଚନକୁ ସ୍ୱଚ୍ଛ କରିବାର ପ୍ରୟାସ। ଏହି ବିତର୍କ ରାଜ୍ୟର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ପ୍ରଶ୍ନର ସମ୍ମୁଖୀନ କରିଛି। ନିର୍ବାଚନ କମିଶନର ଭୂମିକା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଯଦି ଏହି ସଂଶୋଧନ ପ୍ରକୃତରେ ଅବୈଧ ଅନୁପ୍ରବେଶକାରୀଙ୍କୁ ବାଦ ଦେଉଥାଏ, ତେବେ ଏହା ରାଜ୍ୟର ଜନସଂଖ୍ୟାଗତ ସନ୍ତୁଳନ ଓ ସାଂସ୍କୃତିକ ପରିଚୟ ରକ୍ଷାରେ ସାହାଯ୍ୟ କରିପାରେ। କିନ୍ତୁ ଯଦି ବୈଧ ଭୋଟରଙ୍କୁ ବାଦ ଦିଆଯାଏ, ତେବେ ଗଣତନ୍ତ୍ରର ମୂଳ ସ୍ତମ୍ଭ ଦୁର୍ବଳ ହେବ।

ପଶ୍ଚିମବଙ୍ଗର ଅର୍ଥନୈତିକ ଅବସ୍ଥା ବର୍ତ୍ତମାନ ଚିନ୍ତାର ବିଷୟ। ଏକକାଳୀନ ଶିଳ୍ପୋନ୍ନତ ବଙ୍ଗ ଆଜି ବେକାରୀ ଓ ପୁଞ୍ଜି ପଳାୟନର ଶିକାର। ଟାଟା ନାନୋର ସିଙ୍ଗୁର ପ୍ରକଳ୍ପ ବାତିଲ ପରଠାରୁ ବଡ଼ ଶିଳ୍ପ ଗୋଷ୍ଠୀଗୁଡ଼ିକ ରାଜ୍ୟରେ ବିନିଯୋଗ କରିବାକୁ ଭୟ ପାଉଛନ୍ତି। ତୃଣମୂଳ ସରକାର 'ମାଛ-ଭାତ-ବଙ୍ଗାଳୀ'ର ପରି ସାଂସ୍କୃତିକ ସ୍ଲୋଗାନ ଦେଇ ଭୋଟ ମାଗୁଥିଲେ ମଧ୍ୟ, ଯୁବକମାନଙ୍କୁ ଚାକିରିର ପ୍ରତିଶ୍ରୁତି ପୂରଣ କରିପାରି ନାହାନ୍ତି। ବିଜେପି 'ଆସଲ ପରିବର୍ତ୍ତନ'ର କଥା କହୁଛି— ଶିଳ୍ପାୟନ, ସୀମାନ୍ତ ସୁରକ୍ଷା, ସିଏଏ ମାଧ୍ୟମରେ ହିନ୍ଦୁଙ୍କୁ ନାଗରିକତ୍ୱ ଓ ଉନ୍ନୟନର ନୂତନ ମଡେଲ। ମତୁଆ, ନମଶୂଦ୍ର, ରାଜବଂଶୀ ସମେତ ପଛୁଆ ସମ୍ପ୍ରଦାୟ ମଧ୍ୟରେ ବିଜେପିର ସମର୍ଥନ ବଢ଼ୁଛି ବୋଲି ବିଶ୍ୱାସ କରାଯାଉଛି।

ଏହି ନିର୍ବାଚନ ରାଜ୍ୟର ଆତ୍ମାକୁ ଛୁଉଁଛି। ବଙ୍ଗର ଗୌରବ— ରବୀନ୍ଦ୍ରନାଥ, ବିବେକାନନ୍ଦ, ନେତାଜୀ, ସୁଭାଷଚନ୍ଦ୍ରଙ୍କ ଉତ୍ତରାଧିକାର— ଆଜି ରାଜନୈତିକ ସଙ୍ଘର୍ଷ ମଧ୍ୟରେ ହରାଇ ଯାଉଛି କି ନାହିଁ, ସେହା ପ୍ରଶ୍ନ। ଦୀର୍ଘଦିନର 'ତୋଲ-ମାଫିଆ', ଶିକ୍ଷାକ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୁରବସ୍ଥା ମାନୁଷଙ୍କୁ କ୍ଲାନ୍ତ କରିଛି। ଅନେକେ ମନେ କରନ୍ତି, ୨୦୨୬ର ଫଳାଫଳ ୨୦୦୫ ବିହାର ନିର୍ବାଚନ ପରି 'ଜଙ୍ଗଲ ରାଜ'ର ଅବସାନ ଘଟାଇପାରେ। ଯଦି ବିଜେପି କିମ୍ବା ବିରୋଧୀମାନେ ଶକ୍ତିଶାଳୀ ସରକାର ଗଠନ କରିପାରନ୍ତି, ତେବେ ଶିଳ୍ପ ଫେରିବ, ବିନିଯୋଗ ଆସିବ ଏବଂ ବଙ୍ଗ ଆଉଥରେ ଦେଶର ଅର୍ଥନୈତିକ ମାନଚିତ୍ରରେ ଉଜ୍ଜ୍ୱଳ ହେବ।

ତଥାପି ପରିବର୍ତ୍ତନ ସହଜ ନୁହେଁ। ତୃଣମୂଳର ସଙ୍ଗଠନିକ ଶକ୍ତି, ମହିଳା ଓ ସଂଖ୍ୟାଲଘୁ ଭୋଟ ବ୍ୟାଙ୍କ ଏପର୍ଯ୍ୟନ୍ତ ଶକ୍ତିଶାଳୀ। ମମତା ବନ୍ଦ୍ୟୋପାଧ୍ୟାୟଙ୍କ ବ୍ୟକ୍ତିଗତ ଜନପ୍ରିୟତା ଏବଂ ସ୍ଥାନୀୟ ସ୍ତରର କଲ୍ୟାଣ ଯୋଜନାଗୁଡ଼ିକ ଅନେକ ଭୋଟରଙ୍କୁ ଆକର୍ଷିତ କରେ। ବାମଫ୍ରଣ୍ଟ ଓ କଂଗ୍ରେସର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଭୋଟ ଭାଗ ଭାଗ ହେଲେ ଫଳାଫଳ ଅନିଶ୍ଚିତ ହୋଇପାରେ। ଇତିହାସ ବଦଳାଇବା ମାନେ କେବଳ ସରକାର ବଦଳ ନୁହେଁ, ମାନସିକତା ଓ ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ। ବଙ୍ଗକୁ ଆଉଥରେ ଶିକ୍ଷା, ସଂସ୍କୃତି ଓ ଶିଳ୍ପର କେନ୍ଦ୍ର କରିବାକୁ ହେଲେ ଦୁର୍ନୀତିମୁକ୍ତ, ଉନ୍ନୟନମୁଖୀ ଓ ସମସ୍ତ ସମ୍ପ୍ରଦାୟର ଅନ୍ତର୍ଭୁକ୍ତିମୂଳକ ଶାସନ ଦରକାର। ମେ ୪ ତାରିଖରେ ଭୋଟ ଗଣନା ପରେ ଯେଉଁ ଫଳ ଆସୁନା କାହିଁକି, ପଶ୍ଚିମବଙ୍ଗର ମାନୁଷ ଯେପରି ସଠିକ ସିଦ୍ଧାନ୍ତ ନିଅନ୍ତୁ— ଯାହା ଦ୍ୱାରା ରାଜ୍ୟ ତା'ର ହରାଇଥିବା ଗୌରବ ଫେରି ପାଇବ। ଏହି ନିର୍ବାଚନ ପ୍ରକୃତରେ ଇତିହାସ ବଦଳାଇପାରେ ଯଦି ଭୋଟରମାନେ ଅତୀତର ଭୁଲରୁ ଶିଖି ଭବିଷ୍ୟତର କଥା ଭାବିବ। ବଙ୍ଗର ମାଟି, ମାନୁଷ ଓ ସଂସ୍କୃତି ଆଉଥରେ ଉଠି ଠିଆ ହେଉ— ଏହାହିଁ ପ୍ରତ୍ୟାଶା।

# ଧଳା ତଉଲିଆ ପଛର କଳା ମାନସିକତା



ବିଜନ କୁମାର ମହାପାତ୍ର

ଭାରତ ବ୍ରିଟିଶ ଶାସନାଧୀନ ଥିବା ବେଳେ ଉଚ୍ଚ ପଦସ୍ଥ ଅଧିକାରୀ ଓ ସେମାନଙ୍କ କାର୍ଯ୍ୟାଳୟରେ ପ୍ରଚଳିତ କିଛି ପରମ୍ପରା ଆଜି ବି ବଜାୟ ରହିଛି। ବ୍ରିଟିଶମାନେ ନିଜର ସୁବିଧା ପାଇଁ କିଛି ବ୍ୟବସ୍ଥାର ପ୍ରଚଳନ କରିଥିଲେ। ପରିତାପର ବିଷୟ ଯେ, ଆବଶ୍ୟକତା ନଥିଲେ ମଧ୍ୟ ଆମେ କିଛି ବ୍ରିଟିଶ ପରମ୍ପରାକୁ ଅଯଥାରେ ଜାବୁଡ଼ି ଧରିଛେ। ବ୍ରିଟିଶ ଶାସନ ଅମଳରେ ଆରମ୍ଭ ହୋଇଥିବା ଏପରି ପରମ୍ପରା ଆଜି ବି କିପରି ଆମ ଦେଶରେ ବଜାୟ ରହିଛି, ସେ ସଂପର୍କରେ କିଛି ଦିନ ତଳେ ସୋସିଆଲ ମିଡିଆ ଜରିଆରେ ଦୃଷ୍ଟି ଆକର୍ଷଣ କରିଛନ୍ତି ଆଇଆଇଟି ଦିଲ୍ଲୀର ଜଣେ ପୂର୍ବତନ ଛାତ୍ର କେତନ। 'ଲର୍ଣ୍ଣିଥାନ ଇକୋନୋମି ହ୍ୟାଣ୍ଡବୁକ୍' ଶୀର୍ଷକ ପୁସ୍ତକର ରଚୟିତା କେତନ ସୋସିଆଲ ମିଡିଆ 'ଏକ୍ସ'ରେ ଭାରତରେ ଆଜି ବି ସବୁ ସରକାରୀ କାର୍ଯ୍ୟାଳୟ ଗଲେ ବାବୁମାନଙ୍କ ଚେୟାର ଓ ଧଳା ତଉଲିଆ ସଂପର୍କରେ ଟିପ୍ପଣୀ କରିଛନ୍ତି। ଭାରତର ଯେକୌଣସି ସରକାରୀ କାର୍ଯ୍ୟାଳୟକୁ ଗଲେ ପଦସ୍ଥ ଅଧିକାରୀଙ୍କ ଲମ୍ବା କୁର୍ସିରେ ଧଳା ତଉଲିଆଟିଏ ପଡ଼ିଥିବା ଦେଖିବାକୁ ମିଳିବ। ଏହି ଧଳା ତଉଲିଆ ' ସର୍ବବ୍ୟାପୀ କ୍ଷମତାର ପ୍ରତୀକ' ପାଲଟିଥିବା ଉଲ୍ଲେଖ କରିଛନ୍ତି କେତନ। ଏହି ମର୍ମରେ କିଛି ବର୍ଷ ତଳେ ଉତ୍ତର ପ୍ରଦେଶରେ ଘଟିଥିବା ଏକ ଘଟଣାର ଉଦାହରଣ ଦେଇଛନ୍ତି। ସରକାରୀ କାର୍ଯ୍ୟାଳୟକୁ ଗସ୍ତ ସମୟରେ ବସିବା ପାଇଁ ସେମାନଙ୍କୁ ତଉଲିଆ ଯୁକ୍ତ କୁର୍ସି ଦିଆଯାଉ ନଥିବାରୁ କଡ଼ା ଆପତ୍ତି ପ୍ରକାଶ କରିଥିଲେ ରାଜ୍ୟର ଅନେକ ବିଧାୟକ ଓ ସାଂସଦ। ଅଫିସରମାନେ ଧଳା ତଉଲିଆ ଯୁକ୍ତ ଉଚ୍ଚ ଚେୟାରରେ ବସୁଥିବା ବେଳେ ସେମାନଙ୍କୁ କାହିଁକି ଏଥିରୁ ବଂଚିତ କରାଯିବ ବୋଲି ପ୍ରଶ୍ନ କରି ଆଇନ ପ୍ରଣେତାମାନେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକମାନଙ୍କ ଆପତ୍ତିକୁ ଗୁରୁତ୍ୱର ସହ ନେଇଥିଲା ଉତ୍ତର ପ୍ରଦେଶ ସଂସଦୀୟ ବ୍ୟାପାର ବିଭାଗ। ଅଫିସରଙ୍କ ସହ ବୈଠକ ବେଳେ ସବୁ ସାଂସଦ, ବିଧାୟକ ଓ ରାଜ୍ୟ ବିଧାନମଣ୍ଡଳ ସଦସ୍ୟଙ୍କୁ ମଧ୍ୟ ଉଚ୍ଚ ଓ ଧଳା ତଉଲିଆ ଯୁକ୍ତ ଚେୟାର ଯୋଗାଇ ଦେବା ପାଇଁ ଆଦେଶ ଦେଇଥିଲେ ରାଜ୍ୟ ସରକାର। ଉତ୍ତର ପ୍ରଦେଶ ସଚିବାଳୟରେ ପ୍ରତି ସପ୍ତାହର ସୋମବାର ଓ ଗୁରୁବାର ଦିନ ବାବୁମାନଙ୍କ କୁର୍ସିରେ ଶୋଭା ପାଉଥିବା ପାଖାପାଖି ୧ ହଜାର ତଉଲିଆ ବଦଳାଇବାକୁ ପଡେ ବୋଲି କେତନ ସୋସିଆଲ୍ ମିଡିଆରେ ଉଲ୍ଲେଖ କରିଛନ୍ତି। କେତନଙ୍କ ସୋସିଆଲ ମିଡିଆ ପୋଷ୍ଟ୍ ପରେ ଭାରତରେ ଏହି ପରମ୍ପରା କାଏମ ରହିବାର ଔଚିତ୍ୟକୁ ନେଇ ପ୍ରଶ୍ନ ଉଠିଛି। କୁର୍ସିରେ ଧଳା ତଉଲିଆ ପ୍ରଥା କେମିତି ଆରମ୍ଭ ହୋଇଥିଲା ଓ କିଏ ଆରମ୍ଭ କରିଥିଲା, ସେ ସଂପର୍କରେ କୌଣସି ଲିପିବଦ୍ଧ ପ୍ରମାଣ ନାହିଁ। ତେବେ, ବ୍ରିଟିଶ ଶାସନାଧୀନ ଭାରତରେ ପାଣିପାଗ ଜନିତ ଆବଶ୍ୟକତା, ଗୋରା ଅଧିକାରୀଙ୍କ ସ୍ୱଚ୍ଛତା ଅଭ୍ୟାସ ଓ ପଦପଦବୀର ଗୁରୁତ୍ୱ ଦର୍ଶାଇବା ପାଇଁ ଧଳା ତଉଲିଆ ଯୁକ୍ତ କୁର୍ସି ପ୍ରଥାର ଉତ୍ପତ୍ତି ହୋଇଥିଲା ବୋଲି ବିଭିନ୍ନ ଇତିହାସବିତ୍, ଅବସରପ୍ରାପ୍ତ ସରକାରୀ ଅଧିକାରୀଙ୍କଠାରୁ ସୂଚନା ମିଳେ। ପ୍ରଚଣ୍ଡ ଗ୍ରୀଷ୍ମତାପରେ ଅନେକ ବ୍ରିଟିଶ ପ୍ରାଶାସନିକ ଅଧିକାରୀଙ୍କ ପାଇଁ କାମ କରିବା ଥିଲା ଏକ ଦୁରୂହ ବ୍ୟାପାର। ବିଭିନ୍ନ ସରକାରୀ କାମରେ ଅଧିକାରୀମାନେ ପ୍ରଚଣ୍ଡ ଖରାରେ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଯାଉଥିଲେ। ଲମ୍ବା ଧୂଳି ଧୂସରିତ ରାସ୍ତାରେ ବାବୁମାନଙ୍କୁ ଯାତ୍ରା କରିବାକୁ ପଡୁଥିଲା। କିଏ ବେଳେବେଳେ ଘୋଡାଗାଡି ଓ ଟ୍ରେନରେ ଲମ୍ବା ଯାତ୍ରା କରୁଥିଲେ। କାର୍ଯ୍ୟାଳୟରେ ପହଂଚିଲା ବେଳକୁ ଝାଳରେ ଓଦା ହୋଇଯାଉଥିଲେ ସରକାରୀ ବାବୁ। ଏଭଳି ଦୟନୀୟ ସ୍ଥିତିରେ କାର୍ଯ୍ୟାଳୟରେ ବାବୁମାନଙ୍କ କୁର୍ସିରେ ଝୁଲାଯାଇ ଥିବା ଧଳା ତଉଲିଆ ବେଶ୍ କାମ ଦେଉଥିଲା। ଅଧିକାରୀମାନେ ତଉଲିଆ ଦ୍ୱାରା ମୁହଁ ଓ ବେକର ଝାଳ ଓ ଧୂଳିମଳି ପୋଛୁଥିଲେ। ତଉଲିଆରେ ଝାଳ ଖୁବ୍ ଶୀଘ୍ର ଶୁଖିଯାଉଥିଲା। ତେଣୁ ଖରାଦିନେ ବାବୁମାନଙ୍କ ପାଇଁ ଏକ ଆବଶ୍ୟକତାରେ ପରିଣତ ହୋଇଥିଲା ଧଳା ତଉଲିଆ। ଏହାଛଡା କେଶରେ ତେଲ ଲଗାଉଥିବା ଭାରତୀୟ ଅଧିକାରୀମାନଙ୍କ ପାଇଁ ମଧ୍ୟ ବେଶ୍ ଉପଯୋଗୀ ସାବ୍ୟସ୍ତ ହେଉଥିଲା ଚକାଚକ୍ ତଉଲିଆ। ସେମାନେ ଆଉଜିଲେ ତେଲିଆ ହେଉନଥିଲା କୁର୍ସୀ କାରଣ ପିଠି ପଛରେ ଥିଲା ତଉଲିଆ। ଏସବୁ ଦୃଷ୍ଟିରୁ ଧଳା ତଉଲିଆ ବ୍ରିଟିଶ ପ୍ରାଶାସନିକ ଅଧିକାରୀଙ୍କ ପାଇଁ ଏକ ଥିଲା ଆବଶ୍ୟକତା। ସମୟକ୍ରମେ ଅନେକ ଅଧିକାରୀଙ୍କ ପାଇଁ ଧଳା ତଉଲିଆ ପାଲଟିଗଲା ଏକ 'ଷ୍ଟାଟସ ସିମ୍ବଲ୍'। ଔପନିବେଶିକ ଅମଲାତନ୍ତ୍ରରେ ଜଣେ ଅଧିକାରୀଙ୍କ ପଦବୀ ବେଶ୍ ଗୁରୁତ୍ୱ ବହନ କଲା। କାର୍ଯ୍ୟାଳୟର ଟେବୁଲ ସାଇଜ୍, ପ୍ରକୋଷ୍ଠ ଅବସ୍ଥିତି, ଆସବାବପତ୍ରର ଗୁଣବତ୍ତା ମଧ୍ୟ ଅଧିକାରୀଙ୍କ ପଦପଦବୀ ଅନୁସାରେ ସ୍ଥିର ହେଲା। ଆଉ ଧଳା ତଉଲିଆ ମଧ୍ୟ ଏଭଳି ଏକ ଅମଲାତନ୍ତ୍ରର ଥିଲା ଅଂଶବିଶେଷ। ଖରା ହେଉ ବା ବର୍ଷା ବା ଶୀତ, ଉଚ୍ଚ ପଦସ୍ଥ ବାବୁ ବା ଅଧିକାରୀଙ୍କ ପାଇଁ କୁର୍ସିରେ ଧଳା ତଉଲିଆ ବାଧ୍ୟତାମୂଳକ ହେଲା। ୧୯୪୭ରେ ବ୍ରିଟିଶମାନେ ଭାରତ ଛାଡିଲେ। କିନ୍ତୁ ଧଳା ତଉଲିଆ ପରମ୍ପରା ଭାରତକୁ ଛାଡିଲା ନାହିଁ। ସ୍ୱାଧୀନ ଭାରତର ଅମଲାତନ୍ତ୍ର ବ୍ରିଟିଶ ବାବୁଙ୍କ ଧଳା ତଉଲିଆ ପ୍ରଥାକୁ କାଏମ ରଖିଲେ। ବ୍ରିଟିଶ ମାନସିକତା ଦୂର ହେଲା ନାହିଁ। ବାବୁମାନେ ନିଜ ପଦବୀର ଓଜନ ଦେଖାଇବା ପାଇଁ ଧଳା ତଉଲିଆ ଯୁକ୍ତ କୁର୍ସି ପରମ୍ପରା ଜାବୁଡି ରଖିଲେ। ପ୍ରାସଙ୍ଗିକତା ନଥିଲେ ମଧ୍ୟ ଧଳା ତଉଲିଆ ଆଜି ବି ବାବୁମାନଙ୍କ କୁର୍ସିରେ ଶୋଭା ପାଉଛି। ଲାଗୁଛି ଯେମିତି ତି କୁର୍ସିରେ ଧଳା ତଉଲିଆ ନଥିଲେ ବାବୁମାନେ କାମ କରିପାରିବେ ନାହିଁ। ସେତେବେଳେ ତ ଏସି କି ଉନ୍ନତମାନର ପଙ୍ଖା ନଥିଲା, ତେଣୁ ଝାଳ ପୋଛିବାକୁ ଓ ତେଲ ଯେମିତି କୁର୍ସିରେ ନ ଲାଗିବ ସେଥିପାଇଁ ଧଳା ତଉଲିଆ ବାବୁଙ୍କ ପାଇଁ ବେଶ୍ କାମରେ ଆସୁଥିଲା। ଏବେ ତ ସେମିତି ସ୍ଥିତି ନାହିଁ। ତେଣୁ ଗୋଟିଏ ଔପନିବେଶିକ ପରମ୍ପରା କାହିଁକି ବଜାୟ ରହିଛି, ସେ ନେଇ ପ୍ରଶ୍ନ ଉଙ୍କି ମାରିବା ସ୍ୱାଭାବିକ। ପୂର୍ବେ ତ କେବଳ ବାବୁମାନଙ୍କ କୁର୍ସିରେ ଧଳା ତଉଲିଆ ଦେଖିବାକୁ ମିଳୁଥିଲା। କାଳକ୍ରମେ ମନ୍ତ୍ରୀ ଓ ନେତାଙ୍କ କୁର୍ସିରେ ବି ଶୋଭା ପାଇଲା ତଉଲିଆ।

ଲାଞ୍ଜିପଲ୍ଲୀ, ବ୍ରହ୍ମପୁର -୮, ମୋବାଇଲ୍:୮୮୪୭୮୪୨୪୨୪

# କୃଷକ ନେତୃତ୍ୱାଧୀନ ଶ୍ରମିକ ଆନ୍ଦୋଳନ ପାଇଁ ଏକ ନୂତନ ପଥ



ଅସିତ ମହାନ୍ତି

ଭାରତର ସାମାଜିକ ଏବଂ ରାଜନୈତିକ ଦୃଶ୍ୟପଟରେ, ଶ୍ରମିକ ଆନ୍ଦୋଳନ ସର୍ବଦା ନ୍ୟାୟ ଏବଂ ଅଧିକାର ପାଇଁ ଲଢ଼େଇର ପ୍ରତୀକ ହୋଇଆସିଛି। କିନ୍ତୁ, ଆଜି, ଶାସକ ସଂସ୍ଥା ଦ୍ୱାରା ସୃଷ୍ଟି ହୋଇଥିବା ଆଇନଗତ ଜାଲରେ ଫସି ଏହି ଆନ୍ଦୋଳନକୁ ପ୍ରାୟତଃ ପ୍ରଭାବହୀନ କରିଦିଆଯାଇଛି। ସରକାର ଅନେକ ଆଇନ ଏବଂ ନିୟମ ମାଧ୍ୟମରେ ଶ୍ରମିକଙ୍କ ସ୍ୱରକୁ ଦମନ କରିଛନ୍ତି। ଧର୍ମଘଟ, ପ୍ରତିବାଦ ଏବଂ ସଂଘର ସ୍ୱାଧୀନତାକୁ ଏବେ ଅପରାଧ ଭାବରେ ଦେଖାଯାଉଛି। ଏହା ପ୍ରଶ୍ନ ଉଠାଏ: ଯେତେବେଳେ ଶ୍ରମିକ ଆନ୍ଦୋଳନକୁ ଦମନ କରାଯିବ, ନ୍ୟାୟ ଏବଂ ଅଧିକାର ପାଇଁ ଲଢ଼େଇକୁ କିଏ ଆଗକୁ ବଢ଼ାବ? ଏହାର ଉତ୍ତର ଚାଷୀଙ୍କ ନେତୃତ୍ୱରେ ରହିଛି।

ସାମ୍ପ୍ରତିକ ବର୍ଷଗୁଡ଼ିକର କୃଷକ ଆନ୍ଦୋଳନ ଏହାର ଏକ ଜ୍ୱଳନ୍ତ ଉଦାହରଣ। ଯେତେବେଳେ ଲକ୍ଷ ଲକ୍ଷ ଚାଷୀ ରାସ୍ତାକୁ ଓହ୍ଲାଇଥିଲେ, ସେମାନେ କେବଳ ସେମାନଙ୍କର ଅଧିକାର ରକ୍ଷା କରିନଥିଲେ ବରଂ ସମଗ୍ର ଦେଶକୁ ପ୍ରଦର୍ଶନ କରିଥିଲେ ଯେ ସଂଗଠିତ ଜନଶକ୍ତି ଯେକୌଣସି ଅନ୍ୟାୟ ଆଇନକୁ ଚ୍ୟାଲେଞ୍ଜ କରିପାରିବ। ଏହି ଆନ୍ଦୋଳନ କେବଳ କୃଷି ଆଇନ ବିରୁଦ୍ଧରେ ନୁହେଁ, ବରଂ ସାଧାରଣ ଲୋକଙ୍କ ସ୍ୱରକୁ ଦମନ କରିବାକୁ ଚେଷ୍ଟା କରୁଥିବା ବ୍ୟବସ୍ଥା ବିରୁଦ୍ଧରେ ଥିଲା। ଚାଷୀମାନେ ପ୍ରମାଣ କଲେ ଯେ ଯେତେବେଳେ ଲୋକମାନେ ଏକଜୁଟ୍ ହୁଅନ୍ତି, ସେତେବେଳେ ଶକ୍ତି ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୁଏ।

ଆଜି ଶ୍ରମିକ ଆନ୍ଦୋଳନ ଯେଉଁ ସଙ୍କଟର ସମ୍ମୁଖୀନ ହେଉଛି ତାହା ଚାଷୀ ନେତୃତ୍ୱକୁ ଅତ୍ୟାବଶ୍ୟକ କରିଥାଏ। ଚାଷୀ ଏବଂ ଶ୍ରମିକ ଉଭୟ ଶୋଷିତ ବର୍ଗର ଅଂଶ। ଚାଷୀମାନେ କ୍ଷେତରେ ପରିଶ୍ରମ କରନ୍ତି, ଶ୍ରମିକମାନେ କାରଖାନାରେ ଝାଳ ବୁହାନ୍ତି। ଉଭୟ ଶ୍ରେଣୀ ବ୍ୟବସ୍ଥାର ଶୋଷଣର ଶିକାର। ଯେତେବେଳେ ଏହି ଦୁଇଟି ବର୍ଗ ଏକତ୍ର ହୋଇ ସଂଘର୍ଷ କରନ୍ତି, କେବଳ ସେତେବେଳେ ଅନ୍ୟାୟ ନୀତିକୁ ଚ୍ୟାଲେଞ୍ଜ କରାଯାଇପାରିବ। ବର୍ତ୍ତମାନର ପରିସ୍ଥିତିରେ, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉଠାଇବା ଏକ ଅପରାଧ ପାଲଟିଛି। ସରକାର ଭିନ୍ନମତକୁ ଦେଶଦ୍ରୋହ ଭାବରେ ଲେବଲ୍ କରିଛନ୍ତି। କିନ୍ତୁ ଇତିହାସ ସାକ୍ଷୀ ଅଛି ଯେ ଯେତେବେଳେ ଜନସାଧାରଣ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉଠାଇଛନ୍ତି, ପରିବର୍ତ୍ତନ ଆସିଛି। ସ୍ୱାଧୀନତା ସଂଗ୍ରାମ ହେଉ କିମ୍ବା କୃଷକ ଆନ୍ଦୋଳନ, ଜନଶକ୍ତି ସର୍ବଦା ବ୍ୟବସ୍ଥାକୁ ହଲାଇ ଦେଇଛି। କୃଷକଙ୍କ ନେତୃତ୍ୱରେ ଶ୍ରମିକ ଆନ୍ଦୋଳନର ଅର୍ଥ ହେଉଛି ଯେ ସଂଘର୍ଷ କେବଳ ମଜୁରୀ କିମ୍ବା ଦରମା ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ବରଂ ସମଗ୍ର ସମାଜରେ ଅସମାନତା ଏବଂ ଅନ୍ୟାୟ ବିରୁଦ୍ଧରେ ଏକ ବ୍ୟାପକ ଲଢ଼େଇରେ ପରିଣତ ହେବ। କୃଷକ ଆନ୍ଦୋଳନ ଦର୍ଶାଇଛି ଯେ ଯେତେବେଳେ ଜନସାଧାରଣ ରାସ୍ତାକୁ ଓହ୍ଲାଇବେ, ସେମାନଙ୍କ ସ୍ୱରକୁ ଅଣଦେଖା କରାଯାଇପାରିବ ନାହିଁ। ଏହି ଶକ୍ତି ଶ୍ରମିକ ଆନ୍ଦୋଳନକୁ ପୁନର୍ଜୀବିତ କରିପାରିବ। ଏହା ମଧ୍ୟ ସତ୍ୟ ଯେ କ୍ଷମତା ଏବଂ ପୁଞ୍ଜି ମଧ୍ୟରେ ସମ୍ପର୍କ ଗଣତନ୍ତ୍ରକୁ ଦୁର୍ବଳ କରିଛି। କିନ୍ତୁ ଗଣତନ୍ତ୍ରର ପ୍ରକୃତ ଶକ୍ତି ଲୋକଙ୍କଠାରେ ରହିଛି। ଯେତେବେଳେ କୃଷକ ଏବଂ ଶ୍ରମିକ ଏକତ୍ର ହୁଅନ୍ତି, ଏହା କେବଳ ଆର୍ଥିକ ଅଧିକାର ପାଇଁ ଲଢ଼େଇ ନୁହେଁ, ବରଂ ଗଣତନ୍ତ୍ରକୁ ସୁରକ୍ଷା ପାଇଁ ଏକ ଆନ୍ଦୋଳନ ହେବ। ତେଣୁ, ଆଜି ସବୁଠାରୁ ବଡ଼ ଆବଶ୍ୟକତା ହେଉଛି କୃଷକ ନେତୃତ୍ୱରେ ଶ୍ରମିକ ଆନ୍ଦୋଳନକୁ ପୁନଃଆକାର ଦେବା। ଏହି ଆନ୍ଦୋଳନ କେବଳ ଶ୍ରମିକଙ୍କ ସ୍ୱର ହେବ ନାହିଁ, ବରଂ ସମଗ୍ର ସମାଜର ସ୍ୱର ହେବ। ଏହି ଆନ୍ଦୋଳନ ଦେଖାଇବ ଯେ ନ୍ୟାୟ ଏବଂ ସମାନତା କେବଳ ପୁସ୍ତକରେ ଲେଖାଯାଇଥିବା ଶବ୍ଦ ନୁହେଁ, ବରଂ ଏହା ହାସଲ କରିବା ପାଇଁ ସଂଘର୍ଷ ଆବଶ୍ୟକ।

ଏଠାରେ ପ୍ରଶ୍ନ ଉଠେ ଯେ ଏହି ସାମାଜିକ ବ୍ୟବସ୍ଥା କିପରି ଶ୍ରମିକ ଆନ୍ଦୋଳନକୁ ଦମନ କରିବାରେ ସଫଳ ହୋଇପାରିଲା ? ପୁଞ୍ଜିବାଦୀ ବ୍ୟବସ୍ଥା ଶ୍ରମିକ ଆନ୍ଦୋଳନକୁ ଦମନ କରିବାରେ ସଫଳ ହୋଇଥିଲା କାରଣ ଏହା ରାଜ୍ୟ, ଗଣମାଧ୍ୟମ ଏବଂ ଆଇନଗତ ଢାଞ୍ଚାକୁ ସଂଗଠିତ କରିଥିଲା। ଶ୍ରମିକମାନଙ୍କ ସ୍ୱରକୁ 'ଆଇନ ଶୃଙ୍ଖଳା ସମସ୍ୟା' ଭାବରେ ବଦନାମ କରାଯାଇଥିଲା ଏବଂ ନୂତନ ଶ୍ରମ ଆଇନ ମାଧ୍ୟମରେ ସେମାନଙ୍କ ଅଧିକାରକୁ ସୀମିତ କରାଯାଇଥିଲା।



ପୁଞ୍ଜିବାଦୀ ବ୍ୟବସ୍ଥାର ରଣନୀତି - ସାମ୍ପ୍ରତିକ ବର୍ଷଗୁଡ଼ିକରେ ଭାରତରେ ପ୍ରଣୀତ ଶ୍ରମ ସଂହିତା ଶ୍ରମିକମାନଙ୍କର ସଂଗଠିତ ଏବଂ ଧର୍ମଘଟ କରିବାର ସ୍ୱାଧୀନତାକୁ ଦୁର୍ବଳ କରିଦେଇଥିଲା। ଧର୍ମଘଟକୁ ଅପରାଧୀ କରାଯାଇଥିଲା, ଏବଂ ଆଇନଗତ ପ୍ରକ୍ରିୟାଗୁଡ଼ିକୁ ଏତେ ଜଟିଳ କରାଯାଇଥିଲା ଯେ ଶ୍ରମିକ ଆନ୍ଦୋଳନଗୁଡ଼ିକ ପ୍ରାୟତଃ ଅସମ୍ଭବ ହୋଇଯାଇଥିଲା। ପୁଞ୍ଜିବାଦୀ ବ୍ୟବସ୍ଥାର ସବୁଠାରୁ ବଡ଼ ସଫଳତା ଥିଲା ଆଇନକୁ ନିଜ ଲାଭ ପାଇଁ ପରିଚାଳନା କରିବାର କ୍ଷମତା। ଗଣମାଧ୍ୟମର ବ୍ୟବହାର -କର୍ପୋରେଟ୍ ଗଣମାଧ୍ୟମ ଶ୍ରମିକ ଆନ୍ଦୋଳନଗୁଡ଼ିକୁ 'ଜାତୀୟ ସ୍ୱାର୍ଥ ବିରୋଧୀ' ଏବଂ 'ଜନସାଧାରଣଙ୍କ ପାଇଁ ଅସୁବିଧା' ଭାବରେ ଚିତ୍ରଣ କରିଥିଲା। ଏହା ଶ୍ରମିକମାନଙ୍କ ପ୍ରତି ସାଧାରଣ ସହାନୁଭୂତିକୁ ହ୍ରାସ କରିଥିଲା ଏବଂ ଆନ୍ଦୋଳନର ବୈଧତା ହରାଇଥିଲା। ପୁଞ୍ଜିବାଦୀଙ୍କ ସ୍ୱାର୍ଥରେ ଗଣମାଧ୍ୟମ ଶ୍ରମିକଙ୍କ ସ୍ୱରକୁ ଦମନ କରିଥିଲା। ରାଜ୍ୟ ଏବଂ ପୁଞ୍ଜିର ମେଣ୍ଟ - ଇତିହାସ ସାକ୍ଷୀ ଅଛି ଯେ ପୁଞ୍ଜିବାଦୀ ଶ୍ରେଣୀ ଏବଂ ରାଜ୍ୟ ସର୍ବଦା ଶ୍ରମିକ ଆନ୍ଦୋଳନଗୁଡ଼ିକୁ ଦମନ କରିବା ପାଇଁ ମିଳିତ ହୋଇଛନ୍ତି। ଉପନିବେଶବାଦୀ ବଙ୍ଗରେ ମଧ୍ୟ, 'ଅପବିତ୍ର ତ୍ରିମୂର୍ତ୍ତି' - ରାଜ୍ୟ, ପୁଞ୍ଜିବାଦୀ ଏବଂ ପୋଲିସ - ଟ୍ରେଡ୍ ୟୁନିଅନଗୁଡ଼ିକୁ ଭାଙ୍ଗିବା ଏବଂ ଶ୍ରମିକଙ୍କ ସ୍ୱରକୁ ଦମନ କରିବା ପାଇଁ ସହଯୋଗ କରିଥିଲେ। ଏହି ସମାନ ମେଣ୍ଟ ଆଜି ବିଦ୍ୟମାନ, ଯଦିଓ ଭିନ୍ନ ରୂପରେ। ଅଧିକ ଶ୍ରମିକ ଜନସଂଖ୍ୟାର ଚାପ - ପୁଞ୍ଜିବାଦୀ ବ୍ୟବସ୍ଥା ବେକାରୀ ଏବଂ ବହୁ ସଂଖ୍ୟକ ଅସ୍ଥାୟୀ ଶ୍ରମିକ ସୃଷ୍ଟି କରିଥିଲା। ଏହି 'ଅଧିକ ଶ୍ରମିକ ଜନସଂଖ୍ୟା' ଆନ୍ଦୋଳନଗୁଡ଼ିକୁ ଦମନ କରିବା ପାଇଁ ବ୍ୟବହାର କରାଯାଉଥିଲା - କାରଣ ଯେତେବେଳେ ଗୋଟିଏ ଗୋଷ୍ଠୀ ଧର୍ମଘଟ କରୁଥିଲେ, ପୁଞ୍ଜିପତିମାନେ ସହଜରେ ଅନ୍ୟ ଏକ ଗୋଷ୍ଠୀକୁ ନିଯୁକ୍ତି ଦେଇପାରୁଥିଲେ। ଏହା ଶ୍ରମିକମାନଙ୍କର ସୌଦା କରିବାର ଶକ୍ତିକୁ ଦୁର୍ବଳ କରିଦେଇଥିଲା। ଆଉ ଏକ ପ୍ରମୁଖ କାରଣ ହେଉଛି ଅନେକ ଟ୍ରେଡ୍ ୟୁନିଅନ ଭିତିରି ଭାବରେ ସରକାରଙ୍କ ସହିତ ହାତ ମିଳାଇଛନ୍ତି ଏବଂ କେବଳ ବାହାରି ଭାବରେ ଦେଖାଉଛନ୍ତି ଯେ ସେମାନେ ଆନ୍ଦୋଳନ ସପକ୍ଷରେ . ବାମପନ୍ଥୀ ଐକ୍ୟ ର ଅଭାବ। ବାସ୍ତବରେ ଆନ୍ଦୋଳନ ସମ୍ପର୍କରେ ଧ୍ୟାନ ଧାରଣା ଟ୍ରେଡ଼ ଇଉନିଅନ ମାନଙ୍କର ଭିନ୍ନ। ସେମାନେ ବୁଝିବାରେ ସକ୍ଷମ ନୁହନ୍ତି ଯେ ସେମାନଙ୍କର ପ୍ରକୃତ ଶତ୍ରୁ କିଏ ଯାହାଙ୍କ ବିରୁଦ୍ଧରେ ସେମାନେ ଲଢ଼ୁଛନ୍ତି ? ଯେଉଁମାନେ ଲଢେଇ କରିବେ ସେମାନଙ୍କର ସୁବିଧାବାଦୀ ଚରିତ୍ର ଆନ୍ଦୋଳନକୁ ଦୁର୍ବଳ କରିବାରେ ସହାୟକ ହେଉଛି। କାରଣ ଆନ୍ଦୋଳନ କରିବାକୁ ହେଲେ ଏକ ବଳିଷ୍ଠ ଚରିତ୍ର, ନୀତି ନୈତିକତା ର ଆବଶ୍ୟକତା ରହିଛି। ଏହା ଆମେ ଭାରତର ସ୍ୱାଧୀନତା ସଂଗ୍ରାମରରେ ଦେଖିଛନ୍ତି ଏହାହିଁ ହେଉଛି କାରଣ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଭଗତ ସିଂ ଏବଂ ତାଙ୍କର କ୍ରାନ୍ତିକାରୀ ସାଥିମାନେ ଇଂରେଜ ମାନଙ୍କ ମଧ୍ୟରେ ଭୟର ସଂଚାର କରିବାରେ ସମର୍ଥ ହୋଇପାରିଥିଲେ। ଏହି କ୍ରାନ୍ତିକାରୀ ବିଚାର ଚରିତ୍ର ଆଜିର ଟ୍ରେଡ଼ ୟୁନିଅନ ଆନ୍ଦୋଳନରେ ଦେଖିବାକୁ ମିଳେନା ଏବଂ ଏହାର ଫାଇଦା ପୁଞ୍ଜିବାଦୀ ସରକାର ଭଲଭାବରେ ଉଠାଇଥାନ୍ତି . ସରକାର ଏହି ଟ୍ରେଡ଼ ଇଉନିଆନ ନେତାଙ୍କ ସହିତ ଭିତିରି ଭାବରେ ହାତ ମିଳାଇ ଆନ୍ଦୋଳନକୁ କମଜୋର କରିଥାନ୍ତି।ବିନା କ୍ରାନ୍ତିକାରୀ ଚରିତ୍ର ଆନ୍ଦୋଳନ କଦାପି ସଫଳ ହୋଇପାରିବ ନାହିଁ। ତେଣୁ ବର୍ତ୍ତମାନ କୃଷ୍ଣକ ମାନଙ୍କୁ ଏହି ଚରିତ୍ରକୁ ଆତ୍ମସାତ କରି ଆନ୍ଦୋଳନର ନେତୃତ୍ୱ ନେବାକୁ ହେବା।କୃଷକ ନେତୃତ୍ୱରେ ଏକ ଶ୍ରମିକ ଆନ୍ଦୋଳନ ହେଉଛି ଏକମାତ୍ର ଶକ୍ତି ଯାହା ବର୍ତ୍ତମାନର ବ୍ୟବସ୍ଥାର ଅନ୍ୟାୟ ନୀତିକୁ ଚ୍ୟାଲେଞ୍ଜ କରିପାରିବ। ଏହି ଆନ୍ଦୋଳନ ଶୋଷିତ ବର୍ଗର ଏକତାର ପ୍ରତୀକ ହେବ ଏବଂ ସମାଜରେ ପ୍ରକୃତ ପରିବର୍ତ୍ତନ ପାଇଁ ପଥ ପ୍ରଶସ୍ତ କରିବ।

ସ୍ତମ୍ଭକାର ଏବଂ ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ, ସୁଜନପୁର, ଯାଜପୁର
ମୋବାଇଲ୍:୯୪୩୭୨୮୮୦୨୮

# ଗୋତି ଶ୍ରମିକ ନିରୋଧ ଆଇନର ଆବଶ୍ୟକତା



ଅଲେଖ ଚନ୍ଦ୍ର ସାମଲ

ଦେଶରେ କେତେ ସଂଖ୍ୟାରେ ଗୋତି ଶ୍ରମିକ ଅଛନ୍ତି ତାର ସର୍ଭେ କରି ସେମାନଙ୍କ ଥଇଥାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ନିକଟରେ ମାନ୍ୟବର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ସମସ୍ତ ରାଜ୍ୟ ସରକାର ଗୋତି ଶ୍ରମିକ ସର୍ଭେ ସଂକ୍ରାନ୍ତରେ ଏକ ଦ୍ୱିବାର୍ଷିକ ରିପୋର୍ଟ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଦାଖଲ କରିବେ। କମିଶନ ଗୋତିଶ୍ରମିକ ବ୍ୟବସ୍ଥା ଆକ୍ଟର ପ୍ରଚଳନ ବିଷୟ ଉପରେ ତଦାରଖ କରିବେ। ଗୋତିଶ୍ରମିକ ପ୍ରଥା ଉଚ୍ଛେଦ ଆଇନ୍‌ର ଉପଯୁକ୍ତ ପ୍ରଚଳନ ନିମନ୍ତେ ନିର୍ଦ୍ଦେଶ ଦେବା ପାଇଁ ପବ୍ଲିକ୍ ୟୁନିୟନ ଫର ଲିବରଟିଜ୍ ନାମକ ଏକ ସଂସ୍ଥା ପକ୍ଷରୁ ଆଗତ ପିଟିସନ୍ ଉପରେ କୋର୍ଟ ଏହି ଆଦେଶ ପ୍ରଦାନ କରିଛନ୍ତି। ଭାରତ ସରକାର ୨୦୨୧ ଏପ୍ରିଲ ୨୫ରେ ଏକ ସତ୍ୟପାଠରେ ଦର୍ଶାଇଥିଲେ ଯେ କେନ୍ଦ୍ରଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ୨୦୦୫-୨୦୧୦ରୁ ୨୦୧୦-୨୦ ମଧ୍ୟରେ ଗୋତିଶ୍ରମିକ ସର୍ଭେ ପାଇଁ ୭୯୪ କୋଟି ଟଙ୍କା ସହାୟତା ଦେଇଥିଲେ। ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, କର୍ଣ୍ଣାଟକ, ବିହାର, ଝାଡଖଣ୍ଡ, ଅରୁଣାଚଳ ପ୍ରଦେଶ, ଛତିଶଗଡ଼ ଓ ଉତ୍ତରାଖଣ୍ଡରେ ସର୍ଭେ ହୋଇନଥିଲା। କୋର୍ଟ କହିଛନ୍ତି ଯେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରତି ୩ବର୍ଷରେ ଥରେ ନୂଆ ସର୍ଭେ କରାଯାଇ ସଂଶୋଧିତ ତଥ୍ୟ ୱେବସାଇଟରେ ଦେବାକୁ ହେବ। ଜିଲ୍ଲାସ୍ତରୀୟ ଭିଜିଲାନ୍ସ କମିଟି ଏବଂ ସବ୍‌ଡ଼ିଭିଜନାଲ ଭିଜିଲାନ୍ସ କମକିଟି ସର୍ଭେ ଦାୟିତ୍ୱ ନେବେ। କମିଟି ତାର ରିପୋର୍ଟ ଜାତୀୟ ମାନବାଧିକାର କମିଶନଙ୍କୁ ଦେବେ। ଏହି କମିଟି ପ୍ରତି ୩ବର୍ଷରେ ଥରେ ପୁନର୍ଗଠନ କରାଯିବ। ଇଟାଭାଟି, ପଥରଖଣି, କ୍ରସର, ବିଡ଼ି କାରଖାନା, ନିର୍ମାଣକ୍ଷେତ୍ର, କୃଷି, ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ସୂତାକଳ ଆଦିରେ ଗୋତିଶ୍ରମିକ ବ୍ୟାପକ ସଂଖ୍ୟାରେ ଥିବାରୁ ଏହି କମିଟି ଏସବୁ ଅଞ୍ଚଳର ସର୍ଭେ ଉପରେ ଅଧିକ ଗୁରୁତ୍ୱ ଦେବା ସହିତ ସେଠାରେ ଗୋତିଶ୍ରମିକ ପ୍ରଥା ଆଇନ୍‌ର ଉଲ୍ଲଂଘନ ହୋଇଥିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

୨୦୦୯ରେ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଆଇନ୍‌ରେ ୧ରୁ ୮ମ ଶ୍ରେଣୀ ଶିକ୍ଷାକୁ ବାଧ୍ୟତାମୂଳକ କରାଯାଇଥିଲେ ହେଁ ଏବେ ବି ସହର ଏବଂ ଗାଁରେ ଅନେକ ଶିଶୁ ଗୋତିଶ୍ରମ ଭାବେ ତଥା ଘରୋଇ ଚାକର ଭାବେ କାମ କରୁଛନ୍ତି ଏବଂ ସେମାନେ ସ୍କୁଲକୁ ଯାଉନାହାନ୍ତି। ଗ୍ରାମାଞ୍ଚଳ ସ୍ତରରେ ପଞ୍ଚାୟତ ଓ ସହରାଞ୍ଚଳ ସ୍ତରରେ ପୌରସଂସ୍ଥା ଏଭଳି ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କ ଶିକ୍ଷାଦାନ ବ୍ୟବସ୍ଥା ନିଶ୍ଚିତ କରାଇବାକୁ ରାୟରେ କୁହାଯାଇଛି। ଆକ୍ଟର ଧାରା ୧୦, ୧୧ ଓ ୧୨ ସଠିକ୍ ଭାବେ କାର୍ଯ୍ୟକାରି ପାଇଁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସର୍ବନିମ୍ନ ମଜୁରୀ ଆକ୍ଟ, ଶ୍ରମିକ କ୍ଷତିପୂରଣ ଆକ୍ଟ, ଆନ୍ତଃରାଜ୍ୟ ଦେଶାନ୍ତର ଶ୍ରମିକ ଆଇନ୍, ଶିଶୁଶ୍ରମିକ ଉଚ୍ଛେଦ ଓ ନିୟନ୍ତ୍ରଣ ଆଇନ ଯେପରି ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିବ ଏ ଦିଗରେ ଜିଲା ମାଜିଷ୍ଟ୍ରେଟ୍ ଏବଂ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନ ଦୃଷ୍ଟିଦେବା ଆବଶ୍ୟକ। ଗୋତିଶ୍ରମିକଙ୍କ ସମ୍ପର୍କରେ କୌଣସି ତଥ୍ୟ ପାଇଲେ ଏ ବିଷୟରେ ଜିଲା ମାଜିଷ୍ଟ୍ରେଟଙ୍କୁ ଜଣାଇବା ପାଇଁ ସମସ୍ତ



ଗ୍ରାମପଞ୍ଚାୟତ, ସ୍ୱାୟତଶାସନ ସଂସ୍ଥା ଓ ଲୋକାଲ ବଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ଜାତୀୟ ମାନବାଧିକାର କମିଶନଙ୍କୁ ପଠାଯାଇଥିବା ୬ ମାସିଆ ରିପୋର୍ଟ ଅପରିବର୍ତ୍ତିତ ରଖିବାକୁ କୁହାଯାଇଛି। ଯେଉଁ ଅଞ୍ଚଳରେ ଭିଜିଲାନ୍ସ କମିଟି ଗଠନ ହୋଇନାହିଁ ସେସବୁ ୬ମାସ ଭିତରେ ତୁରନ୍ତ ଗଠନ କରିବାକୁ କୁହାଯାଇଛି।

ଏହା ନିଶ୍ଚିତ ଭାବରେ ଦୁଃଖଦ ପ୍ରସଙ୍ଗ ଯେ ଭାରତ ସ୍ୱାଧୀନତା ପ୍ରାପ୍ତିର ଢ଼େର ବର୍ଷ ବିତିଗଲା ପରେ ବି ଆମ ସାମାଜିକ ପରିବେଶରେ ଗୋତିଶ୍ରମିକମାନେ କାର୍ଯ୍ୟ କରୁଛନ୍ତି। ଅନେକ ବିପଜ୍ଜନକ କ୍ଷେତ୍ରରେ ସେମାନଙ୍କ ଜୀବନ ହାନୀ ହେଉଥିବାର ଖବର ଗଣମାଧ୍ୟମରେ ଖବର ପ୍ରକାଶ ପାଇଥାଏ। ସେଥିସହ କିଛି କାର୍ଯ୍ୟକ୍ଷେତ୍ରରେ ଏହି ଶ୍ରମିକମାନେ ଶୋଷିତ ହେଉଥିବାର ଖବର ମଧ୍ୟ ପ୍ରକାଶ ପାଏ। ଗୋତିଶ୍ରମିକ ପ୍ରଥା ବନ୍ଦ ନେଇ ମାନ୍ୟବର ସୁପ୍ରିମକୋର୍ଟଙ୍କ ପୂର୍ବରୁ ଭାରତର ବିଭିନ୍ନ ହାଇକୋର୍ଟରେ ଏ ନେଇ ମାମଲା ରୁଜୁ ହୋଇଛି ଆଉ ବିଭିନ୍ନ ସମୟରେ ମାନ୍ୟବର ହାଇକୋର୍ଟ ଓ ସୁପ୍ରିମକୋର୍ଟ ମଧ୍ୟ ଦୃଷ୍ଟାନ୍ତମୂଳକ ରାୟ ପ୍ରଦାନ କରିଛନ୍ତି। ତେବେ ସରକାରୀ ସ୍ତରରେ ପ୍ରଶାସନକୁ ସତର୍କ କରିବା ସହ ଶ୍ରମବିଭାଗକୁ ଏନେଇ ଆର୍ଲଟ କରାଯିବା ଜରୁରୀ। ଗୋତିଶ୍ରମିକଙ୍କ ସୁରକ୍ଷା ପାଇଁ ବିଧିବଦ୍ଧ ଆଇନର ଫାଙ୍କ ରହୁଥିବାରୁ ଅନେକ କ୍ଷେତ୍ରରେ ଶ୍ରମଜିବୀମାନେ ଦାଦନଭାବେ କେବଳ ବାହାର ରାଜ୍ୟ ନୁହେଁ ବିଦେଶକୁ ଯାଇ ଅକଥନୀୟ ଯନ୍ତ୍ରଣା ପାଇଥାନ୍ତି। ଏ କ୍ଷେତ୍ରରେ ଦାଦନ ଶ୍ରମିକ ନିରୋଧ ଆଇନର ବିଧି ବ୍ୟବସ୍ଥା ସେପରି ନଥିବାରୁ ଏହାର ଫାଇଦା ତଥା କଥିତ ଦଲାଲ ଓ ଠିକାଦାରମାନେ ଉଠାଇଥାନ୍ତି। ଗୋତି ଶ୍ରମିକଙ୍କ ସୁରକ୍ଷା ପାଇଁ ଭାରତର ବିଭିନ୍ନ ରାଜ୍ୟରେ ଆଇନ କାର୍ଯ୍ୟକାରୀ କରୁଥିଲେ ବି କିଛି ରାଜ୍ୟରେ ଏହି ଆଇନ ପ୍ରଣୀତ ହୋଇନଥିବାରୁ ଏହାର ଫାଇଦା ଉଠାଯାଉଛି। ଶୋଷିତ ହେବା ସହ ସୁରକ୍ଷିତ ଆଇନ ନଥିବାରୁ ଏହି ଶ୍ରମିକମାନେ ଆର୍ଥିକ ସହାୟତା ପାଇବାରୁ ବଞ୍ଚିତ ହୋଇଥାନ୍ତି। ପ୍ରତିବର୍ଷ ଶ୍ରମଦିବସରେ ଗୋତିଶ୍ରମିକଙ୍କ ସୁରକ୍ଷା ପାଇଁ ଫମ୍ପା ଘୋଷଣାର ଆବାଜ୍ ଶୁଭିଥାଏ ସିନା କିନ୍ତୁ ଏହା କାର୍ଯ୍ୟକାରୀ ହୋଇନଥିବାରୁ ଏବଂ ଏନେଇ ସଚେତନତା ସୃଷ୍ଟି ହୋଇନଥିବାରୁ ଆଇନର ଦୁର୍ବଳତାରୁ ଫାଇଦା ଉଠାଇଥାନ୍ତି ତଥାକଥିତ ଶୋଷକ ବର୍ଗର ଠିକାଦାର ଓ ସର୍ଦ୍ଦାରମାନେ। ତେଣୁ ତୁରନ୍ତ ଗୋତିଶ୍ରମିକ ନିରୋଧ ଆଇନ କଡ଼ାକଡ଼ି କାର୍ଯ୍ୟକାରୀ କରାଗଲେ ବର୍ଷ ବର୍ଷର ଏହି ଯନ୍ତ୍ରଣାକୁ ଭୋଗୁଥିବା ଶ୍ରମଜିବୀଙ୍କ ମୁହଁରେ ହସ ଫୁଟିପାରନ୍ତା।

ପୂର୍ବତନ ଡିଏଫ୍‌ଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ମୋବାଇଲ୍:୯୪୩୭୨୫୭୧୨୩


## ଜାତୀୟ ସୁରକ୍ଷା ସମ୍ମିଳନୀ-୨.୦ରେ ରାଜନାଥଙ୍କ ଉଦବୋଧନ

# ଭାରତ ଲମ୍ବା ଯୁଦ୍ଧ ପାଇଁ ପ୍ରସ୍ତୁତ ଥିଲା




### ଆତଙ୍କବାଦ ପାଇଁ ପାକିସ୍ତାନ ବଦନାମ

### ବିଶ୍ୱ ସାମ୍ନାରେ ଭାରତର ନୂଆରୂପ 'ଅପରେସନ ସିନ୍ଦୂର'



ସାଂଘାଇ,୩୦।୪: ଅପରେସନ ସିନ୍ଦୂର ମାତ୍ର ୭୨ ଘଣ୍ଟା ମଧ୍ୟରେ ସମାପ୍ତ ହୋଇଥିଲା, କିନ୍ତୁ ଭାରତ ଏକ ଲମ୍ବା ଯୁଦ୍ଧ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ପ୍ରବେଶ କରିଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି। ଅପରେସନ ସିନ୍ଦୂରକୁ ରାଜନାଥ ଏକ ନୂତନ ବିଶ୍ୱ ବ୍ୟବସ୍ଥାର ପ୍ରତୀକ ଭାବରେ ବର୍ଣ୍ଣନା କରିଛନ୍ତି। ସାଂଘାଇ ସହଯୋଗ ସଂଗଠନ (ଏସସିଓ)ରେ ଯୋଗ ଦେବାକୁ ଯାଇ କିର୍ଗିଜସ୍ତାନରେ ଥିବା ରାଜନାଥ ସିଂ କହିଛନ୍ତି ଯେ, ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପ୍ରାୟ ଗୋଟିଏ ବର୍ଷ ପୂର୍ବେ 'ସିନ୍ଦୂର ଅପରେସନ' ଆରମ୍ଭ ହୋଇଥିଲା। ୨୦୨୫ ଏପ୍ରିଲ ୨୨ରେ ଲସ୍କର-ଏ-ତୋଇବା ସହିତ ଜଡିତ ଆତଙ୍କବାଦୀମାନେ କାଶ୍ମୀରର ପହଲଗାମରେ ଆକ୍ରମଣ କରିଥିଲେ ଯେଉଁଥିରେ ୨୬ ନିରୀହଙ୍କ ଜୀବନ ଯାଇଥିଲା। 'ଅପରେସନର ସିନ୍ଦୂର' ବିଷୟରେ ଜାତୀୟ ସୁରକ୍ଷା ସମ୍ମିଳନୀ ୨.୦ରେ ଉଦବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ସରକାରଙ୍କ ନୀତି ସ୍ପଷ୍ଟ। କୌଣସି ପରିସ୍ଥିତିରେ ଆତଙ୍କବାଦ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ। ଭାରତ ସର୍ଜିକାଲ ଷ୍ଟ୍ରାଇକ୍, ଏୟାର ଷ୍ଟ୍ରାଇକ୍ ଏବଂ ଏବେ 'ଅପରେସନ୍ ସିନ୍ଦୂର' ମାଧ୍ୟମରେ ଆତଙ୍କବାଦ ବିରୋଧରେ ନିଜର ଆଭିମୁଖ୍ୟ ପ୍ରମାଣିତ କରିଛି। ରାଜନାଥ କହିଛନ୍ତି, ଅପରେସନ ସିନ୍ଦୂର ଭାରତର ସାମରିକ ଶକ୍ତିର ଏକ ନୂତନ ରୂପକୁ ବିଶ୍ୱ ସାମ୍ନାକୁ ଆଣିଥିଲା। ଏଥିରେ ସ୍ଥଳସେନା, ନୌସେନା ଏବଂ ବାୟୁସେନା ଏକକ ଯୋଜନାରେ ଏକାଠି କାମ କରିଥିଲେ। ଭାରତ ନିଜ ସର୍ତ୍ତରେ ନିଜ ସମୟରେ ଅପରେସନ୍ ଆରମ୍ଭ କରିଥିଲା ଏବଂ ଏହାକୁ ନିଜ ସର୍ତ୍ତରେ ଶେଷ କରିଥିଲା। କେବଳ ଆକ୍ରମଣ ପାଇଁ ଦାୟୀ ଲକ୍ଷ୍ୟସ୍ଥଳଗୁଡ଼ିକୁ ଟାର୍ଗେଟ କରାଯାଇଥିଲା ବୋଲି କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ।

ପାକିସ୍ତାନକୁ ସିଧା ଟାର୍ଗେଟ କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଅନ୍ତର୍ଜାତୀୟ ଆତଙ୍କବାଦର ଗନ୍ତାଘର ପାକିସ୍ତାନ। ପାକିସ୍ତାନ ଭଳି ଦେଶଗୁଡିକ ନିରନ୍ତର ଭାବରେ ଆତଙ୍କବାଦକୁ ସମର୍ଥନ କରିଆସିଛନ୍ତି। ଏହି କାରଣରୁ ଭାରତ ଏବଂ ପାକିସ୍ତାନ ଉଭୟ ଏକ ସମୟରେ ସ୍ୱାଧୀନତା ପାଇଥିଲେ ମଧ୍ୟ ଭାରତ ଆଜି ବିଶ୍ୱବ୍ୟାପୀ ପ୍ରସିଦ୍ଧ। ହେଲେ ପାକିସ୍ତାନ ଆତଙ୍କବାଦୀ କେନ୍ଦ୍ର ଭାବେ ବଦନାମ। ଯେ ପର୍ଯ୍ୟନ୍ତ ଆତଙ୍କବାଦ ରହିଛି ସେ ପର୍ଯ୍ୟନ୍ତ ଏହା ଆମର ସାମୂହିକ ଶକ୍ତି, ବିକାଶ ଏବଂ ସମୃଦ୍ଧିକୁ ଚ୍ୟାଲେଞ୍ଜ କରି ଚାଲିବ। ଭାରତରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରୟୋଗ ସମ୍ପର୍କରେ ଉଦାହରଣ ଦେଇ ରାଜନାଥ କହିଛନ୍ତି ଯେ, ବ୍ରହ୍ମୋସ କ୍ଷେପଣାସ୍ତ୍ର ପ୍ରଣାଳୀଠାରୁ ଆରମ୍ଭ କରି ନିରୀକ୍ଷଣ ପ୍ଲାଟଫର୍ମ ପର୍ଯ୍ୟନ୍ତ ସବୁକିଛିରେ ଅପରେସନ ସିନ୍ଦୂର କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ବ୍ୟବହାର କରିଥିଲା। ଭବିଷ୍ୟତର ଚ୍ୟାଲେଞ୍ଜ ବିଷୟରେ ଉଲ୍ଲେଖ କରି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ଭାରତ ଏହାର କମ୍ପ୍ୟୁଟିଂ ଭିତ୍ତିଭୂମିକୁ ବିସ୍ତାର କରୁଛି, ଜିପିୟୁ କ୍ଷମତା ନିର୍ମାଣ କରୁଛି ଏବଂ ଏକ ଭବିଷ୍ୟତ ଦକ୍ଷତା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛି। ଏହା ଦେଶକୁ କେବଳ ଅଧିକ ସୁରକ୍ଷିତ କରିବ ନାହିଁ, ବରଂ ଅଧିକ ଶକ୍ତିଶାଳୀ ଏବଂ ସମୃଦ୍ଧ କରିବ।

# ନିର୍ଣ୍ଣାୟକ ହେବେ ୩୪ ଲକ୍ଷ ଅତିରିକ୍ତ ଭୋଟର




ପଶ୍ଚିମବଙ୍ଗ ନିର୍ବାଚନ

ନୂଆଦିଲ୍ଲୀ,୩୦।୪: ଏଥର ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଏଥର ରେକର୍ଡ ସଂଖ୍ୟକ ମତଦାନ ହୋଇଛି। ୩୪ ଲକ୍ଷ ଅତିରିକ୍ତ ଭୋଟର ମତଦାନ କରିଛନ୍ତି। ୨୦୨୧ରେ ମୋଟ ୫୯.୮ ନିୟୁତ ଭୋଟର ମତଦାନ କରିଥିବା ବେଳେ ଏଥର ଏହି ସଂଖ୍ୟା ୬୩.୧ କୋଟିକୁ ବୃଦ୍ଧି ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ବୃଦ୍ଧି ସେହି ସମୟରେ ଘଟିଛି ଯେତେବେଳେ ଏସ୍ଆଇଆର ସମୟରେ ଲକ୍ଷ ଲକ୍ଷ ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯାଇଥିଲା। ଏହା ସତ୍ତ୍ୱେ ପ୍ରାୟ ୯୩ ପ୍ରତିଶତ ଭୋଟରଙ୍କ ମତଦାନ ରେକର୍ଡ କରାଯାଇଛି। ରାଜନୈତିକ ବିଶ୍ଲେଷକଙ୍କ ମତରେ, ୩୪ ଲକ୍ଷ ଅତିରିକ୍ତ ଭୋଟର ଏହି ନିର୍ବାଚନରେ ନିର୍ଣ୍ଣାୟକ ହେବେ। ଗତ ନିର୍ବାଚନରେ ତୃଣମୂଳ କଂଗ୍ରେସ ଭାରତୀୟ ଜନତା ପାର୍ଟିଠାରୁ ପ୍ରାୟ ୬୦ ଲକ୍ଷ ଅଧିକ ଭୋଟ୍ ହାସଲ କରିଥିଲା। ଏଭଳି ସ୍ଥିତିରେ ଏହି ନୂଆ ଭୋଟ୍ ବ୍ୟାଙ୍କ ଦୁଇ ଦଳ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ବିଜେପି ମତରେ ଏଥର ଅତିରିକ୍ତ ଭୋଟର ତା' ସପକ୍ଷରେ ରହିଛନ୍ତି। ପାର୍ଟିର କହିବା ଅନୁସାରେ, କେନ୍ଦ୍ରୀୟ ସୁରକ୍ଷା ବଳ ପ୍ରଚୁର ମାତ୍ରାରେ (ପ୍ରାୟ ୨.୫ ଲକ୍ଷ ଯବାନ) ମୁତୟନ ପରେ ଭୟର ପରିବେଶ ଶେଷ ହୋଇଥିଲା ଓ ଲୋକମାନେ ଖୋଲାଖୋଲି ଭାବରେ ଭୋଟ ଦେବାକୁ ବାହାରକୁ ଆସିଥିଲେ। ଏହାଛଡା ସହରର ଆବାସିକ ଅଞ୍ଚଳ ଭିତରେ ମତଦାନ କେନ୍ଦ୍ର ହେବା ଦ୍ୱାରା ମତଦାନ ପ୍ରତିଶତ ବୃଦ୍ଧି ପାଇଛି। ଏହା ବିଜେପି ପାଇଁ ଲାଭଦାୟକ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ତେବେ ଟିଏମ୍ସି ଏହି ଦାବିକୁ ଖାରଜ କରି କହିଛି ଯେ, ଅତିରିକ୍ତ ଭୋଟର ତୃଣମୂଳ ସମର୍ଥନରେ ଅଛନ୍ତି। ଏସଆଇଆର ପକ୍ରିୟା ବିରୋଧରେ ଲୋକଙ୍କ ଭିତରେ ଅସନ୍ତୋଷ ଥିଲା ଓ ଏଥର ତାଙ୍କ ସମର୍ଥକ ପୂରା ସଂଖ୍ୟାରେ ମତଦାନ କରିବାକୁ ବାହାରିଛନ୍ତି। ରାଜନୈତିକ ବିଶ୍ଲେଷକଙ୍କ ମତରେ ଏଥର ନିର୍ବାଚନ କେବଳ ପାରମ୍ପାରିକ ଭୋଟ୍ ବ୍ୟାଙ୍କ ଉପରେ ନୁହେଁ, ବରଂ ନୂଆ ଏବଂ ପୂର୍ବରୁ କମ୍ ସକ୍ରିୟ ଥିବା ମତଦାତାଙ୍କୁ ପ୍ରଭାବିତ କରିବା ଉପରେ ନିର୍ଭର କରିବ। ତେବେ ୩୪ ଲକ୍ଷ ଅତିରିକ୍ତ ଭୋଟର ବାସ୍ତବିକ କାହା ପକ୍ଷରେ ଯାଇଛନ୍ତି ତାହା ମେ' ୪ ତାରିଖରେ ସ୍ପଷ୍ଟ ହୋଇଯିବ।

# ଅଚଳ ପ୍ଲାଣ୍ଟରୁ କ୍ଲୋରିନ୍ ଗ୍ୟାସ୍ ଲିକ୍, ୨୪ ହସ୍ପିଟାଲରେ ଭର୍ତ୍ତି



ନୂଆଦିଲ୍ଲୀ,୩୦।୪: ମହାରାଷ୍ଟ୍ରର ପୁଣେରେ ବନ୍ଦ ରହିଥିବା ପ୍ଲାଣ୍ଟରୁ କ୍ଲୋରିନ୍ ଗ୍ୟାସ୍ ଲିକ୍ ହେବା ଫଳରେ ଶ୍ୱାସକ୍ରିୟାରେ ଅସୁବିଧା ହେବବାରୁ ଅଗ୍ନିଶମବାହିନୀଙ୍କ ସମେତ ୨୪ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଗ୍ନିଶମ ଅଧିକାରୀଙ୍କ ଅନୁଯାୟୀ, କୋନ୍ଧୱା ଜିଲ୍ଲାର ଗଙ୍ଗାଧାମ ଅଞ୍ଚଳରେ ଥିବା ଏକ ଅଚଳ ଜଳ ବିଶୋଧନ ପ୍ଲାଣ୍ଟର ଏକ ଗୋଦାମରୁ ଏହି ଲିକ୍ ହୋଇଥିଲା। ରାତି ପ୍ରାୟ ଗୋଟାଏ ସମୟରେ ଏକ ପୁରୁଣା କ୍ଲୋରିନ୍ ଟାଙ୍କିରୁ ଗ୍ୟାସ୍ ଲିକ୍ ହେବା ଆରମ୍ଭ ହୋଇ ଗ୍ୟାସ୍ ଚାରିଆଡେ ବ୍ୟାପି ଯାଇଥିଲା। ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ଶ୍ୱାସକ୍ରିୟାରେ ଅସୁବିଧା ହୋଇଥିଲା। ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ସୂଚନା ପାଇବା ମାତ୍ରେ ଅଗ୍ନିଶମ ବାହିନୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆଖପାଖରେ ଥିବା ଅନେକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସୁରକ୍ଷା ଉପକରଣ ବ୍ୟବହାର କରି ଅଗ୍ନିଶମ କର୍ମଚାରୀମାନେ ଲିକ୍ ହେଉଥିବା ଟାଙ୍କିକୁ ସିଲ୍ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଘଟଣା ସମୟରେ ଅନେକ ଲୋକ ଅସୁସ୍ଥ ହୋଇପଡ଼ିଥିଲେ। ଶ୍ୱାସକ୍ରିୟାରେ ଅସୁବିଧା ଅନୁଭବ କରିବା ପରେ ମୋଟ ୨୨ ଜଣ ସ୍ଥାନୀୟ ବାସିନ୍ଦା ଏବଂ ଦୁଇ ଜଣ ଅଗ୍ନିଶମ କର୍ମଚାରୀଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା। ଅଧିକାରୀଙ୍କ ଅନୁଯାୟୀ, ସମସ୍ତ ପ୍ରଭାବିତ ବ୍ୟକ୍ତି ଏବେ ବିପଦମୁକ୍ତ ଅଛନ୍ତି।

## ଡିଜେ ଶବ୍ଦରେ ମରିଗଲେ ୧୪୦ କୁକୁଡା, ମାମଲା ରୁଜୁ


ଉତ୍ତର ପ୍ରଦେଶ, ୩୦।୪: ଉତ୍ତର ପ୍ରଦେଶର ସୁଲତାନପୁର ଜିଲ୍ଲାରେ ବାହାଘର ଶୋଭାଯାତ୍ରାରେ ଖୁବ୍ ଜୋରରେ ଡିଜେ ବାଜିବାରୁ ନିକଟରେ ଥିବା ଏକ ପୋଲଟ୍ରି ଫାର୍ମରେ ୧୪୦ଟି କୁକୁଡାଙ୍କର ମୃତ୍ୟୁ ହୋଇଛି। ଏହାକୁ ନେଇ ପୋଲଟ୍ରି ଫାର୍ମ ମାଲିକ ମୋକଦମା ରୁଜୁ କରିଛନ୍ତି। ପୁଲିସ ଡିଜେ ପରିଚାଳକଙ୍କ ବିରୋଧରେ କେସ୍ ରୁଜୁ କରି ମାମଲାର ତଦନ୍ତ ଆରମ୍ଭ କରିଛି। ବଲଦିରାୟ ଥାନା କ୍ଷେତ୍ରର ଦରିଆପୁର ଗାଁ ନିବାସୀ ପୋଲଟ୍ରି ଫାର୍ମ ସାବିର ଅଭିଯୋଗ କରିଛନ୍ତି ଯେ,



ଏପ୍ରିଲ ୨୫ ତାରିଖ ରାତିରେ ବଓ୍ୱନ ବିଶ୍ୱକର୍ମାଙ୍କ ଝିଅ ବାହାଘର ପ୍ରସେସନ ତାଙ୍କ ଫାର୍ମ ନିକଟ ଦେଇ ଯାଉଥିଲା। ଏହି ସମୟରେ ବାଜୁଥିବା ଡିଜେର ଅତ୍ୟଧିକ ସାଉଣ୍ଡରେ ଫାର୍ମର ୧୪୦ ଟି କୁକୁଡା (ଚିକେନ୍) ମରିଯାଇଥିଲେ। ଡିଜେ ଶବ୍ଦ କମ୍ କରିବା ପାଇଁ କହିଥିଲେ ମଧ୍ୟ କେହି ଶୁଣି ନଥିଲେ। ଓଲଟା ପ୍ରସେସନରେ ଥିବା ନିଶାଗ୍ରସ୍ତ ଲୋକମାନେ ତାଙ୍କ ସହ ଝଗଡ଼ା କରିଥିଲେ। ଡିଜେ ନିର୍ଦ୍ଧାରିତ ଧ୍ୱନି ମାନଦଣ୍ଡରୁ ଅଧିକ ଶବ୍ଦ କରୁଥିଲା କି ନା ତାହା ଯାଞ୍ଚ କରାଯାଉଛି ବୋଲି ବଲଦିରାୟ ଥାନା ପ୍ରଭାରୀ ମହେନ୍ଦ୍ର ପ୍ରତାପ ସିଂହ କହିଛନ୍ତି। ବିଶେଷଜ୍ଞଙ୍କ କହିବାନୁସାରେ, ଅତ୍ୟଧିକ ଜୋରରେ ଧ୍ୱନି ତରଙ୍ଗରେ ପକ୍ଷୀ ଓ ଜୀବନଜନ୍ତୁଙ୍କ ଭିତରେ ଆତଙ୍କ କିମ୍ବା ହୃଦଘାତ ସ୍ଥିତି ଉତ୍ପନ୍ନ ହୋଇପାରେ। ଏହା ମୃତ୍ୟୁର କାରଣ ହୋଇପାରେ।

## ଭୂତ ଖୋଲିଦେଲା ସତ

ନୂଆଦିଲ୍ଲୀ, ୩୦।୪: ୩୪ ବର୍ଷ ପୂର୍ବେ ଘଟିଥିବା ଏକ ହତ୍ୟାକାଣ୍ଡର ଅହମ୍ମଦାବାଦ କ୍ରାଇମବ୍ରାଞ୍ଚ ଖୁଲାସା କରିଛି। ସବୁଠୁ ଆଶ୍ଚର୍ଯ୍ୟର ବିଷୟ ମୃତକଙ୍କ ଭୂତ ଏହି ହତ୍ୟା ରହସ୍ୟର ଖୁଲାସା କରିବାରେ ସାହାଯ୍ୟ କରିଛି। ମୃତ ମହିଳାଙ୍କ କିଛି କଙ୍କାଳ ଉଦ୍ଧାର କରାଯାଇଛି। ବୁଧବାର କୁତୁବନଗରରେ ଦଶନ୍ଧି ପୁରୁଣା ଏହି



ହତ୍ୟାକାଣ୍ଡର ଫାଇଲ୍ ପୁଣି ଥରେ ରିଓପନ୍ ହୋଇଛି। ପୀଡ଼ିତାଙ୍କୁ ନ୍ୟାୟ ମିଳିବ ବୋଲି ଆଶା କରାଯାଉଛି। ସୂଚନାନୁଯାୟୀ, ୧୯୯୨ ମସିହାରେ ଫରଜାନା ଓରଫ ଶବନମ ମୁମ୍ବାଇରେ ରହୁଥିଲେ। ୩୪ ବର୍ଷ ପୂର୍ବେ ସେ ତାଙ୍କ ପ୍ରେମିକ ସମସୁଦ୍ଦିନକୁ ଦେଖା କରିବାକୁ ଅହମ୍ମଦାବାଦ ଆସିଥିଲେ। ହେଲେ ସନ୍ଦିଗ୍ଧ ଅବସ୍ଥାରେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ପୁଲିସର ତଦନ୍ତ ଅନୁଯାୟୀ, ପ୍ରେମିକର ଘର ଲୋକେ ତାଙ୍କୁ ଗ୍ରହଣ କରିନଥିଲେ। ତାଙ୍କୁ ହତ୍ୟା କରି କୂଅରେ ଫିଙ୍ଗି ଦେଇଥିଲେ। ତିନି ଦଶନ୍ଧି ଯାଏଁ ହତ୍ୟାକାଣ୍ଡ ସମ୍ପର୍କରେ ଜଣାପଡ଼ି ନଥିଲା। ଫରଜାନା ନିଖୋଜ ଥିବା ତାଙ୍କ ସମ୍ପର୍କୀୟ ଭାବୁଥିଲେ। ହେଲେ ଶମଶୁଦ୍ଦିନଙ୍କ ପରିଜନଙ୍କୁ ଫରଜାନାର ଭୂତ ଦେଖା ଦେଉଥିଲା। ଘରେ କେହି ପ୍ରେତ ଆତ୍ମା ଥିବା ଆଶଙ୍କା କରାଯାଉଥିଲା। ଏହି ସମୟରେ ଘର ଲୋକ କୂଅରେ ଶବ ପୋତିଥିବା ମାନିଥିଲେ। ତେବେ ଶମଶୁଦ୍ଦିନର ମୃତ୍ୟୁ ହୋଇ ସାରିଛି। ତାର ଭାଇ ରିଜୱାନ ଏବଂ ଅଭିଯୁକ୍ତଙ୍କୁ ପୁଲିସ ହେପାଜତକୁ ନେଇ ତଦନ୍ତ କରୁଛି। ଫରଜାନାର ଅବଶେଷକୁ ଫରେନସିକ୍ ଲ୍ୟାବକୁ ପଠାଯାଇଛି। ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି।

# ହର୍ମୁଜ ଏବେ ଷ୍ଟ୍ରେଟ୍ ଅଫ୍ ଟ୍ରମ୍ପ!




### ଫୋନ୍‌ରେ ଟ୍ରମ୍ପ-ପୁଟିନ୍ ୯୦ ମିନିଟ୍ କଥାବାର୍ତ୍ତା

ନୂଆଦିଲ୍ଲୀ,୩୦।୪: ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୁଧବାର ଫୋନ୍‌ରେ ୯୦ ମିନିଟ ଧରି କଥା ହୋଇଛନ୍ତି। ଏହି ଆଲୋଚନାକୁ କ୍ରେମ୍ଲିନ୍ ପକ୍ଷରୁ 'ବନ୍ଧୁତ୍ୱପୂର୍ଣ୍ଣ ଓ ପେସାଦାର' ବୋଲି କୁହାଯାଇଛି। ଉଭୟ ନେତା ଇରାନ ଯୁଦ୍ଧ, ୟୁକ୍ରେନ ବିବାଦ ଓ ହ୍ୱାଇଟ ହାଉସରେ ସଦ୍ୟ ସଂଘଟିତ ଗୁଳିମାଡ଼ ଘଟଣା ନେଇ ଆଲୋଚନା କରିଛନ୍ତି। କ୍ରେମଲିନ୍ ଅଧିକାରୀ ୟୁରୀ ଉଷାକୋଭ କହିଛନ୍ତି, ଫୋନ୍‌ରେ କଥା ହେବା ବେଳେ ରାଷ୍ଟ୍ରପତି ପୁଟିନ ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପଙ୍କ ଟାର୍ଗେଟ୍ କରି ହୋଇଥିବା ଗୁଳିମାଡ଼ ଘଟଣାକୁ ନିନ୍ଦା କରିଛନ୍ତି। ଏଥିସହିତ ଇରାନ ସହ ଯୁଦ୍ଧବିରତି ଅବଧି ବଢ଼ାଇବା ପାଇଁ ଆମେରିକା ରାଷ୍ଟ୍ରପତିଙ୍କ ନିଷ୍ପତ୍ତିକୁ ସମର୍ଥନ ଜଣାଇଛନ୍ତି ପୁଟିନ। ଉଭୟ ନେତା ଇରାନର ପରମାଣୁ କାର୍ଯ୍ୟକ୍ରମ ବାବଦରେ ବ୍ୟାପକ ଚର୍ଚ୍ଚା କରିଛନ୍ତି। ଇରାନ ପ୍ରସଙ୍ଗରେ ନିଜର କେତେକ ପ୍ରସ୍ତାବ ମଧ୍ୟ ରୁଷ ରାଷ୍ଟ୍ରପତି ଦେଇଥିବା ଉଷାକୋଭ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ହ୍ୱାଇଟ ହାଉସରେ ଗତ ୨୫ ତାରିଖରେ ଅନୁଷ୍ଠିତ ଡିନର କାର୍ଯ୍ୟକ୍ରମରେ ଟ୍ରମ୍ପ୍ ବି ସାମିଲ ହୋଇଥିଲେ। ଏହି ସମୟରେ କୋଲ୍ ଟମାସ୍ ଆଲେନ୍ ନାମକ ଜଣେ ୩୧ ବର୍ଷୀୟ ଯୁବକ ଆସି ଅଚାନକ ଗୁଳି ମାଡ଼ କରିଥିଲା। ଏହାପରେ ସୁରକ୍ଷା କର୍ମୀମାନେ ଆକ୍ସନକୁ ଆସି ଆତତାୟୀକୁ କାବୁ କରିଥିଲେ। ଟ୍ରମ୍ପଙ୍କ କଡ଼ା ସୁରକ୍ଷା ବଳୟରେ ସେଠାରୁ ନିଆଯାଇଥିଲା। ହୋର୍ମୁଜ୍ ର ନାଁ ବଦଳାଇଲେ ଡୋନାଲ୍ଡ ଟ୍ରମ୍ପ। ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ୍ ବଦଳରେ ରଖିଲେ ଷ୍ଟ୍ରେଟ୍ ଅଫ୍ ଟ୍ରମ୍ପ। ଟ୍ରୁଥ୍ ସୋସିଆଲ୍ ରେ ଏକ ପୋଷ୍ଟକୁ ଟ୍ରମ୍ପ ରି-ପୋଷ୍ଟ କରିଛନ୍ତି। ଟ୍ରମ୍ପଙ୍କ ଏହି ପୋଷ୍ଟଟି ଭାଇରାଲ୍ ହେବାକୁ ଲାଗିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଭିତରେ ହୋର୍ମୁଜ୍ ପ୍ରଣାଳୀକୁ ନେଇ ଉତ୍ତେଜନା ଲାଗି ରହିଛି। ଏହାକୁ ନେଇ ବିବାଦ ଉପୁଜିପାରେ ବୋଲି ଆଶଙ୍କା କରାଯାଉଛି। ସୂଚନାଯୋଗ୍ୟ ଯେ, ହର୍ମୁଜ୍ ପ୍ରଣାଳୀ ଇରାନ ଏବଂ ଓମାନ ଉପସାଗର ମଧ୍ୟରେ ହୋର୍ମୁଜ୍ ପ୍ରଣାଳୀ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ସାମୁଦ୍ରିକ ମାର୍ଗ ମଧ୍ୟରୁ ଗୋଟିଏ। ବିଶ୍ୱର ପ୍ରାୟ ୨୦ ରୁ ୩୦ ପ୍ରତିଶତ ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ଏହି ସାମୁଦ୍ରିକ ରାସ୍ତା ଦେଇ ଆସେ। ଇରାନ-ଆମେରିକା ଏବଂ ଇସ୍ରାଏଲ୍ ଯୁଦ୍ଧ ଯୋଗୁଁ ଇରାନ ହୋର୍ମୁଜକୁ ବନ୍ଦ କରି ଦେଇଥିଲା। ଏହାଦ୍ୱାରା ବୈଶ୍ୱିକ ତୈଳ ଯୋଗାଣ ପ୍ରଭାବିତ ହୋଇଛି। ଏବେ ଆମେରିକା ହୋର୍ମୁଜରେ ନାକାବନ୍ଦୀ କରିଛି। ଯାହାଦ୍ୱାରା ସାରା ବିଶ୍ୱରେ ତୈଳ ଯୋଗାଣ ପୁରାପୁରି ଠପ୍ ହୋଇଯାଇଛି।

# ଆମେରିକା ଏକ ସମୁଦ୍ର ଦସ୍ୟୁ: ଇରାନ୍


ଜାତିସଂଘ, ୩୦।୪ : ଆମେରିକାକୁ 'ସମୁଦ୍ର ଡକାୟତ' ବୋଲି ଆରୋପ କରି ଜାତିସଂଘରେ ଇରାନ ଅଭିଯୋଗ କରିଛି ଯେ, ଏହା ୨ଟି ଜାହାଜ ଜବତ କରି ୩୮ ଲକ୍ଷ ବ୍ୟାରେଲ ତେଲ ହଡ଼ପ କରିଛି। ଜାତିସଂଘରେ ଇରାନର ରାଷ୍ଟ୍ରଦୂତ ଅମିର ସଇଦ୍ ଇରାଭାନି କହିଛନ୍ତି, ମାଜେଷ୍ଟିକ୍ ଏବଂ ଟିଫନି ନାମକ ଜାହାଜକୁ ଆମେରିକା ଜବତ କରି ସେଥିରେ ଥିବା ପ୍ରାୟ ୩୮ ଲକ୍ଷ ବ୍ୟାରେଲ ତେଲକୁ କବ୍‌ଜା କରିଛି। ଏହା ବେଆଇନ ଏବଂ ଅନ୍ତର୍ଜାତୀୟ ବାଣିଜ୍ୟରେ ଦଖଲ। ଆମେରିକାର ଏହି କାର୍ଯ୍ୟ ଜାତିସଙ୍ଘ ଚାର୍ଟର, ଅନ୍ତର୍ଜାତୀୟ ଆଇନ ଏବଂ ସମୁଦ୍ର ସହ ଜଡ଼ିତ ଆଇନର ଉଲ୍ଲଙ୍ଘନ। ଯଦି ଏହାକୁ ରୋକା ନଯାଏ ତେବେ ଏହା ଏକ ବିପଦଜନକ ଉଦାହରଣ ପାଲଟିବ ଏବଂ ପୂରା ଦୁନିଆର ଆଇନ ବ୍ୟବସ୍ଥା ଦୁର୍ବଳ ପଡ଼ିଯିବ ବୋଲି ଜାତିସଙ୍ଘରେ ଇରାନ କହିଛି। ଏଥିସହ ଜାତିସଙ୍ଘ ସୁରକ୍ଷା ପରିଷଦ ଆମେରିକାର ଏହି କାର୍ଯ୍ୟକୁ ନିନ୍ଦା କରି କାର୍ଯ୍ୟାନୁଷ୍ଠାନ ନେଉ ବୋଲି ଇରାନ ଦାବି କରିଛି। ଏଥିସହିତ ଇରାନ କହିଛି ଯେ, ଯଦି ଇରାନ ବିରୋଧରେ ସାମରିକ ଅଭିଯାନ ବନ୍ଦ ରଖାଯାଏ ଏବଂ ଆମେରିକା ଦ୍ୱାରା ଲଗାଯାଇଥିବା କଟକଣା ହଟାଯାଏ ତେବେ ଇରାନ ହୋର୍ମୁଜ୍ ପ୍ରଣାଳୀରେ ଏହାର ସୈନ୍ୟ ଗତିବିଧି କମ୍ କରିଦେବ।

## ଗୁଣ୍ଡୁଚି ମୂଷା ଆକ୍ରମଣରେ ୧୮ ଗୁରୁତର



ରାଜସ୍ଥାନ, ୩୦।୪: ରାଜସ୍ଥାନର ଉଦୟପୁରସ୍ଥିତ ମୋହନଲାଲ ସୁଖାଡିଆ ଆର୍ଟସ କଲେଜ ପରିସରରେ ଏକ ଗୁଣ୍ଡୁଚି ମୂଷାର ଆତଙ୍କ ସମସ୍ତଙ୍କ ନିଦ ହଜାଇ ଦେଇଛି। ବିଗତ ଏକ ମାସ ମଧ୍ୟରେ ଏହି ଗୁଣ୍ଡୁଚି ମୂଷା ପ୍ରାୟ ୧୮ରୁ ଅଧିକ ଛାତ୍ରଛାତ୍ରୀ ଏବଂ କଲେଜ କର୍ମଚାରୀଙ୍କୁ କାମୁଡ଼ି ଗୁରୁତର କରିସାରିଲାଣି। କଲେଜ କ୍ୟାମ୍ପସରେ ଭୟର ବାତାବରଣ ଖେଳିଯାଇଛି। କଲେଜ କର୍ମଚାରୀଙ୍କ କହିବା ଅନୁଯାୟୀ, ଏହି ଗୁଣ୍ଡୁଚି ମୂଷାଟି ଅତି ଭୟଙ୍କର ଭାବେ ଲୋକଙ୍କ ଉପରକୁ ଡେଇଁ ପଡୁଛି ଏବଂ ସେମାନଙ୍କୁ କାମୁଡ଼ି ଦେଉଛି। ଯେଉଁମାନଙ୍କୁ ଗୁଣ୍ଡୁଚି ମୂଷା କାମୁଡ଼ିଛି ସେମାନଙ୍କୁ ରେବିଜ୍ ଇଞ୍ଜେକ୍ସନ ଦିଆଯାଉଛି। ଆର୍ଟସ କଲେଜର ଡିନ୍ ପ୍ରଫେସର ମଦନ ସିଂହ ରାଠୋର କହିଛନ୍ତି ଯେ, ଏହି ଘଟଣା ଜଣାପଡ଼ିବା ପରେ ବନ୍ୟପ୍ରାଣୀ ରେସକ୍ୟୁ ଟିମକୁ ଡକାଯାଇଥିଲା। କିନ୍ତୁ ଗୁଣ୍ଡୁଚି ମୂଷାଟିକୁ ଧରିବାରେ ସଫଳତା ମିଳିନାହିଁ । ପ୍ରଶାସନ ପକ୍ଷରୁ ପୁଣିଥରେ ରେସକ୍ୟୁ ଟିମକୁ ଡାକିବାକୁ ପ୍ରସ୍ତୁତି ଚାଲିଛି। ତେବେ କଲେଜ ପକ୍ଷରୁ ଗୁଣ୍ଡୁଚି ମୂଷା ପ୍ରତି ସାବଧାନ ରହିବାକୁ ସ୍ଥାନ ସ୍ଥାନରେ ପୋଷ୍ଟର ଲଗାଯାଇଛି।

# କୋହିନୂର ବ୍ରିଟେନ ରାଜପରିବାର ପାଇଁ ଅଭିଶପ୍ତ



ନୂଆଦିଲ୍ଲୀ, ୩୦।୪: ବ୍ରିଟେନ୍ କିଙ୍ଗ ଚାର୍ଲସ୍ ତୃତୀୟଙ୍କ ଆମେରିକାର ଗସ୍ତ ଅବସରରେ ନ୍ୟୁୟର୍କ ସିଟିର ମେୟର ଜୋହରାନ ମମଦାନି 'କୋହିନୂର' ଭାରତକୁ ଫେରାଇଦେବା ପ୍ରସଙ୍ଗ ଉଠାଇ ଚର୍ଚ୍ଚାକୁ ଆସିଛନ୍ତି। ମମଦାନି କହିଛନ୍ତି, ବ୍ରିଟେନ୍ କିଙ୍ଗଙ୍କ ସହ ଅଲଗା ଭାବରେ ଆଲୋଚନା କରିବାର ସୁଯୋଗ ମିଳିଥିଲେ ନିଶ୍ଚିତ ଭାବରେ କୋହିନୂର ହୀରା ଫେରାଇବା କଥା କହିଥାନ୍ତି। ଫାର୍ସୀ ଭାଷାରେ 'କୋହ-ଇ-ନୁର'ର ଅର୍ଥ ହେଉଛି 'ଆଲୋକର ପର୍ବତ'। କିନ୍ତୁ ଏହାକୁ କିଛି ଲୋକ ଅଭିଶପ୍ତ ବୋଲି ମାନନ୍ତି। ବିଶେଷ ଭାବରେ ପୁରୁଷ ଶାସକ ବା ରାଜାଙ୍କ ପାଇଁ ଏହା ଅଭିଶପ୍ତ ବୋଲି କୁହାଯାଏ। କୋହିନୂର କେବଳ ଏକ ହୀରା ନୁହେଁ, ଏହା ସାଂସ୍କୃତିକ ଗର୍ବ ଏବଂ ଉପନିବେଶ ଯନ୍ତ୍ରଣା ଉଭୟର ପ୍ରତୀକ। ଭାରତର କୋଲୁର ଖଣିରୁ ଖନନ କରାଯାଇଥିବା ଏହି ହୀରାଟିର ଓଜନ କାଟିବା ପୂର୍ବରୁ ପ୍ରାୟ ୧୮୬କ୍ୟାରେଟ୍ ଥିଲା । ଏହା ଉପରେ ମୋଗଲ ଏବଂ ଶିଖ ସମେତ ଅନେକ ଭାରତୀୟ ରାଜବଂଶର ମାଲିକାନା ଥିଲା। ବର୍ତ୍ତମାନ ଏହାର ଓଜନ ୧୦୫.୬ କ୍ୟାରେଟ୍ ବା ୨୧ ଗ୍ରାମ୍ ରହିଛି। ଏହା ଉପରେ ଏବେ କିଙ୍ଗ ଚାର୍ଲସ୍ ତୃତୀୟ ଓ କ୍ୱିନ କନସୋର୍ଟ କାମିଲାଙ୍କ ମାଲିକାନା ରହିଛି। ଗତ କିଛି ଶତାବ୍ଦୀରେ ଏହି ହୀରା ଦୁନିଆର ଭିନ୍ନ ଭିନ୍ନ ଶାସକ ବା ରାଜାଙ୍କ ପାଖରେ ରହିଛି ଏବଂ ତାଙ୍କ ପାଇଁ ଅଭିଶପ୍ତ ମଧ୍ୟ ପାଲଟିଛି।

ଐତିହାସିକ ଦସ୍ତାବିଜ ଅନୁସାରେ, ୧୬୨୮ ରେ ମୋଗଲ ଶାସକ ଶାହାଜାହାନ୍ ଏକ ସୁନ୍ଦର 'ମୟୂର ସିଂହାସନ' ତିଆରି କରିବାର ନିର୍ଦ୍ଦେଶ ଦେଇଥିଲେ। ଏହି ସିଂହାସନରେ ମାଣିକ ଓ ପନ୍ନା ଭଳି ଦାମୀ ରତ୍ନ ଖଚିତ ହୋଇଥିଲା। ଏହାର ଭିତରେ କୋହିନୂର ମଧ୍ୟ ଲଗାଯାଇଥିଲା। ଏହି ମୟୁର ସିଂହାସନ ପୂରା ଏସିଆର ଶାସକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଥିଲା। ୧୭୩୯ ରେ ଇରାନ ଶାସକ ନାଦିର ଶାହ ଦିଲ୍ଲୀ ଉପରେ ଆକ୍ରମଣ କରିଥିଲେ। ସେ ନିଜ ସାଙ୍ଗରେ ମୟୁର ସିଂହାସନ ଓ କୋହିନୂରକୁ ନେଇଯାଇଥିଲେ। ପରେ ଗୋଟିଏ ପରେ ଗୋଟିଏ ଯୁଦ୍ଧ ହେବାରେ ଲାଗିଥିଲା। ସେଭଳି ଅଫଗାନ ଦୁରାନୀ ବଂଶକୁ ହରାଇ ଶିଖ୍ ଶାସକ ରଣଜିତ ସିଂହ ଏହାକୁ ହାସଲ କରିଥିଲେ। କୋହିନୂର ଏଥର ବି ଭାରତରେ ଅଧିକ ସମୟ ରହିପାରିଲାନି। ଇଂରେଜମାନେ ରଣଜିତ ସିଂହଙ୍କ ମୃତ୍ୟୁ ପରେ ୧୮୪୯ ରେ ତାଙ୍କ ପତ୍ନୀଙ୍କୁ ବନ୍ଦୀ କରି ନେଇଥିଲେ। ତାଙ୍କର ୧୦ ବର୍ଷ ପୁଅ ଦଲ୍ଲୀପ ସିଂହଙ୍କଠାରୁ କୋହିନୂର ଦେବା ପାଇଁ ଚାପ ପକାଇବା ସହ ଏକ ସନ୍ଧି



କୋହିନୂର ବି ଅଲଗା ଅଲଗା ଶାସକଙ୍କ ହାତକୁ ଯାଇଥିଲା। ୧୮୧୩ ରେ କୋହିନୂର ଭାରତ ଫେରିଥିଲା। କରିଥିଲେ। ଏହାପରେ ସେବେଠାରୁ କୋହିନୂର ବ୍ରିଟିସ୍ ସାମ୍ରାଜ୍ୟ ପାଖରେ ରହିଛି।

# ଇଥାନଲ୍ ପାଇଁ ୨୦୩୦ ସୁଦ୍ଧା ୨୧ ସହରର ଭୂତଳ ଜଳଶୂନ୍ୟ ହୋଇଯିବ

ନୂଆଦିଲ୍ଲୀ, ୩୦।୪: ଇଥାନେଲକୁ ପେଟ୍ରୋଲର ବିକଳ୍ପ ବୋଲି କୁହାଯାଉଥିବା ବେଳେ ଇଥାନେଲ ଜଳସଙ୍କଟ ସୃଷ୍ଟି କରିବ ବୋଲି କୁହାଯାଉଛି। ଆଇପିସିସି ଲେଖକ ଅଞ୍ଜଲ ପ୍ରକାଶ କହିଛନ୍ତି, ଇଥାନଲ୍ ମିଶ୍ରଣ ଭାରତର ଜଳ ସଙ୍କଟକୁ ଭୟଙ୍କର କରିପାରେ। କାରଣ ଇଥାନଲ ଉତ୍ପନ୍ନ କରିବା ପାଇଁ ପ୍ରଚୁର ପରିମାଣରେ ଆଖୁ ଓ ମକା ଚାଷ କରିବାକୁ ପଡ଼ିବ। ଧାନ, ଗହମ ତୁଳନାରେ ଆଖୁ ଓ ମକା ଚାଷ ଅତ୍ୟଧିକ ପାଣି ଖର୍ଚ୍ଚ କରୁଥିବା ହେତୁ ଭବିଷ୍ୟତରେ ଏହା ଜଳ ସଂକଟର କାରଣ ବନିବ।

ଅଶୋଧିତ ତୈଳ ଆମଦାନି ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବା ଲାଗି ପେଟ୍ରୋଲରେ ଏକ ଉଦ୍ଭିଦ-ଭିତ୍ତିକ ଆଲ୍‌କୋହଲ୍ ମିଶ୍ରଣ କରାଯାଏ, ଯାହାକୁ ଇଥାନଲ୍ କୁହାଯାଏ । ଦେଶ ଏହି କାର୍ଯ୍ୟକ୍ରମକୁ ଯୁଦ୍ଧକାଳୀନ ଭିତ୍ତିରେ ବଢ଼ାଉଛି । ଚାଉଳ ଏହାର ଏକ ପ୍ରମୁଖ କଞ୍ଚାମାଲ ହୋଇଛି । ୨୦୨୪-୨୫ରେ ଇଥାନଲ୍ ଉତ୍ପାଦନ ଲାଗି ସରକାର ୫୨ ଲକ୍ଷ ଟନ୍ ଚାଉଳ ଆବଣ୍ଟନ କରିଥିଲେ। ଏବେ ୨୦୨୫-୨୬ରେ ୯୦ ଲକ୍ଷ ଟନ୍ ଲକ୍ଷ୍ୟ ରଖିଛନ୍ତି ।

ଏହି ଶସ୍ୟର ଉପଲବ୍ଧତା ପାଇଁ ସାଧାରଣ ଆବଣ୍ଟନ ବ୍ୟବସ୍ଥା ଅଧୀନରେ ଗରିବଙ୍କୁ ଭଙ୍ଗା ଚାଉଳ ବିତରଣ ୨୫ ପ୍ରତିଶତରୁ ୧୦ ପ୍ରତିଶତ କରିବାକୁ ସରକାର ଯୋଜନା କରୁଛନ୍ତି। ଏହା ଜରିଆରେ ସଞ୍ଚୟ ସିଧାସଳଖ ଡିଷ୍ଟିଲେରୀକୁ ସ୍ଥାନାନ୍ତରିତ ହେବ, ଯାହା ଦ୍ୱାରା ଇଥାନଲ୍ ମିଶ୍ରଣକୁ ସୁଗମ କରିବାରେ ଏହାର ଉପଯୋଗ ହୋଇପାରିବ ।




ଖାଦ୍ୟ ସଚିବ ସଂଜୀବ ଚୋପ୍ରାଙ୍କ ଅନୁସାରେ, ଚାଉଳରୁ ୧ ଲିଟର ଇଥାନଲ୍ ଉତ୍ପାଦନ ପାଇଁ ପ୍ରାୟ ୧୦,୭୯୦ ଲିଟର ପାଣି ଆବଶ୍ୟକ। ଏଥିରେ ଚାଷ ସମୟରେ ଜଳସେଚନ ନିମନ୍ତେ ଆବଶ୍ୟକ ପାଣି ମଧ୍ୟ ଅନ୍ତର୍ଭୁକ୍ତ। ସଂଜୀବ ୨୦୨୪ରେ ଦିଲ୍ଲୀରେ ଏକ ବୈଶ୍ୱିକ ସମ୍ମିଳନୀରେ ଏହି ତଥ୍ୟ ପ୍ରଦାନ କରିଥିଲେ । ଏହା ତୁଳନାରେ ମକାରୁ ୧ ଲିଟର ଇଥାନଲ୍ ଉତ୍ପାଦନ ନିମନ୍ତେ ୪,୬୭୦ ଲିଟର ପାଣି ଏବଂ ଆଖୁ ପାଇଁ ୩,୬୩୦ ଲିଟର ପାଣି ଆବଶ୍ୟକ। ୧ କିଲୋ ଚାଉଳ ଉତ୍ପାଦନ ଲାଗି ପ୍ରାୟ ୩୦୦୦ ଲିଟର ପାଣି ଆବଶ୍ୟକ। କିନ୍ତୁ ୧ ଟନ୍ ଚାଉଳରୁ ମାତ୍ର ୪୭୦ ଲିଟର ଇଥାନଲ୍ ମିଳେ। ଏହା ଚାଉଳକୁ ଅନ୍ୟତମ ସର୍ବାଧିକ ଜଳ ଖର୍ଚ୍ଚ କରୁଥିବା ଇନ୍ଧନର ଉତ୍ସ କରେ । ଇଥାନଲ୍ ମିଲ୍ ମଧ୍ୟ ବ୍ୟାପକ ପରିମାଣର ବର୍ଜ୍ୟଜଳ ଉତ୍ପନ୍ନ କରେ, ଯାହାର ଉତ୍ତମ ପରିଚାଳନା ନ ହେଲେ ଭୂପୃଷ୍ଠ ଓ ଭୂଜଳ ଦୂଷିତ ହୋଇପାରେ।

ଇଥାନଲ୍ ମିଶ୍ରଣକୁ ପ୍ରୋତ୍ସାହନ ଏକ ଗମ୍ଭୀର ଚିନ୍ତାଜନକ ବିଷୟ। ନୀତି ଆୟୋଗର କମ୍ପୋଜିଟ୍ ୱାଟର ମ୍ୟାନେଜ୍‌ମେଣ୍ଟ ଇଣ୍ଡେକ୍ସ (ସିଡବ୍ଲ୍ୟୁଏମ୍ଆଇ) ଚେତାବନୀ ଦେଇଛି, ୨୦୩୦ ମସିହା ସୁଦ୍ଧା ଦିଲ୍ଲୀ, ବେଙ୍ଗାଲୁରୁ ଓ ଚେନ୍ନାଇ ସମେତ ୨୧ ପ୍ରମୁଖ ସହରରେ ଭୂତଳ ଜଳ ଶୂନ୍ୟ ହୋଇଯିବ। ଭାରତର ମୋଟ୍ ଇଥାନଲ୍ ଉତ୍ପାଦନ କ୍ଷମତା ୧,୮୨୨ କୋଟି ଲିଟର, ଯାହାର ଏକ ବଡ଼ ଅଂଶ ସେହି ରାଜ୍ୟମାନଙ୍କରେ କେନ୍ଦ୍ରିତ, ଯେଉଁମାନେ ପୂର୍ବରୁ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଉଦାହରଣ ସ୍ୱରୂପ, ମହାରାଷ୍ଟ୍ରରେ ୩୧୬ କୋଟି ଲିଟର କ୍ଷମତାବିଶିଷ୍ଟ ପ୍ଲାଣ୍ଟ ରହିଛି। ଅନ୍ୟପକ୍ଷେ, ବିଦର୍ଭ ଓ ମରାଠୱାଡ଼ାରେ ପିଇବା ପାଣି ପାଇଁ ଚାଷୀ ସଂଘର୍ଷ କରୁଛନ୍ତି। ଇତିମଧ୍ୟରେ ଉତ୍ତରପ୍ରଦେଶ ଓ କର୍ଣ୍ଣାଟକରେ ଇଥାନଲ୍ ପ୍ଲାଣ୍ଟ ସେହି ଭୂତଳ ଜଳ ଭଣ୍ଡାରରୁ ଜଳ ନେଉଛନ୍ତି, ଯାହା ଶେଷ ହୋଇଯାଇଥିବା କୁହାଯାଉଛି। ଯଦିଓ ଭାରତରେ ଇଥାନଲ୍ ମିଶ୍ରଣରେ ଚାଉଳର ବ୍ୟବହାର ଏବେ ପ୍ରାରମ୍ଭିକ, ଦେଶ ମୁଖ୍ୟତଃ ଆଖୁର ଉପଯୋଗ ଉପରେ ନିର୍ଭର କରୁଛି। କିନ୍ତୁ ଆଖୁରୁ ୧ ଲିଟର ଇଥାନଲ୍ ଉତ୍ପାଦନ ପାଇଁ ମଧ୍ୟ ୩,୬୩୬ ଲିଟର ପାଣି ଖର୍ଚ୍ଚ ହେଉଛି। ଏହାର ପହଞ୍ଚକୁ ସହଜ କରିବା ଲାଗି ଅନେକ ଇଥାନଲ୍ ପ୍ଲାଣ୍ଟ ଆଖୁ ଚାଷ ହେଉଥିବା ଅଞ୍ଚଳରେ ଅବସ୍ଥିତ। ଆଖୁ ଚାଷ ବର୍ଷ ବର୍ଷ ଧରି ଏ ସମସ୍ତ ଅଞ୍ଚଳକୁ ଜଳ କଷ୍ଟ ଦେଇଆସିଛି । ଇଥାନଲ୍ ପ୍ଲାଣ୍ଟ ସ୍ଥିତିକୁ ଆହୁରି ଜଟିଳ କରୁଛି । ମୁଖ୍ୟତଃ ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶ ଭଳି ରାଜ୍ୟରେ ବ୍ୟାପକ ଆଖୁ ଚାଷ ହୁଏ । କିନ୍ତୁ ସେଠାରେ ଭୂତଳ ଜଳ ସ୍ଥିତି ପୂର୍ବରୁ ଗମ୍ଭୀର ।

# ୟୁଜିସି-ନେଟ୍ ପରୀକ୍ଷାରେ ପରିସଂଖ୍ୟାନ ଓ ବନବିଜ୍ଞାନ ସାମିଲ୍

## ଜୁନ୍‌ରୁ କାର୍ଯ୍ୟକାରୀ ହେବ, କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ପ୍ରଶଂସା




ନୂଆଦିଲ୍ଲୀ,୩୦।୪ଃ ଦେଶର ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପସ୍ୱରୂପ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ୟୁଜିସି-ନେଟ୍ ପରୀକ୍ଷାର ବିଷୟ ତାଲିକାରେ 'ପରିସଂଖ୍ୟାନ' ଓ 'ବନ ବିଜ୍ଞାନ'କୁ ନୂତନ ବିଷୟ ଭାବେ ସାମିଲ୍ କରାଯାଇଛି। ଏହି ଦୁଇଟି ବିଷୟରେ ଆଗ୍ରହୀ ଛାତ୍ରଛାତ୍ରୀମାନେ ଜୁନ୍ ୨୦୨୬ ଅଧିବେଶନରୁ ପରୀକ୍ଷା ଦେଇପାରିବେ। ଏହି ବିଷୟଗୁଡ଼ିକର ବିସ୍ତୃତ ପାଠ୍ୟକ୍ରମ ୟୁଜିସି-ନେଟ୍‌ର ୱେବସାଇଟରେ ଉପଲବ୍ଧ ରହିଛି। ବିଶେଷକରି ପରିସଂଖ୍ୟାନ ବିଷୟ ପାଇଁ ଏକ ସ୍ୱତନ୍ତ୍ର ନେଟ୍ ପରୀକ୍ଷାର ଆବଶ୍ୟକତା ଦୀର୍ଘ ଦିନରୁ ରହିଥିଲା, କାରଣ ପୂର୍ବରୁ ଛାତ୍ରଛାତ୍ରୀମାନେ ଗଣିତ ବିଜ୍ଞାନ ଅଧୀନରେ ପରୀକ୍ଷା ଦେବାକୁ ବାଧ୍ୟ ହେଉଥିଲେ, ଯେଉଁଠାରେ ସିଲାବସର ପ୍ରାୟ ୮୫ ପ୍ରତିଶତ ଅଂଶ ପରିସଂଖ୍ୟାନ ବିଷୟ ବାହାରୁ ରହୁଥିଲା। ଏହି କାରଣରୁ ଛାତ୍ରଛାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେବା ସହ ଗବେଷଣା (ଜେଆରଏଫ) ରୁ ବଞ୍ଚିତ ହେଉଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପରିସଂଖ୍ୟାନ ବିଭାଗର ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ ଶିକ୍ଷାବିତ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହି ସମସ୍ୟାର ସମାଧାନ ନିବେଦନ ଅନୁରୋଧ କରିଥିଲେ। ତେବେ ବର୍ତ୍ତମାନ ସାମିଲ୍ କରାଯାଇଥିବାରୁ ଏହା କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ସମୟୋଚିତ ହସ୍ତକ୍ଷେପ ଓ ମାର୍ଗଦର୍ଶନ ଯୋଗୁଁ ସମ୍ଭବ ହୋଇଛି ବୋଲି ମତ ପ୍ରକାଶ ପାଇବା ସହ ତାଙ୍କ ପ୍ରତି ବିଶ୍ୱବିଦ୍ୟାଳୟ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ପରିସଂଖ୍ୟାନକୁ ଏକ ସ୍ୱତନ୍ତ୍ର ଓ ଅପରିହାର୍ଯ୍ୟ ବିଷୟ ଭାବେ ସ୍ୱୀକୃତି ପ୍ରଦାନ କରିବା ଦ୍ୱାରା ଆଗାମୀ ଦିନରେ ଏ କ୍ଷେତ୍ରରେ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଦାନ ଓ ଗବେଷଣାର ନୂତନ ଦିଗ ଫିଟିବ। ଏହି ପଦକ୍ଷେପ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ବଜାୟ ରଖିବା ସହ ପରିସଂଖ୍ୟାନ ବିଭାଗର ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପ୍ରକୃତ ଯୋଗ୍ୟତା ଅନୁସାରେ ଜେଆରଏଫ ହାସଲ କରିବାରେ ସହାୟକ ହେବ।

**ସରଣ୍ଡା ଜଙ୍ଗଲରେ ଏନ୍‌କାଉଣ୍ଟର**

# ଟଳିଲା ହାର୍ଡକୋର ମାଓବାଦୀ

**ମୁଣ୍ଡରେ ଥିଲା ଲକ୍ଷେ ଟଙ୍କାର ପୁରସ୍କାର**

ରାଉରକେଲା,୩୦।୪(ସଂଚାର ବ୍ୟୁରୋ)ଃ ଓଡ଼ିଶା- ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ଆଜି ଏକ ଏନ୍‌କାଉଣ୍ଟରରେ ଜଣେ ହାର୍ଡକୋର୍ ମାଓବାଦୀ ମୃତ୍ୟୁବରଣ କରିଛି। ମୃତ ମାଓବାଦୀ ଜଣଙ୍କ ଇସ୍ରାଏଲ ପୂରତି ଓରଫ୍ ଅମ୍ରିତ। ତା' ମୁଣ୍ଡରେ ଏକ ଲକ୍ଷ ଟଙ୍କାର ପୁରସ୍କାର ଥିଲା। ମୃତଦେହ ନିକଟରୁ ଗୋଟିଏ ଏସ୍‌ଏଲ୍‌ଆର୍ ରାଇଫଲ ସହ ବିସ୍ଫୋରକ ସାମଗ୍ରୀ ଜବତ କରିଛି ସୁରକ୍ଷା ବାହିନୀ। ପଶ୍ଚିମ ସିଂହଭୂମ ଜିଲ୍ଲା ଟଣ୍ଟୋ ଓ ଗୋଏଲକେରା ଥାନାଞ୍ଚଳରେ ହାର୍ଡକୋର ମାଓବାଦୀ ମିଶିର ବେଶ୍ରା ଓ ତା'ର ଟିମ୍ ଥିବା ଖବର ପାଇଥିଲା ସୁରକ୍ଷା ବାହିନୀ। ଏହାପରେ ସରଣ୍ଡା ଜଙ୍ଗଲରେ ଜୋରଦାର ହୋଇଥିଲା ସର୍ଚ୍ଚ ଅପରେସନ। ସେଣ୍ଟ୍ରାଲ କମିଟିର ଶେଷ ସଦସ୍ୟ ମିଶିର ବେଶ୍ରା ଓ ତା' ଟିମକୁ ଶେଷ କରିବାକୁ ୨୦୯ ସିଆରପିଏଫ୍ କୋବ୍ରା ବାଟାଲିୟନ, ଝାଡ଼ଖଣ୍ଡ ଜାଗୁଆର୍ ଓ ସ୍ଥାନୀୟ ପୁଲିସ ପକ୍ଷରୁ ମିଳିତ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଗୁଳି ବିନିମୟ ବେଳେ ସୁରକ୍ଷାକର୍ମୀଙ୍କ ଗୁଳିରେ ଇସ୍ରାଏଲ ପୂରତି ନିହତ ହୋଇଥିଲା। ମିଶିରକୁ ଧରିବାକୁ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ସୁରକ୍ଷା ବାହିନୀ ଓ ନକ୍ସଲଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଛି।

# ଏକଜିଟ୍ ପୋଲକୁ ନେଇ ମୁହଁ ଖୋଲିଲେ ମମତା



କୋଲକାତା,୩୦।୪ଃ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ଏକଜିଟ ପୋଲ ପୂର୍ବାନୁମାନକୁ ଖାରଜ କରି କହିଛନ୍ତି ଯେ ତୃଣମୂଳ କଂଗ୍ରେସ 'ମା, ମାଟି, ମାନୁଷ' ସରକାର ଗଠନ କରିବ। ଅନେକ ନିର୍ବାଚନ ବିଶ୍ଳେଷକ ଶାସକ ତୃଣମୂଳ କଂଗ୍ରେସ ଏବଂ ମୁଖ୍ୟ ବିରୋଧୀ ଭାଜପା ମଧ୍ୟରେ ଘନିଷ୍ଠ ପ୍ରତିଦ୍ୱନ୍ଦ୍ୱିତା ସୂଚାଇ ଦେଇଥିବା ଆକଳନ ପ୍ରକାଶ କରିବା ପରେ ତାଙ୍କର ପ୍ରତିକ୍ରିୟା ଆସିଛି। ଉଭୟ ପର୍ଯ୍ୟାୟରେ ମତଦାନ ଶେଷ ହୋଇଛି, ଏପ୍ରିଲ ୨୩ ଏବଂ ୨୯ ତାରିଖରେ ସମସ୍ତ ୨୯୪ ନିର୍ବାଚନମଣ୍ଡଳୀରେ ୯୦% ରୁ ଅଧିକ ଭୋଟରଙ୍କ ରେକର୍ଡ ମତଦାନ ହୋଇଛି। ମମତା ବାନାର୍ଜୀ ଗୁରୁବାର ଏକଜିଟ ପୋଲ ଫଳାଫଳକୁ ଖାରଜ କରି କହିଛନ୍ତି ଯେ ଏହା ଟିଏମସି କର୍ମୀଙ୍କୁ ହୀନ କରିବା ପାଇଁ ଉଦ୍ଦିଷ୍ଟ। ସେ କହିଛନ୍ତି ଯେ ନିର୍ବାଚନ ପରବର୍ତ୍ତୀ ଆକଳନ ମନଗଢ଼ା ଏବଂ ଏକଜିଟ ପୋଲ ଭାଜପା କାର୍ଯ୍ୟାଳୟରୁ ଆସିଛି। ବଙ୍ଗଳା ମୁଖ୍ୟମନ୍ତ୍ରୀ ଇନଷ୍ଟାଗ୍ରାମରେ ଏକ ଭିଡିଓ ବାର୍ତ୍ତା ପୋଷ୍ଟ କରି ତାଙ୍କ ବର୍ତ୍ତମାନର ସରକାର ଉପରେ ପୂର୍ଣ୍ଣ ବିଶ୍ୱାସ ପ୍ରକାଶ କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି, 'ତୃଣମୂଳ କଂଗ୍ରେସ ୨୨୬ ରୁ ଅଧିକ ଆସନ ଜିତିବ,' ଯାହା ଏହାର ପୂର୍ବ ସଂଖ୍ୟା ୨୧୫ ରୁ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ହେବ। ଟିଏମସି କର୍ମୀମାନଙ୍କୁ ଜଗି ରହିବାକୁ ଅନୁରୋଧ କରି ସେ କହିଛନ୍ତି, 'ଯଦି ଆବଶ୍ୟକ ହୁଏ, ମୁଁ ବ୍ୟକ୍ତିଗତ ଭାବରେ ଇଭିଏମକୁ ଜଗିବି।'

# ବ୍ରିଟେନ୍ ନ ଥିଲେ ଆମେରିକୀୟମାନେ ଫ୍ରେଞ୍ଚ୍ କହୁଥାନ୍ତେ: କିଙ୍ଗ ଚାର୍ଲସ



ନୂଆଦିଲ୍ଲୀ,୩୦।୪ଃ ଯଦି ଉତ୍ତର ଆମେରିକାରେ ବ୍ରିଟେନର ପ୍ରଭାବ ନଥାନ୍ତା, ତେବେ ଆଜି ଆମେରିକୀୟମାନେ ଫ୍ରେଞ୍ଚ ଭାଷା କହୁଥାନ୍ତେ। ହ୍ୱାଇଟ୍ ହାଉସରେ ଏକ ରାତ୍ରୀଭୋଜନରେ ଯୋଗ ଦେଇ ନିଜର ମଜାଳିଆ ଢଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏହା କହିଛନ୍ତି ବ୍ରିଟେନର କିଙ୍ଗ ଚାର୍ଲ୍ସ ତୃତୀୟ। ଇରାନ ଯୁଦ୍ଧକୁ ନେଇ ଚାଲିଥିବା ଆଭ୍ୟନ୍ତରୀଣ ଉତ୍ତେଜନା ସତ୍ତ୍ୱେ ଉଭୟ ନେତା ପରସ୍ପରକୁ ଖୁବ୍ ଉତ୍ସାହର ସହ ଭେଟିଛନ୍ତି। ବ୍ରିଟେନ୍ କିଙ୍ଗ ଏହି ସମୟର ବ୍ୟବହାର ଟ୍ରମ୍ପଙ୍କୁ ସେହି ପୁରୁଣା କଥା ମନେପକାଇବା ପାଇଁ କହିଛନ୍ତି, ଯାହାକୁ ସେ ୟୁରୋପୀୟ ସହଯୋଗୀ ଏବଂ ପ୍ରତିରକ୍ଷା ଖର୍ଚ୍ଚକୁ ନେଇ କହିଥିଲେ। କିଙ୍ଗ ଚାର୍ଲ୍ସ କହିଥିଲେ, 'ମିଷ୍ଟର ପ୍ରେସିଡେଣ୍ଟ , ଆପଣ ବର୍ତ୍ତମାନ କହିଥିଲେ ଯେ ଯଦି ଆମେରିକା ନଥାନ୍ତା, ତେବେ ୟୁରୋପୀୟ ଦେଶମାନେ ଜର୍ମାନ ଭାଷାରେ କଥା ହେଉଥାନ୍ତେ। ଏହା ଶୁଣି ସେଠାରେ ଥିବା ଲୋକେ ହସିବାରେ ଲାଗିଥିଲେ। ଚାର୍ଲ୍ସ ଉତ୍ତର ଆମେରିକାରେ ବ୍ରିଟେନ ଏବଂ ଫ୍ରାନ୍ସ ମଧ୍ୟରେ ଦୀର୍ଘକାଳୀନ ଉପନିବେଶବାଦୀ ପ୍ରତିଦ୍ୱନ୍ଦ୍ୱିତାକୁ ଉଲ୍ଲେଖ କରୁଥିଲେ, ଯାହା ଆମେରିକୀୟ ସ୍ୱାଧୀନତାର ବହୁ ପୂର୍ବରୁ ଆରମ୍ଭ ହୋଇଥିଲା, ଯେତେବେଳେ ଏହି ଦୁଇ ଶକ୍ତି ମହାଦେଶରେ ଆଞ୍ଚଳିକ ଆଧିପତ୍ୟ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ।

## ଛାତ୍ରୀଙ୍କ ଭିଡିଓ କରି ଜଣେ ଗିରଫ

କୋଲକାତା,୩୦।୪(ସଂଚାର ବ୍ୟୁରୋ)ଃ ଛାତ୍ରୀଙ୍କୁ ପ୍ରଲୋଭିତ କରି ଆପତ୍ତିଜନକ ବ୍ୟବହାର କରିବା ଓ ସମଗ୍ର ଘଟଣାର ଭିଡିଓ ରେକର୍ଡିଂ କରିବା ଅଭିଯୋଗରେ ପୁଲିସ ଜଣଙ୍କୁ ଗିରଫ କରିଛି। ପୁଲିସ ସୂତ୍ର ଅନୁସାରେ, ଅଭିଯୁକ୍ତ ସ୍କୁଲରୁ ଫେରୁଥିବା ନାବାଳିକା ଛାତ୍ରୀଙ୍କୁ ଚିହ୍ନି ସେମାନଙ୍କ ପ୍ରତି ଅସଦାଚରଣ କରୁଥିଲା ଓ ପରେ ତାହାକୁ ମୋବାଇଲରେ ରେକର୍ଡ କରୁଥିଲେ। ପରେ ସେ ଭିଡିଓଗୁଡ଼ିକୁ ସୋସିଆଲ ମିଡିଆରେ ସେୟାର କରୁଥିଲେ। ସେପରି ଏକ ଭିଡିଓ ଜଣେ ସ୍ଥାନୀୟ ଗ୍ରାମବାସୀଙ୍କ ନଜରକୁ ଆସିବା ପରେ ସମସ୍ତ ଘଟଣା ଜଣା ପଡ଼ିଥିଲା। ଏହାପରେ ଜଣେ ସ୍କୁଲଛାତ୍ରୀଙ୍କ ପରିବାର ଦାସପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କ ବିରୁଦ୍ଧରେ ବିଏନ୍‌ଏସ୍, ପୋକ୍ସୋ ଆଇନ ଏବଂ ଆଇଟି ଆଇନ ଅନୁଯାୟୀ ଏକାଧିକ ମାମଲା ରୁଜୁ ହୋଇ ଦାସପୁର ଥାନାପୁଲିସ ପ୍ରକାଶ କରିଛି।

## ତୃଣମୂଳ ନେତାଙ୍କୁ ଆକ୍ରମଣ ଅଭିଯୋଗ

କୋଲକାତା, ୩୦।୪(ସଂଚାର ବ୍ୟୁରୋ)ଃ ବେହାଲାର ୧୨୯ ନମ୍ବର ୱାର୍ଡରେ ତୃଣମୂଳ ନେତା ଅଞ୍ଜନ ଦାସ ଓ ତାଙ୍କର ସହକର୍ମୀଙ୍କ ଉପରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ତାଙ୍କୁ ଇଟା ଓ ଠେଙ୍ଗାରେ ମାଡ଼ ମାରିବା ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। ଖବର ପାଇ ବେହାଲା ପଶ୍ଚିମର ତୃଣମୂଳ ପ୍ରାର୍ଥୀ ରତ୍ନା ଚାଟାର୍ଜୀ ଘଟଣାସ୍ଥଳରେ ପହଞ୍ଚିବା ସହିତ ବିଜେପି କର୍ମୀମାନେ ଏପରି କରିଥିବା କହିଛନ୍ତି। ଘଟଣାର ପ୍ରତିବାଦରେ ତୃଣମୂଳ କର୍ମୀମାନେ ବୁଧବାର ମଧ୍ୟରାତ୍ରି ଯାଏ ପର୍ଣ୍ଣଶ୍ରୀ ଥାନା ଆଗରେ ଧାରଣା ଦେଇଥିଲେ।

## ଆଇ-ପ୍ୟାକ୍ ଅଧିକାରୀଙ୍କୁ ଜାମିନ

କୋଲକାତା, ୩୦।୪ (ସଂଚାର ବ୍ୟୁରୋ)ଃ ଭୋଟ ପ୍ରକ୍ରିୟା ଶେଷ ହେଉହେଉ ତୁରନ୍ତ ଆଇ-ପ୍ୟାକ୍ ନିର୍ଦ୍ଦେଶକ ଭିନେଶ ଚାଣ୍ଡେଲଙ୍କୁ ଜାମିନ ମିଳିଛି। ନିର୍ବାଚନର ଠିକ୍ ପୂର୍ବରୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଏପ୍ରିଲ ୧୩ ତାରିଖରେ ତାଙ୍କୁ ଗିରଫ କରିଥିଲା। ତାଙ୍କ ବିରୁଦ୍ଧରେ ଆର୍ଥିକ ହେରଫେର ଏବଂ ବିଭିନ୍ନ ହିସାବ ବହିର୍ଭୂତ ଆର୍ଥିକ କାରବାରର ଅଭିଯୋଗ ଥିଲା। ଏହାବ୍ୟତୀତ, ଭିନେଶ ଚାଣ୍ଡେଲ ବିଭିନ୍ନ ଉତ୍ସରୁ ପାଣ୍ଠି ସଂଗ୍ରହ ଏବଂ 'ହାୱାଲା' ନେଟୱାର୍କ ମାଧ୍ୟମରେ ବିଦେଶକୁ ସ୍ଥାନାନ୍ତର କରିବାର ଅଭିଯୋଗ ଉଠିଛି।

## ଟ୍ରକ୍‌କୁ ପିଟିଲା କାର, ୬ ଆହତ



କୋଲକାତା,୩୦।୪ (ସଂଚାର ବ୍ୟୁରୋ)ଃ ଜଲପାଇଗୁଡ଼ି ଜିଲ୍ଲାର ମୟନାଗୁଡ଼ିରେ ବୁଧବାର ରାତିରେ ଏକ ସଡ଼କ ଦୁର୍ଘଟଣା ଘଟି ୬ ଜଣ ଆହତ ହୋଇଛନ୍ତି। ବୁଧବାର ରାତିରେ ଗୋଟିଏ ଟ୍ରକ୍ ଧୂପଗୁଡ଼ିରୁ ଜଲପାଇଗୁଡ଼ି ଯାତ୍ରା କରୁଥିଲା। ବିପରୀତ ଦିଗରୁ ଆସୁଥିବା କାର୍ ଟ୍ରକ୍ ସହିତ ଧକ୍କା ହୋଇଥିଲା। କାର୍‌ଟି ଅନ୍ୟ ଏକ ଛୋଟ ଗାଡ଼ିକୁ ଜୋର୍‌ରେ ଧକ୍କା ଦେଇ ସିଧାସଳଖ ଟ୍ରାଫିକ୍ ପଏଣ୍ଟରେ ପିଟି ହୋଇଥିଲା। ମୟନାଗୁଡ଼ି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲକୁ ନେଇଥିଲେ। ପରେ ଉନ୍ନତ ଚିକିତ୍ସା ପାଇଁ ସମସ୍ତଙ୍କୁ ଜଲପାଇଗୁଡ଼ି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ଜାହାଜ ପ୍ରତିରୋଧୀ କ୍ଷେପଣାସ୍ତ୍ରର ପ୍ରଥମ ସାଲଭୋ ଉତ୍‌କ୍ଷେପଣ




ନୂଆଦିଲ୍ଲୀ/ଭୁବନେଶ୍ୱର, ୩୦।୪ଃ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ନୌସେନା ମିଳିତ ଭାବେ ଓଡ଼ିଶା ଉପକୂଳ ବଙ୍ଗୋପସାଗରରେ 'ନୌସେନା ସ୍ୱଳ୍ପ ଦୂରଗାମୀ ଜାହାଜ ବିରୋଧୀ କ୍ଷେପଣାସ୍ତ୍ର'ର ସଫଳ ପରୀକ୍ଷଣ କରିଛନ୍ତି। ଭାରତୀୟ ନୌସେନାର ହେଲିପ୍ୟାଡରୁ ଗୋଟିଏ ହେଲିକପ୍ଟରରୁ ଦୁଇଟି କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କରାଯାଇଛି। ଏହା ହେଉଛି ଜାହାଜ ବିରୋଧୀ କ୍ଷେପଣାସ୍ତ୍ର ଶୃଙ୍ଖଳାର ପ୍ରଥମ କଲେକ୍ଟିଭ୍ ଲଞ୍ଚ୍। କ୍ଷେପଣାସ୍ତ୍ରଗୁଡ଼ିକ ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଛନ୍ତି। ଏହି ଐତିହାସିକ ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ, ଭାରତୀୟ ନୌସେନା, ଭାରତୀୟ ବାୟୁସେନା ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସ୍ୱଦେଶୀ କ୍ଷେପଣାସ୍ତ୍ର ପ୍ରଣାଳୀର ବିକାଶ ଫଳରେ ଭାରତୀୟ ସଶସ୍ତ୍ର ବାହିନୀର ଆକ୍ରମଣାତ୍ମକ କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବ ଏବଂ ଆତ୍ମନିର୍ଭର ଭାରତ ଅଭିଯାନ ଆହୁରି ଆଗକୁ ବଢ଼ିବ ବୋଲି ରାଜନାଥ କହିଛନ୍ତି।

# ଟାଙ୍ଗରପାଲି ବିକାଶ ମଞ୍ଚର ଏକଦିବସୀୟ କର୍ମଶାଳା




ସୁନ୍ଦରଗଡ଼ଃ୩୦।୪(ସଂଚାର ବ୍ୟୁରୋ)ଃ ଟାଙ୍ଗରପାଲିର ସମଗ୍ର ଓ ସୁସ୍ଥିର ବିକାଶ ପାଇଁ ଏକ ନୂତନ ଆଶାର କିରଣ ଭାବେ 'ଟାଙ୍ଗରପାଲି ବିକାଶ ମଞ୍ଚ' ଆତ୍ମପ୍ରକାଶ କରିଛି। ବହୁବିଧ ଅଂଶୀଦାରମାନଙ୍କୁ ଏକ ସାଧାରଣ ମଞ୍ଚରେ ଆଣି ସମସ୍ୟାର ସମାଧାନ, ସମ୍ପଦର ସୁଚିନ୍ତିତ ପରିଚାଳନା ଓ ସ୍ଥାନୀୟ ସମୁଦାୟର ସଶକ୍ତିକରଣ ନିମନ୍ତେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଜଳ, ଜମି, ଜଙ୍ଗଲ ସହିତ ସାଂସ୍କୃତିକ ଧରୋହରର ସୁରକ୍ଷା ଓ ସମ୍ବର୍ଦ୍ଧନକୁ କେନ୍ଦ୍ର କରି, ଏହି ମଲ୍ଟି ଆକ୍ଟର ପ୍ଲାଟଫର୍ମ ସମୂହ ଉଦ୍ୟମର ମାଧ୍ୟମରେ ଟାଙ୍ଗରପାଲିକୁ ଉନ୍ନତିର ନୂଆ ଦିଗରେ ଆଗେଇ ନେବାକୁ ସଙ୍କଳ୍ପବଦ୍ଧ ହୋଇଛି। ଏହି ପରିପ୍ରେକ୍ଷୀରେ ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ରୁରାଲ ରିସୋର୍ସ ସେଣ୍ଟର (ଆଞ୍ଚଳିକ ସମ୍ବଳ କେନ୍ଦ୍ର) ଠାରେ ଟାଙ୍ଗରପାଲି ବ୍ଲକର ମଲ୍ଟି ଆକ୍ଟର ପ୍ଲାଟଫର୍ମ (ବହୁବିଧ ଅଂଶୀଦାର ମାନଙ୍କର ମଞ୍ଚ) ର ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ୮୫ରୁ ଊର୍ଦ୍ଧ୍ୱ ଜଙ୍ଗଲ ଅଧିକାର କମିଟି, ବନ ସୁରକ୍ଷା ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ସଂଗଠନ, ଯୁବକ ସଂଘ, ସାମାଜିକ ନେତା, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟସଦସ୍ୟା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସେବକର ଅଧ୍ୟକ୍ଷ ଅମିୟକାନ୍ତ ନାଏକ ସ୍ୱାଗତ ଅଭିଭାଷଣରେ ସାମୂହିକ ସମସ୍ୟାର ସମାଧାନ ନିମନ୍ତେ ଗୋଷ୍ଠୀ ଏକତା ଓ ଗୋଷ୍ଠୀ ସଂଗଠନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ସାର୍ବଜନୀନ ସମ୍ପତ୍ତିର ସୁପରିଚାଳନା ସହିତ ସଂରକ୍ଷଣର ଆବଶ୍ୟକତା ରହିଛି ବୋଲି ମତପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଲିଭିଂ ଲ୍ୟାଣ୍ଡସ୍କେପର କୌଶିକ ୟାନାମାନ୍ଦ୍ରାମ ଯୋଗଦାନ କରି ମଲ୍ଟି ଆକ୍ଟର ପ୍ଲାଟଫର୍ମର ସଶକ୍ତିକରଣ, ସମସ୍ୟାର ଚିହ୍ନଟି କରଣ ଓ ସମାଧାନ ନିମନ୍ତେ ରଣନୀତି ପ୍ରସ୍ତୁତ କରିବା ଉପରେ ଆଲୋଚନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହିଳାଙ୍କ...

ସଶକ୍ତିକରଣ ବିଷୟରେ ଆଲୋଚନା କରୁଛନ୍ତି। କିନ୍ତୁ ତାଙ୍କ ପାଇଁ ମହିଳା ସଶକ୍ତିକରଣର ସଂଜ୍ଞା ଅତି ସଙ୍କୁଚିତ। କାରଣ ତାଙ୍କ ପାଇଁ ମହିଳା ସଶକ୍ତିକରଣର ଅର୍ଥ ହେଉଛି କେବଳ ଅର୍ଥନୈତିକ ସ୍ତରରେ ଆତ୍ମନିର୍ଭରଶୀଳତା। ତେଣୁ ଏସ୍‌ଏଚ୍‌ଜି ଗଠନ କରି କିଛି ଟଙ୍କା ଦେଇଦେଲେ ସେମାନେ ଭାବନ୍ତି ଯେ ମହିଳାମାନେ ସଶକ୍ତ ହୋଇଗଲେ। ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସଶକ୍ତ ହେବା ହିଁ ପ୍ରକୃତ ଅର୍ଥରେ ମହିଳା ସଶକ୍ତିକରଣ।

'ଅପରେସନ ସିନ୍ଦୂର' ସମୟରେ ଭାରତୀୟ ସେନାର ଚେହେରା ଥିଲେ କର୍ଣ୍ଣେଲ୍ ସୋଫିଆ କୁରେଶୀ ଓ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ। ଏହା ହିଁ ହେଉଛି ଆଧୁନିକ ଭାରତର ନାରୀଶକ୍ତି। ଶିକ୍ଷା କ୍ଷେତ୍ରରେ ମହିଳାଙ୍କ ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ। ତଥ୍ୟ ଅନୁସାରେ, ୨୦୨୩-୨୪ ବର୍ଷ ପାଇଁ ସ୍କୁଲ ଶିକ୍ଷାରେ ୫୩.୩ ପ୍ରତିଶତ ହେଉଛନ୍ତି ଶିକ୍ଷୟିତ୍ରୀ ଓ ଉଚ୍ଚ ଶିକ୍ଷାରେ ଅଧ୍ୟାପିକାଙ୍କ ସଂଖ୍ୟା ହେଉଛି ୪୩ ପ୍ରତିଶତ। ଅର୍ଥାତ ଦେଶର ଶିକ୍ଷାଦାନ ବ୍ୟବସ୍ଥା ଅଧିକାଂଶ ଭାବେ ମହିଳାଙ୍କ କାନ୍ଧ ଉପରେ ନ୍ୟସ୍ତ। ପୁରୁଷ ପ୍ରଧାନ ସମାଜରେ ମହିଳାଙ୍କୁ ସୁଯୋଗ ଦେବା ପାଇଁ ସବୁବେଳେ କିଛି ନା କିଛି ଅନ୍ତରାୟ ସୃଷ୍ଟି ହେଉଛି ବୋଲି ସେ କହିଛନ୍ତି।

୧୯୮୪ରେ କଂଗ୍ରେସର ଲୋକସଭାରେ ୪୧୪ ସିଟ ଓ ରାଜ୍ୟସଭାରେ ୧୫୯ ସିଟ୍ ଥିଲା। ତିନି-ଚତୁର୍ଥାଂଶ ଆସନ ଥିଲା କଂଗ୍ରେସର। କିନ୍ତୁ କାହିଁକି ସେମାନେ ଏହି ମହତ୍ୱପୂର୍ଣ୍ଣ ବିଲକୁ ପାସ୍ କରି ନ ଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେଡି ପଞ୍ଚାୟତିରାଜ ବ୍ୟବସ୍ଥାରେ ୫୦ ପ୍ରତିଶତ ମହିଳା ସଂରକ୍ଷଣକୁ ନେଇ ବାହାବା ଲୁଟିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଯେତେବେଳେ ବିଧାନସଭା ଓ ଲୋକସଭା ପାଇଁ ଆରକ୍ଷଣ କଥା ଉଠୁଛି, ସେମାନେ କାହିଁକି ମହିଳାବିରୋଧୀ ଆଭିମୁଖ୍ୟ ନେଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନର ବିଧାନସଭାର ସଦସ୍ୟ ଓ ସଦସ୍ୟା କିମ୍ବା ତାଙ୍କ ଦଳର ଆଗାଧାଡ଼ିର ନେତାମାନେ ଆଉ ସରପଞ୍ଚ କି ଜିଲ୍ଲା ପରିଷଦ ନିର୍ବାଚନ ଲଢ଼ିବେ ନାହିଁ। ତେଣୁ ତାଙ୍କର ପଞ୍ଚାୟତ ନିର୍ବାଚନରେ ୧୦୦ ପ୍ରତିଶତ ଆରକ୍ଷଣ ହେଲେ ବି ତାଙ୍କର କିଛି ଅସୁବିଧା ନାହିଁ। କିନ୍ତୁ ବିଧାନସଭା ଓ ଲୋକସଭା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେଲେ ତାଙ୍କର ସ୍ୱାର୍ଥ ବାଧିତ ହେବ। ତେଣୁ କୌଣସି ନା କୌଣସି ବାହାନାରେ ଏହି ବିଲ୍ ବିରୋଧରେ ତାଙ୍କର ମତାମତ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଆକ୍ଷେପ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୧୦ ବର୍ଷରେ ମହିଳାଙ୍କ ଜୀବନ ଧାରଣର ମାନରେ ବ୍ୟାପକ ପରିବର୍ତ୍ତନ ଆସିଛି। ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ୬୯ ପ୍ରତିଶତ ଋଣ ଓ ଷ୍ଟାଣ୍ଡ-ଅପ୍ ଇଣ୍ଡିଆର ୮୪ ପ୍ରତିଶତ ହିତାଧିକାରୀ ମହିଳା। ପିଏମ ଆବାସ ଯୋଜନା ଅଧୀନରେ ୭୨ ପ୍ରତିଶତ ଘର ମହିଳାଙ୍କ ନାମରେ ପଞ୍ଜିକୃତ ହୋଇ ସେମାନଙ୍କୁ ପରିବାରରେ ମାଲିକାନା ସ୍ୱତ୍ୱ ପ୍ରଦାନ କରାଯାଇଛି। ଏହି ଯାତ୍ରାରେ ଓଡ଼ିଶାର ମା' ଓ ଭଉଣୀଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା ପାଇଁ ଆମେ ଆରମ୍ଭ କରିଛୁ ଯୁଗାନ୍ତକାରୀ 'ସୁଭଦ୍ରା ଯୋଜନା'। ଏହା କେବଳ ଏକ ସହାୟତା ରାଶି ନୁହେଁ, ବରଂ ଓଡ଼ିଶାର ୧ କୋଟିରୁ ଅଧିକ ମହିଳାଙ୍କୁ 'ଆତ୍ମନିର୍ଭର' କରିବାର ଏକ ପ୍ରୟାସ। ଗତ ୧୪ ତାରିଖରୁ ରାଜ୍ୟର 'ମମତା ଯୋଜନା' ଓ କେନ୍ଦ୍ରର 'ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା'କୁ ଏକୀକୃତ କରାଯାଇଛି। ଏହି ମିଳିତ ପ୍ରୟାସ ଦ୍ୱାରା ୨୦୨୫-୨୬ ବର୍ଷରେ ୪ ଲକ୍ଷ ୫୭ ହଜାର ମହିଳାଙ୍କୁ ପ୍ରାୟ ୪୯୬ କୋଟି ୩୭ ଲକ୍ଷ ଟଙ୍କାର ସହାୟତା ମିଳିଛି। ଦେଶର ତୃଣମୂଳ ସ୍ତରରେ ପ୍ରାୟ ୧୪.୫ ଲକ୍ଷ ମହିଳା ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କରେ ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟ କରି ଦକ୍ଷତା ପ୍ରମାଣିତ କରୁଛନ୍ତି। ନାରୀ ଶକ୍ତି ବନ୍ଦନ ଅଧିନିୟମ ଏହି ପ୍ରତିନିଧିତ୍ୱକୁ ଅଧିକ ଗତି ଦେବା ପାଇଁ ଉଦ୍ଦିଷ୍ଟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ବିରୋଧୀ ଦଳ ନେତା ସୀମା ପୁନଃନିର୍ଦ୍ଧାରଣକୁ ନେଇ ଯେଉଁ ଆଶଙ୍କା ପ୍ରକାଶ କରିଥିଲେ ସେନେଇ ସଂସଦରେ ଗୃହମନ୍ତ୍ରୀ ସ୍ପଷ୍ଟ ଭାବେ କହିଥିଲେ ଯେ ଲୋକସଭାରେ ଆସନ ସଂଖ୍ୟା ୮୫୦ କୁ ବୃଦ୍ଧି ପାଇବ। ସେହି ଅନୁପାତରେ ଓଡ଼ିଶା ବିଧାନସଭା ଆସନ ସଂଖ୍ୟା ବି ୫୦ ପ୍ରତିଶତ ବୃଦ୍ଧି ପାଇଥାଆନ୍ତା। ତେଣୁ ବିରୋଧୀ ଦଳଙ୍କ ଆଶଙ୍କା ସମ୍ପୂର୍ଣ୍ଣ ଅମୂଳକ ଥିଲା ଓ ଏହାଦ୍ୱାରା ତାଙ୍କ ସ୍ୱାର୍ଥରେ କୌଣସି ଆଞ୍ଚ ବି ଆସି ନଥାନ୍ତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### କୋକେଇ...

ନିର୍ବାଚନରେ କଂଗ୍ରେସ ଓ ବିଜେଡି ମିଳିତ ପ୍ରାର୍ଥୀ ଦେଇଥିଲେ। ତା'ପରଠୁ ଦୁଇ ବିରୋଧୀ ଦଳ ଗୋଟିଏ ପ୍ରସଙ୍ଗରେ ଏକାଠି ଲଢୁଥିଲେ। ଗତ ବିଧାନସଭାରେ ମଧ୍ୟ ଏସସିବି ମେଡିକାଲ କଲେଜରେ ଅଗ୍ନିକାଣ୍ଡ ଘଟଣାରେ ଦୁଇ ଦଳ ଗୃହକୁ ଅଚଳ କରିବା ସହ

ବିଧାନସଭା ପରିସରରେ କୋକେଇ ବୁଲେଇଥିଲେ। ହେଲେ ଆଜି ହଠାତ କଂଗ୍ରେସ ପ୍ରସଙ୍ଗ ସହ ଯୋଡ଼ି ହୋଇନି ବିଜେଡି। ଆଜି କଂଗ୍ରେସ କଙ୍କାଳ ପ୍ରସଙ୍ଗକୁ ନେଇ ଗୃହର ମଧ୍ୟଭାଗରେ ହଟ୍ଟଗୋଳ କରି କିଛି ସମୟ ପାଇଁ ଗୃହତ୍ୟାଗ କରିଥିଲା। ହେଲେ କଂଗ୍ରେସ ହଟ୍ଟଗୋଳରେ ସାମିଲ ହୋଇ ନ ଥିଲା ବିଜେଡି। କଂଗ୍ରେସ କଙ୍କାଳ ପ୍ରସଙ୍ଗରେ ଗୃହର ମଧ୍ୟ ଭାଗରେ ଯାଇ ହଟ୍ଟଗୋଳ ଓ ନାରାବାଜି କରିଥିଲା। ଆଉ ସେ ସମୟରେ ବିଜେଡି ସଦସ୍ୟମାନେ ନିଜ ଆସନରେ ବସିରହିଥିଲେ। ଖାଲି ସେତିକି ନୁହେଁ, ବିଜେଡି ସଭାପତି ମହିଳା ସଂରକ୍ଷଣ ପ୍ରସଙ୍ଗରେ ସରକାରଙ୍କୁ ତ ସମାଲୋଚନା କରିଥିଲେ। ଏଥିସହ କଂଗ୍ରେସକୁ ମଧ୍ୟ ସେ କଟାକ୍ଷ କରିଥିଲେ।

କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ ବିଜେଡି ଓ କଂଗ୍ରେସ ଭିତରେ କୌଣସି ବୁଝାମଣା ହୋଇ ନ ଥିଲା। ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ଏକାଠି ହୋଇଥିଲେ। ଆଗକୁ ମଧ୍ୟ କଂଗ୍ରେସ ଏକାକୀ ଲଢ଼ିବ। ଆଉ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ ମଧ୍ୟ କହିଛନ୍ତି ଯେ ଉଭୟଙ୍କ ମଧ୍ୟରେ ଭାଇବନ୍ଧୁ କୁଟୁମ୍ବର କୌଣସି ସମ୍ପର୍କ ନଥିଲା। ତେବେ ବିଜେପି ବେଳ ଦେଖି ଉଭୟଙ୍କ ଛିଗୁଲେଇ କହିଛି ବିଜେପି ବଢୁଛି, ଉଭୟ ବିରୋଧୀଙ୍କୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି।

### ମୁଁ ଥିଲା...

କବରରୁ କଙ୍କାଳ ଖୋଳି ବ୍ୟାଙ୍କକୁ ନେବାକୁ ପଡ଼ିଲା। ମୃତ ମହିଳାଙ୍କ ଭାଇ ବାରମ୍ବାର ବ୍ୟାଙ୍କ ଦୌଡ଼ିବା ସତ୍ତ୍ୱେ କେବଳ ପ୍ରମାଣ ପାଇଁ ତାଙ୍କୁ ହଇରାଣ କରାଗଲା। ଶେଷରେ କଙ୍କାଳ ଦେଖାଇ ଫେରିବା ବେଳେ ତାକୁ ପୁଣି ଚାଲି ଚାଲି କାନ୍ଧରେ ବୋହି ଆଣିବାକୁ ପଡ଼ିଲା। ତେବେ ମୁଁ ଥିଲା ପର୍ଯ୍ୟନ୍ତ ଓଡ଼ିଶାକୁ ତା'ର ହକ୍‌ରୁ କେହି ବଞ୍ଚିତ କରିପାରିବ ନାହିଁ। ଓଡ଼ିଶାର ବିଜେପି ବିଧାୟକମାନେ ମହିଳାମାନଙ୍କ ପାଇଁ କୁମ୍ଭୀର କାନ୍ଦଣା ବନ୍ଦ କରନ୍ତୁ ବୋଲି ନବୀନ କହିଛନ୍ତି।

କଙ୍କାଳ ପ୍ରସଙ୍ଗ ପ୍ରଶାସନର ଶୂନ୍ୟ ଉତ୍ତରଦାୟିତ୍ୱ ଓ ସରକାରଙ୍କ ସମ୍ବେଦନହୀନତାର ଚରମ ସୀମା। ଏହି ଘଟଣାକୁ ନେଇ ଆଜି ବିବିସି ଓ ନ୍ୟୁୟର୍କ ପୋଷ୍ଟ ଭଳି ଅନ୍ତର୍ଜାତୀୟ ଗଣମାଧ୍ୟମରେ ଓଡ଼ିଶା ଚର୍ଚ୍ଚାରେ ରହିଛି। ଆମେରିକା ମଧ୍ୟ ନିଜ ନାଗରିକଙ୍କ ପାଇଁ ଆଡଭାଇଜରି ଜାରି କରି ଓଡ଼ିଶା ଆସିବାକୁ ବାରଣ କରିଛି। ରାଜ୍ୟରେ ଥିବା ବିଜେପି ସରକାରଙ୍କ ମହିଳାଙ୍କ ସମ୍ମାନ ଓ ସଶକ୍ତିକରଣ ବିଷୟରେ କହିବାର କୌଣସି ଅଧିକାର ନାହିଁ। ଶାସନ କେବଳ ମିଛ ପ୍ରଚାର ଓ ଦେଖାଣିଆ ପ୍ରଦର୍ଶନରେ ସୀମିତ ହୋଇ ରହିଛି। ମୁଖ୍ୟମନ୍ତ୍ରୀ କୌଣସି ବିବୃତି ଦେବା ପୂର୍ବରୁ ନିଜର ଆତ୍ମସମୀକ୍ଷା କରିବା ଉଚିତ। ଏପରି ଦୁଃଖଦ ଓ ଲଜ୍ଜାଜନକ ଘଟଣା ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଘଟିବା ଓଡ଼ିଶାର ଶୋଚନୀୟ ସ୍ଥିତିର ଜ୍ୱଳନ୍ତ ଉଦାହରଣ।

ସେ କହିଛନ୍ତି ଯେ ସମ୍ବିଧାନ ସଂଶୋଧନ ବିଲ୍ ପ୍ରସଙ୍ଗ କଥା ଯଦି ଉଠାଇବା, ତେବେ ଏଠାରେ ଦୁଇଟି ବିଷୟ ଉପରେ ଆଲୋଚନା କରିବାର ଆବଶ୍ୟକତା ରହିଛି। ପ୍ରଥମଟି ହେଉଛି 'ମହିଳା ସଂରକ୍ଷଣ ବିଲ୍' ଯାହା ୨୦୨୩ରେ ସଂସଦରେ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ବିଜେଡି ସଂସଦରେ ଏହି ବିଲ୍‌କୁ ଦୃଢ଼ ସମର୍ଥନ କରିଥିଲା ଓ ଆଜି ମଧ୍ୟ ଆମେ ଦାବି କରୁଛୁ ଏହାକୁ ତୁରନ୍ତ ଲାଗୁ କରାଯାଉ। ସଂସଦରେ ପାରିତ ହୋଇସାରିଥିବା 'ମହିଳା ସଂରକ୍ଷଣ ବିଲ୍'କୁ ପୁଣି 'ସୀମା ପୁନଃନିର୍ଦ୍ଧାରଣ ବିଲ୍' ସହ ଯୋଡ଼ିବା ହେଉଛି ବିନା ଆଲୋଚନାରେ ସୀମା ନିର୍ଦ୍ଧାରଣକୁ ଲୋକଙ୍କ ଉପରେ ଲଦି ଦେବାର ଏକ ଗୋପନୀୟ ଓ ହୀନ ଚକ୍ରାନ୍ତ। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ମୋର ଚିଠି ଓ ଓଡ଼ିଶାର ସମସ୍ତ ୨୧ ଜଣ ସାଂସଦଙ୍କୁ ମୋର ନିବେଦନ ବିଜେଡିର ଆଭିମୁଖ୍ୟକୁ ସ୍ପଷ୍ଟ କରିଛି ବୋଲି ସେ କହିଛନ୍ତି।

### ବ୍ୟାଙ୍କ୍‌କୁ...

ଗ୍ରାମୀଣ ବ୍ୟାଙ୍କରେ ତଦନ୍ତ କରିଛନ୍ତି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପାଟଣା ଥାନାରେ ତଦନ୍ତ ପରେ ଆର୍‌ଡିସି ପ୍ରାଥମିକ ଅନୁସନ୍ଧାନରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦୋଷ ଦେଇଥିଲେ। ଏଥିସହ ଏହି ଘଟଣାରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ଓ ପାଟଣା ଥାନା କର୍ମଚାରୀଙ୍କୁ ବି ଆର୍‌ଡିସି ଦାୟୀ କରିଛନ୍ତି। ଏନେଇ ସେ ଖୁବ୍‌ଶୀଘ୍ର ସରକାରଙ୍କୁ ରିପୋର୍ଟ ଦେବେ ବୋଲି ମଧ୍ୟ ଆର୍‌ଡିସି କହିଛନ୍ତି।

ଆରଡିସିଙ୍କ ସହ ଜିଲ୍ଲାପାଳଙ୍କ ବ୍ୟତୀତ ଉପଜିଲ୍ଲାପାଳ ଉମାଶଙ୍କର ଦଳେଇ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ ଉପସ୍ଥିତ ଥିଲେ। ଏଥିସହ ଆରଡିସିଙ୍କ ସହ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ନେତା ଜୟଦେବ ଜେନା ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବା ସକାଶେ ଆଲୋଚନା କରିଛନ୍ତି।

### ଆକାଉଣ୍ଟକୁ...

ଅନଲାଇନରେ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହାଛଡ଼ା ଦୁଇ ପୂର୍ବତନ ପିସିସି ସଭାପତି ମଧ୍ୟ ବ୍ୟାଙ୍କରେ ପହଞ୍ଚି ଜିତୁଙ୍କୁ ୨୪ ହଜାର ଟଙ୍କାର ସହାୟତା ପ୍ରଦାନ କରିଥିବା ଜଣାପଡ଼ିଛି।

### ୨ରେ...

ବର୍ଷ ପ୍ରଥମ ଥର ପାଇଁ ପିଲାଙ୍କୁ ଦିଆଯିବାକୁ ଥିବା ସାର୍ଟିଫିକେଟ୍ ଓ ମାର୍କସିଟ୍ ଇଂରାଜୀ ସହ ଓଡ଼ିଆରେ ଲିପିବଦ୍ଧ ହେବ। ଏହାଛଡ଼ା ଯେଉଁଠାରେ ଇଣ୍ଟରନେଟ୍ ସୁବିଧା ନ ଥିବ ସେଠାରେ ଛାତ୍ରଛାତ୍ରୀମାନେ ଏସ୍‌ଏମ୍‌ଏସ୍ ମାଧ୍ୟମରେ ମଧ୍ୟ ଫଳ ଜାଣିପାରିବେ। ଆହୁରି ପ୍ରତି ବିଦ୍ୟାଳୟ କର୍ତ୍ତୃପକ୍ଷ ସନ୍ଧ୍ୟା ୭ଟା ପରେ ଟାବୁଲେସନ୍ ରେଜିଷ୍ଟର୍ ଡାଉନ୍‌ଲୋଡ୍ କରିପାରିବେ। ଏହାଦ୍ୱାରା ସପ୍ଲିମେଣ୍ଟାରୀ ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀମାନେ ଫର୍ମ ପୂରଣ କରିପାରିବେ। ସୂଚନାଯୋଗ୍ୟ ଯେ ଚଳିତ ଥର ରାଜ୍ୟର ମୋଟ ୩,୦୮୨ଟି ପରୀକ୍ଷା କେନ୍ଦ୍ରରେ ପ୍ରାୟ ୫ ଲକ୍ଷ ୬୧ ହଜାର ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଛନ୍ତି।

### ଦୁର୍ଘଟଣାର...

ଦଳ ଅନୁସନ୍ଧାନ ଜାରି ରଖିଛନ୍ତି। ଅପରପକ୍ଷରେ, ମଧ୍ୟପ୍ରଦେଶର ଇନ୍ଦୋର-ଅହମ୍ମଦାବାଦ ଜାତୀୟ ରାଜପଥରେ ଏକ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିବା ଯୋଗୁ ୬ ଶିଶୁଙ୍କ ସମେତ ମୋଟ ୧୬ ଜଣ ମୃତ୍ୟୁବରଣ କରିଛନ୍ତି। ଏହି ଦୁର୍ଘଟଣାରେ ୩୦ ଜଣ ଶ୍ରମିକ ଆହତ ହୋଇଥିବା ସ୍ଥାନୀୟ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ଭ୍ୟାନ୍‌ଟି ସନ୍ଧ୍ୟା ପ୍ରାୟ ସାଢ଼େ ୮ଟା ସମୟରେ ୪୬ ଜଣ ଶ୍ରମିକଙ୍କୁ ନେଇ ଯାଉଥିବା ବେଳେ ଚିକିଲିଆ ଫାଟ ନିକଟରେ ଏହାର ଟାୟାର ଫାଟିଯାଇଥିଲା।

ଏହା ନିୟନ୍ତ୍ରଣ ହରାଇ ଡିଭାଇଡର ଉପରକୁ ଚଢ଼ିଯାଇଥିଲା ଏବଂ ବାରମ୍ବାର ଡିଭାଇଡରରେ ପିଟି ହୋଇ ରାସ୍ତାର ବିପରୀତ ପାର୍ଶ୍ୱକୁ ଛିଟିକି ପଡ଼ିବା ସହ ବିପରୀତ ମାର୍ଗ ଦେଇ ଆସୁଥିବା ଗୋଟିଏ ସ୍କର୍ପିଓକୁ ଧକ୍କା ଦେଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ପ୍ରତ୍ୟକ୍ଷଦର୍ଶୀମାନେ ଆହୁରି କହିଛନ୍ତି ଯେ ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଶ୍ରମିକମାନେ ଗାଡ଼ି ତଳେ ଚାପି ହୋଇ ମୃତ୍ୟୁବରଣ କରିଥିଲେ। ଦୁର୍ଘଟଣାରେ ନୟପୁର ଜିଲ୍ଲାର ୯ ଜଣ, ସେମିଲପୁର ଜିଲ୍ଲାର ୫ ଜଣ ଏବଂ ରାମପୁର ଜିଲ୍ଲାର ୨ ଜଣ ମୃତ୍ୟୁବରଣ କରିଛନ୍ତି। ନିହତ ଶ୍ରମିକମାନେ ପରସ୍ପର ସହ ଦଳି ହୋଇଯାଇଥିବାରୁ ୪ ଜଣ ମହିଳା ଶ୍ରମିକଙ୍କୁ ଗୋଟିଏ ଚିତାରେ ଜଳାଇବାକୁ ପଡ଼ିଥିଲା। କାରଟି ଘଣ୍ଟାପ୍ରତି ୧୦୦ କିଲୋମିଟର ବେଗରେ ଯାଉଥିବା ଜଣାପଡ଼ିଛି। ଦ୍ରୁତ ଗତିରେ ଗାଡ଼ି ଚଳାଇବା କାରଣରୁ ଏହି ଦୁର୍ଘଟଣା ଘଟିଥିବା ଜଣେ ବରିଷ୍ଠ ପୁଲିସ ଅଧିକାରୀ ପ୍ରକାଶ କରିଛନ୍ତି।

ଏହାଛଡ଼ା ରାଜସ୍ଥାନର ଅଲୱାର ଜିଲ୍ଲା ଦେଇ ଯାଇଥିବା ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ଏକ ଚଳନ୍ତା କାରରେ ନିଆଁ ଲାଗିଯିବା କାରଣରୁ ୫ ଜଣ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଜଣଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କାରଟି ଯାତ୍ରୀମାନଙ୍କୁ ନେଇ ବୈଷ୍ଣୋଦେବୀ ଯାଉଥିବା ସମୟରେ ଅଲୱାର ଜିଲ୍ଲାର ମୌଜପୁର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୁଲିସ ପ୍ରିୟଙ୍କା ରଘୁବଂଶୀ କହିଛନ୍ତି ଯେ ଖବର ପାଇ ତୁରନ୍ତ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ୧୫ ମିନିଟ ମଧ୍ୟରେ ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ କାରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ସେତେବେଳେ ଗାଡ଼ି ଭିତରେ ୩ ଜଣ ମହିଳା, ଜଣେ ପୁରୁଷ ଓ ଜଣେ ନାବାଳିକା ଥିବା ବେଳେ ସେମାନେ ସମସ୍ତେ ଜଳିଯାଇଛନ୍ତି।

ସେମାନେ ମଧ୍ୟପ୍ରଦେଶର ସିଓପୁର ଜିଲ୍ଲାର ବାସିନ୍ଦା ବୋଲି ଜଣାପଡ଼ିଛି। ଏହାଛଡ଼ା ଡିଏସ୍‌ପି କୈଳାଶ ଜିନ୍ଦଲ କହିଛନ୍ତି ଯେ ଶର୍ଟସର୍କିଟ ଯୋଗୁ କାରରେ ନିଆଁ ଲାଗିଯାଇଥିବା ସନ୍ଦେହ କରାଯାଉଛି। କାରଟି ସିଏନଜିଚାଳିତ ହୋଇଥିବାରୁ ନିଆଁ ହୁଏତ ତୀବ୍ର ବେଗରେ ବ୍ୟାପିଯାଇଛି। ଫଳରେ କେହି ବି ବାହାରକୁ ବାହାରିବାର ସୁଯୋଗ ପାଇନାହାନ୍ତି। କାର ଭିତରୁ କେବଳ ଦରପୋଡ଼ା କଙ୍କାଳ ଉଦ୍ଧାର କରାଯାଇ ସେସବୁକୁ ପୃଥକ ଭାବେ ସଂରକ୍ଷଣ କରାଯାଇଛି। ମୃତକମାନଙ୍କୁ ଚିହ୍ନଟ କରିବା ଲାଗି ସେସବୁର ଡିଏନଏ ପରୀକ୍ଷା କରାଯିବ। ତେବେ କାର୍ ଚାଳକ ବିନୋଦ କୁମାର ମେହେର ଗାଡ଼ିରୁ ଡେଇଁ ନିଜ ଜୀବନ ବଞ୍ଚାଇପାରିଛନ୍ତି। କିନ୍ତୁ ତାଙ୍କ ଶରୀରର ୮୦ ପ୍ରତିଶତ ଜଳିଯାଇଛି। ତାଙ୍କୁ ପ୍ରଥମେ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ପରେ ଉନ୍ନତ ଚିକିତ୍ସା ଲାଗି ଜୟପୁରକୁ ସ୍ଥାନାନ୍ତର କରାଯାଇଛି। ଉଭୟ ଘଟଣାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଏଲିନାଙ୍କ...

କରାଯାଇଥିବା କୁହାଯାଉଛି। କେବଳ ଅଭିଯୋଗ କରି ଚୁପ ବସିନାହିଁ କ୍ରୀତଦାସ। ସେ ଓ ତା' ବୋଲକରାମାନେ ବିଏମ୍‌ସି ମେୟରଙ୍କ ଉପରେ ଜବରଦଖଲ ଉଚ୍ଛେଦ ପାଇଁ ଚାପ ପକାଉଛନ୍ତି। ଏଲିନାଙ୍କ ବିରୋଧରେ କ୍ରୀତଦାସର ଏହି ଷଡ଼ଯନ୍ତ୍ରକୁ ନେଇ ଦଳ ଭିତରେ ବି ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି। କିନ୍ତୁ ବରିଷ୍ଠଙ୍କଠାରୁ ଆରମ୍ଭ କରି ସମସ୍ତେ ଏହି ବିବାଦଠାରୁ ନିଜକୁ ଦୂରେଇ ରଖି ମୁହଁ ଖୋଲୁନାହାନ୍ତି। ହେଲେ ତାଙ୍କର ଏଭଳି ଷଡ଼ଯନ୍ତ୍ରକୁ ବହୁ ନେତା ନାପସନ୍ଦ କରୁଛନ୍ତି। ବିଜେଡି ସରକାରରେ ଥିବା ସମୟରେ ଏମିତି କ୍ଷମତାର ଅପବ୍ୟବହାର କରି ବହୁ ନେତାଙ୍କୁ ସେ ତଳିତଳାନ୍ତ କରିଦେଇଛନ୍ତି।

ନିଜର ବ୍ୟାବସାୟିକ ଫାଇଦା ପାଇଁ ଦଳ ପ୍ରତି ଅବଦାନ ନ ଥିବା ନେତାଙ୍କୁ ଟିକେଟ ଦେଲେ। ଆଉ ତା'ର ପରିଣାମ ଏବେ ଭୋଗୁଛନ୍ତି ନବୀନ ପଟ୍ଟନାୟକ। ଏଲିନା ହୁଅନ୍ତୁ ବା ବିଜେଡି ଛାଡ଼ିଥିବା ଅନ୍ୟ ନେତାମାନେ ସମସ୍ତେ କ୍ରୀତଦାସ ଓ କାର୍ପେଟଦାରଙ୍କୁ ଦାୟୀ କରିଛନ୍ତି। ତାଙ୍କ ମାର୍ଗଦର୍ଶନ ଓ ବିଜେଡି ନେତା ଓ କର୍ମୀଙ୍କୁ ଅଣଦେଖା କରାଯିବା ଯୋଗୁଁ ନବୀନ ହାରିଗଲେ। ତଥାପି ବିଜେଡି କର୍ମୀଙ୍କ ପାଇଁ ଗାତ ଖୋଳିବା ଗୁଣ ଯାଉନି। ବିଜେଡିକୁ ବୁଡ଼େଇ ଦେବାକୁ କ୍ରୀତଦାସ ବିଜେପିର ଏଜେଣ୍ଟ ସାଜିଥିବା କିଛି ଯୁବ ଓ ଛାତ୍ର ନେତା ଅଭିଯୋଗ କରିଛନ୍ତି, ଯେଉଁଥିପାଇଁ ଜଣକ ପରେ ଜଣେ ଦଳ ପାଇଁ ଲଢୁଥିବା ନେତାଙ୍କୁ ଚେର କାଟିବାକୁ ଚକ୍ରାନ୍ତ କରାଯାଉଛି।

# ବାଲିଆପାଳରେ ବୃଦ୍ଧି ପାଉଛି ଧଳାଜହର କାରବାର

## ଚୁପ୍ ବସିଛି ପୁଲିସ ଓ ଅବକାରୀ ବିଭାଗ



ବାଲିଆପାଳ, ୩୦।୪ (ସଂଚାର ବ୍ୟୁରୋ): ବାଲିଆପାଳରେ ଦିନକୁ ଦିନ ଧଳାଜହର କାରବାର ବଢ଼ିବାରେ ଲାଗିଛି। ସତେଯେମିତି ଏହି ବ୍ୟବସାୟ ପାଇଁ ପୁଲିସ ଓ ଅବକାରୀ ବିଭାଗ ଲାଇସେନ୍ସ ପ୍ରଦାନ କରିଥିବା ପରି ମନେହେଉଛି। ପୂର୍ବରୁ ଲୁଚାଛପାରେ ଜଣେଅଧେ କେହି ଏହି ବ୍ୟବସାୟ କରୁଥିବାବେଳେ ଏବେ ଏହା ପାରିବାରିକ ବ୍ୟବସାୟ ପାଲଟିଲାଣି। କିଛି ପରିବାରର ମହିଳା ସଦସ୍ୟ ମଧ୍ୟ ଏହି କାରବାର କରୁଥିବା ଦେଖିବାକୁ ମିଳିଛି ।

ଜଳେଶ୍ୱର ଓ କମର୍ଦ୍ଦା ଅଞ୍ଚଳରୁ ଏହି ବ୍ୟବସାୟର ଚେର ଲମ୍ବିଛି। ବାଲିଆପାଳ ବ୍ଲକ୍‌ର ଖଗଡ଼ାପାଳରେ ଦୁଇ ତିନୋଟି ପରିବାର ଏହି କାରବାର ଖୋଲାଖୋଲି କରୁଛନ୍ତି। ଏହାର ଶିକାର ଅଧିକାଂଶ ଅଳ୍ପବୟସ୍କ ଯୁବକ। ଏହି ନିଶା କିଣିବା ପାଇଁ ଯୁବପିଢ଼ି ଅପରାଧ କରିବାକୁ ପଛାଉନାହାନ୍ତି।

ସର୍ବସାଧାରଣରେ ଏହି ନିଶା କାରବାର ନେଇ ଆଲୋଚନା ହେଉଥିବା ବେଳେ ପୁଲିସ ଓ ଅବକାରୀ ବିଭାଗ ହାତବାନ୍ଧି ବସିଛି। ଏହି ବେପାରୀମାନେ ସ୍ଥାନୀୟ ପୁଲିସ ଓ ଅବକାରୀ ବିଭାଗକୁ ମାସିକିଆ ଦେଇ ଏହି କାରବାର କରୁଥିବା କହି ବୁଲୁଛନ୍ତି।

ଦୁଇବର୍ଷ ପୂର୍ବେ ଖଗଡାପାଳ ବସ୍ତିର ଜନୈକ ଯୁବକଙ୍କୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଥିଲା। ଏବେ ପୁଣି ଜାମିନରେ ଆସି ଏହି କାରବାର ଚଳାଇଛି। ଖଗଡ଼ାପାଳ ସମେତ ଲଙ୍ଗଳେଶ୍ୱର, କାଳିପଦା, ବାଲିଆପାଳ, ରତେଇ ପ୍ରଭୃତି ସ୍ଥାନରେ ମଧ୍ୟ ଏହି କାରବାର ଏବେ ଚେର ଜମାଇବାରେ ଲାଗିଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବିହୋଇଛି।

# ଉପୁଲାଇ ଅଙ୍ଗନବାଡି କେନ୍ଦ୍ର ସାହିରେ ପାନୀୟ ଜଳ ସଙ୍କଟ



କୋରେଇ, ୩୦।୪ (ସଂଚାର ବ୍ୟୁରୋ): କୋରେଇ ବ୍ଲକ ଅନ୍ତର୍ଗତ ଡଗଡଗ ଗ୍ରାମପଂଚାୟତର ଉପୁଲାଇ ଅଙ୍ଗନବାଡି କେନ୍ଦ୍ର ସାହିରେ ପାଖାପାଖି ୧୧ ପରିବାର ଏବେ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଅଙ୍ଗନବାଡି କେନ୍ଦ୍ର ପାଖରେ ଥିବା ଏକ ନଳକୂପ ପାଣି ଉପରେ ନିର୍ଭର କରି ଜଳ ସମସ୍ୟାକୁ ଦୂର କରୁଥିଲେ। କିନ୍ତୁ ଏହି ନଳକୂପଟି ଏବେ ଏହି ସାହିବାସିନ୍ଦା ମାନଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ସମ୍ପୂର୍ଣ୍ଣ ଅସମର୍ଥ ହୋଇପଡ଼ିଛି। ତେବେ ବର୍ତ୍ତମାନ ଖରାଦିନ ଚାଲୁଥିବା ବେଳେ ଭୂତଳ ଜଳ ବି ହ୍ରାସ ପାଉଥିବା ବେଳେ ଏଭଳି ସମୟରେ ଏଠାରେ ଏବେ ପାନୀୟ ଜଳ ସଂକଟ ଦେଖାଦେଇଛି। ଏହି ବାସିନ୍ଦାମାନଙ୍କ ପାନୀୟ ଜଳ ସମସ୍ୟା ଦୂର କରିବା ଦିଗରେ ସରପଞ୍ଚ ସରୋଜ କୁମାର ସ୍ୱାଇଁ ଓ କୋରେଇ ବ୍ଲକ ପ୍ରଶାସନ କଳ ପକ୍ଷରୁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଟ୍ରାକ୍ଟର ଓ ଜେସିବି ଜବତ



ବାଲିଆପାଳ, ୩୦।୪ (ସଂଚାର ବ୍ୟୁରୋ): ଦିନକୁ ଦିନ ବାଲିଆପାଳ ଅଞ୍ଚଳରେ ଅବାଧରେ ରାତି ହେଉ କି ଦିନ ସରକାରୀ ଜାଗାରୁ ମାଟି ମାଫିଆମାନେ ମାଟି ବିକ୍ରି କରି ମାଲେମାଲ ହଉଛନ୍ତି। ସୂଚନାରୁ ପ୍ରକାଶ ଦେଉଳା ପଞ୍ଚାୟତରେ ଥିବା ଏକ ସରକାରୀ ପୋଖରୀରୁ ମାଟି ମାଫିଆ ମାନେ ବେଆଇନ ଭାବେ ମାଟି କାଟି ନେଉଥିବାରୁ ସ୍ଥାନୀୟ ଲୋକେ ଖଣି ଅଧିକାରୀଙ୍କୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ଅଧିକାରୀ ସତ୍ୟ ବିନ୍ଧ୍ୟ ଜେନା ପହଞ୍ଚି ଦୁଇଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ଜବତ କରି ବାଲିଆପାଳ ପୋଲିସକୁ ହସ୍ତାନ୍ତର କରିଛନ୍ତି। ସେହିପରି ମଧୁପୁରା ପଞ୍ଚାୟତରେ ଥିବା ଛାସିମପୁର ଗ୍ରାମରେ ଗୋଟିଏ ସାତ ଏକର ଗୋଚର ଜାଗାରୁ ବେଆଇନ ମାଟି ଉତୋଳନ ବେଳେ ଖଣି ଅଧିକାରୀଙ୍କୁ ସ୍ଥାନୀୟ ଲୋକେ ଅବଗତ କରାଇଥିଲେ। ଯଥାଶୀଘ୍ର ସେଠାରେ ମଧ୍ୟ ଜେସିବିକୁ ଜବତ କରାଯିବ ବୋଲି ଅଧିକାରୀ କହିଛନ୍ତି। ଏହା ବ୍ୟତିତ ମାଫିଆଙ୍କ ବିରୋଧରେ ବଡ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଗାଡି ଗୁଡିକ ନମ୍ବର ବିହୀନ ହୋଇଥିବାର ଜଣାପଡିଛି।

କୁଳଡିହା ଏସିଏଫଙ୍କ ମାଡ଼ମରା ଘଟଣା

# ୬ରେ ଏସପି ଅଫିସ ଆଗରେ ଧାରଣା

## ଧାରଣାକୁ ମିଳିତ ବିରୋଧୀ ଦଳର ସମର୍ଥନ



ନୀଳଗିରି, ୩୦।୪ (ସଂଚାର ବ୍ୟୁରୋ): ଗତ ମାର୍ଚ୍ଚ ୨୫ ତାରିଖ ରାତିରେ ନୀଳଗିରି କୁଳଡିହା ଅଭୟାରଣ୍ୟର ଭାରପ୍ରାପ୍ତ ରେଞ୍ଜର ତଥା ଏସିଏଫ ସୁବ୍ରତ କୁମାର ବେହେରା ଗାଡ଼ି ଓଭର ଟେକକୁ ନେଇ ତାଙ୍କ ସହଯୋଗୀଙ୍କ ସହ ମିଶି ବନରକ୍ଷୀ ପଦ୍ମଲୋଚନ ପାତ୍ର ଓ ନୀଳଗିରି ବିଦ୍ୟୁତ କର୍ମଚାରୀ କ୍ଷୀରୋଦ ପ୍ରସାଦ ଦାସଙ୍କୁ ପିଟି ପିଟି ପିଠି ଫଟେଇ ଦେବା ସହିତ ମରଣାନ୍ତକ ଆକ୍ରମଣ କରିଥିଲେ । ଏନେଇ ଶ୍ରୀ ପାତ୍ର ବରହମପୁର ପୁଲିସ ଥାନାରେ ଏତଲା ଦେଇଥିଲେ । ପୁଲିସ କୋହଳ ଦଫା ଲଗାଇ ଥିବାରୁ ମୁଦାଲା ମାନଙ୍କୁ ଗିରଫ କରାନଯାଇ ସେମାନଙ୍କୁ ଥାନାରୁ ଜାମିନ୍ ଦେଇଥିବାରୁ ଅଭିଯୋଗକାରୀମାନେ ପୁଲିସ କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଉଛନ୍ତି । ଏହାର ପ୍ରତିବାଦରେ ପଦ୍ମଲୋଚନଙ୍କ ସ୍ତ୍ରୀ ଦୀପ୍ତିମୟୀ ପାତ୍ର ବାଲେଶ୍ୱର ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ୬ ତାରିଖ ସକାଳ ୯ ଘଟିକା ସମୟରେ ଧାରଣାରେ ବସୁଥିବାରୁ ତାଙ୍କୁ ନୈତିକ ସମର୍ଥନ ଜଣାଇ ଏହି ଧାରଣରେ ନୀଳଗିରି ପୂର୍ବତନ ବିଧାୟକ ଙ୍କ ସୁକାନ୍ତ କୁମାର ନାୟକ, ସିପିଆଇ ଦଳ ନେତା ତଥା ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ, ସିପିଆଇ(ଏମ୍)ରୁ ବିଜୟ କୁମାର ପାତ୍ର, କଂଗ୍ରେସରୁ ଯଶୋଦା ନନ୍ଦନ ସିଂହ, ପ୍ରମୁଖ ବିରୋଧୀ ଦଳର ନେତୃତ୍ୱ ଏବଂ ଶତାଧିକ କର୍ମୀ ଏହି ଧାରଣରେ ସାମିଲ ହେବେ ବୋଲି ସୂଚନା ଦେଇଛନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତଦାନ ଶିବିର



ବାଲିଅଣ୍ଟା, ୩୦।୪ (ସଂଚାର ବ୍ୟୁରୋ): ସମ୍ବିଧାନ ସୁରକ୍ଷା ମଞ୍ଚ ଓଡ଼ିଶା ତରଫରୁ ଏକ ରକ୍ତ ଦାନ ଶିବିର ଭୁବନେଶ୍ୱର ନିକଟବର୍ତ୍ତୀ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଟି ମିଶନ ରକ୍ତ ଦାନ ଓ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ସହଯୋଗ ରେ ଅନୁଷ୍ଠିତ ହୋଇଥିଲା ଏହି ଶିବିରକୁ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଗାୟତ୍ରୀ ମିଶ୍ର ଓ ନିର୍ମାଣ ଇନିଷ୍ଟିଚ୍ୟୁଟ ର ଚେୟାର ମ୍ୟାନ ବିଶ୍ୱେଶ୍ୱର ମହାନ୍ତି ମିଳିତ ଭାବେ ଫିତା କାଟି ଏହି ଶିବିରକୁ ଉଦଘାଟନ କରିଥିଲେ। ଏହି ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା ଏହି ଶିବିରଟି ଷ୍ଟେଟ୍ ଫାଇନାନ୍ସ ଆଡଭାଇଜର ପଦ୍ମଚରଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଞ୍ଚର ରାଜ୍ୟ ସଭାପତି ପୀତବାସ ନାୟକ, ଉପ-ସଭାପତି ଦେବାଶିଷ ବେହେରା, ସାଧାରଣ ସମ୍ପାଦକ ପ୍ରକାଶ ପ୍ରଧାନ ପ୍ରମୁଖ ଶିବିରଟିକୁ ପରିଚାଳନା କରିଥିଲେ।

# ନିମ୍ନମାନର ରାସ୍ତାକାମକୁ ନେଇ ବଢ଼ୁଛି ଅସନ୍ତୋଷ

## ପତଳା ମେଟାଲ୍ ପକାଇ ହେଉଛି ରାସ୍ତା ନିର୍ମାଣ

## ଠିକାଦାରଙ୍କୁ ସୁହାଇଲା ପରି ଅଧିକାରୀ ଦେଉଛନ୍ତି ମନ୍ତବ୍ୟ

## ଡହଡହ ଖରାରେ ନାବାଳିକା କରୁଛି କାମ



ଆନନ୍ଦପୁର, ୩୦।୪ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ ବଳରାମପୁର ପଂଚାୟତର ନଦୂଆଁ ଗ୍ରାମ ଠାରୁ ଚମୁହଁ କଲୋନୀ ପର୍ଯ୍ୟନ୍ତ ସଂଯୋଗ ହୋଇଥିବା ରାସ୍ତାର ନୂତନ ଭାବେ ନିର୍ମାଣ କାର୍ଯ୍ୟ ଚାଲୁଛି। ତେବେ ନିମ୍ନମାନର କାମ ହେଉଥିବା ନେଇ ଜୋରଦାର ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି କାମ ଚାଲୁଥିବା ବେଳେ ଗୁଣମାନକୁ ନେଇ ପ୍ରଶ୍ନ ଉଠିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ରାସ୍ତାରେ ପତଳା ମେଟାଲ୍ ପକାଇ ନିର୍ମାଣ କାମ କରାଯାଉଛି। ଏହା ଦୀର୍ଘ ସମୟ ତିଷ୍ଠି ରହିବ ନାହିଁ ବୋଲି ଗ୍ରାମବାସୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ତେବେ ଏହି ରାସ୍ତାର ଦୈର୍ଘ୍ୟ ଦୁଇ କିମି ଥିବା ବେଳେ ପ୍ରସ୍ଥ ତିନି ମିଟର ରହିଛି। ପରିତାପର ବିଷୟ ତିନି ଇଞ୍ଚି ମେଟାଲ୍ ପଡ଼ିବା ବଦଳରେ କେଉଁଠି ଗୋଟିଏ ଇଞ୍ଚ୍ ତ ଆଉ କେଉଁଠି ଦୁଇ ଇଞ୍ଚ୍ ପଡ଼ିଛି। ଏପରିକି ଠିକାଦାରଙ୍କ ମନମାନିରେ କାମ ହେଉଥିବା ନେଇ ଅଧିକାରୀମାନଙ୍କ ଭୂମିକା ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ଅନ୍ୟପଟେ, ତୀବ୍ର ଖରା ମଧ୍ୟରେ ନାବାଳିକା ଶ୍ରମିକଙ୍କୁ କାମରେ ଲଗାଯାଇଥିବା ଦୃଶ୍ୟ ଦେଖି ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ଶ୍ରମ ଆଇନର ସ୍ପଷ୍ଟ ଉଲ୍ଲଂଘନ ବୋଲି କୁହାଯାଉଛି।

ସବୁଠାରୁ ଆଶ୍ଚର୍ଯ୍ୟର କଥା, ଏତେ ବଡ଼ ପରିମାଣର ଟଙ୍କା ବ୍ୟୟ ହେଉଥିବା ସତ୍ତ୍ୱେ ମଧ୍ୟ ନିର୍ମାଣ ସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଯାହା ନିୟମକୁ ଅନୁସରଣ କରୁନଥିବାକୁ ସ୍ପଷ୍ଟ କରୁଛି। ସ୍ଥାନୀୟ ବାସିନ୍ଦାମାନେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ପାଇଁ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି। ଯଦି ସମୟରେ କାର୍ଯ୍ୟାନୁଷ୍ଠାନ ନହୁଏ, ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ସତର୍କ କରାଯାଇଛି।

# ସୋଆ ଆଇନ୍ ମହାବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ଉତ୍ସବ 'ଜଷ୍ଟିସିଆ ୪.୦' ଆୟୋଜିତ



ଭୁବନେଶ୍ୱର, ୩୦।୪ (ସଂଚାର ବ୍ୟୁରୋ): ସମାଜରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଛାତ୍ରଛାତ୍ରୀମାନେ ନିଜ ଚରିତ୍ର ଗଠନ ସହ ଦକ୍ଷତାକୁ ବିକଶିତ କରିବା ଉଚିତ୍ ବୋଲି ଗୁରୁବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଛନ୍ତି।

ଗୁରୁବାର ଦିନ ସୋଆ ପରିଚାଳିତ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍)ର ବାର୍ଷିକ ସାଂସ୍କୃତିକ ଉତ୍ସବ 'ଜଷ୍ଟିସିଆ ୪.୦'ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଫେସର ନନ୍ଦ କହିଥିଲେ ଛାତ୍ରଛାତ୍ରୀମାନେ ଯେଉଁ ବି କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି ସେଥିରେ କୌଣସି ତ୍ରୁଟି ରହିବା ଉଚିତ୍ ନୁହେଁ। ସେହିପରି ବରିଷ୍ଠ ଛାତ୍ରଛାତ୍ରୀମାନେ କନିଷ୍ଠ ଛାତ୍ରଛାତ୍ରୀମାନଙ୍କର ଯତ୍ନ ନେବା ଉଚିତ୍ ବୋଲି କୁଳପତି କହିଥିଲେ। ୨୦୨୫ ଏନଆଇଆର୍‌ଏଫ୍ ରାଙ୍କିଙ୍ଗ ଅନୁଯାୟୀ ଏସ୍‌ଏନ୍‌ଆଇଏଲ୍ ଦେଶର ୧୦ମ ଶ୍ରେଷ୍ଠ ଆଇନ୍ ମହାବିଦ୍ୟାଳୟ ହୋଇଥିବା ବେଳେ ବିଶ୍ୱବିଦ୍ୟାଳୟ କ୍ୟାଟେଗୋରୀରେ ସୋଆ ୧୫ ତମ ସ୍ଥାନ ହାସଲ କରିଛି ବୋଲି କହିଥିଲେ।

ଏହି କାର୍ଯ୍ୟକ୍ରମରେ ଏସ୍‌ଏନ୍‌ଆଇଏଲ୍‌ର ଡିନ୍ ପ୍ରଫେସର ଏସ୍.ଏ.କେ. ଆଜାଦ କୁଳପତିଙ୍କୁ ସ୍ୱାଗତ କରିବା ସହ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଏସ୍‌ଏନ୍‌ଆଇଏଲ୍‌ର ସିନିୟର ପ୍ରଫେସର ମଧୁସୂଦନ ଦାସ କହିଥିଲେ ଯେ ସାଂସ୍କୃତିକ କାର୍ଯ୍ୟକ୍ରମ କେବଳ ପୁରସ୍କାର ପାଇଁ ନୁହେଁ ବରଂ ନିଜକୁ ଅଧିକ ଉନ୍ନତ କରିବା ନିମନ୍ତେ ଉଦ୍ଦିଷ୍ଟ। କାର୍ଯ୍ୟକ୍ରମ ଶେଷରେ ଏସ୍‌ଏନଆଇଏଲ୍‌ର ଆସିଷ୍ଟାଂଟ ପ୍ରଫେସର ଶ୍ରୀ ଆକାଶ ତ୍ରୀଖା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ଅସ୍ତିତ୍ୱ ହରାଇଥିବା ପଞ୍ଚାୟତ ଉଦ୍ୟାନର ପୁନରୁଦ୍ଧାର କାମ ଆରମ୍ଭ


'ସଂଚାର'ର ପ୍ରଭାବ




ବୋରିଗୁମ୍ମା, ୩୦।୪ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ସହର ସଦର ମୋହକୁମା ୨୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ପଞ୍ଚାୟତ ସମିତି ବୋରିଗୁମ୍ମା ପକ୍ଷରୁ ନିର୍ମାଣ ହୋଇଥିବା 'ଆଇ ଲଭ ବୋରିଗୁମ୍ମା ସେଲ୍ଫିପଏଣ୍ଟ' ଉଦ୍ୟାନ ରକ୍ଷଣାବେକ୍ଷଣା ଅଭାବରୁ ଅସ୍ତିତ୍ୱ ହରାଇ ଅବସ୍ଥା ଅତି ଶୋଚନୀୟ ରହିଥିଲା। ଏନେଇ ଦୈନିକ ଓଡ଼ିଆ ଖବର କାଗଜ 'ସଂଚାର'ରେ ଗତ ଜାନୁଆରୀ ୮ ତାରିଖରେ ଖବର ପ୍ରକାଶ ପାଇଥିଲା | ଏହାପରେ ପ୍ରଶାସନ ତତ୍ପରତା ପ୍ରକାଶ କରି ଉଦ୍ୟାନର ପୁନଃରୁଦ୍ଧାର କାମ ଆରମ୍ଭ କରିଥିବା ଦେଖିବାକୁ ମିଳିଛି।

ବର୍ତ୍ତମାନ ଏହାର ରକ୍ଷଣା ବେକ୍ଷଣା ଦାୟିତ୍ୱ ବୋରିଗୁମ୍ମା ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିଜ ବିଭାଗ ହାତକୁ ନେଇ ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଖୁସିର ମାହୋଲ ଖେଳିଯାଇଛି। ଏବଂ ଏଥିପାଇଁ "ସଂଚାର"କୁ ବୋରିଗୁମ୍ମା ଯୁବଗୋଷ୍ଠୀ ଓ ଗ୍ରାମବାସୀ କୃତଜ୍ଞତା ଜଣାଇଛନ୍ତି |

# ଏପିକ୍ ଗ୍ରୁପ୍ ଦ୍ୱାରା 'ଟ୍ରାଇମେଟ୍ରୋ ମାନୁଫାକ୍ଚରିଂ କ୍ୟାମ୍ପସ୍' ଉଦ୍‌ଘାଟିତ



ଖୋର୍ଦ୍ଧା, ୩୦।୪ (ସଂଚାର ବ୍ୟୁରୋ): ବିଶ୍ୱର ଅନ୍ୟତମ ଅଗ୍ରଣୀ ଭର୍ଟିକାଲି ଇଣ୍ଟିଗ୍ରେଟେଡ୍ ପୋଷାକ ନିର୍ମାତା ଏପିକ୍ ଗ୍ରୁପ୍ ଆଜି ଓଡ଼ିଶାର ଖୋର୍ଦ୍ଧାଠାରେ ଏହାର ଅତ୍ୟାଧୁନିକ 'ଟ୍ରାଇମେଟ୍ରୋ ମ୍ୟାନୁଫ୍ୟାକ୍ଚରିଂ କ୍ୟାମ୍ପସ' ଉଦଘାଟନ କରିଛି। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ସମେତ ମନ୍ତ୍ରଣାଳୟର ଅନ୍ୟାନ୍ୟ ପ୍ରମୁଖ ପଦାଧିକାରୀ ଏବଂ ଏପିକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ରଞ୍ଜନ ମହତାନୀଙ୍କ ଦ୍ୱାରା ଏହି ଟ୍ରାଇମେଟ୍ରୋ ମ୍ୟାନୁଫ୍ୟାକ୍ଚରିଂ କ୍ୟାମ୍ପସ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଏପିକ୍ ଗ୍ରୁପ୍‌ର ବରିଷ୍ଠ ନେତୃତ୍ୱ, ଶିଳ୍ପ ଜଗତର ପ୍ରମୁଖ ଅଂଶୀଦାର ଏବଂ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ।

୧୦୦ ମିଲିୟନ୍ ଆମେରିକୀୟ ଡଲାର ନିବେଶରେ ନିର୍ମିତ 'ଟ୍ରାଇମେଟ୍ରୋ କ୍ୟାମ୍ପସ' ହେଉଛି ଭାରତର ପ୍ରଥମ ସମ୍ପୂର୍ଣ୍ଣ 'ନେଟ୍-ଜିରୋ କାର୍ବନ' ଏବଂ 'ନେଟ୍-ଜିରୋ ୱାଟର' ପୋଷାକ ନିର୍ମାଣ କେନ୍ଦ୍ର। ୪୦ ଏକର ପରିମିତ ଅଞ୍ଚଳରେ ବ୍ୟାପ୍ତ ଏହି କ୍ୟାମ୍ପସ ଉନ୍ନତ ବିନିର୍ମାଣ, ପରିବେଶ ଦାୟିତ୍ୱବୋଧ ଏବଂ ଅନ୍ତର୍ଭୁକ୍ତ ଅର୍ଥନୈତିକ ଅଭିବୃଦ୍ଧିର ଏକ ଶକ୍ତିଶାଳୀ ସମନ୍ୱୟକୁ ପ୍ରତିପାଦିତ କରେ। ଭାରତର ଅନ୍ୟତମ ଭବିଷ୍ୟତ-ଉପଯୋଗୀ ପୋଷାକ ନିର୍ମାଣ କେନ୍ଦ୍ର ଭାବରେ ପରିକଳ୍ପିତ ଏହି କ୍ୟାମ୍ପସରେ ବିଶ୍ୱ ବଜାର ପାଇଁ ବାର୍ଷିକ ୨୦ ମିଲିୟନ୍ ପୋଷାକ ଉତ୍ପାଦନ କରାଯିବ।

ଏପିକ ଗ୍ରୁପର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଶ୍ରୀ ରଞ୍ଜନ ମହତାନୀ କହିଛନ୍ତି ଯେ, ଏପିକ୍‌ରେ ଆମେ ବିଶ୍ୱାସ କରୁ ଯେ ଶିଳ୍ପର ଅଗ୍ରଗତି ଏବଂ ପରିବେଶ ପ୍ରତି ଦାୟିତ୍ୱବୋଧ ଏକାଠି ଆଗକୁ ବଢ଼ିଥାଏ। ଟ୍ରାଇମେଟ୍ରୋ ମାନୁଫ୍ୟାକ୍ଚରିଂ କ୍ୟାମ୍ପସ ହେଉଛି ଏହି ବିଶ୍ୱାସର ପ୍ରତିଫଳନ। କିପରି ଲୋକଙ୍କର ଏବଂ ପୃଥିବୀର କଲ୍ୟାଣ କରିବା ସହିତ ଶିଳ୍ପ କ୍ଷେତ୍ରରେ ସ୍ଥାୟୀ ଅଭିବୃଦ୍ଧି ହୋଇପାରିବ। ଏହା କେବଳ ଏକ କାରଖାନା ନୁହେଁ; ବରଂ ବିଶ୍ୱସ୍ତରୀୟ ଉତ୍ପାଦନ କ୍ଷେତ୍ରରେ ଭବିଷ୍ୟତ ପାଇଁ ଏହା ଏକ ବ୍ଲୁପ୍ରିଣ୍ଟ ।

# ବନ୍ଦର ବିରୋଧରେ ବିସ୍ଥାପିତଙ୍କ ମେଳି

## ମରିବୁ ପଛେ ଭିଟାମାଟି ଛାଡ଼ିବୁ ନାହିଁ

## ମୋ ମାଟି ମୋ ପରିଚୟ




କାକଟପୁର/ଅସ୍ତରଙ୍ଗ, ୩୦।୪ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ନଦୀ ମୁହାଁଣ ଦକ୍ଷିଣ ପାର୍ଶ୍ୱରେ ପ୍ରସ୍ତାବିତ ଅସ୍ତରଙ୍ଗ ବନ୍ଦର ପାଇଁ ଗତ ବର୍ଷ ସେପ୍ଟେମ୍ବର ମାସ ୧୩ ତାରିଖରେ ଅସ୍ତରଙ୍ଗ ବ୍ଲକ ପଡିଆରେ ଜନଶୁଣାଣି ଶିବିର ହୋଇଥିଲା। ପୁନର୍ବାର ଜନଶୁଣାଣି ଜାନୁଆରୀ ୨୧ ଓ ୨୩ ତାରିଖରେ ହୋଇଥିଲା। ଏହି ଜନ ଶୁଣାଣିରେ ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀ ବିରୋଧ କରିଥିଲେ। ଜୈବବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ଅସ୍ତରଙ୍ଗ ଅଞ୍ଚଳକୁ ପ୍ରତିବର୍ଷ ବିଦେଶାଗତ ପକ୍ଷୀଙ୍କ ସମାଗମ ହେଉଛି। ସେହିପରି ଏହି ଅଞ୍ଚଳ ଅଲିଭ ରିଡେଲ କଇଁଛଙ୍କ ଅଣ୍ଡାଦାନସ୍ଥଳୀ ଭାବେ ବେଶ ପରିଚିତ ଅଟେ। ସ୍ଥାନୀୟ ଅଞ୍ଚଳବାସୀ ନିଜର ପରିବାର ପ୍ରତିପୋଷଣ ପାଇଁ ଧାନ, ପାନ ଓ ମୀନ ଉପରେ ନିର୍ଭର କରି ଜୀବନ ନିର୍ବାହ କରୁଛନ୍ତି। ଏଠାରେ ବନ୍ଦର ହେଲେ ଅନେକ ସମସ୍ୟା ସୃଷ୍ଟି ହେବ। ଜୀବନ ପଛେ ଚାଲିଯିବ ନିଜ ଭିଟା ମାଟିକୁ ଛାଡ଼ିବୁ ନାହିଁ ବୋଲି ବିସ୍ଥାପିତମାନେ ଏକ ସ୍ୱରରେ ବିରୋଧ ପ୍ରଦର୍ଶନ କରିଥିଲେ ।

ପୀରଜାହାନିଆ ଭିଟାମାଟି ସୁରକ୍ଷା ମଞ୍ଚର ସଭାପତି ପ୍ରଫୁଲ୍ଲ କୁମାର ବିଶ୍ୱାଳଙ୍କ ଅଭିଯୋଗ ଅନୁଯାଇ କିଛି ଦିନ ହେଲା ବିସ୍ଥାପିତ ହେଉଥିବା ଗ୍ରାମକୁ ସରକାରୀ କର୍ମଚାରୀ ଯାଇ ସର୍ଭେ କରୁଥିବା ଜାଣିବାକୁ ପାଇଥିଲେ। ଯାହାକୁ ନେଇ ପୁର୍ନରବାର ପ୍ରସ୍ଥାପିତ ବନ୍ଦର ବିରୁଦ୍ଧରେ ଏକତ୍ରିତ ହୋଇ ବିରୋଧ ପଦର୍ଶନ କରିଥିଲେ । ଏଥିରେ ସ୍ଥାନୀୟ ସରପଞ୍ଚ କ୍ଷୀରୋଦ କୁମାର କାଣ୍ଡି, ସୁରେନ୍ଦ୍ର କୁମାର ସ୍ୱାଇଁ,କୃଷ୍ଣ ଚନ୍ଦ୍ର ବିଶ୍ୱାଳ ସମେତ ବିସ୍ଥାପିତ ହେଉଥିବା ୮ଟି ମୌଜାର ଶତାଧିକ ଗ୍ରାମବାସୀ ଯୋଗଦେଇଥିଲେ ।

# ହିର୍ମିମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଏଲଇଡି ଚୋରି



ନବରଙ୍ଗପୁର, ୩୦।୪ (ସଂଚାର ବ୍ୟୁରୋ): ତେନ୍ତୁଳୀଖୁଣ୍ଟି ବ୍ଲକ, ଅଞ୍ଚଳ ଗୁମ୍ମା ଗ୍ରାମପଞ୍ଚାୟତ ଅନ୍ତର୍ଗତ ହିର୍ମିମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚମାନର ଶିକ୍ଷା ପାଇଁ ବିଗତ ଦିନରେ ସରକାଙ୍କ ଦ୍ୱାରା ପ୍ରତ୍ୟେକ ସ୍କୁଲରେ ଏଲଇଡ଼ି ଲଗାଇଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଗ୍ରାମର ମଧ୍ୟ ଭାଗରେ ଥିବା ଏହି ବିଦ୍ୟାଳୟରୁ ଦୁର୍ବୃତ୍ତମାନେ ଏଲଇଡ଼ି ଟିଭି ଚୋରି ହୋଇଥିବା ପ୍ରଧାନ ଶିକ୍ଷକ ଖେମାସାଗର ପୂଜାରୀ ତେନ୍ତୁଳୀଖୁଣ୍ଟି ଥାନାରେ ୨୯-୦୪-୨୦୨୬ରିଖ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ବିଧିବଧ ତଦନ୍ତ କରି ଉକ୍ତ ଏଲଇଡ଼ିକୁ ଉଦ୍ଧାର କରି ବିଦ୍ୟାଳୟକୁ ହସ୍ତାନ୍ତର କଲେ ଆସନ୍ତା ୨୦୨୬/୨୭ଶିକ୍ଷା ବର୍ଷରେ ସ୍କୁଲ ଖୋଲିବା ପରେ ଛାତ୍ରଛାତ୍ରୀ ଉପକୃତ ହୋଇଥାନ୍ତେ। ପ୍ରକାଶ ଥାଉକି ସେହି ଗ୍ରାମର କିଛି ଦୁର୍ବୃତ୍ତ ଏଭଳି କାଣ୍ଡ ଭିଆଇଥିବା ଶୁଣିବାକୁ ମିଳୁଛି।

# ପୋକ ସାଲୁବାଲୁ ପାଣି ପିଉଛନ୍ତି ଶଗଡ଼ଭଙ୍ଗା ଗ୍ରାମବାସୀ



ବେତନଟୀ, ୩୦।୪ (ସଂଚାର ବ୍ୟୁରୋ): ବେତନଟୀ ବ୍ଲକ ବେତନଟୀ ପଞ୍ଚାୟତର ଶଗଡ଼ଭଙ୍ଗା ଗ୍ରାମର ଗ୍ରାମବାସୀମାନେ ପୋକ ସାଲୁ ବାଲୁ ପାଣି ପିଉଛନ୍ତି ବୋଲି ବେତନଟୀ ବ୍ଲକର ବିଡ଼ିଓଙ୍କୁ ମଙ୍ଗଳବାର ଦିନ ଲିଖିତ ଅଭିଯୋଗ ଦେଇଛନ୍ତି। ଦୀର୍ଘ ଦିନ ଧରି ଶଗଡଭଙ୍ଗା ଗ୍ରାମର ଗ୍ରାମବାସୀ ଏକ ପରିତ୍ୟକ୍ତ କୂଅରୁ ପୋକ ସାଲୁ ଦୁର୍ଗନ୍ଧ ଗୋଳିଆ ପାଣି ବ୍ୟବହାର କରୁଛନ୍ତି। ଅନ୍ୟ ଦୁଇଟି ନଳକୂପରୁ ମଧ୍ୟ ଦୁର୍ଗନ୍ଧ ନାଲି ଗୋଳିଆ ପାଣି ବ୍ୟବହାର କରୁଛନ୍ତି। ସେହି ପାଣିରେ ଭାତ ରkନ୍ଧିଲେ ବାସୁଛି ଭାତ, ଖାଇ ହେଉନି ବୋଲି ଅଭିଯୋଗ ମଧ୍ୟ କରିଛନ୍ତି।

କିନ୍ତୁ ଶଗଡଭଙ୍ଗା ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ରହିଛି। ପ୍ରକଳ୍ପରୁ ପାଣି ମଧ୍ୟ ବାହାରୁଛି। ଗ୍ରାମରେ ପାଇପ ମଧ୍ୟ ବିଛା ଯାଇଛି ହେଲେ ପାଇପ ଫାଟି ପାଣି ବାହାରି ଯାଉଛି। କୂଅ ଓ ନଳକୂପରୁ ଗ୍ରାମବାସୀ ଗୋଳିଆ ଗୁଣ୍ଡୁଯୁକ୍ତ ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଏହି ଗ୍ରାମ ପାଇଁ ସରକାର ଓ ପ୍ରଶାସନର ଦୃଷ୍ଟି ଗୋଚର ହୋଇନାହିଁ। ସରକାରଙ୍କ ସମସ୍ତ ସେବା ଫେଲ୍ ମାରି ଥିବାର ଜଣା ପଡ଼ିଛି।

ଏହି ଗ୍ରାମଟି ବେତନଟୀ ହେଡ କ୍ୱାଟର ଠାରୁ ମାତ୍ର ତିନି କଲୋମିଟର ଦୂରରେ ଅବସ୍ଥିତ। ଏହି ଗ୍ରାମଟି ବେତନଟୀ ପଞ୍ଚାୟତର ୯ ନମ୍ବର ୱାର୍ଡ ମଧ୍ୟରେ ରହିଥିବା ବେଳେ ସିଂ ସାହି, ମହାନ୍ତ ସାହି, ସନ୍ତାଳ ସାହି ମୋଟ ୬୦ଟି ପରିବାର ରହି ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି।

ଏ ସଂପର୍କରେ ଶଗଡ଼ଭଙ୍ଗା ଗ୍ରାମର ଗ୍ରାମବାସୀ କୁହନ୍ତି ସାଧାରଣ ନିର୍ବାଚନ ଆଗରୁ ପାଇପ ପକାଇ ଦେଇ ଯାଇଛନ୍ତି ଯେ ଏ ପର୍ଯ୍ୟନ୍ତ ପାଣି ପାଇପ ଫାଟିଲା କି ରହିଲା ଦେଖିବା ପାଇଁ ଆସିନାହାଁନ୍ତି। କୂଅ ଓ ନଳ କୂଅ ପାଣି ନାଲିଆ ପଚା ବସୁଛି। ପାଣିରେ ପୋକ ଶାଲୁବାଲୁ ହେଉଛି। ଏହି ପାଣି ପିଇ ଦେହ ଖରାପ ହେଉଛି କିନ୍ତୁ ଆମ୍ବୁଲାନ୍ସ ଗାଡି ଡାକିଲେ ରାସ୍ତା ଖରାପ କହି ଗାଁକୁ ଆମ୍ବୁଲାନ୍ସ ଗାଡି ମଧ୍ୟ ଆସୁନାହାନ୍ତି। ସେହିଭଳି ନିର୍ବାଚନ ପୂର୍ବରୁ ନେତାମାନେ ଘରକୁ ଆସି ମାଉସୀ, ମାଆ, ଭଉଣୀ, ଭାଇ କହି ଜୁହାର ହେବେ। ଭୋଟ ପରେ ଦେଖା ଦେବେ ନାହିଁ। ଗାଁରେ ପାଣି ସମାଧାନ ନ ହେଲେ ଭୋଟ ବେଳେ କାହାରିକୁ ଗାଁକୁ ଆସିବାକୁ ଦେବୁନାହିଁ କିମ୍ବା ଆମ୍ଭେ କାହାରିକୁ ଭୋଟ ଦେବୁନାହିଁ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି।

# ମହିଳା କମିଶନଙ୍କ ଶିବିର ଅଦାଲତ ଆୟୋଜିତ



ଯାଜପୁର, ୩୦।୪ (ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ମହିଳା କମିଶନ୍ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କମିଶନଙ୍କ ଶିବିର ଅଦାଲତ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ମହିଳା ସମସ୍ୟା ସମ୍ପର୍କିତ ଅଭିଯୋଗର ବିଚାର କରାଯାଇଛି। ମହିଳାମାନଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଥିବା ବିଭିନ୍ନ ଆପତ୍ତି ଅଭିଯୋଗଗୁଡ଼ିକର ବିନା ଖର୍ଚ୍ଚାନ୍ତରେ ଆପୋଷ ଆଲୋଚନା ଦ୍ୱାରା ଶୀଘ୍ର ସମାଧାନ କରାଯିବା ସହ ମହିଳାଙ୍କ ଅଧିକାର ସଂପର୍କରେ ସଚେତନତା ସୃଷ୍ଟି କରିବା ଶିବିର ଅଦାଲତର ମୁଖ୍ୟ ଉଦ୍ଦେଶ୍ୟ ବୋଲି ରାଜ୍ୟ ମହିଳା କମିଶନ୍ ସଦସ୍ୟ ଡ. କଳ୍ପନା ମଲ୍ଲିକ କହିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ ସ୍ୱାଗତ ବକ୍ତବ୍ୟ ଦେଇଥିଲେ।

ରାଜ୍ୟ ମହିଳା ଆୟୋଗ ନିକଟରେ ଦାଖଲ ହୋଇଥିବା ପାରିବାରିକ କଳହ, ଘରୋଇ ହିଂସା, ନିର୍ଯ୍ୟାତନା ଓ ମହିଳା ଅଧିକାରରୁ ବଞ୍ଚିତ ଆଦି ସମସ୍ୟା ସମ୍ବନ୍ଧୀୟ ୨୬ଟି ଅଭିଯୋଗ ମାମଲାଗୁଡ଼ିକର ଶୁଣାଣି କରାଯାଇଥିଲା। ଆଜିର ଶିବିର ଅଦାଲତରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, କାଉନସିଲର ବନ୍ଦନା ମହାନ୍ତି, ଅତିରିକ୍ତ ଏସପି ଶିତିକଣ୍ଠ କାନୁନଗୋ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଆଇଆଇସି ଶରତ ନାୟକ, ଲିଗାଲ ଆସିଷ୍ଟାଣ୍ଟ ଅରବିନ୍ଦ ପଟ୍ଟନାୟକଙ୍କ ସମେତ ଏଚ୍‌ୟୁବି କର୍ମକର୍ତ୍ତା, ମହିଳା କମିଶନ କର୍ମକର୍ତ୍ତା ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ମହିଳା ବିଲ୍ ନେଇ ବିଧାନସଭାରେ ତର୍କବିତର୍କ



## ନବୀନଙ୍କୁ କାଉଣ୍ଟର କଲେ ପ୍ରଭାତୀ

ଭୁବନେଶ୍ୱର,୩୦।୪(ସଂଚାର ବ୍ୟୁରୋ): ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ କଙ୍କାଳ ପ୍ରସଙ୍ଗରେ ସରକାରୀ ଦଳକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କଡ଼ା ସମାଲୋଚନା କରିଛନ୍ତି। ମହିଳାଙ୍କ କଙ୍କାଳ ମାଟି ତଳୁ ବାହାର କରି ବ୍ୟାଙ୍କରେ ପ୍ରମାଣ ଦେବା କିଭଳି ମହିଳା ସଶକ୍ତିକରଣ ବୋଲି ନବୀନ ପ୍ରଶ୍ନ କରିଥିଲେ।

ନବୀନ ଆକ୍ଷେପ କରିଥିଲେ ଯେ ସାରା ବିଶ୍ୱରେ ଏହି ଘଟଣା ପାଇଁ ଓଡ଼ିଶାର ମୁଣ୍ଡ ଆଜି ଲଜ୍ଜାରେ ନଇଁ ଯାଉଛି। ଜଣେ ମହିଳାଙ୍କ ମୃତ୍ୟୁ ପ୍ରମାଣ କରିବା ଓ ତାଙ୍କର ପ୍ରାପ୍ୟ ପାଇବା ପାଇଁ ପରିବାର ଲୋକଙ୍କୁ ମହିଳାଙ୍କ କଙ୍କାଳ କବରରୁ ଖୋଳି ବାହାର କରି ବ୍ୟାଙ୍କକୁ ନେବାକୁ ପଡ଼ିଛି। ଭଉଣୀର ମୃତ୍ୟୁ ପରେ ଜମା ଅର୍ଥରାଶି ଉଠାଇବାକୁ ତାଙ୍କ ଭାଇ ବାରମ୍ବାର ବ୍ୟାଙ୍କ ଦୌଡ଼ି ଆନୁଷଙ୍ଗିକ କାର୍ଯ୍ୟ ଶେଷ କରିବାକୁ ବ୍ୟାଙ୍କ ଅଧିକାରୀଙ୍କୁ ଅନୁରୋଧ କରିଥିଲେ ମଧ୍ୟ ଅଧିକାରୀମାନେ ତାଙ୍କୁ ହଇରାଣ କରି ମୃତ୍ୟୁର ପ୍ରମାଣ ମାଗିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ବ୍ୟାଙ୍କରେ ପ୍ରମାଣସ୍ୱରୂପ କଙ୍କାଳ ଦେଖାଇବା ପରେ ତାଙ୍କୁ ପୁଣି ସେହି କଙ୍କାଳକୁ ପାଦରେ ଚାଲି ଚାଲି ଘରକୁ ବୋହି ଆଣିବାକୁ ପଡ଼ିଥିଲା। ଏହା ଏକ ସମ୍ବେଦନହୀନ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ପ୍ରଶାସନର ଚରମ ଅବହେଳା ଓ ଶୂନ୍ୟ ଉତ୍ତରଦାୟିତ୍ୱକୁ ଦର୍ଶାଉଛି।



ନବୀନଙ୍କ ଏହି ରାଜନୈତିକ ଆକ୍ଷେପର ଜବାବ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି ଯେ ଦାନ ମାଝୀ ଘଟଣାରେ ଓଡ଼ିଶା ନିନ୍ଦିତ ହେଲା। ସେତେବେଳେ ନବୀନ ବାବୁ କ'ଣ କରୁଥିଲେ। ଆଜି କହୁଛନ୍ତି ବିଜେପି କୁମ୍ଭୀର କାନ୍ଦଣା କାନ୍ଦୁଛି। ନବୀନଙ୍କ ୨୫ ବର୍ଷ ଶାସନରେ ମହିଳାଙ୍କ ପ୍ରତି ଅନ୍ୟାୟ ହୋଇଛି। କଂଗ୍ରେସ ୪୦ ବର୍ଷ ଧରି ଶାସନରେ ଥିଲେ। ହେଲେ ମହିଳାଙ୍କ ପାଇଁ କିଛି କଲେ ନାହିଁ। ମହିଳା ସଶକ୍ତିକରଣକୁ ବିରୋଧ କରୁଛନ୍ତି। କଂଗ୍ରେସ କେବଳ ଗାନ୍ଧି ପରିବାରର ମହିଳା ଆଗକୁ ଯାଉ ସେହି ଚିନ୍ତା କରୁଛନ୍ତି। ୨୦୨୩ରେ



ଯେଉଁ ବିଲ୍ ଆସିଲା ୨୦୨୪ରେ ଲାଗୁ ହୋଇପାରିବ ନାହିଁ। ତେଣୁ କଂଗ୍ରେସ ସେତେବେଳେ ସମର୍ଥନ କଲା ଆଉ ଏବେ ବିରୋଧ କରୁଛି। ସେହି ସମାନ ରାସ୍ତାରେ ବିଜେଡି ଯାଉଛି। ମହିଳାଙ୍କ ଭୋଟ ହାତେଇବା ପାଇଁ ୨୦୧୮ରେ ଏହାକୁ ବିଧାନସଭାରେ ଆଣିଥିଲେ। ଏବେ ଲୋକସଭାରେ ବିଜେଡିର ଜଣେ ବି ସାଂସଦ ନାହାଁନ୍ତି। ତେଣୁ ଛଳନା ପାଇଁ ବିଜେପିର ୨୦ ସାଂସଦଙ୍କୁ ଚିଠି ଲେଖିଥିଲେ ନବୀନବାବୁ। ଯେଉଁମାନେ ବର୍ଷ ବର୍ଷ ଧରି କିଛି କରିପାରିଲେ ନାହିଁ, ସେମାନେ ଆଜି ନରେନ୍ଦ୍ର ମୋଦିଙ୍କୁ ବିରୋଧ କରୁଛନ୍ତି। କାଳେ ମହିଳା ନେତା ହୋଇଯିବେ, ସେ ଭୟରେ ମହିଳାଙ୍କ ପାଇଁ ସଂରକ୍ଷଣକୁ ବିରୋଧ କରୁଛନ୍ତି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତାଙ୍କ ଦାବି

## ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପଦ ଦେଉ ବିଜେପି



ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ମହିଳାଙ୍କ ଅଧିକାର ସମ୍ପର୍କିତ ଆଲୋଚନାରେ ଭାଗ ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସରକାରୀ ଦଳକୁ ସମାଲୋଚନା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ସରକାରୀ ଦଳ ଭୁଲିଯାଉଛନ୍ତି ବିଜେପି ଓ ଆରଏସଏସରେ ମହିଳା ନାହାଁନ୍ତି। ଦେଶ ସ୍ୱାଧୀନ ସମୟରେ କଂଗ୍ରେସର ମହିଳା ଶକ୍ତି ଲଢ଼େଇ କରିଥିଲେ। ବିଜେପି ଜାଣିଶୁଣି ୨୦୨୩ ମସିହାର ବିଲକୁ କାର୍ଯ୍ୟକାରୀ କଲେନାହିଁ। ସେତେବେଳେ ପ୍ରଧାନମନ୍ତ୍ରୀଙ୍କ ଇଚ୍ଛାଶକ୍ତିର ଅଭାବ ଥିଲା। ସେ କହିଥିଲେ ଯେ ରାଜୀବ ଗାନ୍ଧି ତାଙ୍କ ସମୟରେ ମହିଳା ସଂରକ୍ଷଣ କଥା ଉଠାଇଥିଲେ। ରାଜ୍ୟରେ କଂଗ୍ରେସର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଦେବୀ ଥିଲେ। ଆପଣ ଏଠି ଜଣେ ମହିଳା ମୁଖ୍ୟମନ୍ତ୍ରୀ କରିପାରିବେ କି ବୋଲି ସେ ପ୍ରଶ୍ନ କରିଥିଲେ। ବିଜେପିର ସତସାହସ ଥିଲେ ଦେଶର ପ୍ରଧାନମନ୍ତ୍ରୀ ଓ ରାଜ୍ୟର ମୁଖ୍ୟମନ୍ତ୍ରୀ ମହିଳାଙ୍କୁ କରାଯାଉ ବୋଲି ସେ ଚ୍ୟାଲେଞ୍ଜ ଦେଇଥିଲେ। ମହିଳାଙ୍କ ପାଇଁ ବିଲ୍ କରିନାହିଁ, ସୀମା ନିର୍ଦ୍ଧାରଣ ପାଇଁ କାଟ ଖାଇଛି। ସିଜିମାଳିରେ ଆଦିବାସୀ ମା'ମାନେ ଲଢୁଛନ୍ତି। ଏମାନେ ପେଶା ଆଇନ ଏଯାଏଁ ଲାଗୁ କରୁନାହାନ୍ତି। ରାଜ୍ୟରେ ଆଦିବାସୀ ମୁଖ୍ୟମନ୍ତ୍ରୀ ଅଛନ୍ତି, ହେଲେ ଆଦିବାସୀ ନିର୍ଯାତିତ ହେଉଛନ୍ତି। ରାଜ୍ୟ ସରକାର ମହିଳାଙ୍କୁ ସମ୍ମାନ ଦେଇ ଜାଣିନାହାନ୍ତି। ବିନା ସୀମା ପୁନଃନିର୍ଦ୍ଧାରଣରେ ମହିଳା ସଂରକ୍ଷଣ ବିଲ୍ ଅଣାଯାଉ, କଂଗ୍ରେସ ସମର୍ଥନ କରିବ ବୋଲି ସେ କହିଥିଲେ।

## ଗେରୁଆ ଉପାଖ୍ୟାନରେ ପ୍ରସନ୍ନ-ସୂରଜ ମୁହାଁମୁହିଁ





ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ମୁହାଁମୁହିଁ ହୋଇଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ବିରୋଧୀ ଦଳ ଉପନେତା ଆକ୍ଷେପ କରିଥିଲେ ଯେ ରାବଣ ଯେମିତି ଗେରୁଆ ପିନ୍ଧି ସୀତାଙ୍କ ସହ ଛଳନା କଲେ, ସେମିତି ଦେଶର କୋଟି କୋଟି ସୀତାଙ୍କ ସହ କେନ୍ଦ୍ର ସରକାର ଛଳନା କରିଛନ୍ତି। ମହିଳାଙ୍କୁ ସଂରକ୍ଷଣ ଦେବାରେ ଆଗୁଆ ବିଜେଡ଼ି, କିନ୍ତୁ ବିଜେପି ଛଳନା କରୁଛି। ସ୍ୱତନ୍ତ୍ର ଅଧିବେଶନ ଆଲୋଚନା ବେଳେ ଶାସକ ଦଳକୁ ବିଧାନସଭାରେ ଏଭଳି ଟାର୍ଗେଟ କରିଥିଲେ ପ୍ରସନ୍ନ। ମହିଳା ସଂରକ୍ଷଣର ଡିଣ୍ଡିମ ପିଟୁଥିବା ବିଜେପି କେତୋଟି ରାଜ୍ୟରେ ମହିଳା ମୁଖ୍ୟମନ୍ତ୍ରୀ ଦେଇଛି ବୋଲି ସେ ପ୍ରଶ୍ନ କରିଥିଲେ। ବିଜେଡି ୨୦୧୯ରେ ୩୩ ପ୍ରତିଶତ ମହିଳାଙ୍କୁ ପ୍ରାର୍ଥୀ କରିଥିଲା। ବିଜେପି କେତେ ମହିଳାଙ୍କୁ ପ୍ରାର୍ଥୀ କରିଥିଲା ତା'ର ଉତ୍ତର ମାଗିଛନ୍ତି ପ୍ରସନ୍ନ। ମାଟି ଭିତରୁ ଏଠାରେ କଙ୍କାଳ ଉଠୁଛି, ଜଗତ୍‌ସିଂହପୁର ଜିଲ୍ଲାପାଳ ମହିଳାଙ୍କୁ ଅପମାନିତ କରୁଛନ୍ତି। ନାରୀ ସହ ଯିଏ ଛଳନା କରିଛି ଇତିହାସ କେବେ କ୍ଷମା କରିନି ବୋଲି କହିଛନ୍ତି ବିରୋଧୀ ଦଳ ଉପନେତା। ସେପଟେ ପ୍ରସନ୍ନଙ୍କୁ କାଉଣ୍ଟର କରି କରିଛନ୍ତି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଗୃହରେ ଗେରୁଆକୁ ତାଚ୍ଛଲ୍ୟ କରାଗଲା। ଗେରୁଆ ହେଉଛି ସନାତନ ସଂସ୍କୃତିର ଅଂଶବିଶେଷ। ଗେରୁଆକୁ ନେଇ ବିରୋଧୀ ଅସହିଷ୍ଣୁ ବୋଲି ବରିଷ୍ଠ ସଦସ୍ୟଙ୍କ କଥାରୁ ବାରି ହେଇଯାଉଥିଲା ବୋଲି ସେ କହିଥିଲେ। ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦଙ୍କ ବସ୍ତ୍ର କ'ଣ ଥିଲା ବୋଲି ପ୍ରଶ୍ନ କଲେ ସୂର୍ଯ୍ୟବଂଶୀ। ବିରୋଧୀଙ୍କ ଭିତରେ ଗେରୁଆ ଫୋବିଆ ରହିଛି ବୋଲି ସେ କହିଥିଲେ।



## ଯାଞ୍ଚରୁ ବାଦ୍ ପଡ଼ିଲେନି ବିଧାୟକ

ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ପାଇଁ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଥିଲା। ବିଧାନସଭାକୁ ପ୍ରବେଶ କରୁଥିବା ବିଧାୟକଙ୍କ ଗାଡ଼ି ବି ଏହି ଯାଞ୍ଚରୁ ବାଦ ପଡ଼ି ନ ଥିଲା। ସବୁ ବିଧାୟକଙ୍କ ଗାଡ଼ିକୁ ତନ୍ନତନ୍ନ କରି ପ୍ରବେଶ ଦ୍ୱାର ନିକଟରେ ସୁରକ୍ଷା କର୍ମୀମାନେ ଯାଞ୍ଚ କରିଥିଲେ। ଏହାକୁ ନେଇ ବିରୋଧୀ କଂଗ୍ରେସ ଓ ବିଜେଡି ବିଧାୟକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାଦ୍ୱାରା ବିଧାୟକଙ୍କ ସମ୍ମାନହାନି କରାଯାଉଛି ବୋଲି ଅଭିଯୋଗ କରିଥିଲେ ବିଜେଡି ବିଧାୟକ ଧ୍ରୁବ ସାହୁ ଓ କଂଗ୍ରେସ ବିଧାୟକ ରାଜେନ ଏକ୍କା। ବିଧାୟକ ଗାଡ଼ିକୁ ଆତଙ୍କବାଦୀଙ୍କ ଭଳି କାହିଁକି ଯାଞ୍ଚ କରାଯାଉଛି ବୋଲି ସେମାନେ ପ୍ରଶ୍ନ କରିଥିଲେ। ସୁରକ୍ଷା ନାଁରେ ସରକାର ମନମାନୀ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ ଧ୍ରୁବ ସାହୁ। ଏପଟେ ସୁରକ୍ଷା ଦୃଷ୍ଟି ଯାଞ୍ଚ ହେଉଛି। ତେଣୁ ଏଥିରେ କୌଣସି ଅସୁବିଧା ନାହିଁ। ଶାସକ ଦଳର ବିଧାୟକଙ୍କ ଗାଡ଼ି ମଧ୍ୟ ଯାଞ୍ଚ ହୋଇଛି ବୋଲି କହିଛନ୍ତି ବିଜେପି ବିଧାୟକ ଅଶୋକ ମହାନ୍ତି।

## ସେମିନାର ହଲ୍ ହୋଇଛି ବିଧାନସଭା



ମହିଳା ସଂରକ୍ଷଣ ପ୍ରସଙ୍ଗରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନକୁ ନେଇ ବର୍ଷିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ସେ କହିଛନ୍ତି ଯେ ଏହା କେଉଁ ବିଲ୍ ଯେ ଏହାକୁ ବିଧାନସଭାରେ ଆଲୋଚନା କରାଯିବ। ଏହା ତ ଜନତା ମଇଦାନରେ ଟେଣ୍ଟ ବାନ୍ଧି କରିପାରିଥାନ୍ତେ। ବିଜେପି କେବଳ ଏହାକୁ ନେଇ ଟାଇମ ପାସ କରୁଛି। ସେ କହିଥିଲେ ଯେ ବିଜୁବାବୁ ମହିଳା କମିଶନ ତିଆରି କରିଥିଲେ। ସେ ମହିଳା ବିକାଶ ନିଗମ ଓ ମହିଳା ବ୍ୟାଙ୍କ ତିଆରି କରିଥିଲେ। ସେ ଜଣେ ମହିଳାଙ୍କ କଥାରେ ମଜୁରୀ ବି ବଢାଇଥିଲେ। ବିଜୁବାବୁ ଯେଉଁ କାମ କରିଥିଲେ, ଆପଣ ସାତ ଜନ୍ମରେ କରିପାରିବେ ନାହିଁ। ତାଙ୍କ ପୁଅ ନବୀନ ପଟ୍ଟନାୟକ ପଞ୍ଚାୟତିରାଜ ବ୍ୟବସ୍ଥାରେ ୫୦ ପ୍ରତିଶତ ସଂରକ୍ଷଣ ଦେଇଥିଲେ। ହେଲେ ଆପଣ କେବଳ ଗପ କହୁଛନ୍ତି। ଲୋକ ଏସବୁ ଜାଣିସାରିଲେଣି। ବିଜୁ ସ୍ୱାସ୍ଥ୍ୟ କାର୍ଡରେ ମହିଳାଙ୍କ ପାଇଁ ୫ ଲକ୍ଷରୁ ୭ ଲକ୍ଷକୁ ବିଜେଡି ସରକାର ଅମଳରେ ବଢ଼ାଯାଇଥିଲା। ମହିଳାଙ୍କ ସୁରକ୍ଷା ଓ ଶିକ୍ଷା ପାଇଁ ନବୀନ ବାବୁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ। ୨୦୧୮ରେ ବିଜେଡି ସରକାର ଏକ ମୋସନ ଆଣି ସଂସଦ ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ସହମତି ନେଇଥିଲେ। ୨୦୧୯ରେ ବିଜେଡି ଲୋକସଭାରେ ୩୩ ପ୍ରତିଶତ ମହିଳାଙ୍କୁ ପ୍ରାର୍ଥୀ କରିଥିଲା।

## ଦୁଇ ଟ୍ରକ୍ ମୁହାଁମୁହିଁ: ଜଳିଗଲେ ଟ୍ରକ୍ ଚାଳକ



ହେମଗିର, ୩୦।୪ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲାସ୍ଥିତ ଗୋପାଳପୁର ଡିବିଏଲ କମ୍ପାନୀ ସମ୍ମୁଖରେ ଦୁଇଟି ଟ୍ରକ୍ ମୁହାଁମୁହିଁ ହୋଇଥିବା ବେଳେ ଏଥିରେ ଜଣେ ଚାଳକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଦୁର୍ଘଟଣା ପରେ ଉଭୟ ଟ୍ରକ୍‌ରେ ନିଆଁ ଲାଗିଯାଇଥିଲା ଓ ଏହି ନିଆଁରେ ଗୋଟିଏ ଟ୍ରକ୍‌ର ଚାଳକ ପୂରାପୂରି ଜଳିଯାଇ ମୃତ୍ୟୁବରଣ କରିଛନ୍ତି। ଏପରି ଏକ ଦୁଃଖଦ ଘଟଣା ଘଟିଛି ଗୋପାଳପୁରରେ। ଏକ ଆଇରନ ବୋଝେଇ ଟ୍ରକ୍ ଅନ୍ୟ ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ଲାଗିଥିଲା। ଫଳରେ ଉଭୟ ଟ୍ରକ୍ ଜଳିଯାଇଛି। ଖବର ପାଇ ଘଟଣାସ୍ଥଳରେ ହେମଗିର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତ୍ୟୁବରଣ କରିଥିବା ଡ୍ରାଇଭର ଜଣଙ୍କ ବିହାର ଅଞ୍ଚଳର ବୋଲି ଜଣାପଡ଼ିଥିଲେ ମଧ୍ୟ ତାଙ୍କ ପରିଚୟ ମିଳିପାରିନାହିଁ। ସେହିପରି ତେବେ ଅନ୍ୟ ଚାଳକ ଜଣଙ୍କ ଗୁରୁତର ଅବସ୍ଥାରେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

## ଘର ଭିତରେ ପଶିଲା କାର୍, ବର୍ତ୍ତିଗଲେ ଦୁଇ



ଉଦଳା,୩୦।୪(ସଂଚାର ବ୍ୟୁରୋ): ଘର ଭିତରେ ପଶିଗଲା କାର, ବର୍ତ୍ତିଗଲେ ଦୁଇ ଜଣ। ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଗୁଡୁଗୁଡ଼ିଆ ଗାଁରେ ଏପରି ଏକ ଅଘଟଣ ଘଟିଛି। ଉଦଳା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ଜେନା ରାଢୋରୁ ଉଦଳା ଅଭିମୁଖେ ନିଜ କାରରେ ଆସୁଥିଲେ। ତେବେ ଗୁଡୁଗୁଡ଼ିଆ ଛକ ନିକଟରେ ଅଚାନକ ଜଣେ ବାଇକ ଆରୋହୀ ତାଙ୍କ କାର୍ ସାମ୍ନାକୁ ଚାଲିଆସିବାରୁ ସେ ଭାରସାମ୍ୟ ହରାଇଥିଲେ। ଉକ୍ତ ବାଇକ୍ ଆରୋହୀଙ୍କୁ ବଞ୍ଚାଇବାକୁ ସେ କାର୍‌କୁ ବାମ ପଟକୁ କାଟି ଦେଇଥିଲେ। ଫଳତଃ କାର୍ ସହ କାର୍ଯ୍ୟନିର୍ବାହୀ ଅଧିକାରୀ ରାସ୍ତା ତଳକୁ ଖସିଯାଇଥିଲେ। ପରେ କାର୍‌ଟି ସାମ୍ନାରେ ଥିବା ଏକ ଘର ଭିତରେ ପଶିଯାଇଥିଲା। ତେବେ ଘର ଭିତରେ ଥିବା ୨ ଜଣ ବ୍ୟକ୍ତି ଘରର ବିପରୀତ ପାର୍ଶ୍ୱରେ ଥିବାରୁ ଅଳ୍ପକେ ଏକ ବଡ଼ ଧରଣର ଅଘଟଣରୁ ବର୍ତ୍ତିଯାଇଛନ୍ତି। କିନ୍ତୁ ବାଇକ୍ ଚାଳକ ଜଣଙ୍କ ଗାଡ଼ିରୁ ପଡ଼ି ଆହତ ହୋଇ ଉଦଳା ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

● ମହିଳା ସିଆରସିସିଙ୍କୁ ଯୌନ ନିର୍ଯାତନା ମାମଲା

## ବନ୍ଧାହେଲେ ଡିଇଓ, ବିଇଓଙ୍କ ସମେତ ପିଇଟି



ବରଗଡ଼,୩୦।୪(ସଂଚାର ବ୍ୟୁରୋ): ବନ୍ଧାହେଲେ ଡିଇଓ, ବିଇଓ ଓ ପିଇଟି। ବରଗଡ଼ ଜିଲ୍ଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ , ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ସାହୁଙ୍କ ସହ ସତଲାମା ସ୍କୁଲର ଶାରୀରିକ ଶିକ୍ଷା ଶିକ୍ଷକ ସମୀର ପାଣିଗ୍ରାହୀ ଗିରଫ ହୋଇଛନ୍ତି। ଗତକାଲି ତିନି ଅଧିକାରୀଙ୍କୁ ଉଠାଇନେଇଥିଲା ବରଗଡ଼ ଟାଉନ ପୁଲିସ। ସେମାନଙ୍କୁ ଆଜି ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।ମିଳିଥିବା ସୂଚନାନୁଯାୟୀ, ବରଗଡ଼ ପୌରାଞ୍ଚଳରେ ଜଣେ ମହିଳା ସିଆରସିସିଙ୍କୁ ଅସଦାଚରଣ ନେଇ ଅଭିଯୋଗ ହୋଇଥିଲା। ମହିଳା ଶିକ୍ଷୟିତ୍ରୀଙ୍କୁ ଅଶ୍ଳୀଳ ମେସେଜ ସହ ଯୌନ ନିର୍ଯାତନା ଦେଇଥିଲେ। ଏନେଇ ମହିଳା ଜଣଙ୍କ ବରଗଡ଼ ଟାଉନ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଏଫଆଇଆର୍ ଆଧାରରେ ପୁଲିସ ଗତକାଲି ଅପରାହ୍ଣରେ ଦୁଇ ଶିକ୍ଷାଧିକାରୀଙ୍କୁ ଉଠାଇ ଆଣି ପଚରାଉଚରା କରିଥିଲା। ଦୀର୍ଘ ସମୟ ଧରି ଜେରା କରିବା ପରେ ଆଜି ତିନି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

● ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା

## ଦୋଷୀକୁ ୨୫ ବର୍ଷ ସଶ୍ରମ କାରାଦଣ୍ଡ

ଅନୁଗୋଳ,୩୦।୪(ସଂଚାର ବ୍ୟୁରୋ): ଅନୁଗୋଳ ବେନ୍ତପୁର ଅଞ୍ଚଳରେ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ଦୋଷୀକୁ ୨୫ ବର୍ଷ ସଶ୍ରମ କାରାଦଣ୍ଡ। ଅନୁଗୋଳ ଜିଲ୍ଲାର ଫାଷ୍ଟ ଟ୍ରାକ୍ କୋର୍ଟରେ ଏଭଳି ସମ୍ବେଦନଶୀଳ ମାମଲାର ରାୟ ଶୁଣାଇଛନ୍ତି। ଦଣ୍ଡଧର ନାୟକଙ୍କୁ କୋର୍ଟ ୨୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଚଳିତ ବର୍ଷ ବେନ୍ତପୁର ଅଞ୍ଚଳରେ ଜଣେ ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ କରାଯାଇଥିବା ନେଇ ପକ୍ସୋ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ମାମଲାର ସମସ୍ତ ପ୍ରମାଣ ଓ ସାକ୍ଷ୍ୟକୁ ଆଧାର କରି କୋର୍ଟ ଏଭଳି କଠୋର ରାୟ ପ୍ରକାଶ କରିଛନ୍ତି।

● କଟକ ଓଏମପି ଷଷ୍ଠ ବାଟାଲିୟନରେ ପୁଲିସକୁ ଛୁରାମାଡ଼

## ୩ କର୍ମଚାରୀ ଆହତ, ଏସ୍‌ସିବିରେ ଭର୍ତ୍ତି

କଟକ,୩୦।୪(ସଂଚାର ବ୍ୟୁରୋ): ପୁଲିସକୁ ହୋଇଛି ଛୁରାମାଡ଼। କଟକ ଷଷ୍ଠ ବାଟାଲିୟନ ପରିସରରେ ପୁଲିସ କର୍ମଚାରୀଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ବେଳେ ଧାରୁଆ ଅସ୍ତ୍ରରେ କେତେକ ଅସାମାଜିକ ବ୍ୟକ୍ତି ଆକ୍ରମଣ କରିଛନ୍ତି। ଏଥିରେ ୩ ଜଣ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କାହାର ମୁଣ୍ଡରେ ତ ଆଉ କାହା ପିଠିରେ ଏବଂ କାହାର ହାତରେ ଗଭୀର ଆଘାତ ଲାଗିଛି। ସମସ୍ତଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଏସ୍‌ସିବି ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିବା ବେଳେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଗତକାଲି ରାତିରେ ବାଟାଲିୟନ କ୍ୟାମ୍ପସ ଭିତରେ ଥିବା ପୋଖରୀ କୂଳରେ




ଦୁଇ ଜଣ ଯୁବକ ଓ ଯୁବତୀ ବସିଥିଲେ। ତେବେ ବାଟାଲିୟନର ଜଣେ ହାବିଲଦାର ସେମାନଙ୍କ ପରିଚୟ ପଚାରିବାରୁ ଉକ୍ତ ଯୁବକ ଓ ଯୁବତୀ ପାଟିତୁଣ୍ଡ କରିଥିଲେ। ସ୍ଥିତିକୁ ଦେଖି ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚିଥିଲା। କିନ୍ତୁ ସମ୍ପୃକ୍ତ ଯୁବକ ଜଣଙ୍କ ଫୋନ କରି ତାଙ୍କର ସାଙ୍ଗମାନଙ୍କୁ ଡକାଇଥିଲେ। କେତେକ ଅସାମାଜିକ ଯୁବକ ସେଠାରେ ପହଞ୍ଚି ପୁଲିସ କର୍ମଚାରୀଙ୍କୁ ଧାରୁଆ ଅସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିଲେ। ଏହି ମାମଲାରେ ଚାଉଳିଆଗଞ୍ଜ ଥାନା ପୁଲିସ ୫ ଜଣ ଆକ୍ରମଣକାରୀଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଘଟଣାସ୍ଥଳରୁ ଚାବି ରିଙ୍ଗ ଓ ଅନ୍ୟାନ୍ୟ କିଛି ସାମଗ୍ରୀ ଜବତ କରାଯାଇଛି।

## କାଜୁ ବଗିଚାରୁ ଦନ୍ତାହାତୀର ମୃତଦେହ ଉଦ୍ଧାର

ମୃତ୍ୟୁ କାରଣ ଅସ୍ପଷ୍ଟ, ବନ ବିଭାଗର ତଦନ୍ତ ଜାରି



ବଲାଙ୍ଗିର,୩୦।୪(ସଂଚାର ବ୍ୟୁରୋ): କାଜୁ ବଗିଚାରୁ ମିଳିଛି ଦନ୍ତା ହାତୀର ମୃତଦେହ। ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଚାନୁଟମାଲ ଗାଁ ନିକଟସ୍ଥ କାଜୁ ବଗିଚାରୁ ମିଳିଛି ଉକ୍ତ ଦନ୍ତା ହାତୀର ମୃତଦେହ। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଅନେକ ଦିନ ଧରି ହାତୀପଲ ମୁରିବାହାଲର ରେଞ୍ଜର ବିଭିନ୍ନ ଗାଁରେ ଉପଦ୍ରବ କରୁଥିଲେ। କିନ୍ତୁ ଆଜି ସକାଳେ ଚାନୁଟମାଲ ଗାଁ ନିକଟସ୍ଥ କାଜୁ ବଗିଚାରେ ଦନ୍ତା ହାତୀର ମୃତଦେହ ପଡ଼ିଥିବା କାଜୁ ବଗିଚା ମାଲିକ ଦେଖିବାକୁ ପାଇବା ପରେ ଏନେଇ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

ସୂଚନାନୁଯାୟୀ, ଗତ କିଛି ଦିନ ହେବ ଉକ୍ତ ଅଞ୍ଚଳରେ ଦନ୍ତା ହାତୀ ଚଳପ୍ରଚଳ କରି ଲୋକଙ୍କ ଫସଲ ନଷ୍ଟ କରୁଥିଲା। ତେବେ ହାତୀଟି କାଜୁବାଦାମ ଖାଇବାକୁ ବଗିଚାରେ ପଶିଥିବା ବେଳେ ତାର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଘଟଣାସ୍ଥଳରେ ମୁରିବାହାଲ ରେଞ୍ଜର, ବନ ବିଭାଗ କର୍ମଚାରୀ, ଅଧିକାରୀ ପହଞ୍ଚି ତଦନ୍ତ କରୁଛନ୍ତି। ଏଥିସହ ପ୍ରାୟ ୪ ମାସ ମଧ୍ୟରେ ଏହା ସ୍ଥାନୀୟ ଅଞ୍ଚଳରେ ଦ୍ୱିତୀୟ ହାତୀ ମୃତ୍ୟୁ ଘଟଣା ବୋଲି ଜଣାପଡ଼ିଛି।

## ମାଟି ଅତଡ଼ା ଖସି ମହିଳା ମୃତ

କୋରାପୁଟ,୩୦।୪(ସଂଚାର ବ୍ୟୁରୋ): ମାଟି ଅତଡ଼ା ଖସି ତା' ତଳେ ଚାପି ହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଦୁଇ ଜଣ ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି। ଏଭଳି ଅଘଟଣ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ନୀଳ ଦୋରାପୁଟ ଗାଁରେ ଘଟିଛି। ଗୁରୁତର ଭାବେ ଆହତ ହୋଇଥିବା ମହିଳାଦ୍ୱୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ମୃତ୍ୟୁବରଣ କରିଥିବା ମହିଳା ଜଣଙ୍କ ମାଳିବେଲଗାଁର ଗୁପ୍ତେଶ୍ୱରୀ ଚୁଡ଼ିଆ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ମାଳିବେଲଗାଁର ୫ ଜଣ ମହିଳା ନିକଟସ୍ଥ ନୀଳ ଦୋରାପୁଟ ଗାଁକୁ ଘର ଲିପିବା ପାଇଁ ଧଳା ମାଟି ଆଣିବାକୁ ଯାଇଥିଲେ। ତେବେ ସେଠାରେ ମାଟି ଖୋଳିବା ସମୟରେ ହଠାତ୍ ମାଟି ଅତଡ଼ା ଖସି ପଡ଼ିଥିଲା। ମାଟି ତଳେ ତିନି ଜଣ ମହିଳା ଫସି ହୋଇ ରହି ଯାଇଥିଲେ। କୌଣସି ପ୍ରକାରେ ଅନ୍ୟ ଦୁଇ ମହିଳା ଗାଁ ଲୋକଙ୍କ ସହାୟତାରେ ୨ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଗୁପ୍ତେଶ୍ୱରୀ ମାଟି ତଳେ ରହିଯାଇଥିଲେ। ଖବର ପାଇ ନନ୍ଦପୁର ପୁଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ତାଙ୍କୁ ମାଟି ଭିତରୁ ଉଦ୍ଧାର କରିଥିଲେ ହେଁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।

## ସାଂସଦଙ୍କ ଦ୍ୱାରା ଥଣ୍ଡା ପାନୀୟ ଜଳ କେନ୍ଦ୍ର ଉଦ୍‌ଘାଟିତ

କଟକ,୩୦।୪(ସଂଚାର ବ୍ୟୁରୋ): କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ଦ୍ୱାରା ସ୍ଥାନୀୟ ବାଦାମବାଡ଼ି ପାଲା ମଣ୍ଡପ, ବାଟଗୋସାଇଁଠାରେ ଏକ ଥଣ୍ଡା ପାନୀୟ ଜଳ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଜେପି ନେତା ଲଲାଟେନ୍ଦୁ ବଡୁ, ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ଜ୍ୟୋତିରଞ୍ଜନ ରାୟ, କର୍ପୋରେଟର ଗଗନ ଓଝା, ଗୋପାଳ ବେହେରା, ସୁଶୀଲ କୁମାର ସ୍ୱାଇଁ, ଉପସଭାପତି ସୁନୀଲ ଦ୍ୱିବେଦୀ, ଭାଗୀରଥି ଦଳାଇ, ବାଦାମବାଡ଼ି ମଣ୍ଡଳ ପକ୍ଷରୁ ସୁରତ ରାଉତ, ଉମେଶ ବାରିକ, ଶ୍ୟାମପ୍ରକାଶ ବେହେରା, ସନ୍ତୋଷ କୁମାର ବାରିକ, ଅକ୍ଷୟ ରାଉତ, କବିରାଜ ବାରିକ, ସୁଶାନ୍ତ ବାରିକ, ଈଶ୍ୱର ରାଉତ, ବିଜୟ ବାରିକ, ଶଶାଙ୍କ ବାରିକ, ପୁର୍ନମାସୀ ମହାପାତ୍ର, ଧୀର ପ୍ରସାଦ ମହାନ୍ତି, ସୁଚିତ୍ରା ରାଏ ଉପସ୍ଥିତ ଥିଲେ।




## ଏସିଡ୍ ପୀଡ଼ିତାଙ୍କୁ ମିଳିବ ପେନ୍‌ସନ୍

### ୫ ସୁଦ୍ଧା ତାଲିକା ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୩୦।୪(ସଂଚାର ବ୍ୟୁରୋ): ଏସିଡ୍ ମାଡ଼ରେ ଆକ୍ରାନ୍ତ ହୋଇଥିବା ପୀଡ଼ିତମାନଙ୍କୁ ରାଜ୍ୟ ସରକାର ଦେବେ ପେନ୍‌ସନ୍। ସେମାନଙ୍କର



ଏକ ତାଲିକା ଦେବା ସକାଶେ ଜିଲ୍ଲାପାଳମାନଙ୍କୁ ଆଜି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଚିଠି ଜାରି କରାଯାଇଛି। ଆସନ୍ତା ୫ ତାରିଖ ସୁଦ୍ଧା ଏହି ତାଲିକା ଦେବାକୁ କୁହାଯାଇଛି। ଏଥିସହ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ଏସିଡ୍ ଆକ୍ରମଣ ପୀଡ଼ିତାଙ୍କୁ ସହାୟତା ନେଇ ରାଜ୍ୟ ସରକାର ତତ୍ପର ହୋଇଛନ୍ତି। 'ମଧୁବାବୁ ପେନ୍‌ସନ ଯୋଜନା' ଓ 'ଏନ୍‌ଏସ୍‌ଏପି' ଅଧୀନରେ କେତେ ସଂଖ୍ୟକ ଏସିଡ୍ ପୀଡ଼ିତା ପେନ୍‌ସନ୍ ପାଉଛନ୍ତି, ତା'ର ଜିଲ୍ଲାଭିତ୍ତିକ ତଥ୍ୟ ଦେବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ଏସିଡ୍ ପୀଡ଼ିତାଙ୍କ କ୍ଷେତ୍ରରେ କୋର୍ଟ ରାଜ୍ୟମାନଙ୍କୁ କ୍ଷତିପୂରଣ ବିବରଣୀ ଓ ବକେୟା ଅର୍ଥ ଶୀଘ୍ର ପ୍ରଦାନ କରିବାକୁ କହିଛନ୍ତି। ଏଥିପାଇଁ ସମସ୍ତ ବିଭାଗରୁ ତଥ୍ୟ ସଂଗ୍ରହ କରିବା ପରେ ରାଜ୍ୟ ସରକାର କୋର୍ଟରେ ଅଫିଡେଭିଟ୍ ଦାଖଲ କରିବେ ବୋଲି ଜଣାପଡ଼ିଛି।

# ରାଜଧାନୀକୁ ଆଶ୍ୱସ୍ତ କଲା କାଳବୈଶାଖୀ

ଅଟକିଲା ମହାପ୍ରଭୁଙ୍କ ଚାପ



ଭୁବନେଶ୍ୱର, ୩୦।୪ (ସଂଚାର ବ୍ୟୁରୋ):ପ୍ରଚଣ୍ଡ ଗ୍ରୀଷ୍ମ ଲହରୀରେ ରାଜଧାନୀ ସମେତ ରାଜ୍ୟର ବହୁ ଅଞ୍ଚଳର ଲୋକମାନେ ଅତିଷ୍ଠ ହେଉଥିବା ବେଳେ ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀ ବର୍ଷା କିଛିଟା ଆଶ୍ୱସ୍ତି ଆଣିଛି। ଭୁବନେଶ୍ୱରରେ କାଳବୈଶାଖୀ ବର୍ଷା ଆଶ୍ୱସ୍ତି ଆଣିଥିବାବେଳେ ପୁରୀରେ କାଳବୈଶାଖୀ ବର୍ଷା ଯୋଗୁ ମହାପ୍ରଭୁଙ୍କ ଚାପ ପ୍ରଭାବିତ ହୋଇଛି।

ଆଜି ଦିନରେ ଭୁବନେଶ୍ୱର ସମେତ ଆଖପାଖ ସ୍ଥାନରେ ମଧ୍ୟମ ଧରଣର ଗ୍ରୀଷ୍ମ ଲହରୀ ପ୍ରବାହିତ ହେବା ସହିତ କିଛିମାତ୍ରାରେ ଗୁଳୁଗୁଳି ଅନୁଭୂତ ହେଉଥିଲା। ମାତ୍ର ସନ୍ଧ୍ୟାକୁ ବଦଳି ଯାଇଥିଲା ରାଜଧାନୀର ପାଗ। ବିଜୁଳି ଘଡ଼ଘଡ଼ି ସହ ମାଡ଼ି ଆସିଲା ବର୍ଷା। ପ୍ରବଳ ଛେଚିଲା। ଗତ କିଛିଦିନ ଧରି ଗରମ ଓ ଗୁଳୁଗୁଳିରେ ଅତିଷ୍ଠ ହୋଇଥିବା ଲୋକଙ୍କୁ ଆଶ୍ୱସ୍ତି ଦେଇଛି କାଳବୈଶାଖୀ ବର୍ଷା। କିଛି ଦିନ ଧରି ଜାରି ରହିଥିବା ତାତି ଓ ଗୁଳୁଗୁଳିରେ ଲାଗିଲା ବ୍ରେକ୍। କେବଳ ଭୁବନେଶ୍ୱର ନୁହେଁ, ରାଜ୍ୟର ଅଧିକାଂଶ ଜିଲ୍ଲାରେ କାଳବୈଶାଖୀ ତାଣ୍ଡବ ହୋଇଥିବା ଖବର ମିଳିଛି। ଆସନ୍ତା ୨ ଘଣ୍ଟା ପର୍ଯ୍ୟନ୍ତ ଭୁବନେଶ୍ୱର ଓ କଟକ ସହରରେ ପ୍ରବଳ ବର୍ଷା ସହ ବିଜୁଳି, ଘଡ଼ଘଡ଼ି ସହ କୁଆପଥର ପଡ଼ିବା ସମ୍ଭାବନା ରହିଛି।ତେବେ ପୁରୀରେ କାଳବୈଶାଖୀ ବର୍ଷା ଯୋଗୁ ମହାପ୍ରଭୁଙ୍କ ଚାପ ପ୍ରଭାବିତ ହୋଇଛି। ଆଜି ସନ୍ଧ୍ୟାରେ ଦିନ ଚାପ ଅନୁଷ୍ଠିତ ହେଉଥିବାବେଳେ ହଠାତ୍ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା, ପବନ ଆରମ୍ଭ ହୋଇଯାଇଥିଲା। ନନ୍ଦା ଓ ଭଦ୍ରା ଚାପରେ ବିରାଜିତ ମହାପ୍ରଭୁ ଜଳକ୍ରୀଡା ସାରି ଫେରୁଥିବାବେଳେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ,ପବନ ଯୋଗୁଁ ନରେନ୍ଦ୍ର ପୁଷ୍କରିଣୀର ଗୋଟିଏ ପାର୍ଶ୍ୱରେ ଚାପ ଅଟକି ଯାଇଥିଲା। ତୁରନ୍ତ ଆଉ ଗୋଟିଏ ଡଙ୍ଗା, ଲାଇଫ ଗାର୍ଡ ଓ ରଶି ଦ୍ୱାରା ଚାପ ଡଙ୍ଗାକୁ କୂଳକୁ ଅଣାଯାଇଥିଲା। ଏହି ସମୟରେ ବିଦ୍ୟୁତ୍ କାଟ୍ ମଧ୍ୟ ହୋଇଥିଲା। ଅପରପକ୍ଷରେ, ପଶ୍ଚିମ ଓଡିଶାରେ ଏବେ ମଧ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ବଲାଙ୍ଗୀରରେ ୪୩.୨ ଡିଗ୍ରୀ ରେକର୍ଡ ହୋଇଥିଲା । ସେହିପରି ଝାରସୁଗୁଡ଼ାରେ ଗତକାଲି ୪୫.୩ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ଉପକୂଳ ଓଡ଼ିଶାରେ ତାପମାତ୍ରା ୩୮ଡିଗ୍ରୀ ମଧ୍ୟରେ ରହୁଛି । ଆସନ୍ତାକାଲି ବର୍ଷା ନେଇ ମୟୂରଭଞ୍ଜ ବାଲେଶ୍ୱରକୁ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




କ

SANCHAR

ସଂଚାର

ଶୁକ୍ରବାର ୧ ମେ ୨୦୨୬

BUSINESS




# ଆଜିଠୁ ମହଙ୍ଗା ହେବ ଧୂମପାନ

## ସିଗାରେଟ ମୂଲ୍ୟରେ ହୋଇପାରେ ୧୭% ବୃଦ୍ଧି



ନୂଆଦିଲ୍ଲୀ, ୩୦।୪: ଆସନ୍ତା ମାସଠାରୁ ଭାରତରେ ସିଗାରେଟ୍ ପିଇବା ମହଙ୍ଗା ହୋଇପାରେ। ମିଡିଆ ରିପୋର୍ଟ ଅନୁଯାୟୀ,ପ୍ରମୁଖ ସିଗାରେଟ୍ କମ୍ପାନୀ ଆଇଟିସିଏବଂ ଗଡଫ୍ରେ ଫିଲିପ୍ସ ମେ ମାସରେ ୧୭% ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି କରିପାରନ୍ତି। ଏହି ଖବର ସାମ୍ନାକୁ ଆସିବା ପରେ ସୋମବାର ଏପ୍ରିଲ ୨୯ ତାରିଖରେ ଏହି କମ୍ପାନୀଗୁଡ଼ିକର ଶେୟାର ୬.୫% ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

ଡିଷ୍ଟ୍ରିବ୍ୟୁଟରଙ୍କ ମତାମତ ଏବଂ ଚ୍ୟାନେଲ ଚେକ୍ ଉପରେ ଆଧାର କରି, ଏନଡିଟିଭି ପ୍ରଫିଟ ରିପୋର୍ଟରେ ସିଗାରେଟ ମୂଲ୍ୟ ବୃଦ୍ଧି ନେଇ ଖବର ପ୍ରକାଶ କରିଛି। ଏଥିରେ କୁହାଯାଇଛି ଯେ ମୂଲ୍ୟ ପରିବର୍ତ୍ତନ କେବଳ ପ୍ରିମିୟମ୍ ଉତ୍ପାଦ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ। କମ୍ପାନୀଗୁଡ଼ିକ ଭାଲ୍ୟୁ-ଆଣ୍ଡ ବ୍ରାଣ୍ଡସ (ଶସ୍ତା ସିଗାରେଟ୍) ର ମୂଲ୍ୟ ମଧ୍ୟ ବୃଦ୍ଧି କରିପାରନ୍ତି। ଉଦାହରଣ ସ୍ୱରୂପ, ମେ ୨୦୨୬ରେ ଆଇଟିସିର ଗୋଲ୍ଡଫ୍ଲେକ୍ ପ୍ରିମିୟମର ଏକ ପ୍ୟାକେଟର ମୂଲ୍ୟ ୧୧୫ ଟଙ୍କାରୁ ପ୍ରାୟ ୧୩୫ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିପାରେ।

୨୯ ଏପ୍ରିଲରେ, ଆଇଟିସି ଶେୟାର ପ୍ରାୟ ୪% ବୃଦ୍ଧି ପାଇ ବନ୍ଦ ହୋଇଥିଲା, ଏବଂ ଗଡଫ୍ରେ ଫିଲିପ୍ସର ଶେୟାର ୭% ବୃଦ୍ଧି ପାଇଥିଲା। ନିଫ୍ଟି ଏଫଏମସିଜି ସୂଚକାଙ୍କ ମଧ୍ୟ ୨% ବୃଦ୍ଧି ପାଇଥିଲା, ଆଇଟିସି ଏଥିରେ ଆଗୁଆ ରହିଥିଲା। ଜିଓଜିତ ଇନଭେଷ୍ଟମେଣ୍ଟର ଗବେଷଣା ମୁଖ୍ୟ ବିନୋଦ ନାୟାରଙ୍କ ଅନୁଯାୟୀ, ସିଗାରେଟ୍ କମ୍ପାନୀଗୁଡ଼ିକ ପାଖରେ ମୂଲ୍ୟକୁ ନିୟନ୍ତ୍ରଣ କରିବା ପାଇଁ ଭଲ କ୍ଷମତା ରହିଛି। ଯାହା ସେମାନଙ୍କୁ ଟିକସ ବୃଦ୍ଧି ସତ୍ତ୍ୱେ ସେମାନଙ୍କର ଲାଭକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିଥାଏ। ତେଣୁ ଏହି ଦୁଇ କମ୍ପାନୀ ସିଗାରେଟ ବ୍ୟବସାୟ କ୍ଷେତ୍ରରେ ନିଜର ପ୍ରାଧାନ୍ୟ ବିସ୍ତାର କରି ଚାଲିଛନ୍ତି।

ଏହି ବର୍ଷ ଆରମ୍ଭରେ, ସଂସଦ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ (ସଂଶୋଧନ) ବିଲ୍ ୨୦୨୫ କୁ ଅନୁମୋଦନ କରିଥିଲା, ଫଳରେ ସିଗାରେଟ୍ ଏବଂ ତମାଖୁ ଉତ୍ପାଦ ଉପରେ ଶୁଳ୍କ ବୃଦ୍ଧି ହୋଇଥିଲା। ଫେବୃଆରୀ ୧ ରୁ ଲାଗୁ ହୋଇଥିବା ଏହି ନିୟମ ଅନୁସାରେ, ସିଗାରେଟର ଲମ୍ବ ଆଧାରରେ ପ୍ରତି ୧୦୦୦ ଷ୍ଟିକ୍ ପାଇଁ ୨୦୫୦ ରୁ ୮,୫୦୦ ଟଙ୍କା ପର୍ଯ୍ୟନ୍ତ ଉତ୍ପାଦ ଶୁଳ୍କ ଲାଗୁ କରାଯାଇଛି। ଏଥିରେ ଆହୁରି ୪୦% ଜିଏସଟି ବି ରହିଛି।

ଆଇସିଆଇସିଆଇ ସିକ୍ୟୁରିଟିଜର ବିଶ୍ଳେଷକମାନେ କହିଛନ୍ତି ଯେ ୭୫-୮୫ ମିମି ଲମ୍ବା ସିଗାରେଟର ମୋଟ ଖର୍ଚ୍ଚରେ ୨୨-୨୮% ବୃଦ୍ଧି ପାଇଛି। ଆଇଟିସିର ମୋଟ ବିକ୍ରିରେ ୭୫ ମିମିରୁ ଅଧିକ ଲମ୍ବା ସିଗାରେଟ୍ ଭାଗ ପ୍ରାୟ ୧୬% ରହିଥାଏ। ନୂଆ ଶୁଳ୍କ ବୃଦ୍ଧି ପରେ ଏହି ବର୍ଗର ଆସୁଥିବା ପ୍ରତି ସିଗାରେଟ ମୂଲ୍ୟରେ ୨ ରୁ ୩ ଟଙ୍କା ଅଧିକ ଖର୍ଚ୍ଚ ହୋଇପାରେ। ତେବେ ଏହି ମୂଲ୍ୟ ବୃଦ୍ଧି ପରେ ଏହାର ବିକ୍ରି ଉପରେ ସାମାନ୍ୟ ଚାପ ପଡ଼ିପାରେ। ହେଲେ କମ୍ପାନୀଗୁଡ଼ିକ ଦୀର୍ଘକାଳୀନ ଭାବରେ ଲାଭ ବଜାୟ ରଖିବେ।

# ଆଜିଠୁ ବଦଳିବ ନିୟମ

ନୂଆଦିଲ୍ଲୀ,୩୦।୪: ମେ' ମାସରୁ ଅନେକ ନିୟମ ପରିବର୍ତ୍ତନ ହେବାକୁ ଯାଉଛି। ଯାହାର ସିଧାସଳଖ ପ୍ରଭାବ ଲୋକମାନଙ୍କ ପକେଟ ଉପରେ ପଡ଼ିପାରେ। ଟ୍ରେନ ଟିକଟ ବୁକିଂଠାରୁ ଆରମ୍ଭ କରି ଏଟିଏମ ଟଙ୍କା ଉଠାଣ ପର୍ଯ୍ୟନ୍ତ, ମେ ପହିଲାରୁ ଅନେକ ବଡ଼ ପରିବର୍ତ୍ତନ ଲାଗୁ ହେବାକୁ ଯାଉଛି। ଏଲପିଜି ସିଲିଣ୍ଡର ମୂଲ୍ୟ ଠାରୁ ଆରମ୍ଭ କରି ଏଲପିଜି ଡେଲିଭରୀ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ରେଡିଟ୍ କାର୍ଡ ୟୁଜରଙ୍କ ପାଇଁ ମଧ୍ୟ ପରିବର୍ତ୍ତନ ଆଶା କରାଯାଉଛି।

**ଏଲପିଜି ସିଲିଣ୍ଡର ମୂଲ୍ୟ:** ପ୍ରତି ମାସର ପ୍ରଥମ ତାରିଖ ପରି, ମେ ମାସର ପ୍ରଥମ ଦିନରେ ମଧ୍ୟ, ତୈଳ କମ୍ପାନୀଗୁଡ଼ିକ ଏଲପିଜି ସିଲିଣ୍ଡରର ମୂଲ୍ୟ ସଂଶୋଧନ କରିବେ ଏବଂ ନୂତନ ଏଲପିଜି ସିଲିଣ୍ଡର ଦର ଜାରି କରିବେ। ଏଥିରେ ଯେ କୌଣସି ପରିବର୍ତ୍ତନର ପ୍ରଭାବ ଘର ରୋଷେଇ ଘରଠାରୁ ଆରମ୍ଭ କରି ରେଷ୍ଟୁରାଣ୍ଟ ଏବଂ ହୋଟେଲ ପର୍ଯ୍ୟନ୍ତ ଅନୁଭୂତ ହେବ। ଏପ୍ରିଲ ମାସରେ, ୧୪ କିଲୋଗ୍ରାମ ଘରୋଇ ଏବଂ ୧୯ କିଲୋଗ୍ରାମ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ବୃଦ୍ଧି କରାଯାଇଥିଲା ଏବଂ ଏହା ମଧ୍ୟ ୧ ମେରେ ପରିବର୍ତ୍ତନ ହୋଇପାରେ। ରିପୋର୍ଟ ଅନୁଯାୟୀ, କମ୍ପାନୀଗୁଡ଼ିକ ସିଲିଣ୍ଡର ବୁକିଂ ପାଇଁ ଲକ୍-ଇନ୍ ଅବଧି ପରିବର୍ତ୍ତନ କରିପାରନ୍ତି। ଏହା ବ୍ୟତୀତ, ଏକ ଓଟିପି-ଆଧାରିତ ବିତରଣ ବ୍ୟବସ୍ଥା ସ୍ଥାୟୀ ଭାବରେ କାର୍ଯ୍ୟକାରୀ ହୋଇପାରେ।

**ଏଟିଏଫରୁ ସିଏନଜି-ପିଏନଜି ମୂଲ୍ୟ:** ଆସନ୍ତାକାଲିଠୁ ଏଲପିଜି ସିଲିଣ୍ଡର ମୂଲ୍ୟରେ ପରିବର୍ତ୍ତନ ସହିତ, ତୈଳ କମ୍ପାନୀଗୁଡ଼ିକ ଏୟାର ଟର୍ବାଇନ୍ ଇନ୍ଧନ (ଏଟିଏଫ) ମୂଲ୍ୟ ସଂଶୋଧନ କରି ନୂତନ ଦର ଜାରି କରିପାରନ୍ତି। ଏପ୍ରିଲ୍ ପ୍ରାରମ୍ଭରେ ଏହାର ମୂଲ୍ୟ ଦ୍ୱିଗୁଣିତ ହୋଇଥିଲା, ଯଦିଓ ବର୍ଦ୍ଧିତ ମୂଲ୍ୟ ପରେ ପ୍ରତ୍ୟାହାର କରାଯାଇଥିଲା। ଏଟିଏଫ ମୂଲ୍ୟ ବ୍ୟତୀତ, ସିଏନଜି-ପିଏନଜି ମୂଲ୍ୟରେ ମଧ୍ୟ ପରିବର୍ତ୍ତନ ହୋଇପାରେ। ଏହାର ଅର୍ଥ ହେଉଛି ମେ ମାସର ପ୍ରଥମ ଦିନ ବିମାନ ଯାତ୍ରୀଙ୍କଠାରୁ ଆରମ୍ଭ କରି ସଡ଼କ ବ୍ୟବହାରକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପକେଟକୁ ପ୍ରଭାବିତ କରିପାରେ।

**କ୍ରେଡିଟ୍ କାର୍ଡ ନିୟମ ପରିବର୍ତ୍ତନ:** ୧ ମଇ, ୨୦୨୬ ରୁ ହେବାକୁ ଥିବା ତୃତୀୟ ପରିବର୍ତ୍ତନ କ୍ରେଡିଟ୍ କାର୍ଡ ୟୁଜରଙ୍କ ସହ ଜଡିତ। ଏସବିଆଇ କାର୍ଡ ୱେବସାଇଟରେ ଦିଆଯାଇଥିବା ସୂଚନା ଅନୁଯାୟୀ, ବିଳମ୍ବ ପେମେଣ୍ଟ ଚାର୍ଜ ଠାରୁ ବାର୍ଷିକ ଫି ପର୍ଯ୍ୟନ୍ତ ସବୁକିଛି ସମ୍ପର୍କରେ ପରିବର୍ତ୍ତନ ଘୋଷଣା କରାଯାଇଛି। ଆସନ୍ତା ମାସର ପହିଲାରୁ, ୧୦୦ ଟଙ୍କାରୁ ଅଧିକ ଏବଂ ୫୦୦ ଟଙ୍କା ପର୍ଯ୍ୟନ୍ତ ବକେୟା ରାଶି ପାଇଁ ବିଳମ୍ବ ପେମେଣ୍ଟ ଚାର୍ଜ (ଏଲପିସି) ୧୦୦ ଟଙ୍କାକୁ ପରିବର୍ତ୍ତନ କରାଯିବ। ଏହା ବ୍ୟତୀତ, ୫୦୦ ଟଙ୍କାରୁ ଅଧିକ ଏବଂ ୧୦୦୦ ଟଙ୍କା ପର୍ଯ୍ୟନ୍ତ ବକେୟା ରାଶି ପାଇଁ ଏହି ଶୁଳ୍କ ୫୦୦ ଟଙ୍କାକୁ ହ୍ରାସ କରାଯିବ। ଅନ୍ୟାନ୍ୟ ଶୁଳ୍କ ସମାନ ରହିବ। ଏହା ବ୍ୟତୀତ, ବିପିସିଏଲ ଏସବିଆଇ କ୍ରେଡିଟ୍ କାର୍ଡ ପାଇଁ ପ୍ରଯୁଜ୍ୟ ୪୯୯ ଟଙ୍କା ବାର୍ଷିକ ଶୁଳ୍କ ଏବେ ୧ ଲକ୍ଷ ଟଙ୍କା ଖର୍ଚ୍ଚ ଉପରେ ଫେରସ୍ତ କରାଯିବ, ଯାହା ବର୍ତ୍ତମାନ ୫୦,୦୦୦ ଟଙ୍କା।

**ଅନଲାଇନ୍ ଗେମିଂ ନିୟମ:** ୧ ମେ ଠାରୁ ଅନଲାଇନ୍ ଗେମିଂ ସହିତ ଜଡିତ ନିୟମ ମଧ୍ୟ ପରିବର୍ତ୍ତନ ହେବାକୁ ଯାଉଛି। ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଅନଲାଇନ୍ ଗେମିଂ ନିୟମ ୨୦୨୬ ଅନୁଯାୟୀ, ଏହି କ୍ଷେତ୍ର ପାଇଁ ଅନଲାଇନ୍ ଗେମିଂ ଅଥରିଟି ଅଫ୍ ଇଣ୍ଡିଆ ଗଠନ କରାଯିବ। ଏହାର କାମ ତଦାରଖ ଏବଂ ନିୟନ୍ତ୍ରଣ କରିବା ହେବ। ପରିବର୍ତ୍ତନ ଅନୁଯାୟୀ, ଅନଲାଇନ୍ ଗେମଗୁଡ଼ିକୁ ତିନୋଟି ଭାଗରେ ବିଭକ୍ତ କରାଯିବ, ଯେଉଁଥିରେ ଅନଲାଇନ୍ ମନି ଗେମ, ଅନଲାଇନ୍ ସୋସିଆଲ ଗେମ ଏବଂ ଇ-ସ୍ପୋର୍ଟସ୍ ଅନ୍ତର୍ଭୁକ୍ତ ହେବ। ଯେଉଁ ପ୍ଲାଟଫର୍ମରେ ଟଙ୍କା ସମ୍ବନ୍ଧୀୟ ଖେଳ ଖେଳାଯାଏ ସେଠାରେ ପଞ୍ଜୀକରଣ ବାଧ୍ୟତାମୂଳକ ହେବ। ଏହା ସହିତ, ଏପରି ବ୍ୟବହାରକାରୀଙ୍କ ଆର୍ଥିକ କାରବାର ଉପରେ ମଧ୍ୟ କଡ଼ା ନଜର ରଖାଯିବ।

# ବଜାରକୁ ଆସିଲା ଚାରି ଚକ ବିଶିଷ୍ଟ ପେଭ ହାଇରାଇଡର୍ ସ୍କୁଟର

ନୂଆଦିଲ୍ଲୀ, ୩୦।୪: ବର୍ତ୍ତମାନ ସରକାର ଇଭି ଯାନ କିଣାକୁ ପ୍ରୋତ୍ସାହନ ଦେଉଛନ୍ତି।ଏମିତିରେ ଅନେକ କମ୍ପାନି ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ନୂଆ ନୂଆ ଇଲେକ୍ଟ୍ରିକ ସ୍କୁଟର ଲଞ୍ଚ କରୁଛନ୍ତି। କାହାର ରେଞ୍ଜ ୪୦୦ରୁ ୫୦୦ କିଲୋମିଟର ରହୁଛି ତ' ପୁଣି କେଉଁ ଇଭିରେ ମିଳୁଛି ଅଧିକ ଫିଚର୍ସ। ଏସବୁ ଭିତରେ କିଛି ଏଭଳି କମ୍ପାନି ମଧ୍ୟ ଅଛନ୍ତି ଯେଉଁମାନେ ତିଆରି କରୁଥିବା ଇଭିରେ ମାଇଲେଜ ହୁଏତ କମ୍ ରହିଥାଇପାରେ, କିନ୍ତୁ ଆରମ୍ ଖୁବ୍ ମିଳିଥାଏ। ଏହି ତାଲିକାରେ ଗୋଟିଏ ନାଁ ହେଉଛି ପେଭ ହାଇରାଇଡର । ଏହି ସ୍କୁଟରର ସବୁଠାରୁ ବିଶେଷତ୍ୱ ହେଉଛି ଏଥିରେ କାର ଭଳି ଚାରିଟି ଚକ ରହିଛି। ଯେଉଁଥିରେ ବାଲାନ୍ସ କରିବାର ଚିନ୍ତା ନାହିଁ। ଏତିକି ନୁହେଁ ଏଥିରେ କାର ଭଳି ଆରାମଦାୟକ ସିଟ୍, ଲେଗ ରୁମ୍, ବୁଟ ସ୍ପେସ ଭଳି ଅନେକ ଫିଚର୍ସ ମଧ୍ୟ ମିଳୁଛି। ଏମିତିରେ ଏହା ୨ ଯାତ୍ରୀ ବସିପାରିବା କାର ଭଳି।

ପେଭ ହାଇରାଇଡରର ଦୁଇଟି ଭାରିଆଣ୍ଟ ରହିଛି। ବେସ୍ ଭାରିଆଣ୍ଟରେ ୬୦୦ୱାଟ୍ ବ୍ୟାଟେରୀ ପ୍ୟାକ୍ କ୍ଷମତା ରହିଛି। ଯାହା ଥରେ ଚାର୍ଜ କଲେ ୬୦ କିଲୋମିଟର ରେଞ୍ଜ ଦେବ। ଏହା ୬ ଘଣ୍ଟାରେ ୦ରୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ଚାର୍ଜ ହୋଇପାରିବ। ସ୍କୁଟରର ସର୍ବାଧିକ ସ୍ପିଡ୍ ୨୫ କିଲୋମିଟର ପ୍ରତି



ଘଣ୍ଟା ରହିଛି। ଏହି ସ୍କୁଟର ୧୦୦୦ୱାଟ୍ ମୋଟର ଦ୍ୱାରା ଚାଳିତ। ଏହି ସ୍କୁଟରରେ ଦୁଇଜଣ ଯାତ୍ରୀ ବସିପାରିବେ। ଉଭୟ ସିଟରେ ଆର୍ମରେଷ୍ଟ୍ ଅଛି। ଯାହାକୁ ନିଜ ହିସାବରେ ଆଡଜଷ୍ଟ ମଧ୍ୟ କରିହେବ। ସ୍କୁଟରର ପଛ ପାଖ୍ୱରେ ପ୍ରାୟ ୪୦ ଲିଟର କ୍ଷମତା ବିଶିଷ୍ଟ ଏକ ବାକ୍ସ ଦିଆଯାଇଛି। ସେହିଭଳି ବ୍ୟାକ୍ ସିଟ୍ ତଳେ ମଧ୍ୟ ପ୍ରାୟ ୫୦ ଲିଟରର ଷ୍ଟୋରେଜ୍ ଅଛି। ସ୍କୁଟରର ଓଜନ ୧୧୫ କିଲୋଗ୍ରାମ । ସ୍କୁଟରର ଆଗରେ ଡିସ୍କ ବ୍ରେକ୍ ଏବଂ ରିୟର ହ୍ୱିଲରେ ଡ୍ରମ୍ ବ୍ରେକ୍ ଅଛି। ଏହା ଧଳା, କଳା ଏବଂ ଲାଲ ରଙ୍ଗରେ ଉପଲବ୍ଧ। ତେବେ ଏହାର ଦାମ କଥା କହିଲେ ଏହାର ଏକ୍ସ ଶୋରୁମ୍ ମୂଲ୍ୟ ୯୨ ହଜାର ଟଙ୍କା ରହିଛି। କମ୍ପାନି ଏହାର ମୋଟର, ବ୍ୟାଟେରୀ ଏବଂ ଗାଡ଼ି ଉପରେ ୩ ବର୍ଷର ଓ୍ୱାରେଣ୍ଟି ମଧ୍ୟ ଦେଉଛି। ଏହି ସ୍କୁଟରକୁ ଚଳାଇବା ପାଇଁ ରେଜିଷ୍ଟ୍ରେସନ ଏବଂ ଡ୍ରାଇଭିଂ ଲାଇସେନ୍ସର ଆବଶ୍ୟକତା ପଡ଼ିବ।

# ଅଶୋଧିତ ତୈଳ ଦରରେ ନିଆଁ

## ୧୨୦ ଡଲାର ପାର୍ କଲା ବ୍ରେଣ୍ଟ କ୍ରୁଡ୍

## ଦେଶରେ ମହଙ୍ଗା ମାଡ଼ର ଆଶଙ୍କା

ନୂଆଦିଲ୍ଲୀ, ୩୦।୪: ବିଶ୍ୱ ଅର୍ଥନୀତି ପାଇଁ ଆଜିର ଦିନଟି ଏକ ବଡ଼ ଝଟକା ନେଇ ଆସିଛି। ନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ବା କ୍ରୁଡ୍ ଅଏଲ୍‌ର ମୂଲ୍ୟରେ ନିଆଁ ଲାଗିଛି। ବ୍ରେଣ୍ଟ କ୍ରୁଡ୍‌ର ମୂଲ୍ୟ ହଠାତ୍ ବୃଦ୍ଧି ପାଇ ବ୍ୟାରେଲ ପିଛା ୧୨୦ ଡଲାର ଅତିକ୍ରମ କରିଛି। ଗୁରୁବାର ସକାଳେ ଏଥିରେ ୩ ଡଲାରର ବୃଦ୍ଧି ଘଟି ମୂଲ୍ୟ ୧୨୦ ରୁ ୧୨୨ ଡଲାର ମଧ୍ୟରେ କାରବାର କରୁଛି, ଯାହା ଗତ କିଛି ମାସର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି। ଏଠି ପ୍ରଶ୍ନ ଉଠୁଛି କାହିଁକି ବଢୁଛି ତୈଳ ଦର ? ତୈଳ ଦର ବଢ଼ିବା ପଛରେ ସବୁଠାରୁ ବଡ଼ କାରଣ ହେଉଛି ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଉତ୍ତେଜନା। ଉଭୟ ଦେଶ ନିଜ ନିଜ ଜିଦ୍‌ରେ ଅଟଳ ରହିବା ଫଳରେ ଖାଡ଼ି ଦେଶଗୁଡ଼ିକରେ ଏକ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି।

ସବୁଠାରୁ ବଡ଼ ସଙ୍କଟ ହେଉଛି ଯୋଗାଣ ବାଧାପ୍ରାପ୍ତ ହେବାର ଭୟ। ଇରାନ ଚେତାବନୀ ଦେଇଛି ଯେ ଯଦି ଆମେରିକା ତାର ଘେରାବନ୍ଦୀ ଜାରି ରଖେ, ତେବେ ସେ 'ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ' ଦେଇ ଯାଉଥିବା ତୈଳ ଜାହାଜଗୁଡ଼ିକୁ ଅଟକାଇବ। ସୂଚନାଯୋଗ୍ୟ ଯେ, ବିଶ୍ୱର ଏକ ବଡ଼ ଭାଗ ତୈଳ ରପ୍ତାନି ଏହି ରାସ୍ତା ଦେଇ ହୋଇଥାଏ। ଯଦି ଏହି ଯୋଗାଣ ଶୃଙ୍ଖଳା ବନ୍ଦ ହୁଏ, ତେବେ ତୈଳ ଦର ଆହୁରି ଭୟଙ୍କର ଭାବେ ବଢ଼ିପାରେ।

କ୍ରୁଡ୍ ଅଏଲ୍ ମହଙ୍ଗା ହେବା ଭାରତ ପାଇଁ ଦୁଇଟି ଦିଗରୁ ବିପଦଜନକ। ଭାରତ ନିଜ ଆବଶ୍ୟକତାର ପ୍ରାୟ ୮୦% ତେଲ ଆମଦାନୀ କରିଥାଏ। ୧୨୦ ଡଲାର ଉପରେ କ୍ରୁଡ୍ ରହିଲେ ତୈଳ କମ୍ପାନୀଗୁଡ଼ିକର କ୍ଷତି ବଢ଼ିବ, ଯାହାର ପରିଣାମ ସ୍ୱରୂପ ଖୁବଶୀଘ୍ର ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ହୋଇପାରେ। ଡିଜେଲ ଦର ବଢ଼ିଲେ ପରିବହନ ଖର୍ଚ୍ଚ ବଢ଼ିବ, ଯାହା ଫଳରେ ଫଳ, ପନିପରିବା ଏବଂ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦାମ ଆକାଶଛୁଆଁ ହେବା



ତେଲ କିଣିବା ପାଇଁ ଭାରତକୁ ଅଧିକ ଡଲାର ଖର୍ଚ୍ଚ କରିବାକୁ ପଡ଼ିବ, ଯାହା ଦ୍ୱାରା ଚାଲୁ ଖାତା ନିଅଣ୍ଟ (ସିଏଡି) ବଢ଼ିବ ଏବଂ ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ହେବ। ବର୍ତ୍ତମାନ ପର୍ଯ୍ୟନ୍ତ ଭାରତ ସରକାରଙ୍କ ପକ୍ଷରୁ ମୂଲ୍ୟ ବୃଦ୍ଧି ନେଇ କୌଣସି ଆଧିକାରିକ ବୟାନ ଆସିନାହିଁ। କିନ୍ତୁ ବିଶେଷଜ୍ଞଙ୍କ ମତରେ, ଯଦି ଅନ୍ତର୍ଜାତୀୟ ବଜାରରେ ଏହି ସ୍ଥିତି ଜାରି ରହେ, ତେବେ ସାଧାରଣ ଜନତାଙ୍କୁ ମହଙ୍ଗା ମାଡ଼ ସହିବାକୁ ପଡ଼ିପାରେ।

# ମେ ୧୫ରୁ ଏଚଡିଏଫସି ୟୁଜର୍ସ ପାଇଁ ବଦଳିବ ନିୟମ

ନୂଆଦିଲ୍ଲୀ,୩୦।୪: ଏଚଡିଏଫସି ବ୍ୟାଙ୍କ ଏହାର ରିଗାଲିଆ ଗୋଲ୍ଡ କ୍ରେଡିଟ କାର୍ଡର ରିୱାର୍ଡ ଗଠନ ଏବଂ ଯାତ୍ରା ଲାଭରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ଏହି ନୂତନ ନିୟମଗୁଡ଼ିକ ୧୫ ମଇ, ୨୦୨୬ ଠାରୁ କାର୍ଯ୍ୟକାରୀ ହେବ, ଯାହା କାର୍ଡଧାରକମାନଙ୍କୁ ଅନେକ ନୂତନ ସୁବିଧା ପ୍ରଦାନ କରିବ। ଏହି ଅପଡେଟଗୁଡ଼ିକର ସର୍ବାଧିକ ଲାଭ ଉଠାଇବା ପାଇଁ, ଏଥିରେ ଥିବା ନିର୍ଦ୍ଦିଷ୍ଟ ପରିବର୍ତ୍ତନଗୁଡ଼ିକୁ ବୁଝିବା ଜରୁରୀ। ବିଶେଷକରି ରିଗାଲିଆ ଗୋଲ୍ଡ କାର୍ଡଧାରକମାନଙ୍କ ପାଇଁ, ଏକ ନୂତନ ସୁବିଧା ପ୍ରଚଳନ କରାଯାଇଛି। ଯଦି ଜଣେ ଗ୍ରାହକ ଗୋଟିଏ କ୍ୟାଲେଣ୍ଡର ତ୍ରୈମାସିକ ମଧ୍ୟରେ ସେମାନଙ୍କର ବୋର୍ଡିଂ ପାସ ଅପଲୋଡ



କରନ୍ତି, ତେବେ ସେମାନେ ଦୁଇଟି ଅନୁପଯୁକ୍ତ ସୁବିଧା ପାଇବେ। ପୂର୍ବରୁ କାର୍ଡଧାରକମାନେ ପ୍ରତି ୧୫୦ ଖର୍ଚ୍ଚ ପାଇଁ ୪ଟି ପୁରସ୍କାର ପଏଣ୍ଟ ଅର୍ଜନ କରିଥିଲେ, କିନ୍ତୁ ୧୫ ମଇ, ୨୦୨୬ ଠାରୁ ସେମାନେ ପ୍ରତି ୨୦୦ଟଙ୍କା ଖର୍ଚ୍ଚ ପାଇଁ ୫ଟି ମୂଳ ପୁରସ୍କାର ପଏଣ୍ଟ ଅର୍ଜନ କରିବେ। ଏହା ପୁରସ୍କାର ସଂଗ୍ରହ ପଦ୍ଧତିରେ ଏକ ସାମାନ୍ୟ ପରିବର୍ତ୍ତନକୁ ସୂଚିତ କରେ। ଆନ୍ତର୍ଜାତୀୟ କାରବାର ଉପରେ ଡାଇନାମିକ ମୁଦ୍ରା ପରିବର୍ତ୍ତନ (ଡିସିସି) ଚାର୍ଜ ୧.୭୫% ସ୍ଥିର କରାଯାଇଛି। ଯେତେବେଳେ ଆପଣ ଭାରତୀୟ ଟଙ୍କା ରେ ପେମେଣ୍ଟ କରନ୍ତି-ବିଦେଶରେ ହେଉ କିମ୍ବା ବିଦେଶୀ ବ୍ୟବସାୟୀଙ୍କ ସହିତ। ଯଦି ଆପଣଙ୍କ କାର୍ଡ ହଜିଯାଏ କିମ୍ବା ଚୋରି ହୋଇଯାଏ, ତେବେ ଏହାକୁ ପୁନଃ ଜାରି କରିବା ପାଇଁ ୧୯୯ ଶୁଳ୍କ ନିଆଯିବ। ଏହା ଏକ ନୂତନ ବୈଶିଷ୍ଟ୍ୟ ଯାହା ଗ୍ରାହକମାନଙ୍କୁ କେବଳ ସେମାନଙ୍କର ବୋର୍ଡିଂ ପାସ ଅପଲୋଡ କରି ବିଭିନ୍ନ ସୁବିଧା ଅନଲକ କରିବାକୁ ଅନୁମତି ଦିଏ। ଏହି ବୈଶିଷ୍ଟ୍ୟକୁ ଆକ୍ସେସ କରିବା ପାଇଁ, ସ୍ମାର୍ଟବୟ ପୋର୍ଟାଲରେ ଲଗ ଇନ କରନ୍ତୁ।



# ଆଜିର ସୁନା ଦର

ତବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୦୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୦୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୧,୨୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୦୪୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୪,୧୯୦ ଟଙ୍କା ଓ ୨୨ କ୍ୟାରେଟ ୧,୪୧,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪, ୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୦୪୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୦,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ଉଦ୍‌ଯାପିତ ହେଲା ସର୍ବପୁରାତନ ଚିତ୍ରୋତ୍ପଳା ମହୋତ୍ସବ

## ଯୋଗଦେଲେ ଦୁଇ ବିଧାୟକ

ଗରଦପୁର,୩୦।୪(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ୍ ଅର୍ନ୍ତଗତ ହରିଦାସପୁର ଗ୍ରାମରେ ହେଉଥିବା ଚିତ୍ରୋତ୍ପଳା ମହୋତ୍ସବ ବୁଧବାର ଦିନ ଉଦଯାପିତ ହୋଇଛି । ବହୁ ଆଡମ୍ବର ସହକାରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମର ଶେଷ ସନ୍ଧ୍ୟାରେ ଦୁଇ ଯୁବ ବିଧାୟକ ଯୋଗ ଦେଇଥିଲେ। ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ପାଟକୁରାର ବିଧାୟକ ଅରବିନ୍ଦ ମହାପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ ।



ମହୋତ୍ସବରେ ପହଞ୍ଚିବା ପରେ ପ୍ରଥମେ ପ୍ରଭୁ ସନିଶ୍ଚର ଙ୍କ ନିକଟରେ ପହଞ୍ଚି ପ୍ରଭୁଙ୍କ ଆଶୀର୍ବାଦ ନେବା ପରେ ଚିତ୍ରୋତ୍ପଳା ନଦୀରେ ଆଳତୀ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜା ସଭା ପରିଚାଳନା କରି ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାରେ ଯୁବ ନେତା ତଥା ବିଧାୟକ ଙ୍କ ପ୍ରତିନିଧି କ୍ଷିତିଶ ଚନ୍ଦ୍ର ଦାଶ, ପଦ୍ମପୁର ସରପଂଚ ଅନୂଷୟା ବେହେରା, ପୂର୍ବତନ ବ୍ଲକ ଚେୟାରମ୍ୟାନ ଦିଲ୍ଲୀପ ସାହୁ ଏବଂ ଏହି କମିଟିର ସଭାପତି ଆକାଶ ମହାପାତ୍ର ସମ୍ପାଦକ ତପନ କୁମାର ମହାନ୍ତି ସଭା ମଣ୍ଡନ କରିବା ସହ ଆସିଥିବା ଅତିଥି ମାନଙ୍କୁ ସମ୍ମାନୀତ କରିଥିଲେ।ଅତିଥି ମାନେ ଓରମାସ ଷ୍ଟଲ୍ ବୁଲି ଦେଖିବା ସହ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ବୁଲି ନିକଟରେ ଫଟୋ ଉତ୍ତୋଳନ କରିଥିଲେ ।

ଏହି ମହୋତ୍ସବ ପାଞ୍ଚଦିନ ବ୍ୟାପି ଚାଲୁ ରହିବା ସହ ନାମୀ ଦାମୀ କଳାକାରଙ୍କ ଦ୍ୱାରା ସଙ୍ଗୀତ ନୃତ୍ୟ ପରିବେଷଣ କରାଯାଉଅଛି। ଏହି ଚିତ୍ରୋତ୍ପଳା ମହୋତ୍ସବ କେନ୍ଦ୍ରାପଡା ଜିଲ୍ଲାରେ ଅନ୍ୟତମ ମହୋତ୍ସବ ଭାବେ ପରିଗଣିତ ହୋଇଅଛି ।

# ଧଉଳିରେ 'ଆର୍ଟିଷ୍ଟ ମିଟ'ରେ ମଣିପୁର ଚିତ୍ରଶିଳ୍ପୀ




ବାଲିଅନ୍ତା,୩୦।୪(ସଂଚାର ବ୍ୟୁରୋ): ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟରେ "ଆର୍ଟିଷ୍ଟ୍ ମିଟ୍" କାର୍ଯ୍ୟକ୍ରମରେ ମଣିପୁର ଶିଳ୍ପୀ ଲିଏସଙ୍ଖେମ ଈଶ୍ୱରଙ୍କ ସହିତ ହୋଇଥିଲା କଳା ଚର୍ଚ୍ଚା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ଲଳିତ କଳା ଏକାଡେମୀ କ୍ଷେତ୍ରୀୟ ସଚିବ ରାମକୃଷ୍ଣ ବେଦାଲା ଅତିଥି ଶିଳ୍ପୀଙ୍କ ସମ୍ପର୍କରେ ଅବଗତ କରିବା ସହିତ ମଣିପୁର କଳା ଓ ସଂସ୍କୃତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଳ୍ପୀଗୁରୁ ବିଜୟ କୁମାର ପରିଡ଼ା ଯୋଗ ଦେବାସହ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ଡ. ପଞ୍ଚାନନ୍ ସାମଲ ଅତିଥିଙ୍କୁ ସ୍ୱାଗତ କରିଥିଲେ।ପରେ ପରେ ଶିଳ୍ପୀ ଈଶ୍ୱର ନିଜ କଳା ଯାତ୍ରା ସମ୍ପର୍କରେ କହିବା ସହିତ ନିଜ କଳାକୃତି ଗୁଡ଼ିକ ପିପିଟି ମାଧ୍ୟମରେ ପ୍ରଦର୍ଶନ କରିଥିଲେ।ତାଙ୍କ ଚିତ୍ରରେ ମଣିପୁରର ସାଂପ୍ରତିକ ଘଟଣା ଗୁଡ଼ିକ ମଣିଷର ଆବେଗ ପୂର୍ଣ୍ଣ ଭାବ ଭଙ୍ଗୀରେ ପ୍ରଦର୍ଶିତ ହୋଇଥିଲା ଯେଉଁଥିରେ ବ୍ୟଥା ଓ ବେଦନା ଥିଲା ଯାହା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।ଏହି ଅବସରରେ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଅନସୁୟା ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ,ଅଧ୍ୟାପକ ରାମଶଙ୍କର ସାହୁ,ଭୂପତିଭୂଷଣ ପଣ୍ଡା, ସୋଫିଆ ୟସ୍ମିନ,ରାଜେନ୍ଦ୍ର ବର୍ମା, ଲକ୍ଷ୍ମୀଧର ସ୍ୱାଇଁ,ଶିଳ୍ପୀ ସୁଶାନ୍ତ କୁମାର ସିଂ ସାମନ୍ତ,ଦିଲ୍ଲୀପ କୁମାର ସାହୁ,ମାନସ ମହାରଥୀ, ରାଜୀବ ଦେ ଓ ସୁଲୋଚନା ମହାରଣା ପ୍ରମୁଖ ଶିଳ୍ପୀଙ୍କ ସହିତ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶିଳ୍ପୀଙ୍କ ଜୀବନୀ ଓ ତାଙ୍କ ଚିତ୍ର ଶୈଳୀ ବିଷୟରେ ପଚାରି ବୁଝିଥିଲେ। ଏହି 'ଆର୍ଟିଷ୍ଟ ମିଟ୍' କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ମାନଙ୍କ ପାଇଁ ବେଶ୍ ଶିକ୍ଷଣୀୟ ହୋଇଥିଲା।

# ରାସ୍ତାର ଉନ୍ନତିକରଣ ଲାଗି ନଡ଼ିଆ ପିଟିଲେ କୋରେଇ ବିଧାୟକ ଆକାଶ ଦାସନାୟକ



ଯାଜପୁର ରୋଡ଼,୩୦।୪(ସଂଚାର ବ୍ୟୁରୋ): ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଓ୍ୱାର୍ଡ ନଂ-୧୬ରେ ଥିବା ଉମାପଦା ଗ୍ରାମର ରତନା ପୋଖରୀ ଠାରୁ ଷ୍ଟାଡିୟମ ରୋଡ଼ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଏବେ ସମ୍ପୂର୍ଣ୍ଣ ଶୋଚନୀୟ ହେଇପଡିଛି । ଲୋକ ମାନେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଏବେ ଏଠାକାର ଲୋକଙ୍କ ନିତ୍ୟ ଜରୁରୀରୀ କାର୍ଯ୍ୟ ପାଇଁ ଏହା ଏକ ପ୍ରଧାନ ସମସ୍ୟା ରୂପେ ଉଭା ହୋଇଛି। ରାସ୍ତାରେ ଦେଖାଯାଉଥିବା ମେଂଟାଲ, ଖାଲ ଢିପ ଲାଗି ଜନସାଧାରଣ ମାନେ ଯାତାୟତ ସମୟରେ ନାନାଦି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅନେକ ସମୟରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ରାସ୍ତାକଡ଼ ଉମାପଦା ଅନ୍ତର୍ଭୁକ୍ତ ବିଭିନ୍ନ କଲୋନୀର ବାସିନ୍ଦା ମାନେ କୌଣସି ମେଡିକାଲ ପାଇଁ ହେଉ ଅଥବା ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ଯିବାକୁ ହେଉ ରାସ୍ତାର ଅବସ୍ଥା ମୁଖ୍ୟ ବାଧକ ସାଜିଛି । ତେଣୁ ଅଂଚଳର ଜନସାଧାରଣ ମାନେ ବ୍ୟାସନଗର ପୌର ପ୍ରଶାସନଙ୍କୁ ଏ ବାବଦରେ ଜଣେଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏ ରାସ୍ତାର ଉନ୍ନତିକରଣ ପାଇଁ ସଠିକ୍ ଢ଼ଙ୍ଗରେ ଏହି ରାସ୍ତାର ଉନ୍ନତିକରଣ କାର୍ଯ୍ୟ, କାର୍ଯ୍ୟକାରୀ ହେଉନି। ତେଣୁ ଏପରି ସମସ୍ୟାର ସମାଧାନ ଦିଗପ୍ରତି ଗ୍ରାମବାସୀ ଓ ରାସ୍ତାକଡ କଲୋନୀ ଜନତା ଜନାର୍ଦ୍ଦନ ମାନେ ସବୁ କ୍ଷେତ୍ରରେ ବିଫଳତା ପାଇବା ପରେ ମାନ୍ୟବର କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକ'ଙ୍କୁ ଭେଟି ଏହି ରାସ୍ତାର ଅବସ୍ଥା ଏବଂ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। କିନ୍ତୁ ବିଧାୟକ ଶ୍ରୀ ଦାସନାୟକ ରାସ୍ତା ସମସ୍ୟା ବିଷୟରେ ସବୁ ଜାଣିବା ପରେ କିଛି ଦିନ ପରେ ପରେ ଏହି ରାସ୍ତାର ଉନ୍ନତିକରଣ ଲାଗି ଉମାପଦା ଗ୍ରାମବାସୀଙ୍କ ସହିତ "ଆଇ ଲଭ୍ ଉମାପଦା" ସେଲଫି ପଂଏଟ ଛକରେ "ଶୁଭ ନଡ଼ିଆ" ପଡ଼ିଛନ୍ତି। ବିଧାୟକଙ୍କ ଏଭଳି ପଦକ୍ଷେପ ଲାଗି ଗ୍ରାମବାସୀଙ୍କ ପକ୍ଷରୁ ଭୂୟସୀ ପ୍ରଶଂସା କରାଯାଉଛି। ଏହି ଶୁଭ ଅବସର କାର୍ଯ୍ୟକ୍ରମରେ ବ୍ୟାସନଗର କଂଗ୍ରେସ କମିଟି ସଭାପତି ଶ୍ରୀ ତପନ କୁମାର ନାୟକ'ଙ୍କ ସମେତ ସମସ୍ତ ଗ୍ରାମବାସୀମାନେ ଉପସ୍ଥିତ ରହିଥିଲେ। ଏପଟେ ଟପାଟପ ରାସ୍ତା କାର୍ଯ୍ୟ ହେବାଟା ବିଳମ୍ବ ହେଲେ ଆଗକୁ ଜନ ଅସନ୍ତୋଷ ଜୋର ଧରିବ ବୋଲି ବିଶେଷ ସୁତ୍ରରୁ ସୂଚନା ମିଳୁଛି।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି ,୩୦।୪(ସଂଚାର ବ୍ୟୁରୋ): କଟକ ସଦର ନିର୍ବାଚନ ମଣ୍ଡଳୀ ଲୋପ୍ରୋସି ହୋମ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମିନତୀ ଧଳଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଧାନାଥ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାଅନୁଷ୍ଠିତ ଉତ୍ସବରେ କଟକସଦର ଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ଅନନ୍ତ ଚରଣ ଦେହୁରୀ, ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ବେହେରା, ଶ୍ରୀଯୁକ୍ତ ଦେବେନ୍ଦ୍ର ମୋହନ ଗମାଙ୍ଗ, ମହାନଦୀ ବିହାର କ୍ଲଷ୍ଟର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ମୋନାଲିସା ପାଢ଼ୀ, ଅବସରପ୍ରାପ୍ତ ଶିକ୍ଷକ ଦୁର୍ଯ୍ୟୋଧନ ସାହୁ, ଶିକ୍ଷକ ଶଙ୍କର୍ଷଣ ବେହେରା ଏବଂ କ୍ଲଷ୍ଟର ଅନ୍ତର୍ଗତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଶ୍ରୀମତୀ ଧଳଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। ଉକ୍ତ ଉତ୍ସବ ପରିଚାଳନା ଶିକ୍ଷୟିତ୍ରୀ ବନିତା ମିଶ୍ର, ଲୋପ୍ରୋସି ହୋମ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ କାଦମ୍ବିନୀ ଭୂୟାଁ, ଶିକ୍ଷକ କାର୍ତ୍ତିକେଶ୍ୱର ଡାକୁଆ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ମିନତୀ ଧଳ ୩୬ବର୍ଷ ଧରି ଶିକ୍ଷା ବିଭାଗରେ କାର୍ଯ୍ୟ କରିଥିଲା ବେଳେ ୭ବର୍ଷ ଧରି ସିଆରସିସି ଭାବେ କାର୍ଯ୍ୟ କରିଥିଲେ।

# ଶୁଖିଲାହାର ବନ୍ଧ ଆଡ଼ିରୁ ଅଲୋଡା ବିଦ୍ୟୁତ୍ ଖୁଣ୍ଟ ଉଠାଯାଉ



ବେତନଟୀ,୩୦।୪(ସଂଚାର ବ୍ୟୁରୋ): ବେତନଟୀର ନିଆଁ ଲିଭାକେନ୍ଦ୍ର ଛକ ଠାରୁ ଶୁଖିଲାହାର ବନ୍ଧଆଡିରେ ପ୍ରାୟ ଅଧାକିଲୋମିଟର ପଶ୍ଚିମକୁ ଗଲେ , ବେତନଟୀ ଶ୍ମଶାନ ଛକ ପଡିଥାଏ । ଏହି ବନ୍ଧ ଆଡିର ମାଟି ରାସ୍ତା କ୍ରମଶଃ ପିଚ୍ ରାସ୍ତାରେ ପରିଣତ ହୋଇଛି । କିନ୍ତୁ ବନ୍ଧ ରାସ୍ତାର ପଶ୍ଚିମ ମୁଣ୍ଡରେ ଥିବା ଅଣ ଓସାରିଆ ଦୁର୍ବଳ ପୋଲଟି ପୂର୍ବବତ୍ ରହିଅଛି । ଏଠାରେ ଓସାରିଆ ପୋଲଟିଏ ନିହାତି ଦରକାର । ଏହି ବନ୍ଧ ଆଡି ରାସ୍ତାଟି ଆମ୍ବଯୋଡା ପଟୁ ଆସି ନୂତନ ଜେ.ଏମ.ଏଫ୍. ସି କୋର୍ଟ, ବେତନଟୀ ହାଟ ସହ ମୁଖ୍ୟ ବଜାର ରାସ୍ତାରେ ମିଶିଛି ।ପୂର୍ବରେ ଜାତୀୟ ରାଜପଥ ୧୮ ଓ ଗବପାଳ, ପଣ୍ଡୁଗଡ଼ିଆ, କୋଠସାହି ହୋଇ ନୂଆଗାଁ ,ସର୍ବଣା। ଇତ୍ୟାଦି ଗ୍ରାମକୁ ସଂଯୋଗ କରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ପରିଣତ ହୋଇଛି । ଏହି ବନ୍ଧଆଡି ରାସ୍ତାର ଗୋଟିଏ ପାଖରେ ୧୧ କେଭି ଓ ଅନ୍ୟ ପାଖରେ ୩୩ କେଭି ଉଚ୍ଚବିଦ୍ୟୁତ ଶକ୍ତିସମ୍ପନ୍ନ ବିଦ୍ୟୁତ ତାରରେ ବିଦ୍ୟୁତ୍ ଶକ୍ତି ପ୍ରବାହିତ ହେଉଛି । କିନ୍ତୁ ଏହି ନୂତନ ତଥା ଉଚ୍ଚ ବିଦ୍ୟୁତ ଖୁଣ୍ଟ ତଳେ ଅନେକ ପୁରୁଣା ତାର ନ ଥିବା ଅଦରକାରୀ ବିଦ୍ୟୁତ୍ ଖୁଣ୍ଟ ଅଣ ଓସାରିଆ ରାସ୍ତାରେ ପ୍ରତିବନ୍ଧକ ସାଜିଛି। ସେଠାରେ ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା ନ ଥିବାରୁ ରାତିରେ ଛୋଟ ବଡ ଦୁର୍ଘଟଣା ଘଟୁଛି । ଆଡ଼ିବନ୍ଧର ଗୋଟିଏ ପଟେ ବନ୍ଧର ପାଣି ତ ଅନ୍ୟପଟେ ୧୦ ଫୁଟର ଖାଲ ଖମାଣର ଭୟ । ଚାରିଚକିଆ ଗାଡିମଟର ଯିବା ଆସିବାରେ ପୁରୁଣା ବିଦ୍ୟୁତ ଲୁହାଖୁଣ୍ଟା ସମସ୍ୟା ହୋଇ ଛିଡା ହୋଇଛି । ଏହାକୁ ଅବିଳମ୍ବେ ଅପସାରଣ ଓ ଓସାରିଆ ପୋଲ ନିର୍ମାଣ ନିମନ୍ତେ ବେତନଟୀର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଭିଲ ସୋସାଇଟି, ଦୃଢ ଦାବି କରୁଅଛି ।

### ଆନନ୍ଦପୁର ମ୍ୟୁନିସିପାଲିଟିରେ ଅବ୍ୟବସ୍ଥା

# ଆଲୋକୀକରଣ ନାଁରେ ମହାଘୋଟାଲା

## ଅନ୍ଧାରରେ ବଡ଼ଦାଣ୍ଡ

## ଜବର ଦଖଲକାରୀଙ୍କ କବ୍‌ଜାରେ ବଡ଼ଦାଣ୍ଡ




ଆନନ୍ଦପୁର,୩୦।୪(ସଂଚାର ବ୍ୟୁରୋ): ମ୍ୟୁନିସିପାଲଟିର କାର୍ଯ୍ୟଶୈଳୀକୁ ନେଇ ଉଠିଛି ଗୁରୁତର ପ୍ରଶ୍ନ। ସହରରେ ଦିନକୁ ଦିନ ବଢୁଛି ଅବ୍ୟବସ୍ଥା, ଯାହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସ୍ପଷ୍ଟ ଭାବେ ଦେଖାଯାଉଛି। ସବୁଠାରୁ ବଡ଼ ଅଭିଯୋଗ ହେଉଛି,ନିର୍ଦ୍ଦିଷ୍ଟ ଦାୟିତ୍ୱରେ ଦୀର୍ଘଦିନ ଧରି ନିର୍ଦ୍ଦିଷ୍ଟ କର୍ମଚାରୀ ରହିବାରୁ କାମରେ ଆସୁଛି ଅନ୍ୟମିତତା। ପ୍ରଶାସନିକ ନିୟନ୍ତ୍ରଣର ଅଭାବ ଥିବାରୁ ବ୍ୟବସ୍ଥା ଅସଂଗଠିତ ହେଉଥିବା ଅଭିଯୋଗ ହେଉଛି। ଆଲୋକୀକରଣ ବ୍ୟବସ୍ଥାକୁ ନେଇ ମଧ୍ୟ ଉଠିଛି ମହା ଘୋଟାଲାର ଅଭିଯୋଗ। ଯେଉଁଠି ଇଚ୍ଛା ହେଲା ସେଠି ଲାଇଟ୍ ଲଗାଯାଇଛି, କିନ୍ତୁ ସହରର ମୁଖ୍ୟ ସଡକ ବଡ଼ଦାଣ୍ଡ ଏବେବି ଅନ୍ଧାରରେ ଡୁବି ରହିଛି।

ସେହିପରି, ବଡ଼ଦାଣ୍ଡ ଉପରେ ଜବରଦଖଲକାରୀଙ୍କ ଦାଦାଗିରି ବଢ଼ିବାକୁ ନେଇ ମଧ୍ୟ ଉଠିଛି ଗୁରୁତର ପ୍ରଶ୍ନ। ପ୍ରଶାସନର ନୀରବତା ଏହାକୁ ଆଉ ଗଭୀର ରୂପ ନେଉଥିବା ଅଭିଯୋଗ ହେଉଛି। ହୋଲ୍ଡିଂ ଟ୍ୟାକ୍ସ ନିର୍ଦ୍ଧାରଣରେ ଅସ୍ପଷ୍ଟତା ନେଇ ମଧ୍ୟ ଲୋକଙ୍କ ଅସନ୍ତୋଷ ବଢୁଛି। ଗତବର୍ଷ ୧୧୦୧ ଟଙ୍କା ଟ୍ୟାକ୍ସ ଦେଇଥିବା ଘର ପାଇଁ ଚଳିତ ବର୍ଷ ୮୭୮୧ ଟଙ୍କା ଆସିଥିବା ବେଳେ, ମୂଳଚାଲ ପରେ ୪୩୯୨ ଟଙ୍କା କେମିତି ହେଲା,ସେଥିପାଇଁ ସ୍ପଷ୍ଟତା ନଥିବାରୁ ପ୍ରଶ୍ନ ଉଠୁଛି। ନୂତନ ଘର ନିର୍ମାଣ ପାଇଁ ମ୍ୟୁନିସିପାଲଟିର ଅନୁମତି ଆବଶ୍ୟକ ଥିଲେ ମଧ୍ୟ, ଅଧିକାରୀଙ୍କ ଅବହେଳାରୁ ଅନେକ ଅନିୟମିତ ନିର୍ମାଣ ଚାଲିଥିବା ଅଭିଯୋଗ ମିଳିଛି। ତଦାରଖ ନ ଥିବାରୁ ଅସାଧୁ ଲୋକଙ୍କ ସାହସ ବଢ଼ି ଯାଉଛି। ଏହା ସହିତ, ସଫେଇ କର୍ମଚାରୀଙ୍କ କାର୍ଯ୍ୟପ୍ରଣାଳୀକୁ ନେଇ ମଧ୍ୟ ଉଠିଛି ସନ୍ଦେହ। କିଛି କର୍ମଚାରୀ କାମ ନ କରି ମଧ୍ୟ ଦରମା ନେଉଥିବା ଚା " ଖଟିରେ ଆଲୋଚନା ହେଉଛି।

ଯଦି ଏହା ସତ୍ୟ, ତେବେ ଏହା ପଛରେ କିଏ ଅଛନ୍ତି ଓ କାହା ଆଶ୍ରୟରେ ଏହା ଚାଲିଛି,, ତାହାକୁ ନେଇ ଉଠିଛି ଗଭୀର ପ୍ରଶ୍ନ। ଏହି ସମସ୍ତ ଅଭିଯୋଗକୁ ନେଇ ସହରବାସୀ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ତେବେ ଏହାର ତଦନ୍ତ କରି ଶୀଘ୍ର ସମାଧାନ ନହେଲେ ସମସ୍ତ ସମସ୍ୟା ପ୍ରତି ଦୃଷ୍ଟି ନଦେଲେ ଆଗାମୀ ଦିନରେ ଯଦି ଜନ ଆନ୍ଦୋଳନ ସୃଷ୍ଟି ହୁଏ ଏଥିପାଇଁ ମ୍ୟୁନିସିପାଲିଟଇ କର୍ତ୍ତୃପକ୍ଷ ଦାୟୀ ରହିବେ।

# ବିନା ନୋଟିସରେ ପ୍ରଶାସନ ଭାଙ୍ଗିଲା ମହାବୀର ମନ୍ଦିର

## ଗ୍ରାମବାସୀ ମହଲରେ ତୀବ୍ର ଅସନ୍ତୋଷ



କାକଟପୁର/ଅସ୍ତରଙ୍ଗ,୩୦।୪(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ପ୍ରବେଶ ପଥ ନିକଟରେ ବହୁ ବର୍ଷ ହେବ ମହାବୀର ମନ୍ଦର ପ୍ରତିଷ୍ଠା ହୋଇ ପୂଜା ପାଉଥିଲେ । ଗ୍ରାମବାସୀଙ୍କ କହିବା ମୁତାବକ କାକଟପୁର ତହସିଲ ପ୍ରଶାସନ ଗ୍ରାମବାସୀଙ୍କୁ କୌଣସି ନୋଟିସ ନଦେଇ ଜୋର ଜବରଦସ୍ତି ପୋଲିସ ଉପସ୍ଥିତରେ ଜେସିବି ସାହାଯ୍ୟରେ ମନ୍ଦିର ଗୃହକୁ ଭାଙ୍ଗି ଦେଇଛନ୍ତି ।

ଆଜି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକାଠି ହୋଇ ପ୍ରଶାସନ ବିରୁଦ୍ଧରେ ଆନ୍ଦୋଳନ କରିବା ସହ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସ୍ଥାନୀୟ ପ୍ରଶାସନ ନୋଟିସ ନଦେଇ କାହା ନିର୍ଦ୍ଦେଶରେ ଏଭଳି କାର୍ଯ୍ୟ କରିଛି ବୋଲି ଜଗତସିଂହପୁର ସାଂସଦଙ୍କ କାକଟପୁର ପ୍ରତିନିଧି କୈଳାଶ ନାୟକ, କାକଟପୁର ବିଶ୍ୱହିନ୍ଦୁ ପରିଷଦର ସଭାପତି କାବୁଲା ବିଶ୍ୱାଳ ସହିତ ଶ୍ରୀରାମପୁର ଗ୍ରାମବାସୀ ମଙ୍ଗୁଳି କାଣ୍ଡି, କାଳନ୍ଦୀ କାଣ୍ଡି, ସବିତା ଦାସ କହିଥିବା ବେଳେ ପ୍ରଶାସନ ତରଫରୁ ମହାବୀର ମନ୍ଦିର ଗୃହ ଭଙ୍ଗା ଯାଉଥିବା ସମୟରେ ବାଜପୁର ଗ୍ରାମର ସମ୍ପଦ ନଦୀ ଗ୍ରାମବାସୀଙ୍କୁ ଅସଭ୍ୟ ଭାଷାରେ ଜାତୀୟଣା ଆକ୍ଷେପ କରି ଗାଳିଗୁଲଜ କରିବା ସହ ଜୀବନରୁ ମାରୀ ଦେବେ ବୋଲି କହିବା ପରେ ଗ୍ରାମର ଶତାଧିକ ଗ୍ରାମବାସୀ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ କାକଟପୁର ତହସିଲଦାରଙ୍କୁ ଭେଟିବା ପରେ ଉକ୍ତ ଘଟଣାକୁ ତଦନ୍ତ କରି ଆପସ ବୁଝାମଣା କରିବା ପାଇଁ ଚେଷ୍ଟା କରିବୁ ବୋଲି କହିଛନ୍ତି।

# ମା' ରାମଚଣ୍ଡୀଙ୍କ ପୀଠରେ ପ୍ରସିଦ୍ଧ ନିଆରା ହାଣ୍ଡିଭଙ୍ଗା ଯାତ୍ରା



କାକଟପୁର/ଅସ୍ତରଙ୍ଗ, ୩୦।୪ (ସଂଚାର ବ୍ୟୁରୋ): ପବିତ୍ର ବୈଶାଖ ମାସ ଶେଷ ଗୁରୁବାରରେ କୋଣାର୍କ ପୁରୀ ବେଳାମାର୍ଗ ରେ ଅବସ୍ଥିତ ପ୍ରସିଦ୍ଧ ଶକ୍ତି ପୀଠ ମା ରାମଚଣ୍ଡୀଙ୍କ ନିଆରା ହାଣ୍ଡି ଭଙ୍ଗା ଜାତ ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମର ସଧବା ମହିଳା ମାନେ ଏହି ଦିନ ମାନସିକ ରଖି ବ୍ରତ ରଖିଥାନ୍ତି । ଆଜି ଏହି ପବିତ୍ର ଦିନରେ ମହିଳା ମାନେ ପ୍ରତ୍ୟୁଷରେ ନୂତନ ବସ୍ତ୍ର ପରିଧାନ କରି ଉପବାସ ରହି ଗ୍ରାମ ଦେବତୀଙ୍କୁ ପୂଜାର୍ଚ୍ଚନା କରି ମାଙ୍କ ପୀଠକୁ ଆସିଥିଲେ । ମାନସିକଧାରୀ ମହିଳା ମାନେ ମାଙ୍କ ପୀଠରେ ମାଙ୍କ ସେବକ ମାନଙ୍କ ଦ୍ୱାରା ପ୍ରଦତ ମାଟି ହାଣ୍ଡିରେ ଖେଚୁଡି ପ୍ରସ୍ତୁତ କରିଥିଲେ । ଦୁଇ ଭାଗ ଛାଡି ଗୋଟିଏ ଭାଗ ଖେଚୁଡି ଖାଇବା ପରେ ସେବକଙ୍କ ସହ ହାଣ୍ଡି ବାଡିଆ ବନ୍ତରେ ସାତ ଘେରା ପରିକ୍ରମା କରିବା ପରେ ହାଣ୍ଡି ଗୁଡିକୁ ବାଡେଇ ଭାଙ୍ଗି ଏକ ମୁହାଁ ହୋଇ ନିଜ ନିଜ ଘରକୁ ଫେରିଥିଲେ ।କିଏ କହେ ପିତୃ ପୁରୁଷଙ୍କ ଉଦେଶ୍ୟରେ ମହିଳା ମାନେ ଏହି ପରମ୍ପରା ଆରମ୍ଭ କରିଥିଲେ । କେହି କେହି କୁହନ୍ତି ପ୍ରାଚୀନ କାଳରେ ଏହି ଅଞ୍ଚଳର ଲୋକେ ହିଂସ୍ର ଜନ୍ତୁଙ୍କ ଠାରୁ ନିଜ ପିଲା ମାନଙ୍କୁ ସୁରକ୍ଷା ଦେବା ପାଇଁ ମା ଓ ହିଂସ୍ର ଜନ୍ତୁଙ୍କ ପାଇଁ ଦୁଇ ଭାଗ ଖାଦ୍ୟ ରଖି ଏକ ଭାଗ ଖେଚୁଡି ବାଟୁଳା ଖାଇ ଏହି ପରମ୍ପରା ଆରମ୍ଭ କରିଥିଲେ । ଏଥି ପାଇଁ କାହିଁ କେତେ କାଳରୁ ଏହି ହାଣ୍ଡି ଭଙ୍ଗା ଜାତର ପରମ୍ପରା ଚାଲି ଆସୁଛି । ଆଜି ପ୍ରତ୍ୟୁଷରୁ ମା ରାମଚଣ୍ଡିଙ୍କ ସ୍ୱତନ୍ତ୍ର ନୀତିକାନ୍ତି ପରେ ମାଙ୍କ ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହୋଇଥିଲା । ବହୁ ସଂଖ୍ୟାରେ ଏଠାକୁ ଆସୁଥିବା ପ୍ରଜ୍ୟଟକ ଓ ସାଧାରଣ ଭକ୍ତ ମାଙ୍କ ଦର୍ଶନ କରିଥିଲେ । ମାଙ୍କ ଏହି ଜାତ ଦୁଇ ଦିନ ବ୍ୟାପୀ ଚାଲିବ ରାମଚଣ୍ଡୀ ଉନ୍ନୟନ କମିଟି ପକ୍ଷରୁ ପ୍ରତ୍ୟହ ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

# ବୋରିଗୁମ୍ମାଠାରେ ମୁଥୁଟ୍ ଫିନ କ୍ରୋପ ଶାଖା ଉଦ୍‌ଘାଟିତ



ବୋରିଗୁମ୍ମା,୩୦।୪(ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକ ସଦର ମୋହକୁମା କୋଟପାଡ଼ ରାସ୍ତା ପାର୍ଶ୍ୱରେ ଆଜି ମୁଥୁତ ଫିନ କ୍ରୋପ ନାମକ ନୂତନ ଶାଖା ଭବ୍ୟ ଉଦଘାଟନ ଉତ୍ସାହ ଓ ଆଡ଼ମ୍ବର ମଧ୍ୟରେ ସମ୍ପନ୍ନ ହୋଇଯାଇଛି। ଏହି ଶାଖାଟି ସମସ୍ତ ପ୍ରକାର ଋଣ ପ୍ରଦାନ ଓ ବ୍ୟାଙ୍କିଙ୍ଗ ସମ୍ବନ୍ଧ ସହ ସଂଯୁକ୍ତ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ବିଶେଷ ଆନନ୍ଦ ଓ ଆଶା ଦେଖାଯାଇଥିଲା।

ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ଦିପ୍ତିମୟୀ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ଚନ୍ଦ୍ର ବିଡ଼ିକା ଅତିଥି ଭାବେ ଯୋଗଦେଇ ଉଦ୍ ଘାଟନ କରିଥିଲେ । ଶାଖାର ରିଜିଓନାଲ ମେନେଜର ମଥୁରାନନ୍ଦ ଲେଙ୍କା, ଏରିଆ ମେନେଜର ଅଶୋକ କୁମାର ପାଇକ, ଟ୍ରେଇନର ସୁନୀଲ ମହାନ୍ତି, ଦେବାଶିଷ ଷଡ଼ଙ୍ଗୀ ଏବଂ ଶାଖା ପରିଚାଳକ ଶ୍ରୀନିବାସ ପାଢ଼ୀଙ୍କ ଉପସ୍ଥିତିରେ ବିଧିବତ୍ ପୂଜାର୍ଚ୍ଚନା କରାଯାଇଥିଲା। ଭୈରବଙ୍କ ଆଶୀର୍ବାଦ କାମନା କରି ହୋମଯଜ୍ଞ ଓ ପୂଜା ପର୍ବ ସମ୍ପନ୍ନ ହୋଇଥିଲା। ପରେ ଫିତା କାଟି ଓ ପୂଜାର ଶଙ୍ଖଧ୍ୱନି ମଧ୍ୟରେ ସାଧାରଣ ଲୋକଙ୍କ ପାଇଁ ଉଦଘାଟିତ କରାଯାଇଥିଲା । ଆକର୍ଷଣ ଭାବେ କିଛି ବ୍ୟବସାୟୀଙ୍କୁ ୫ ହଜାରରୁ ୫୦ ହଜାର ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଇଥିବାରୁ ଉପସ୍ଥିତ ଲୋକମାନଙ୍କ ମଧ୍ୟରେ ଅଧିକ ଉତ୍ସାହ ପ୍ରକାଶ ପାଇଥିଲା। ଏହି ନୂତନ ମୁଥୁତ ଫିନ କ୍ରୋପ ଶାଖା ଖୋଲାଯାଇଥିବାରୁ ଏବେ ସ୍ଥାନୀୟ ସ୍ତରରେ ବହୁ ସଂଖ୍ୟକ ସହର ବାସୀ ଓ ବ୍ୟବସାୟୀମାନେ ଉପସ୍ଥିତ ଥିଲେ।

# ଖାଦ୍ୟ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ




ଯାଜପୁର,୩୦।୪(ସଂଚାର ବ୍ୟୁରୋ): କମିଶନର ଅଫ୍ ଫୁଡ୍ ସେଫ୍ଟୀ, ଓଡ଼ିଶାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଏବଂ ଟ୍ରେନିଂ ସହଯୋଗୀ ଉତ୍ସର୍ଗ ଅନୁଷ୍ଠାନର ମିଳିତ ସହଯୋଗରେ ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ଖାଦ୍ୟ ସୁରକ୍ଷା ଏବଂ ସ୍ୱଚ୍ଛତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଙ୍ଗନୱାଡି କେନ୍ଦ୍ରରେ ଖାଦ୍ୟ ପ୍ରସ୍ତୁତି ଏବଂ ବିତରଣ କାର୍ଯ୍ୟରେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିବା ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଏହି ତାଲିମ ଦିଆଯାଇଛି। ଏପ୍ରିଲ ୨୯ ଏବଂ ୩୦ ତାରିଖ ଦୁଇ ଦିନ ଧରି ତାଲିମ କାର୍ଯ୍ୟକ୍ରମ ଚାଲିଥିଲା। ୪ ଟି ବ୍ୟାଚରେ ପ୍ରାୟ ୪୦୦ ରୁ ଉର୍ଦ୍ଧ୍ୱ ଅଙ୍ଗନୱାଡ଼ି କର୍ମୀ ଏଥିରେ ଖାଦ୍ୟ ସୁରକ୍ଷା ସମ୍ବନ୍ଧୀୟ ତାଲିମ ଗ୍ରହଣ କରିଛନ୍ତି। ଫୁଡ୍ ସେଫ୍ଟୀ ଟ୍ରେନରଙ୍କ ଦ୍ୱାରା ଶିଶୁଙ୍କ ପାଇଁ ହେଉଥିବା ରନ୍ଧା ଖାଦ୍ୟର ସ୍ୱଚ୍ଛତା ବଜାୟ ରଖିବା, ସୁରକ୍ଷା ଦିଗ ପ୍ରତି ଧ୍ୟାନ ଦେବା ସହ ଅଘଟଣ ରୋକିବା, ଖାଦ୍ୟ ସୁରକ୍ଷା ପଛର ବିଜ୍ଞାନ, ଖାଦ୍ୟ ସଂରକ୍ଷଣ ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା।

ଏହାସହ ତାଲିମ ନେଇଥିବା ଅଙ୍ଗନୱାଡ଼ି କର୍ମୀଙ୍କୁ ଫୁଡ୍ ସେଫ୍ଟୀ ଟ୍ରେନିଂ ସାର୍ଟିଫିକେଟ ପ୍ରଦାନ କରାଯିବ। ଆଗକୁ ଅନଲାଇନ୍ ପଞ୍ଜୀକରଣ କରି ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରକୁ ଫୁଡ୍ ଲାଇସେନ୍ସ ପ୍ରଦାନ କରାଯିବା ନେଇ ମଧ୍ୟ ଯୋଜନା ରହିଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଜୟ କୁମାର ମିଶ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ରାକେଶ କୁମାର ସାହୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁଙ୍କ ସହ ବିଭାଗୀୟ ଅଧିକାରୀ ଏବଂ ଅଙ୍ଗନୱାଡି କର୍ମୀମାନେ ଯୋଗ ଦେଇଥିଲେ।

# ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ସୁନ୍ଦରଗଡ,୩୦।୪(ସଂଚାର ବ୍ୟୁରୋ): ହେମଗିରି ବ୍ଲକ ଅନ୍ତର୍ଗତ ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗଡ଼ ଡୁମୁଳିଆ ପରିସରରେ ଗୁରୁବାର ବିଜ୍ଞାନ ବିଭାଗର ବରିଷ୍ଠ ଶିକ୍ଷକ ନରେନ୍ଦ୍ର ପଟେଲଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଭବ୍ୟତାର ସହିତ ଅନୁଷ୍ଠିତ ହୋଇଯାଇଅଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ବରେଣ୍ୟ ଅତିଥି ଭାବରେ ପ୍ରାକ୍ତନ ଅଧ୍ୟକ୍ଷ ନେପାଲ ପଟେଲ,ବ୍ରଜେଶ ସାହୁ, ପୂର୍ବତନ ବରଗଡ଼ ଏଡିଏମ ନବୀନ ପଟେଲ, ଯୁକ୍ତ ତିନି ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଜେନା, ପରିଚାଳନା ସମିତି ସଭ୍ୟ ନାରାୟଣ ପଟେଲ ଯୋଗ ଦାନ କରିଥିଲେ। ଉପସ୍ଥିତ ଅତିଥି ତଥା ଶିକ୍ଷକ କର୍ମଚାରୀ ବିଦାୟୀ ଶିକ୍ଷକ ଶ୍ରୀ ପଟେଲଙ୍କ କର୍ମମୟ ଜୀବନ, ତ୍ୟାଗ, ଛାତ୍ର ବତ୍ସଳତା ଉପରେ ବିଷଦ ଆଲୋଚନା କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସରୋଜ ମିଶ୍ର, ଗଙ୍ଗାଧର ବାରିକ ଶ୍ରୀ ପଟେଲଙ୍କୁ ବାଇମୁଣ୍ଡି ଏବଂ ବିଶୁ ମହାରଣା ଭାବରେ ବର୍ଣ୍ଣନା କରି ତାଙ୍କର ଅବସର ପାଶ୍ଚାତ ଜୀବନ ମଧୁମୟ ହେଉ ବୋଲି କାମନା କରିଥିଲେ ।



# କସମେଟିକ୍ ସର୍ଜରୀ ପରେ ତ୍ୱଚାର ଯତ୍ନ

ସୌନ୍ଦର୍ଯ୍ୟ ବୃଦ୍ଧି ଓ ଯୁବାପରି ଦିଶିବାକୁ ଲୋକେ ଅନେକ ପ୍ରକାର ଟ୍ରିଟମେଣ୍ଟ କରୁଛନ୍ତି। ଏମିତି ଏକ ଟ୍ରିଟମେଣ୍ଟ ହେଉଛି କସ୍ମେଟିକ୍ ସର୍ଜରୀ। ସାଧାରଣତଃ ୧୫ବର୍ଷ ବୟସ ପରେ ଏହି ସର୍ଜରୀ କରାଯାଇଥାଏ। ବକ୍ଷୋଜର ବୃଦ୍ଧି କିମ୍ବା ଛୋଟ କରିବା, ବେକ ଝୁଲିପଡ଼ିଲେ ଏହାକୁ ପୂର୍ବବସ୍ଥାକୁ ଆଣିବାକୁ, ଓଠ ଓ ନାକର ସୌନ୍ଦର୍ଯ୍ୟ, ପେଟ ଓ ଜଙ୍ଘରୁ ଚର୍ବି କମ୍ କରିବାକୁ କସ୍ମେଟିକ ସର୍ଜରୀ କରାଯାଇଥାଏ। ଅଧୁନା ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କସମେଟିକ୍ ସର୍ଜରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ କସ୍ମେଟିକ୍ ସର୍ଜରୀ ପରେ କିପରି ତ୍ୱଚାର ଯତ୍ନ ନେବେ ଜାଣନ୍ତୁ। କସ୍ମେଟିକ୍ ସର୍ଜରୀ ବିଭିନ୍ନ ପ୍ରକାର ରହିଛି। ଏହି ସର୍ଜରୀ ପୂର୍ବରୁ ପୀଡ଼ିତଙ୍କ ଶାରୀରିକ ଓ ମାନସିକ ସ୍ଥିତି, ଦେଖି କରାଯାଏ। ଏଥିପାଇଁ ଜଳବାୟୁ ତଥା ପାଣିପାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅଧିକ ତାପମାତ୍ରା ଓ ଆର୍ଦ୍ରତା ଯୋଗୁଁ ସର୍ଜରୀ ପରେ ଚର୍ମର ଦେଖାଶୁଣା କରିବା ଚାଲେଞ୍ଜପୂର୍ଣ୍ଣ ହୋଇଯାଇଥାଏ। ଥଣ୍ଡା ରହିଲେ ଘା ଶୁଖୁଥିବାବେଳେ ଗରମଦିନେ ଘା’ ଶୁଖିବାକୁ ଅଧିକ ସମୟ ଲାଗିଥାଏ। ଯେହେତୁ ଆମ ରାଜ୍ୟର ଜଳବାୟୁରେ ଅଧିକ ଧୂଳିକଣା, ଅଧିକ ତାପମାତ୍ରା ଓ ଆର୍ଦ୍ରତାପୂର୍ଣ୍ଣ। ତେଣୁ ଚର୍ମ ସିଧାସଳଖ ସୂର୍ଯ୍ୟକିରଣରେ ଆସିଲେ, ଅସ୍ତ୍ରୋପଚାର ସ୍ଥାନଟି ଫୁଲିପାରେ କିମ୍ବା କ୍ଷତି ହୋଇପାରେ। ୫ରୁ ୧୦ଦିନ ଖରାକୁ ବାହାରିବା ଅନୁଚିତ। ଏସି କିମ୍ବା ଫଙ୍ଖା ତଳେ ରହିବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି। ବାହାରକୁ ଯିବାବେଳେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସନ୍ସ୍କ୍ରିନ୍ ବ୍ୟବହାର କରିପାରିବେ।

**ଝାଳ ବାହାରିବାକୁ ଦିଅନ୍ତୁନି:** କସ୍ମେଟିକ ସର୍ଜରୀ ପରେ, ଅତ୍ୟଧିକ ଝାଳ ଚର୍ମ ପାଇଁ କ୍ଷତିକାରକ। ଝାଳ ଅସ୍ତ୍ରୋପଚାର କରାଯାଇଥିବା ସ୍ଥାନକୁ ଓଦାଳିଆ ରଖେ। ଏଠାରେ ଜୀବାଣୁ ବୃଦ୍ଧି ପାଇ ସଂକ୍ରମଣ ହୋଇଥାଏ। ତେଣୁ ଶରୀରରୁ ଝାଳ ନ ବାହାରିବାରୁ ଧ୍ୟାନ ଦିଅନ୍ତୁ। ଅନ୍ୟପଟେ କେବେ ବି କସ୍ମେଟିକ୍ ସର୍ଜରୀ ପରେ ପରେ ଅଧିକ ପରିଶ୍ରମ ତଥା ବ୍ୟାୟାମ କରିବା ଅନୁଚିତ।

**ସ୍ୱଚ୍ଛତାକୁ ଧ୍ୟାନ ଦିଅନ୍ତୁ:** ଅଧିକାଂଶ ଲୋକ ସର୍ଜରୀ ପରେ ସପ୍ତାହରୁ ୧୦ ଦିନ ଗାଧୋଇ ନଥାନ୍ତି। ଅସ୍ତ୍ରୋପଚାର ସ୍ଥାନରେ ବାରମ୍ବାର ମଲମ ଲେପନ କରୁଥାନ୍ତି, ଏହାଦ୍ୱାରା ଚର୍ମରେ ଅଧିକ କ୍ଷତି ହୁଏ। ତେଣୁ ସର୍ଜରୀର ପାଞ୍ଚଦିନ ପରେ ଗାଧୋଇପାରିବେ। ଏହି ସମୟରେ ସ୍ୱଚ୍ଛତାକୁ ଧ୍ୟାନ ଦେଇ ଜୀବାଣୁମୁକ୍ତ ରହିପାରିବେ। ଶରୀରରୁ ହାଇଡ୍ରେଟ୍ ରଖିବାକୁ ଦିନକୁ ପ୍ରଚୁର ମାତ୍ରାର ପାଣି ପିଇପାରିବେ। ରସାୟନମୁକ୍ତ ଉତ୍ପାଦ ଠାରୁ ଦୂରେଇ ରୁହନ୍ତୁ।



# ବ୍ରେକ୍‌ଫାଷ୍ଟରେ କ’ଣ ଖାଇବା ଉଚିତ?

ପରଟା ନା ଚୁଡା ସନ୍ତୁଳା। ସକାଳୁ ଉଠିଲେ ବ୍ରେକଫାଷ୍ଟରେ କଣ ଖାଇବେ। କେଉଁଟା ଆପଣଙ୍କ ପାଇଁ ହେଲଦି ଅପସନ ରହିବ। ଯାହାକୁ ନେଇ ଅନେକ ଲୋକଙ୍କ ମନରେ କନଫ୍ୟୁଜନ ଥାଏ। ସେମାନେ ଜାଣି ପାରନ୍ତିନି କେଉଁଟା ତାଙ୍କ ଶରୀର ପାଇଁ ବେଷ୍ଟ। ସକାଳ ଜଳଖିଆ ଆମ ସୁସ୍ଥ ଶରୀର ଗଠନ ପାଇଁ ନିହାତି ଆବଶ୍ୟକ। ତେଣୁ ସକାଳ ଜଳଖିଆକୁ ଦିନର ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ ସମୟ ବୋଲି ବିବେଚନା କରାଯାଏ। ସକାଳ ଜଳଖିଆ ନ କରିବା ଦ୍ୱାରା ଆମେ ଅନେକ ରୋଗର ଶିକାର ହୋଇଥାଉ। କିଛି ଲୋକ ଡାଏଟିଂ ପାଇଁ ସକାଳ ଖାଇବାକୁ ଏଡାଇ ଦେଇଥାଆନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞ କହନ୍ତି ସେଭଳି କରିବା ଭୁଲ। ସକାଳ ଜଳଖିଆକୁ କେବେ ବନ୍ଦ କରିବା କଥା ନୁହେଁ। ଅଧିକାଂଶ ଲୋକେ ସକାଳ ଖାଇବାରେ ଚୁଡା ସନ୍ତୁଳା ଏବଂ ପରଟା ଖାଇଥାଆନ୍ତି। କିନ୍ତୁ ଆପଣ କ’ଣ ଜାଣନ୍ତି କି ଏହି ଜଳଖିଆ ଖାଇବା ଦ୍ୱାରା ଆମ ଶରୀର ଉପରେ କଣ ପ୍ରଭାବ ପଡ଼ିଥାଏ। ତେବେ ଆସନ୍ତୁ ଏହି ଦୁଇଟି ଖାଦ୍ୟ ମଧ୍ୟରୁ ସକାଳ ଜଳଖିଆରେ କେଉଁ ଖାଦ୍ୟ ଖାଇବା ଉଚିତ କିମ୍ବା ଅନୁଚିତ ସେ ସମ୍ପର୍କରେ ଜାଣିବା। ଚୁଡା ସନ୍ତୁଳା ସହଜରେ ହଜମ ହୋଇଥାଏ। ଏଥିରେ କମ ତେଲ ବ୍ୟବହାର କରାଯାଏ। ଏହା କାର୍ବୋହାଇଡ୍ରେଟର ଗୋଟିଏ ଭଲ ଉତ୍ସ। ଯାହା ଶରୀରକୁ ତୁରନ୍ତ ଶକ୍ତି ଯୋଗାଇଥାଏ। ଯଦି ଏଥିରେ ବାଦାମ, ପନିପରିବା ଏବଂ କିଛି ଲେମ୍ବୁ ରସ ସାମିଲ କରିବା ଏହା ପ୍ରୋଟିନ୍, ଫାଇବର ଏବଂ ଭିଟାମିନର ଏକ ଭଲ ସୋର୍ସ ହୋଇଥାଏ। ଯେଉଁ ଲୋକ ଓଜନ କମ୍ କରିବାକୁ ଚାହାଁନ୍ତି ନଚେତ ସେମାନଙ୍କ ପାଚନତନ୍ତ୍ର ସମ୍ବେଦନଶୀଳ ସେମାନଙ୍କ ପାଇଁ ଚୁଡା ସନ୍ତୁଳା ଉତ୍ତମ ବିକଳ୍ପ ବୋଲି କୁହାଯାଏ। ସେହିପରି କିଛି ଲୋକ ସକାଳୁ ପରଟା ଖାଇବାକୁ ଖୁବ ପସନ୍ଦ କରିଥାଆନ୍ତି। ଏଗୁଡ଼ିକ ସାଧାରଣତଃ ଗହମ ଅଟାରୁ ତିଆରି ହୋଇଥାଏ। ପରଟାରେ ମଧ୍ୟ ଭଲ ପରିମାଣର ଫାଇବର ଥାଏ। ଯାହା ପାଚନ ପ୍ରକ୍ରିୟାକୁ ଉନ୍ନତ କରେ ଏବଂ ରକ୍ତରେ ଶର୍କରା ସ୍ତର ବଜାୟ ରଖିବାରେ ସାହାଯ୍ୟ କରେ। ଖାସ କରି ଆଳୁ ପରଟା, ପନିର ପରଟାରେ ଅଧିକ କ୍ୟାଲୋରୀ ଥାଏ। ଏହା ସହିତ ଏଥିରେ ଅଧିକ ତେଲ ଏବଂ ଘିଅ ବ୍ୟବହାର କରାଯାଇଥାଏ। ଯାହା ଦ୍ୱାରା ଅଧିକ ସମୟ ପର୍ଯ୍ୟନ୍ତ ଭୋକ ଲାଗି ନଥାଏ। ପେଟକୁ ଅଧିକ ସମୟ ଯାଏ ଫୁଲ କରି ରଖିଥିବାରୁ ଆମକୁ ସହଜରେ ଦୁର୍ବଳ ଅନୁଭବ ହୋଇନଥାଏ। କିନ୍ତୁ ଯଦି ଆପଣ ଓଜନ କମ୍ କରିବାକୁ ଚାହାଁନ୍ତି ତେବେ ପରଟା ଆଦୌ ଖାଆନ୍ତୁ ନାହିଁ।

ଯଦି ଆପଣ ବ୍ରେକଫାଷ୍ଟରେ ଏକ ଭଲ ବିକଳ୍ପ ଖୋଜୁଛନ୍ତି, ତେବେ ଚୁଡା ସନ୍ତୁଳା କିମ୍ବା ପରଟା ଖାଆନ୍ତୁ। ପରଟାରେ କମ୍ ତେଲ ବ୍ୟବହାର କରନ୍ତୁ ଏବଂ ଏକ ସାଇଡ ଡିସ ହିସାବରେ ଦହି କିମ୍ବା ସାଲାଡ ସାମିଲ କରନ୍ତୁ।

# ମାନସିକ ଶାନ୍ତି ପାଇଁ କଲର ୱାକିଂ



ମେଦବହୁଳତା ଯୋଗୁଁ ପ୍ରାୟତଃ ବସିବା, ଉଠିବା ଆଦିରେ ସମସ୍ୟା ହୋଇଥାଏ। ଏହା ବିଭିନ୍ନ ରୋଗକୁ ମଧ୍ୟ ଆମନ୍ତ୍ରିତ କରିଥାଏ। ତେଣୁ ପ୍ରତିଦିନ ଚାଲିବା ଦ୍ୱାରା ଓଜନ ନିୟନ୍ତ୍ରଣରେ ରହିବା ସହ ଜଣେ ଫିଟ୍ ଓ ନୀରୋଗ ରହିଥାନ୍ତି। ଯଦିଓ ଓଜନ ହ୍ରାସ ପାଇଁ ପାୱାର ୱାକିଂ, ବ୍ରିସ୍କ ୱାକିଂ, ଜଗିଙ୍ଗ, ରିଭର୍ସ ୱାକିଂ ଆଦି ଟ୍ରେଣ୍ଡରେ ରହିଛି ହେଲେ ଏବେ ‘କଲର ୱାକିଂ’କୁ ନେଇ ଅନେକ ଚର୍ଚ୍ଚା। ଏହି ଚାଲିବା କୌଶଳରେ ଜଣେ ବ୍ୟକ୍ତି ଚାଲିବା ପୂର୍ବରୁ ଗୋଟିଏ ରଙ୍ଗକୁ ବାଛନ୍ତି, ଏହାକୁ ତାଙ୍କର ଚତୁଃପାର୍ଶ୍ୱରେ ଖୋଜନ୍ତି। ସେହିପରି ଚାଲିବା ସମୟରେ ଉକ୍ତ ଏରଙ୍ଗର ବସ୍ତୁକୁ ଦେଖିବା ମାତ୍ରେ ତାହାକୁ ଗଣିବା ଆରମ୍ଭ କରିଦିଅନ୍ତି। କେହି କେହି ଫଟୋ ଉଠାଇ ମଧ୍ୟ ରଖନ୍ତି। ତେଣୁ ମନକୁ ଶାନ୍ତି ଓ ଖୁସି ରଖିବାକୁ କଲର ୱାକିଂ ସବୁଠୁ ପ୍ରଭାବୀ। ୱିଲିୟମ୍ ଏସ୍ ବରୋଜ ନିଜର ବିଦ୍ୟାର୍ଥୀଙ୍କୁ ପ୍ରେରିତ କରିବାକୁ କଲର ୱାକିଂ ଆରମ୍ଭ କରିଥିଲେ। ଏହା ମସ୍ତିଷ୍କକୁ ପ୍ରଭାବିତ କରି ରଚନାତ୍ମକତା ଚିନ୍ତାଧାରା, କଳ୍ପନା, କଳା ଏବଂ ସମସ୍ତ ସମସ୍ୟାକୁ କିପରି ସମାଧାନ କରିହେବ ସେହି ଦକ୍ଷତାକୁ ବୃଦ୍ଧି କରାଏ। ତେଣୁ କଲର ୱାକିଂ ଦ୍ୱାରା ଉଭୟ ମାନସିକ ଶାରୀରିକ ସ୍ୱାସ୍ଥ୍ୟ ଠିକ୍ ରୁହେ। ଚିନ୍ତା ଦୂର ହୁଏ। ହୃତ୍‌ପିଣ୍ଡ, ମାଂସପେଶୀ ଏବଂ ସହନଶୀଳ ଶକ୍ତିକୁ ମଜବୁତ କରିଥାଏ। ବିଶେଷ କଥା ହେଉଛି, ପାଦରେ ଚାଲିବା ଦ୍ୱାରା ଏଣ୍ଡରଫିନ୍ ଏବଂ ସେରୋଟୋନିନ ହରମୋନ୍ ବୃଦ୍ଧିରେ ସାହାଯ୍ୟ ହୁଏ। ଏହା ମନକୁ ଖୁସି ରଖେ।

# ଅନିୟମିତ ଖାଦ୍ୟଶୈଳୀ ଓ ଅର୍ଶ



ଅନିୟମିତ ଜୀବନଶୈଳୀ, ଜଙ୍କଫୁଡ୍, ଫାଷ୍ଟଫୁଡ୍, ଅତ୍ୟଧିକ ମସଲା, ଚର୍ବିଯୁକ୍ତ ଖାଦ୍ୟ, ଅତ୍ୟଧିକ ଆମିଷ ଭୋଜନ, ଭୋଜନରେ ତନ୍ତୁଜାତୀୟ ଖାଦ୍ୟର ଅଭାବ, ଅତ୍ୟଧିକ କଫି ଓ ଚିକ୍କଣିଆ ଖାଦ୍ୟ, ଅନିୟମିତ ଜଳପାନ ଆଦି କାରଣରୁ କୋଷ୍ଠବଦ୍ଧ ହୋଇ ମଳର କଠିନତା କାରଣରୁ ମଳଦ୍ୱାରରେ ଫୁଲା, ଅର୍ଶ, ଭଗନ୍ଦର ଆଦି ସୃଷ୍ଟି ହେବାର ସମ୍ଭାବନା ବୃଦ୍ଧି ପାଇଥାଏ। ତତ୍ସହିତ ବାୟୁ ଚଳାଚଳ ହୋଇପାରୁନଥିବା ସିନ୍ଥେଟିକ୍ ଆସନ, ସୋଫା, ଗଦି, ଗାଡ଼ି ସିଟ୍ ବସିବାଦ୍ୱାରା ଖୁବ୍ କମ୍ ବୟସରେ ଅର୍ଶ ଆଦି ବୃଦ୍ଧି ପାଇବାର ସମ୍ଭାବନା ଥାଏ। ନିଦାନ ପରିବର୍ଜନମ୍, ଅର୍ଥାତ୍ ରୋଗ ସୃଷ୍ଟି ହେଉଥିବା କାରଣଗୁଡ଼ିକୁ ପରିତ୍ୟାଗ କରିବା ସହିତ ଚିକିତ୍ସକଙ୍କ ପରାମର୍ଶରେ ଉପଯୁକ୍ତ ଔଷଧ ସେବନ ଓ ପଥ୍ୟାପଥ୍ୟରେ ରହିବା ଦ୍ୱାରା ଅର୍ଶ ରୋଗରେ ଉପକାର ହୋଇଥାଏ। ଆୟୁର୍ବେଦରେ ସୁରଣ ଅର୍ଥାତ୍ ଅର୍ଶ ପାଇଁ ଓଲୁଅର ବହୁଳ ବ୍ୟବହାର ଦେଖିବାକୁ ମିଳେ। ତେଣୁ ଖାଦ୍ୟରେ ଓଲୁଅ ନିୟମିତ ସେବନ କଲେ ଅର୍ଶର ଉପକାର ହୁଏ। ରାତିରେ ଶୋଇବା ପୂର୍ବରୁ ଦୁଇଚାମୁଚ ମାତ୍ରାରେ ଇସ୍ବବୁଲ ଭୁଷି ସେବନ କରି ସାମାନ୍ୟ ଉଷୁମ ପାଣି ସେବନ କଲେ, କୋଷ୍ଠ ପରିଷ୍କାର ହୋଇ ଅର୍ଶରେ ଉପକାର ମିଳେ। ସେହିପରି ସକାଳେ ଏବଂ ସନ୍ଧ୍ୟାରେ ତିନିଗ୍ରାମ୍ ମାତ୍ରାରେ ତ୍ରିଫଳା ଚୂର୍ଣ୍ଣ ସେବନ କଲେ, ହିତକର ହୋଇଥାଏ। ଭୋଜନ ପରେ ନିଜର ସାମର୍ଥ୍ୟ ଅନୁସାରେ ଦୁଇ ମିନିଟ୍ରୁ ପନ୍ଦର ମିନିଟ୍ ପର୍ଯ୍ୟନ୍ତ ବଜ୍ରାସନରେ ବସିଲେ ପେଟର ଯାବତୀୟ ଦୋଷ ଦୂର ହେବା ସହିତ ଅର୍ଶ ରୋଗରେ ମଧ୍ୟ ଉପକାର ହୁଏ। ଦିନକୁ ଆଠରୁ ଦଶଗ୍ଲାସ ପାଣି ଅର୍ଥାତ୍ ପୂର୍ବାହ୍ନରେ ଅଧିକ ଅପରାହ୍ନରେଏବଂ ରାତିରେ ଆବଶ୍ୟକ ଅନୁସାରେ ପାଣିକୁ ଭାଗ କରି ପାନ କଲେ ଉପକାର ମିଳିଥାଏ। ଚିକିତ୍ସକଙ୍କ ପରାମର୍ଶରେ ବୃହତ୍ସୁରଣମୋଦକ ଅଭୟାରିଷ୍ଟ, ଆରୋଗ୍ୟବର୍ଦ୍ଧନୀ ଗୁଟିକା, ଯୋଗରାଜଗୁଗୁଲୁ ଆଦି ସେବନ କରାଯାଇପାରିବ। ଅର୍ଶ ଯନ୍ତ୍ରଣା କମାଇବା ପାଇଁ ଏକପାତ୍ରରେ ଉଷୁମ ପାଣି ନେଇ ସେଥିରେ ମଳଦ୍ୱାରକୁ ବୁଡ଼େଇ ବସିଲେ ଉପଶମ ମିଳେ।

# ପରିସ୍ରାରେ ରକ୍ତସ୍ରାବ ପାଇଁ ଆୟୁର୍ବେଦ ଉପଚାର

ପରିସ୍ରାରେ ରକ୍ତସ୍ରାବକୁ ହେମାଟୁରିଆ କୁହାଯାଏ। ପରିସ୍ରାରେ ରକ୍ତ ପଡ଼ିବା କୌଣସି ଗମ୍ଭୀର ରୋଗର ଲକ୍ଷଣ ହୋଇପାରେ। ଆୟୁର୍ବେଦରେ ଏହାକୁ ଅଧୋଗ ରକ୍ତପିତ୍ତ ଅନ୍ତର୍ଭୁକ୍ତ କରାଯାଇଛି। ମୂତ୍ରାଶୟ ତଥା ବୃକ୍କରେ ପଥୁରୀ ହେବା, ପରିସ୍ରା ସଂକ୍ରମଣ, ରକ୍ତଜମାଟ ବାନ୍ଧିବା କ୍ଷମତା ନଥିବା, ପ୍ରୋଷ୍ଟେଟ ସମସ୍ୟା, ବୃକ୍କରୋଗ, ୟୁରୋଥେଲିଆଲ ଲାଟିନ୍ କର୍କଟ ଓ ମୂତ୍ରନଳୀରେ ଦୀର୍ଘକାଳୀନ ସଂକ୍ରମଣ ଆଦି ଯୋଗୁଁ ପରିସ୍ରାରେ ରକ୍ତସ୍ରାବ ହୋଇଥାଏ। ଏହି ସମସ୍ୟା ହେଲେ ପରିସ୍ରା ଜଳାପୋଡ଼ା ଏବଂ ପେଟ ବ୍ୟଥାହୋଇପାରେ। ଚିକିତ୍ସକଙ୍କ ପରାମର୍ଶ ଉସିରାଶବ ୩୦ ମିଲି ସମପରିମିତ ପାଣି ମିଶାଇ ଭୋଜନ ପରେ ଦିନକୁ ଦୁଇଥର ସେବନ କରିପାରିବେ। ପଞ୍ଚତୃଣକଷାୟ ସକାଳ ଓ ସନ୍ଧ୍ୟା ଖାଲିପେଟରେ ୫୦ ମିଲି କରି ଦିନକୁ ଦୁଇଥର ସେବନ ଆବଶ୍ୟକ। ଶୁଣିତ ଅର୍ଗ ରସ ସକାଳ ସନ୍ଧ୍ୟା ଦୂବରସ ମିଶିରି ଗୁଣ୍ଡ ସହିତ ଖାଲି ପେଟରେ ସେବନ କଲେ ହିତକର ହୋଇଥାଏ। ପୀଡ଼ିତ ବ୍ୟକ୍ତିଙ୍କୁ ଏହି ସମୟରେ ଉଷ୍ଣ, ଅମ୍ଳ, ଲବଣ, କଟୁଜାତୀୟ ଦ୍ରବ୍ୟ ସେବନ ନିଷିଦ୍ଧ କରାଯାଏ।



# ଖରାଦିନେ ମୁହଁରେ ଲଗାନ୍ତୁ ଆଲମଣ୍ଡ ଅଏଲ

ଖରାଦିନ ଆସିବା ମାତ୍ରେ ସମସ୍ତେ ଚିନ୍ତାରେ ରହିଥାନ୍ତି। ସ୍କିନକୁ ନେଇ ଅନେକ ସମସ୍ୟା ଦେଖା ଦେଇଥାଏ। ଖରାଦିନରେ ଧୂଳି, ମଳି, ଅତ୍ୟଧିକ ଝାଳ ପାଇଁ ଆମ ସ୍କିନ୍ ଡଲ୍ ଦିଶିଥାଏ। ଖାସ କରି ଝିଅମାନେ ତାଙ୍କ ତ୍ୱଚା ପାଇଁ ଅଧିକ ସଚେତନ ରହିଥାନ୍ତି। ସେହି ସବୁ ସମସ୍ୟାରୁ ରକ୍ଷା ପାଇବା ପାଇଁ ଅନେକ ଜିନିଷ ମୁହଁରେ ବ୍ୟବହାର କରିଥାନ୍ତି। ବାଦାମ ତେଲ ଚମକ ତ୍ୱଚା ପାଇଁ ବିବେଚନା କରାଯାଏ। ଗରମ କାରଣରୁ ତେଲ ଲଗାଇବା ଦ୍ୱାରା ମୁହଁରେ ବ୍ରଣ, ତେଲିଆ ଭଳି ଲାଗିଥାଏ। ହେଲେ କିନ୍ତୁ ଜାଣିଛନ୍ତି କି ମୁହଁରେ ଖରାଦିନରେ ବାଦାମ ତେଲ ଲଗାଇବା କେତେ ଲାଭଦାୟକ ? ତେବେ ଆସନ୍ତୁ ସେ ସମ୍ପର୍କରେ ଜାଣିବା। ବାଦାମ ତେଲ ତ୍ୱଚାର ଭିତରକୁ ଯାଇ ହାଇଡ୍ରେଟ୍ କରେ। ଗ୍ରୀଷ୍ମ ଋତୁରେ, ଯେତେବେଳେ ଚର୍ମ ଜଳୀୟ ଅଂଶର ମାତ୍ରା ଠିକ ରହିବ ଫଳରେ ଏହି ତେଲ ତ୍ୱଚାକୁ ନରମ ରଖିବାରେ ସହାୟକ ହୁଏ। ଡାର୍କ ସର୍କଲ୍‌କୁ ମଧ୍ୟ ଦୂର କରିଥାଏ। ଏଥିରେ ଭିଟାମିନ୍ ‘ଇ’ ଥିବାରୁ ଆଖି ତଳେ ଥିବା କଳା ଦାଗ କମାଇଥାଏ। ରାତିରେ ଶୋଇବା ପୂର୍ବରୁ ହାତରେ ହାଲକା ମାଲିସ୍ କରିବା ତ୍ୱଚା ପାଇଁ ପ୍ରଭାବଶାଳୀ ହୋଇଥାଏ। ବାଦାମ ତେଲରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଫ୍ୟାଟି ଏସିଡ୍ ଗୁଣ ଥିବା କାରଣରୁ ସୂର୍ଯ୍ୟର କିରଣରୁ ଏହା ରକ୍ଷା କରିଥାଏ। ଏହାକୁ ସନସ୍କ୍ରିନ୍ ସହିତ ମିଶାଇ ଲଗାଇବା ଦ୍ୱାରା ସ୍କିନ ପାଇଁ ଲାଭପ୍ରଦ ହୋଇଥାଏ। ଅନେକ ଲୋକ ଭାବନ୍ତି ଯେ ତେଲିଆ ଚର୍ମରେ ତେଲ ଲଗାଇବା ଭଲ ନୁହେଁ, କିନ୍ତୁ ବାଦାମ ତେଲରେ ନନ୍-କମେଡୋଜେନିକ୍ ଥିବାରୁ ବ୍ରଣ ହେବାରୁ ରୋକିଥାଏ। ଗ୍ରୀଷ୍ମ ଋତୁରେ ବାଦାମ ତେଲ ଦିନରେ ଲଗାଇବା ଅପେକ୍ଷା ରାତିରେ ଶୋଇବା ପୂର୍ବରୁ ଏହାକୁ ଲଗାନ୍ତୁ। ଯାହା ଦ୍ୱାରା ତେଲ ତ୍ୱଚାରେ ଭଲ ପ୍ରଭାବ ପକାଇଥାଏ। ଏହା ବ୍ୟତୀତ ମୁହଁ ତେଲିଆ ଭଳି ଅନୁଭବ ହୁଏ ନାହିଁ। ମୁହଁରେ ଅଧିକ ତେଲ ଲଗାଇବା ଦ୍ୱାରା ସ୍କିନରେ ଧୂଳି ଜମା ହୋଇ ତ୍ୱଚାକୁ ଖରାପ କରିଥାଏ। ତେଣୁ କେବଳ ୨-୩ ବୁନ୍ଦା ମୁହଁ ପାଇଁ ଯଥେଷ୍ଟ। ବାଦାମ ତେଲକୁ ମୁଲତାନି ମାଟି, ଆଲୋଭେରା ଜେଲ୍ କିମ୍ବା ମହୁ ସହିତ ମିଶାଇ ଫେସ୍ ପ୍ୟାକ୍ ଭାବରେ ମଧ୍ୟ ବ୍ୟବହାର କରାଯାଇପାରିବ। ଏହା ତ୍ୱଚାକୁ ସତେଜ ରଖିଥାଏ। ଗ୍ରୀଷ୍ମ ଋତୁରେ ମୁହଁରେ ବାଦାମ ତେଲ ଲଗାଇବା ସମ୍ପୂର୍ଣ୍ଣ ନିରାପଦ। ଏହାକୁ ସଠିକ୍ ପରିମାଣରେ ସହିତ ଉଚିତ ସମୟରେ ବ୍ୟବହାର କରିବା ଆବଶ୍ୟକ। ଯାହା ଆମ ଚମକଦାର ତ୍ୱଚା ପାଇଁ ସହାୟକ କରିଥାଏ।

# ଖରା ଯୋଗୁ ବଢୁଛି ମାଠିଆ ବେପାର



**କଳାହାଣ୍ଡି,୩୦।୪(ସଂଚାର ବ୍ୟୁରୋ):** ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବା ସହିତ ଟାଣଖରା ଆଉ ଗୁଳୁଗୁଳିରେ ଜୀବନ ଅସହ୍ୟ ହୋଇପଡ଼ିଥିବାବେଳେ ସାଧାରଣ ପାତ୍ରରେ ପାଣି ରଖିଲେ ଗରମ ହୋଇଯାଉଛି। ଧନୀଶ୍ରେଣୀ ଲୋକ ଫ୍ରିଜ ତଥା ଆଧୁନିକ ଉପକରଣରେ ଥଣ୍ଡା ପାଣିର ସ୍ଥିର ସୁବିଧା ନେଉଥିବା ବେଳେ ଗରିବ ଓ ଗ୍ରାମାଞ୍ଚଳର ଲୋକମାନେ ଏବେ ବି ପାରମ୍ପାରିକ ମାଠିଆକୁ ଭରସା କରୁଛନ୍ତି। ମାଠିଆରେ ରଖା ପାଣି ସ୍ୱାଭାବିକ ଭାବେ ଥଣ୍ଡା ରହୁଥିବା ବେଳେ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପଯୋଗୀ ଓ ଏହି ପ୍ରାକୃତିକ ପଦ୍ଧତି ଆଜି ବି ଗ୍ରାମାଞ୍ଚଳରୁ ସହର ପର୍ଯ୍ୟନ୍ତ ବ୍ୟାପକଭାବେ ଚାଲି ଆସୁଛି। ଧର୍ମଗଡ଼ ବ୍ଲକ କାଙ୍କେରି ଓ ବଗାଡ଼ ଗ୍ରାମରେ କୁମ୍ଭାର ସମ୍ପ୍ରଦାୟ ଲୋକଙ୍କ ପାଇଁ ଖରା ଋତୁ ଏକ ସୁଯୋଗ ନେଇ ଆସିଥାଏ। ଏହି ଋତୁରେ ମାଠିଆର ଚାହିଦା ବଢ଼ିବା ସହିତ ତାଙ୍କର ଜୀବିକାରେ ଚଞ୍ଚଳତା ଦେଖାଯାଇଥାଏ। ସହର ହେଉ କି ପଞ୍ଚାୟତ ସମସ୍ତ ଜଳଛତ୍ରରେ ଏବେ ମଧ୍ୟ ମାଠିଆ ବ୍ୟବହାର ହେଉଛି। ଯାହାକି ସାଧାରଣରେ ପ୍ରଶଂସା ପାଉଛି। ଧର୍ମଗଡ଼ ଅଞ୍ଚଳ କାଙ୍କେରି ଗ୍ରାମର ଜଣେ ମହିଳା ମାଠିଆ ବ୍ୟବସାୟୀ କହନ୍ତି ଗତବର୍ଷ ତୁଳନାରେ ଏଥର ଭଲ ମାଠିଆ ବ୍ୟବସାୟ ହେଉଛି। ସୁରେଇ ଠାରୁ ଆରମ୍ଭ କରି ସବୁ ପ୍ରକାରର ମାଟି ପାତ୍ରର ଚାହିଦା ରହିଛି ବୋଲି କହନ୍ତି ଜନୈକ ମହିଳା।ବଗାଡ଼ ଗ୍ରାମର ଜନୈକ କୁମ୍ଭାର କହନ୍ତି ଏହା ଆମର ପୁରୁଣା ତଥା ପାରମ୍ପରିକ ପେଶା ଯାହାକୁ ଆମେ ବଞ୍ଚାଇ ରଖିଛୁ। ରାଜ୍ୟ ସରକାର ଏହି କାରିଗରମାନଙ୍କ ପ୍ରତି ଜିଲ୍ଲା ସଦର ମହକୁମା ତଥା ପ୍ରତ୍ୟେକ ବ୍ଲକ ମୁଖ୍ୟାଳୟ ଗୁଡିକରେ ମାର୍କେଟିଂ ବ୍ୟବସ୍ଥା କରି ସରକାରୀ ପ୍ରୋତ୍ସାହନ ମିଳିଲେ ଏହି ସମ୍ପ୍ରଦାୟ ଆହୁରି ଆଗକୁ ବଢ଼ିବ ବୋଲି ଧର୍ମଗଡ଼ ଅଞ୍ଚଳ ବୁଦ୍ଧିଜୀବି ମାନେ ପ୍ରକାଶ କରନ୍ତି।

# ଶ୍ରମିକ ଆଇନ ହିଁ ନିରୀହ ଶିଶୁର ପରିବାର ପ୍ରତି ପ୍ରଶ୍ନବାଚୀ ?

**କଳାହାଣ୍ଡି,୩୦।୪(ସଂଚାର ବ୍ୟୁରୋ):** ସମଗ୍ର ଦେଶରେ ଶିଶୁ ଶ୍ରମିକ ଉଚ୍ଛେଦ ଓ ନିୟନ୍ତ୍ରଣ ଆଇନ ଲାଗୁ ରହିଛି।୧୪ ବର୍ଷରୁ କମ ବୟସ୍କ ଶିଶୁ ମାନଙ୍କୁ ଶ୍ରମିକ ଭାବରେ ନିଯୁକ୍ତି କୁ ସମ୍ପୂର୍ଣ ବାରଣ କରାଯାଇଛି।ଯଦି କେହି ଶିଶୁ ଶ୍ରମିକ ଆଇନକୁ ଉଲ୍ଲଘଂନ୍ନ ୧୪ ବର୍ଷ ବୟସ୍କ କମ ଶିଶୁ ଙ୍କୁ କାମରେ ନିଯୁକ୍ତି କରନ୍ତି ତାହାହେଲେ ଆଇନ ଅନୁଯାଇ ୩ ମାସରୁ ୧ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ କିମ୍ବା ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ। ଏହି ଅପରାଧର ପୂନୁରାବୃତ୍ତି ଘଟିଲେ ଦଣ୍ଡର ପରିମାଣ ଦୁଇଗୁଣିତ ହେବାର ଆଇନ ବ୍ୟବସ୍ଥା ଆମ ସରକାର ଲାଗୁ କରିଛନ୍ତି। ଏହା ନିଶ୍ଚିତ ଏକ ସ୍ୱାଗତ୍ୟ ଯୋଗ୍ୟ ପଦକ୍ଷେପ।ସାଧାରଣରେ ଦେଖାଯାଏ ଗରିବ ଘରର ପିଲାମାନେ ପେଟ ଚାଖଣ୍ଡକ ପାଇଁ ଭୋକ ଦାଉରୁ ରକ୍ଷା ପାଇବା ପାଇଁ ଘରୁ ପଳାଇ ଯାଇ ବିଭିନ୍ନ ହୋଟେଲ, ଢ଼ାବା, ଛୋଟରୁ ବଡ଼ ଜଳଖିଆ ଦୋକାନ ମାନଙ୍କରେ ବାସନ ଧୋଇବା ସହିତ ଅନେକ କାମରେ ନିୟୋଜିତ ହୁଅନ୍ତି। କେବଳ ପେଟକୁ



ମୁଠେ ଖାଇବା ପାଇଁ ଏବଂ ଆଉ କେତେକ ଜାଗାରେ ନିଜେ ବାପା ମାଆ ନିଜ ପିଲାଙ୍କୁ ମୁଠେ ଖାଇବା ଦେବାରେ ଅସମର୍ଥ ହୋଇ ପିଲାଙ୍କୁ ନେଇ ଘରୋଇ ଚାକର ଭାବରେ ଛାଡି ଆସନ୍ତି। ସେମାନେ ଭାବନ୍ତି ଅନ୍ତତଃ ପିଲାଟି ମୋର ବାବୁ ଘରେ ବୋଲହାକ କରି ଗଣ୍ଡେ ଖାଇ ବଞ୍ଚିଯିବେ।ତେଣୁ ପ୍ରକୃତପକ୍ଷେ ଦେଖିବାକୁ ଗଲେ ଅତି ଗରିବ ପରିବାର ପିଲାମାନେ ଦୁଃଖ କଷ୍ଟରୁ ରକ୍ଷା ପାଇବା ପାଇଁ ଶିଶୁ ଶ୍ରମିକ ଭାବରେ ଘରୁ ଗୋଡ଼ କାଢନ୍ତି। ଏହି ଶିଶୁ ଶ୍ରମିକ ମାନେ ଇଟା ଭାଟି, ଖଣି ଖାଦାନ, ପଥର ଭଙ୍ଗା, ପଥର ପେଶା ଓ ବିଡି ତିଆରି କାର୍ଯ୍ୟରୁ ଆରମ୍ଭ କରି ଘରୋଇ ଚାକର ଓ ବିଭିନ୍ନ କାରଖାନା ମାନଙ୍କରେ କାର୍ଯ୍ୟରେ ନିୟୋଜିତ ରୁହନ୍ତି। ଏ ମାନଙ୍କର ଅସୁବିଧା ର ସୁଯୋଗ ନେଇ ଅନେକ ଜାଗାରେ ଶିଶୁ ଶ୍ରମିକ ମାନଙ୍କୁ ମୁଠେ ଖାଇବାକୁ ଦିଅନ୍ତି ନାହଁ ଓ ତତ୍ତ ସହିତ ଅନେକ ନିର୍ଯାତନା ଦେବାକୁ ମଧ୍ୟ ପଛଘୁଞ୍ଚା ଦିଅନ୍ତି ନାହଁ। ଯାହା ଦ୍ୱାରା କି ଶିଶୁ ଶ୍ରମିକ ଅନେକ ଦୁଃଖ କଷ୍ଟ ସହିତ ଜୀବନର ସବୁଠାରୁ ମୂଲ୍ୟବାନ ସମୟଟିକୁ ଶ୍ରମିକ କାର୍ଯ୍ୟରେ ଲଗେଇ ଦେଇଥାନ୍ତି।ଯେଉଁ ସମୟରେ ପିଲାମାନେ ସ୍କୁଲ ଯାଇ ପାଠ ପଢି ଖେଳ କୁଦରେ ସମୟ ଅତିବାହିତ କରିବା କଥା ସେହି ସମୟରେ ପିଲାଟି ଶ୍ରମିକ ସାଜି କେଉଁଠି ହାତୁଡି ଧରି ପଥର ପିଟୁଛି ତ କେଉଁଠି ପ୍ଲେଟ ସଫା କରୁଛି।ଏଥିପାଇଁ ଗରିବତା ହିଁ ଦାୟୀ।ଶିଶୁ ଶ୍ରମିକ ଆଇନ ଲାଗୁ ହେବା ନିଶ୍ଚିତ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷପ। ମାତ୍ର କେତେ ଦୂର କାର୍ଯ୍ୟକାରି ହେଉଛି ତାହା ଏବେ ମୁଖ୍ୟ ପ୍ରଶ୍ନ ହେଉଛି।କେବଳ ଆଇନ କରିଦେଲେ ଶିଶୁ ଶ୍ରମିକ ପ୍ରଥା ବନ୍ଦ ହେବ ନାହିଁ।ଏଥିପାଇଁ ସେମାନଙ୍କ ଭବିଷ୍ୟତ ଯୋଜନା ଓ ସେମାନଙ୍କର ସର୍ବାଙ୍ଗୀନ ବିକାଶ ସମସ୍ତ ସୁରକ୍ଷା ଦାୟିତ୍ୱ ଉପରେ ଗୁରୁତ୍ୱ ଦିଆ ଯିବା ଉଚିତ ବୋଲି ଜ୍ଞାନୀମାନୀ ମାନେ ମତ ବ୍ୟକ୍ତ କରନ୍ତି।

# ଯୁବମୋର୍ଚ୍ଚା ଜିଲ୍ଲା ସଭାପତିଙ୍କ ନାମରେ ଠକେଇ ମାମଲା

**ଜଗତସିଂହପୁର,୩୦।୪(ସଂଚାର ବ୍ୟୁରୋ):** ଜିଲ୍ଲା ବିଜେପି ଯୁବମୋର୍ଚା ଜିଲ୍ଲା ସଭାପତି ଙ୍କ ନାମରେ ଆସିଛି ସାଂଘାତିକ ଠକେଇ ଅଭିଯୋଗ। ମାମଲା ଟି ଏବେ ଆଉ କୋଉଠି ନୁହେଁ ସିଧା ଯାଇଁ କଟକ ଏସ.ଡି.ଜି. ଏମ୍ କୋର୍ଟ ର ବରିଷ୍ଠ ଓକିଲ ସ୍ୱମ୍ୟ ରଂଜନ ମହାନ୍ତି ଙ୍କ ହାତରେ ଲାଗିଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉକି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦା ସ୍ଥିତ ବିଶ୍ୱଜିତ୍ ଦାସ ପିତା ବିଜୟ କୁମାର ଦାସ କଟକ ସ୍ଥିତ ଜଣେ ଦଳିତ ସମ୍ପ୍ରଦାୟ ମହିଳା ଉଷାରାଣୀ ବେହେରା ଙ୍କ ଠାରୁ ପ୍ରାୟ ନଅ ଲକ୍ଷ ଟଙ୍କା ନେଇ ଆକାଉଣ୍ଟ ପେ ଚେକ୍ ଦେଇ ନେଇଥିବା ବେଳେ ନିର୍ଦ୍ଧାରିତ ସମୟରେ ଟଙ୍କା ନ ଫେରିବାରୁ ଉଷାରାଣୀ କଟକ ସ୍ଥିତ ୟୁ.କୋ ବ୍ୟାଙ୍କ ରେ ଚେକ୍ ନଂ ୯୮୭୧ ତାରିଖ ୨, ୨, ୨୬ ରେ ଲଗାଇଥିବା ବେଳେ ଚେକ୍ ବାଉନ୍ସ ହୋଇଯାଇଥିଲା। ଏହାପରେ ଉଷାରାଣୀ କୋର୍ଟ ର ଆଶ୍ରୟ ନେଇ ଠକେଇ ମାମଲାରେ ଆଡଭୋକେଟ୍ ମହାନ୍ତି ଙ୍କ ଦ୍ୱାରା ଏସ.ଡି.ଜେ ଏମ୍.କୋର୍ଟ ଆଇ ସି ସି ନଂ ୮୪୦ ରେ ଶ୍ରୀ ଦାଶ ଙ୍କ ନାମରେ ମାମଲା ରୁଜୁ କରିଛନ୍ତି। କେଶ୍ ଟି ୟୁ ଏସ ୧୩୮ ଏକ୍ଟ ରେ ଲାଗିଥିବା ବେଳେ ଶ୍ରୀ ଦାଶ ଫୋନ୍ ପେ ମାଧ୍ୟମରେ ୫୦ ହଜାର ଟଙ୍କା ଦେଇଥିବା ଜଣାପଡ଼ିଛି। ଯାହା ଫଳରେ ଆସନ୍ତା ଏପ୍ରିଲ୍ ୧୪ ରେ ବିଶ୍ୱଜିତ୍ ଙ୍କ ଉପରେ କୋର୍ଟ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଥିବା ଜଣା ପଡ଼ିଛି! ଉଷାରାଣୀ ବେହେରା ଜଣେ ଦଳିତ ସମ୍ପ୍ରଦାୟ ମହିଳା ହୋଇଥିବାରୁ କୋର୍ଟ ମାମଲା ଟି ଏବେ ଅଲଗା ଦିଗକୁ ଗତି କରୁଥିବା ଦେଖା ଦେଇଛି, ଯାହାକି ବିଶ୍ୱଜିତ୍ ଙ୍କ ପାଇଁ ଅଡୁଆ ପରିସ୍ଥିତି ଘନାଇଛି। ଏହାକୁ ନେଇ ଜଗତସିଂହପୁର ଜିଲ୍ଲା ବିଜେପି ରେ କମ୍ପନ ସୃଷ୍ଟି ହୋଇଥିବା ଦେଖା ଦେଇଛି। ଦେଖାଯାଉ ଆଗାମୀ ଦିନରେ ଏହା କେଉଁ ଭଳି ଦିଗରେ ଗତି କରୁଛି।

# ସିଭିଓ,ଏମ୍‌ସିଏଲ୍ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କଲେ ହିମାଂଶୁ ଜୈନ



**ସମ୍ବଲପୁର,୩୦।୪(ସଂଚାର ବ୍ୟୁରୋ):** ୨୦୦୭ ବ୍ୟାଚ୍ ଭାରତୀୟ ରେଳ ସେବା ଅଧିକାରୀ ଶ୍ରୀ ହିମାଂଶୁ ଜୈନ, ବର୍ତ୍ତମାନ ଏସ୍.ଇ.ସି.ଏଲ୍. ରେ ମୁଖ୍ୟ ସତର୍କତା ଅଧିକାରୀ (ସି.ଭି.ଓ.) ଭାବେ କାର୍ଯ୍ୟରତ ଅଛନ୍ତି ଏବଂ ଏମ୍.ସି.ଏଲ୍. ର ସି.ଭି.ଓ. ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ସିଭିଓ, ଏନ.ସି.ଏଲ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଶ୍ରୀ ଜୈନ ଏନ୍.ଆଇ.ଟି. ରାୟପୁରର ଇଲେକ୍ଟ୍ରୋନିକ୍ସ ଏବଂ ଟେଲିକମ୍ୟୁନିକେସନ ବିଭାଗର ସ୍ୱର୍ଣ୍ଣ ପଦକ ବିଜେତା ଏବଂ ଆଇ.ଆଇ.ଟି. ବମ୍ବେର ସ୍ନାତକୋତ୍ତର ଡିଗ୍ରୀ ପ୍ରାପ୍ତ ଅଟନ୍ତି। ସେ ପ୍ରମୁଖ ରେଳ ଭିତ୍ତିଭୂମି ଏବଂ ସିଗନାଲିଂ ପ୍ରକଳ୍ପର ନେତୃତ୍ୱ ନେଇଛନ୍ତି ଏବଂ ଡିଜିଏମ, ସିପିଆରଓ ଏବଂ ଜିଏମଙ୍କ ସଚିବଙ୍କ ସମେତ ଭାରତୀୟ ରେଳ ସେବାରେ ବରିଷ୍ଠ ଭୂମିକା ଗ୍ରହଣ କରିଛନ୍ତି। ସେ ୨୦୧୬ ରେ ଜାତୀୟ ରେଳ ପୁରସ୍କାର, ୨୦୧୯ ରେ ଭାରତୀୟ ରେଳବାଇର ଜାତୀୟ ଏକାଡେମୀରେ ମହାନିର୍ଦ୍ଦେଶକ ପଦକ ଏବଂ ୨୦୧୨ ଓ ୨୦୨୨ ରେ ଜେନେରାଲ ମ୍ୟାନେଜର୍ ପୁରସ୍କାର ସମେତ ଅନେକ ସମ୍ମାନଜନକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

# ମନ୍ଦିର ପାଇଁ ଜମି ଦାନ କଲେ ହୃଦାନନ୍ଦ

## କୃତଜ୍ଞତା ପ୍ରକାଶକଲେ ଜିଲ୍ଲା ପ୍ରଶାସନ ଓ ସହରବାସୀ



**ସୁବର୍ଣ୍ଣପୁର,୩୦।୪(ସଂଚାର ବ୍ୟୁରୋ):** ବ୍ୟକ୍ତିଗତ ମାଲିକାନା ଭିତରେ ଅପୂଜା ରହୁଥିବା ବାବା ରୁଦ୍ରନାଥଙ୍କ ପାଇଁ ଦେବୋତ୍ତର ବିଭାଗକୁ ଦାନ ପତ୍ର ଭାବରେ ଆଜି ସମ୍ପୃକ୍ତ ଜମି ରେଜିଷ୍ଟ୍ରେସନ କଲେ ସହର ର ସହୃଦୟ ବ୍ୟକ୍ତି ହୃଦାନନ୍ଦ ମେହେର। ସୂଚନା ଯୋଗ୍ୟ ଯେ ଅଷ୍ଟ ଶମ୍ଭୁ, ଅଷ୍ଟ ଚଣ୍ଡୀ, ତଥା ଅଷ୍ଟ ବିଷ୍ଣୁ ଙ୍କ ସହର ସୁବର୍ଣ୍ଣପୁରରେ ଅଷ୍ଟଶମ୍ଭୁ ଙ୍କ ମଧ୍ୟରୁ ଜଣେ ହେଉଛନ୍ତି ସୋନପୁର ଗଡ଼ ଭିତରେ ଥିବା ରୁଦ୍ରନାଥ ବାବା। ବ୍ୟକ୍ତିଗତ ଜମି ମାଲିକଙ୍କ ଜମି ଭିତରେ ୧୯୮୦ ମସିହାରୁ ଆବଦ୍ଧ ହୋଇ ରହିଥିଲେ ଶ୍ରୀ ରୁଦ୍ରନାଥ ବାବା। ସୋନପୁର ବାସୀଙ୍କ ଠାରୁ ଅଭିଯୋଗ ପାଇବା ପରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ .ନୃପରାଜ ସାହୁ ଙ୍କ ନିର୍ଦ୍ଦେଶ କ୍ରମେ ସୋନପୁର ଉପଜିଲ୍ଲାପାଳ ଡ଼. ସୋମ୍ୟରୂପା ରଥ ଏହି ବିଷୟରେ ତଦନ୍ତ କରି ସମସ୍ୟାର ସମାଧାନ କରିବା ପାଇଁ ସ୍ଥାନୀୟ ସମାଜସେବୀ ଗୋବିନ୍ଦ ମହାରଣାଙ୍କ ସହଯୋଗରେ ଉକ୍ତ ଜମି ମାଲିକ ଶ୍ରୀ ହୃଦାନନ୍ଦ ମେହେର ଓ ତାଙ୍କ ପୁଅ ଶ୍ରୀ ରାମକୃଷ୍ଣ ମେହେର ଙ୍କୁ ନିଜ କାର୍ଯ୍ୟାଳୟ କୁ ଡକାଇ ଆଲୋଚନା ତଥା ବୁଝାସୁଝା କରିଥିଲେ। ଏହାର ଦୁଇ ଦିନ ପରେ ଅପ୍ରେଲ ୧୦ ତାରିଖ ଦିନ ଜମି ମାଲିକ ଗୋବିନ୍ଦ ବାବୁଙ୍କ ସହ ନିଜେ ଉପଜିଲ୍ଲାପାଳ କାର୍ଯ୍ୟାଳୟ କୁ ଆସି ସ୍ୱତଃ ପ୍ରବୃତ୍ତ ଭାବେ ରୁଦ୍ରନାଥ ମନ୍ଦିରକୁ ରାସ୍ତା ଦେବା ପାଇଁ ରାଜି ହୋଇଥିଲେ। ସେହିଦିନ ଅପରାହ୍ନ ୪ଟା ବେଳେ ସୁବର୍ଣ୍ଣପୁର ଜିଲ୍ଲାପାଳ, ଉପଜିଲ୍ଲାପାଳ, ଗୋବିନ୍ଦ ମହାରଣା ତଥା ଜମି ମାଲିକଙ୍କ ଉପସ୍ଥିତିରେ ରୁଦ୍ରନାଥ ବାବାଙ୍କ ମନ୍ଦିରକୁ ସିନେମା ହଲ ଦେଇ ଗଛପତ୍ର ସଫା କରାଯାଇ ବାଟ ଫିଟାଯାଇଥିଲା।

# ବେତନଟୀ ଥାନା ପୁଲିସ ସମିତି ବୈଠକ



**ବେତନଟୀ,୩୦।୪(ସଂଚାର ବ୍ୟୁରୋ):** ବେତନଟୀରେ ମାସକ ଆଗରୁ ନୂଆକରି ଯୋଗ ଦେଇଥିବା ଥାନାର ଭାରପ୍ରାପ୍ତ ଅଧିକାରୀ କିଷ୍ଟା ପିଙ୍ଗୁଆଙ୍କ ଅଧ୍ୟକ୍ଷତାରେ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହ ବେତନଟୀ ଥାନାର ଅନ୍ୟତମ ସବ୍-ଇନସପେକ୍ଟର ମିସ୍ ଭାରତୀ ବେହେରା ଓ ସହକାରୀ ସବ୍-ଇନସପେକ୍ଟର ପଞ୍ଚାନନ ମହାନ୍ତି ଯୋଗଦାନ ଓ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଥାନା କର୍ତ୍ତୃପକ୍ଷଙ୍କ ତରଫରୁ ବିଶେଷଭାବେ ସାଇବର ଠକେଇ ପାଇଁ ସଚେତନତା ସମ୍ବନ୍ଧିତ ଆଲୋଚନା କରାଯାଇଥିଲା। ଏଥିରେ ସିଭିଲ ସୋସାଇଟି ସଂଘ, ବରିଷ୍ଠ ନାଗରିକ ସଂଘ, ବେତନଟୀ ବ୍ଲକ ମିଡିଆ ସେଣ୍ଟର, ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ସାଧାରଣ ନାଗରିକଗଣ ଯୋଗଦାନ ସହ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ବାସନ୍ତୀ ସାହୁ, ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ସଚ୍ଚିଦାନନ୍ଦ ମହାନ୍ତି, ଜୟନ୍ତ କୁମାର ପଟ୍ଟନାୟକ, ବାସୁଦେବ ନାପିତ, ରାଜ କିଶୋର ଖଣ୍ଡେଲୱାଲ, ଧରଣୀଧର ମହାନ୍ତି, ବେତନଟୀ ପଞ୍ଚାୟତ ସମିତି ସଦସ୍ୟ ରଣଜିତ ସିଂ ପ୍ରମୁଖ ଆଲୋଚନା ଓ ସମସ୍ୟା ଉପସ୍ଥାପନ କରିଥିଲେ। ଉକ୍ତ ବୈଠକରେ ଚଣ୍ଡୀଛକରେ ସିସିଟିଭି ଲାଗିବା, ଅଚଳ ହାଇମାଷ୍ଟ ଲାଇଟ୍ ସଜାଡିବା, ହାମ୍ପସ ନିର୍ମାଣସହ ବେଗ ନିୟନ୍ତ୍ରକ ସାଇନ ବୋର୍ଡ ଲଗାଇବା ଆଦି ସିଭିଲ ସୋସାଇଟିର ଦାବି ଉପରେ ମିଳିଥିବା ପ୍ରତିଶ୍ରୁତିର ପୁନଃରାଲୋଚନା କରି ପୁଲିସ କର୍ତ୍ତୃପକ୍ଷଙ୍କ ସହଯୋଗ କାମନା କରାଯାଇଥିଲା। ଶେଷରେ ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀ ପିଙ୍ଗୁଆ ଏଣିକି ପ୍ରତ୍ୟେକ ମାସର ଶେଷ ସପ୍ତାହରେ ଏହି ବୈଠକ ଅନୁଷ୍ଠିତ ହେବାସହ ଆଲୋଚିତ ସମସ୍ୟା ଗୁଡିକର ପର୍ଯ୍ୟାୟ କ୍ରମେ ସମାଧାନ କରାଯିବାର ପ୍ରତିଶ୍ରୁତି ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିନ୍ନକ୍ଷମଙ୍କ ପାଖରେ ସରକାରୀ ସୁବିଧା ଅପହଞ୍ଚ

**ନୂଆପଡ଼ା,୩୦।୪(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲା କୋମନା ବ୍ଲକ୍ ମାନିଗୁଡ଼ା ପଞ୍ଚାୟତ ନାଏକପଡ଼ା ଗାଁର ଜଣେ ଭିନ୍ନକ୍ଷମ ଯୁବତୀ ବିଭିନ୍ନ ସମସ୍ୟା ନେଇ ବୁଧବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗାଁର ମକରନ ହଂସଙ୍କ କନିଷ୍ଠ ଝିଅ ଭିନ୍ନକ୍ଷମ ରୀନା ହଂସ (୨୯)। ତାଙ୍କ ଉଚ୍ଚତା ମାତ୍ର ୩ ଫୁଟ। ସରକାରୀ ସୁବିଧା କହିଲେ କେବଳ ଭିନ୍ନକ୍ଷମ ମାସିକ ଭତ୍ତା ୧୨ ଶହ ଟଙ୍କା ବ୍ୟତୀତ ଅନ୍ୟ କୌଣସି ସୁବିଧା ପାଉନାହାନ୍ତି। ସେ କୌଣସି କାର୍ଯ୍ୟ କରୁ ନ ଥିବାରୁ ଭାଇମାନେ ତାଙ୍କୁ ଖାଇବା ପାଇଁ ଦେଉନାହାନ୍ତି। ବାପାଙ୍କ ପାଖରେ ରହି ମାସକୁ ୧୨ ଶହ ଟଙ୍କାରେ ଚଳିବା କଷ୍ଟକର ହୋଇ ପଡୁଛି। ଭିନ୍ନକ୍ଷମ ଓ କମ୍ ଉଚ୍ଚତା ଥିବାରୁ କୌଣସି ଓଜନିଆ କାମ କରିବା ସମ୍ଭବ ନୁହେଁ। ସେ ଅନେକଥର ୩ ଚକିଆ ସାଇକେଲ ପାଇଁ ଆବେଦନ କରିଥିଲେ ମଧ୍ୟ ପାଇନାହାନ୍ତି। କୌଣସି ଦୂରଦୂରାନ୍ତକୁ ଯିବାକୁ ହେଲେ ଅନ୍ୟର ସାହାରା ନେଉଛନ୍ତି। ଭିନ୍ନକ୍ଷମ ହୋଇଥିବାରୁ ୩ ଚକିଆ ସାଇକେଲ, ଆବାସ ଗୃହ, ରାଶନ କାର୍ଡ ସହ ଅନ୍ୟାନ୍ୟ ସୁବିଧା ପାଇବା କଥା। ହେଲେ ରୀନାଙ୍କ ପାଇଁ ଏହା ସାତସପନ ପାଲଟିଛି । ରିନା ୨୦୨୪ରେ ଯୁକ୍ତ ୨ ପାସ୍ କରି ଘରେ ବସି ରହିଛନ୍ତି। ୨୦୨୫ ଏପ୍ରିଲ ୧୦ରେ ସେ ଜିଲ୍ଲାପାଳଙ୍କୁ ସାକ୍ଷାତକରି ବିଭିନ୍ନ ସମସ୍ୟା ଜଣାଇଥିଲେ। ଜିଲାପାଳ ପତ୍ରସଂଖ୍ୟା ୬୪୬୪ରେ ତାଙ୍କୁ କୌଣସି ବିଭାଗରେ ଥଇଥାନ କରିବା ପାଇଁ କୋମନା ବିଡିଓ, ଜିଲା ଯୋଗାଣ ଅଧିକାରୀ ଓ ଜିଲା ନିଯୁକ୍ତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଗୃହ ଗଣନା କାର୍ଯ୍ୟର ସଫଳତା ପାଇଁ କ୍ଷେତ୍ର ନିରୀକ୍ଷଣ କଲେ ଅତିରିକ୍ତ ଜିଲ୍ଲାପାଳ



**ସୁବର୍ଣ୍ଣପୁର,୩୦।୪(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ପୌରପରିଷଦ ର ବିଭିନ୍ନ ଏଚ୍ ଏଲ ବି ୨୨, ୨୩, ୦୦୨୬ ୱାର୍ଡ କୋଡ ନମ୍ବର ୦୦୦୮ ଯଥା ସୋନପୁର ମଝିପଡ଼ା ରଥଖଳା ଅଞ୍ଚଳ, କୁମ୍ଭାରପଡ଼ା, ଢେରାପଡା କୁ ଗ୍ରସ୍ତ କରି ଗୃହ ଗଣନା କାର୍ଯ୍ୟ ର ନିରୀକ୍ଷଣ କରି ଏନୁମେରେଟର ଓ ସୁପର ଭାଇଜର ଙ୍କ ସହ ଗୃହ ମାଲିକ, ପରିବାର ର ମୁଖ୍ୟ ଙ୍କ ସହ ଗୃହ ଗଣନା ବିଷୟରେ ଆଲୋଚନା କରି ଗୃହ ଗଣନା କାର୍ଯ୍ୟ ରାଷ୍ଟ୍ର ପାଇଁ କେତେ ଗୁରୁତ୍ୱ୍ୱ ପୂର୍ଣ୍ଣ ସେ ଉପରେ ବୁଝାଇ ଥିଲେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ। ଓ ନିଜେ ବିଭିନ୍ନ ପ୍ରଶ୍ନ କରି ଗୃହ ଗଣନା ଅଧିକାରୀ ମାନଙ୍କୁ ଏ କାର୍ଯ୍ଯ ରେ ସହଯୋଗ କରିବା କୁ ନିଓ୍ୱଦେନ କରିଥିଲେ। ଏନୁ ମେରେଟର ମାଳତି ଦାଶ, ନିୟତି ପଟ୍ଟନାୟକ, ମଧୁସ୍ମିତା ମିଶ୍ର, ସୁପର ଭାଇଜର ଜୟନ୍ତି କୁମାରୀ ମେହେର, ଅନୁଲିତା ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ ।

# ପେଟ୍ରୋଲ ଅଭାବ, ଚିନ୍ତାରେ ଲୋକେ

**ଭଞ୍ଜନଗର,୩୦।୪(ସଂଚାର ବ୍ୟୁରୋ):** ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ରାଜ୍ୟର ନିର୍ବାଚନ ବୁଧବାର ସରିଛି। ଏହାପରେ ଦେଶରେ ପେଟ୍ରୋଲ ଦର ବଢ଼ିବ ବୋଲି ଲୋକଙ୍କ ମନରେ ଆଶଙ୍କା ରହିଛି। ଏହିଭଳି ପରିସ୍ଥିତିରେ ଗୁରୁବାର ଭଞ୍ଜନଗର ସହରର ସର୍ବ ପୁରାତନ ଏବଂ ମୁଖ୍ୟ ପେଟ୍ରୋଲ ଟାଙ୍କିରେ ପେଟ୍ରୋଲ ନାହିଁ। ଏଥିସହ ଅଞ୍ଚଳର ଆଉ କିଛି ପେଟ୍ରୋଲ ଟାଙ୍କିରେ ମଧ୍ୟ ଏହି ସମସ୍ୟା



ଦେଖାଦେଇଛି। ତେଣୁ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସନ୍ଧ୍ୟା ସୁଦ୍ଧା ପେଟ୍ରୋଲ ଆସିବ ବୋଲି ଟାଙ୍କିରେ ନିୟୋଜିତ ଥିବା କର୍ମଚାରୀମାନେ ତାହା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସହରତଳିରେ ଥିବା କିଛି ପେଟ୍ରୋଲ ଟାଙ୍କିରେ ପେଟ୍ରୋଲ ପକାଇବା ପାଇଁ ଲୋକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଅନ୍ୟପକ୍ଷରେ ସହର ଏବଂ ସହରତଳି ଅଞ୍ଚଳରେ ଥିବା ଅଧିକାଂଶ ପେଟ୍ରୋଲ ଟାଙ୍କିରେ ମାଗଣା ପମ୍ପ ମିଳୁନାହିଁ। ପମ୍ପ ଘରେ ତାଲା ପଡ଼ିଛି। ଶୌଚାଳୟ ଗୁଡ଼ିକ ଠିକ ଭାବେ ସଫା ହେଉ ନାହିଁ। କେବଳ ପାଣି ଟୋପାଏ ମିଳୁଛି। ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

# ଜିଲ୍ଲା ଶିକ୍ଷା ଅଧିକାରୀ ଓ ମଙ୍ଗଳ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକୁ ନିନ୍ଦା

**ବୈଶିଙ୍ଗା,୩୦।୪(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲା ଶିକ୍ଷାଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀଙ୍କ ମନମୁଖି ଶିକ୍ଷକ ବଦଳି, ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣ ରୁ ପାଖାପାଖି ୧୪୦ ଜଣ ଶିକ୍ଷକଙ୍କ ଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରି ଜିଲ୍ଲା ସଦର ମହକୁମା ବାରିପଦା ସହର ପାଖାପାଖି ରଖିବା, ମଧ୍ୟାହ୍ନ ଭୋଜନ ରେ ଯୋଗାଣକାରୀ ଙ୍କୁ ଅହେତୁକ ଅନୁକମ୍ପା ଯୋଗାଇ ହରିଲୁଟ କୁ ପ୍ରଶ୍ରୟ ଦେବା, ଅବସରପ୍ରାପ୍ତ ଶିକ୍ଷକଙ୍କ ପେନସନ୍ ଯୋଗାଇ ଦେବାରେ ଅବ୍ୟବସ୍ଥା, ବିଭିନ୍ନ ବ୍ଲକ ଦୁର୍ନୀତିରେ ଛନ୍ଦିହୋଇ ପଡ଼ିଥିବା ବିଇଓ ଙ୍କୁ ସୁରକ୍ଷା ପ୍ରଦାନ ସହିତ ବିଭିନ୍ନ ଅନୈତିକ କାର୍ଯ୍ୟକଳାପ ଯୋଗୁଁ ସମଗ୍ର ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ସଂମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ଥ। ବିଶେଷ ଭାବେ ବେତନଟୀ ବ୍ଲକ, ରାଇରଙ୍ଗପୁର ଓ କରଂଜିଆ ଉପଖଣ୍ଡ ର ବିପର୍ଯ୍ୟସ୍ଥ ଶିକ୍ଷା ବ୍ୟବସ୍ଥା କଥା ନ କହିଲେ ଭଲ, ରେସନାଇଲାଇଜେଶନ ରୁଲର ଅବମାନନା କରି ମୋଟା ଅଙ୍କ ଅର୍ଥ କାରବାର କରି ବେଆଇନ ବଦଳି, ଅନୁସୂଚୀତ ଜାତି ଓ ଜନଜାତି ଅନ୍ତେବାସୀଙ୍କ ପ୍ରତି ଅବହେଳା ପ୍ରଦର୍ଶନରେ ଛାତ୍ରୀ ମୃତ, ୧୨ବର୍ଷ ଧରି ଗ୍ରେଡେଶନ ତାଲିକା ପ୍ରକାଶ ନକରି ମନମୁଖି ବଦଳି ଆଦିରେ ଜନପ୍ରତିନିଧି ସବୁ ଜାଣି ଚୁପ ବସିବା ଦ୍ୱାରା ସହଭାଗିତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# 'ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷାରେ ସ୍ଥାନୀୟ ଲୋକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



**ଥୁଆମୂଳ ରାମପୁର,୩୦।୪(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଛକସ୍ଥିତ ଫରେଷ୍ଟ ଚେକ ଗେଟ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଥୁଆମୂଳ ରାମପୁର ଜେଏମ୍ଏଫ୍ସି କୋର୍ଟ ତଥା ତାଲୁକ ଆଇନ ସେବା ପ୍ରାଧିକରଣ ଏବଂ କର୍ଲାପାଟ ବନ ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଚାରପତି ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ଡ. ତାରିଣୀ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟତଃ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ-୧୯୭୨ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବନ୍ୟଜନ୍ତୁ ଆକ୍ରମଣରେ ପ୍ରଭାବିତ ଲୋକଙ୍କୁ ପ୍ରଦାନ କରାଯାଉଥିବା ସରକାରୀ କ୍ଷତିପୂରଣ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏଥିସହ ବନ୍ୟାଞ୍ଚଳ ବାସିନ୍ଦାଙ୍କ ସୁବିଧା ନିମନ୍ତେ ଉଦ୍ଦିଷ୍ଟ 'ନାଲସା' ସ୍କିମ ଏବଂ ଟୋଲ-ଫ୍ରି ହେଲ୍ପଲାଇନ ନମ୍ବର ୧୫୧୦୦ର ଉପଯୋଗିତା ସମ୍ପର୍କରେ କୁହାଯାଇଥିଲା। କାର୍ଯ୍ୟକ୍ରମରେ ବନ ବିଭାଗ ପକ୍ଷରୁ ରେଞ୍ଜ ଅଧିକାରୀ ଦୀପ୍ତିମାନ ପ୍ରଧାନ, ଫରେଷ୍ଟର ଯୋଗେନ୍ଦ୍ର ମାଝୀ ଓ ବିଜୟ ଗୋପାଳଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ପୋଲିସ ବିଭାଗ ପକ୍ଷରୁ କର୍ଲାପାଟ ଥାନା ଅଧିକାରୀ ଶ୍ରୀକାନ୍ତ କୋଲକା ଓ ବିନୟ କୁମାର ବାରା ଯୋଗ ଦେଇ ଆଇନ ପାଳନ ଉପରେ ମତ ରଖିଥିଲେ। ଆଇନଜୀବୀ ତଥା ପରାମର୍ଶଦାତା ମନୋରଞ୍ଜନ ନାଏକ, ଆଇନଜୀବୀ ତୁଳସୀ ରାମ ମାଝୀ ଏବଂ ସ୍ଥାନୀୟ ସରପଞ୍ଚ ବିଶ୍ୱନାଥ ମାଝୀ ବନ୍ୟପ୍ରାଣୀ ସୁରକ୍ଷା ଓ ଜଙ୍ଗଲ ସୁରକ୍ଷାରେ ସ୍ଥାନୀୟ ଲୋକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।

# ଅବ୍ୟବସ୍ଥା ଘେରରେ ଶିକ୍ଷା ବ୍ୟବସ୍ଥା

**ମାଲକାନଗିରି,୩୦।୪(ସଂଚାର ବ୍ୟୁରୋ):** ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ନେଇ ଗଭୀର ଅସନ୍ତୋଷ ଦେଖାଦେଇଛି। ବିଶେଷ କରି ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀଙ୍କ ପାଇଁ ଆସୁଥିବା ଅର୍ଥର ବ୍ୟବହାର ନେଇ ଗୁରୁତର ଅଭିଯୋଗ ଉଠିଛି।ଅଭିଯୋଗ ଅନୁସାରେ, ଜିଲ୍ଲାର ବିଭିନ୍ନ ଏଡେଡ୍ କଲେଜ୍ଗୁଡ଼ିକର କର୍ମଚାରୀମାନେ ଓ ଏହାର ତଦାରଖରେ ଥିବା ଉପଜିଲ୍ଲାପାଳ କାର୍ଯ୍ୟାଳୟର ଆସିଷ୍ଟାଂଟ କଲେକ୍ଟର ଅଜୟ କୁମାର ମାଡାର୍ଙ୍ଗୀଙ୍କ ଇଙ୍ଗିତରେ ଅନିୟମିତ କ୍ରୟ ବିକ୍ରୟ ହେଉଥିବା ବିନା ଟେଣ୍ଡର ପ୍ରକ୍ରିୟାରେ ଏସି, ସୋଫା, ୱାଟର ପ୍ୟୁରିଫାୟାର ଭଳି ଆରାମଦାୟକ ସାମଗ୍ରୀ ଷ୍ଟାଫ୍ କମନ୍ ରୁମ ପାଇଁ କିଣାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ରାଷ୍ଟ୍ରୀୟ ବିକାଶ ସେନା ପକ୍ଷରୁ ତୀବ୍ର ନିନ୍ଦା ପ୍ରକାଶ ପାଇଛି। ସଂଗଠନ ଦାବି କରିଛି ଯେ, ଏହି ଅଭିଯୋଗଗୁଡ଼ିକର ସଠିକ୍ ଯାଞ୍ଚ କରାଯାଇ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ।

# ଦୁର୍ଗମ ଅଞ୍ଚଳରେ ସାତସପନ ବିଜୁଳି

**ଥୁଆମୂଳ ରାମପୁର,୩୦।୪(ସଂଚାର ବ୍ୟୁରୋ):** ସରକାର ସବୁ ଗାଁକୁ ବିଜୁଳିର ନାରା ଦେଉଥିବା ବେଳେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ଦୁର୍ଗମ ଅଞ୍ଚଳରେ ଏହା ଏବେ ବି ସାତସପନ। ସ୍ୱାଧୀନତାର ୭ ଦଶନ୍ଧି ପରେ ବି ଏହି ଗାଁକୁ ବିଜୁଳି ଆଲୁଅ ପହଞ୍ଚି ପାରିନାହିଁ। କିଛିବର୍ଷ ତଳେ କିଆପଦରରୁ କାଣିଗୁମ୍ମା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ହେବା ଫଳରେ ନେହେଲା ଭଳି ଦୁର୍ଗମ ଗାଁଗୁଡ଼ିକ ବାହ୍ୟ ଜଗତ ସହ ଯୋଡ଼ି ହୋଇଛି। ବସୁଧା ଯୋଜନାରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଛି। ହେଲେ ଗାଁର ଉପରପଡ଼ାର ପ୍ରତ୍ୟେକ ଘର ସମ୍ମୁଖରେ ଟ୍ୟାପ ଲାଗିଥିଲେ ବି ଆଜି ପର୍ଯ୍ୟନ୍ତ ସେଥିରୁ ବୁନ୍ଦାଏ ପାଣି ବାହାରି ନାହିଁ। ଗାଁରେ ବିଜୁଳି ନ ଥିବାରୁ ମୋବାଇଲ ଚାର୍ଜ କରିବା ପାଇଁ ଲୋକଙ୍କୁ ମାଇଲ ମାଇଲ ବାଟ ଚାଲି ବିଦ୍ୟୁତ୍ ଥିବା ଗାଁକୁ ଯିବାକୁ ପଡୁଛି। ପୂର୍ବରୁ ସ୍ଥାପିତ ସୌର ପ୍ରକଳ୍ପ ଅଚଳ ହୋଇପଡ଼ିଛି। ବର୍ତ୍ତମାନ କିଛି ଘରକୁ ସୋଲାର ଲାଇଟ ମିଳିଥିଲେ ବି ମେଘୁଆ ପାଗ କିମ୍ବା ବର୍ଷା ଦିନେ ତାହା କାମ କରେ ନାହିଁ। ଟିଭି, ଫ୍ୟାନ ତ ଦୂରର କଥା, ଏହି ଡିଜିଟାଲ ଯୁଗରେ ଗ୍ରାମବାସୀ ଅନ୍ଧାରରେ ରାତି କାଟିବାକୁ ବାଧ୍ୟ ହେଉଛନ୍ତି। କେବଳ ନେହେଲା ନୁହେଁ, ଏହି ପଞ୍ଚାୟତର ଅରଖପେଡି, ଭୁଟୁରିଗୁଡ଼ା, ଖିଡକାଦୋରୋ ଓ ଲୋହରାଗୁଡ଼ା ଭଳି ଅନେକ ଗାଁରେ ଏବେ ବି ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଗ୍ରାମବାସୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣିଠାରୁ ଆରମ୍ଭ କରି ବିଭିନ୍ନ ସ୍ତରରେ ବାରମ୍ବାର ଗୁହାରି କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ।


# ଭତ୍ତା ପାଇଁ ଡଙ୍ଗାରେ ବିପଦପୂର୍ଣ୍ଣ ଯାତ୍ରା



**ନନ୍ଦପୁର,୩୦।୪(ସଂଚାର ବ୍ୟୁରୋ):** କୋରାପୁଟ ଜିଲା ନନ୍ଦପୁର ବ୍ଲକ ପରଜା ବଡ଼ପଡ଼ା ପଞ୍ଚାୟତର ବୃଦ୍ଧା, ବୃଦ୍ଧ, ବିଧବା, ଅସହାୟମାନଙ୍କୁ ଡିବିଟି ମାଧ୍ୟମରେ ଦିଆଯାଉଥିବା ଭତ୍ତା ଟଙ୍କା ଉଠାଣ ଲାଗି ଜୋଲାପୁଟ ଜଳଭଣ୍ଡାର ପାର ହେବାକୁ ବିପଦସଙ୍କୁଳ ଅବସ୍ଥାରେ ଦେଶୀଡଙ୍ଗା ଯାତ୍ରା କରିବାକୁ ପଡୁଛି। ଏଭଳି ପରିବହନ ସମୟରେ ଡଙ୍ଗା ବୁଡ଼ି ଭଳି ଅଘଟଣ ଘଟି ବୃଦ୍ଧା ବୃଦ୍ଧ ମହିଳା ପୁରୁଷଙ୍କ ମୃତ୍ୟୁ ହେଉଛି। ପଞ୍ଚାୟତରେ ବ୍ୟାଙ୍କ ସେବା ନାହିଁ। ଡାକ ସେବା ଆନିୟମିତ। ତେଣୁ ପଞ୍ଚାୟତର ହିତାଧିକାରୀ ଡଙ୍ଗାରେ ଜୋଲାପୁଟ ବ୍ୟାଙ୍କ ଓ ଡାକଘର, ୨୫ କିମି ଦୂର ବାଲଡ଼ା ଷ୍ଟେଟ୍ ବ୍ୟାଙ୍କ କିମ୍ବା ୧୭ କିମି ଦୂର ପାଡୁଆ ଉତ୍କଳ ବ୍ୟାଙ୍କ ଯାଇ ଭତ୍ତା ଟଙ୍କା ଉଠାଇ ଆଣିବାକୁ ପଡୁଛି। ତେଣୁ ସମସ୍ତ ଡିବିଟି ହିତାଧିକାରୀଙ୍କୁ ପଞ୍ଚାୟତରେ ଭତ୍ତା ଦେବା ବ୍ୟବସ୍ଥା କରାଯାଉ ବୋଲି ସରପଞ୍ଚ ସୁବର୍ଣ୍ଣ ପୂଜାରୀ ହିତାଧିକାରୀଙ୍କ ସହ ଆସି ନନ୍ଦପୁର ବିଡ଼ିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ବିଭାଗ ତରଫରୁ ମିଳିଥିବା ସୂଚନା ମୁତାବକ ପଞ୍ଚାୟତର ୨୪୨ ଭତ୍ତା ହିତାଧିକାରୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୩୩ ଜଣଙ୍କ ଭତ୍ତା ଡିବିଟି ମାଧ୍ୟମରେ ବ୍ୟାଙ୍କ ଓ ଡାକଘରକୁ ଯାଉଥିବା ବେଳେ ବଳକା ୧୦୯ ଜଣଙ୍କୁ ହାତରେ ନଗଦ ଭତ୍ତା ପ୍ରଦାନ କରାଯାଉଛି।

# ବିରଳ ରେକର୍ଡ | ୪ ଘଣ୍ଟାରେ ମିଳିଲା ଜମି ପଟ୍ଟା

**ସୁବର୍ଣ୍ଣପୁର,୩୦।୪(ସଂଚାର ବ୍ୟୁରୋ):** ସୋନପୁର ଟାଉନ ୟୁନିଟ୍ ନମ୍ବର- ୪ ଠାରେ ଥିବା ଶ୍ରୀ ଶ୍ରୀ ରୁଦ୍ରନାଥ ମହାଦେବ ଙ୍କ ନାମରେ ୦.୦୦୮୪ ଡିସିମିଲ ଜମି ଗତକାଲି ୨୯.୦୪.୨୦୨୬ ଦିନ ସୋନପୁର ସହରର ହୃଦାନନ୍ଦ ମେହେର ସୋନପୁର ଜିଲ୍ଲା ରେଜିଷ୍ଟ୍ରେସନ କାର୍ଯ୍ୟାଳୟରେ ଦାନ ପତ୍ରର ସମସ୍ତ କାଗଜପତ୍ର ଦାଖଲ କରିଥିଲେ। ତାହା ବିଧିବଦ୍ଧ ଭାବରେ ରେଜିଷ୍ଟ୍ରେସନ ହେବା ପରେ ଆଜି ୩୦.୦୪.୨୦୨୬ ସକାଳ ୯ଟା ବେଳେ ଉପଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀଙ୍କୁ ସୋନପୁର ରେଜିଷ୍ଟ୍ରି ଗିଫ୍ଟ ଡିଡ ପ୍ରଦାନ କରାଯାଇଥିଲା। ଏହାପରେ ଉପଜିଲ୍ଲାପାଳ, ସୋନପୁର ଡ଼.ସୌମ୍ୟରୂପା ରଥଙ୍କ ନିର୍ଦ୍ଦେଶ କ୍ରମେ ସୋନପୁର



ତହସିଲଦାରଙ୍କ କାର୍ଯ୍ୟାଳୟରେ ନକ୍ସା ତଥା ପଟ୍ଟା ସଂଶୋଧନ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଜମି ମାଲିକ ଙ୍କ ଆଇନ ପରାମର୍ଶ ଦାତା ତଥା ବରିଷ୍ଠ ଆଇନଜୀବୀ ସର୍ବେ ସ୍ୱର ପୁରୋହିତ ଙ୍କ ପରାମର୍ଶ ରେ ଆଜି ଏ ପଟ୍ଟା ପ୍ରସ୍ତୁତି ପ୍ରକ୍ରିୟା କୁ ତ୍ୱରିତ କରା ଯାଇଥିଲା। ମାତ୍ର ୪ଘଣ୍ଟା ମଧ୍ୟରେ ସମସ୍ତ ପ୍ରକ୍ରିୟା ଶେଷ କରି ତହସିଲଦାର ସୋନପୁର ଜି. ରଶ୍ମିରେଖା, ଅତିରିକ୍ତ ତହସିଲଦାର, ଯୋଗେଶ୍ୱର ଧରୁଆ, ରେକର୍ଡ କିପର, ବାସନ୍ତୀ ଭୋଇ, କୋର୍ଟ ଅମିନ, ଲିନା ହୋତା ଓ ଡାଟା ଏଣ୍ଟ୍ରି ଅପରେଟର ଅଜିତ କୁମାର ମିଶ୍ର, ସମସ୍ତେ ମିଳିତ ଭାବେ ଉଦ୍ୟମ କରି ଶ୍ରୀ ଶ୍ରୀ ରୁଦ୍ରନାଥ ବାବା ନିଜେ ମାଲିକ ଉପଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ ଦେବୋତ୍ତର ସୋନପୁର ଙ୍କ ନାମରେ ନୂତନ ପଟ୍ଟା ପ୍ରସ୍ତୁତ କରି ଆଜି ଦିନ ୧ଟା ସମୟରେ ଉପଜିଲ୍ଲାପାଳ ସୋନପୁର ଙ୍କୁ ତାଙ୍କ କାର୍ଯ୍ୟାଳୟ ରେ ସମସ୍ତ ରାଜସ୍ୱ କର୍ମଚାରୀଙ୍କ ଉପସ୍ଥିତିରେ ପ୍ରଦାନ କରିଥିଲେ। ଏତେ କମ୍ ସମୟ ରେ ପଟ୍ଟା ପ୍ରସ୍ତୁତ କରି ତ୍ୱରିତ ରାଜସ୍ୱ ସେବା ପ୍ରଦାନ କରିଥିବା ରୁ ଉପଜିଲ୍ଲାପାଳ ସୋନପୁର ତହସିଲଦାର ସୋନପୁର ଙ୍କୁ ତଥା ସମସ୍ତ ରାଜସ୍ୱ କର୍ମଚାରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଏହା ରାଜସ୍ୱ ସେବା ପ୍ରଦାନ କ୍ଷେତ୍ରରେ ଏକ ବିରଳ ଉଦାହରଣ ବୋଲି ମତବ୍ୟକ୍ତ କରିଥିଲେ।